RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in



୨୭ ବର୍ଷ ପରେ ସାଥସାଥ୍
▸ପୃଷ୍ଠା ୧୫ ଦେଖନ୍ତୁ...

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-318 ♦BHUBANESWAR ♦WEDNESDAY ♦15 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୮ ♦ଭୁବନେଶ୍ୱର ♦ବୁଧବାର ♦୧୫ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


Admission Going on for +2 1st Yr. Sc. & NEET -2024-25

Hurry up only 200 seats for NEET-2025

# TETRAHEDRON

RESIDENTIAL COACHING FOR NEET & JEE
Tetrahedron Higher Secondary School
Tetrahedron Women's Higher Secondary School

Tangi,Cuttack, For Admission Contact : 8093064522, 8093064525,9040363480,7008222977
Tetrahedron Tangi Tetrahedrongroup, www.tetrahedrontangi.com

EXPECTED
GOVT. MBBS ADMISSION IN NEET 2024
110 to 135
Out of 280 Normal Students

More than 700 : 04
More than 680 : 10
More than 660 : 30
More than 650 : 43
More than 600 : 123

| Name | Mob. | Score |
|---|---|---|
| Kamalakanta Dash | 8249906661 | 715/720 |
| Jijnasu Parida | 9178102675 | 705/720 |
| Rahul Karmi | 6372741832 | 705/720 |
| Swagatika | 9937364977 | 700/720 |
| Abhisek Samal | 8260549163 | 695/720 |
| OMM PRAKASH | 6372521307 | 690/720 |
| Sushree Sangita | 7735011969 | 688/720 |
| Ashutosh | 9178545331 | 686/720 |
| Shakti Swarup | 6370213092 | 680/720 |
| Sushree Asmita | 7848947386 | 680/720 |
| Biswashree | 8480715205 | 675/720 |
| Gyana Ranjan | 9668089772 | 675/720 |
| Priyabrata Dash | 9861668335 | 675/720 |
| Ananya Anindita Swain | 7008775766 | 672/720 |
| Deepak Rout | 9337210273 | 670/720 |
| S.A.Gourangi Rout | 8260823873 | 670/720 |
| Santosh Ku. Sahoo | 9861387108 | 670/720 |
| Anshuman Mohanty | 9938403854 | 668/720 |
| Hitaismi Sahoo | 9338017644 | 667/720 |
| Sambit Das | 7847950802 | 665/720 |
| Aditya Narayan Lenka | 8908612788 | 665/720 |
| Sonali Samal | 8144561917 | 665/720 |
| Abhiram Moharana | 8658966579 | 661/720 |
| Bairiganjan Sahoo | 8144640129 | 660/720 |
| Jyotiranjan Sahoo | 8018158921 | 660/720 |
| Sandip Parida | 8260537030 | 660/720 |
| Subhankar Behera | 9658607511 | 660/720 |
| Swayam P. Swain | 7327866845 | 660/720 |
| Satyajit Mallick | 898481360 | 657/720 |
| Supriya P. Dash | 9178823790 | 657/720 |
| Akankshya Satapathy | 8080227149 | 656/720 |
| Pratikshya Bal | 9337254025 | 656/720 |
| Rahul Das | 7735208952 | 656/720 |
| Milan Ku. Sahoo | 6371420155 | 655/720 |
| Ariyan Sahoo | 9178620767 | 653/720 |
| Sushree Sangita Dash | 9937750534 | 652/720 |
| Swagatika Barik | 9437931284 | 652/720 |
| Omm prativa Sahoo | 9777034182 | 650/720 |

FRESHER STUDENTS

| Name | Mob. | Score |
|---|---|---|
| Abinash Sahoo | 9692121982 | 662/720 |
| Satyajeet Swain | 9439830875 | 660/720 |
| Diptimayee Behera(SC) | 8249355019 | 600/720 |
| Satyajit(SC) | 6370706476 | 600/720 |
| Swastik(SC) | 9777071130 | 570/720 |

Qualifying & Scholarship Test For NEET
on 19th, 26th May, 2nd June & 23rd June (any one)
Exam from 11am. to 2.20pm. , Reporting at 10.00am)
Course Fees For NEET-2024-25 , Rs. 1,00,000/- + (18% GST)

- For Student Scoring 600 above : Free
- For Student Scoring 590 above : Rs. 20,000/-
- For Student Scoring 575 above : Rs. 40,000/-
- For Student Scoring 550 above : Rs. 50,000/-
- For Student Scoring 525 above : Rs. 60,000/-
- For Student Scoring 500 above : Rs. 75,000/-
- For Student Scoring 450 above : Rs. 90,000/-
- Test Series : Rs. 10,000/-

FOR ONLINE REGISTRATION VISIT OUR WEBSITE : www.tetrahedroncoaching.com

Name of Examination Centre :

| TETRAHDRON | SAI SRISTI RESIDENTIAL | SRIRAM H.S.SCHOOL |
|---|---|---|
| Tangi, Cuttack<br>M. : 9040363480 | +2 SC. COLLEGE<br>Plot No. : 62/63, Unit -6<br>Near Governer House<br>BBSR, Mob. : 8093064525 | Near NH-16,<br>Soro,Balasore<br>M. : 8117097375 |

Batch Start's From 22nd May-2024

# TETRAHEDRON

## RESIDENTIAL COACHING FOR NEET & JEE

**Tangi,Cuttack, For Admission Contact : 8093064522, 8093064525,9040363480,7008222977**

| Name | Mobile | Score |
|---|---|---|
| Priti Paramita Prusty | Mob. : 8260876952 | 650/720 |
| Smruti Ranjan Patri | Mob. : 7978611374 | 650/720 |
| Paresh Singh | Mob. :7978663327 | 650/720 |
| Sanjeeb Ku. Jena | Mob. : 8658284937 | 649/720 |
| Dibyaranjan Sahoo | Mob. : 8984117752 | 649/720 |
| Sanghamitra Nayak | Mob. : 7205839872 | 647/720 |
| Priyabrata Behera | Mob. : 7751039100 | 646/720 |
| Saswati Pradhan | Mob. : 9938978585 | 646/720 |
| Priyanka Giri | Mob. : 8327773796 | 645/720 |
| Rudra Narayan Nanda | Mob. : 8249569211 | 645/720 |
| Asish Ku. Jena | Mob. : 9348161859 | 645/720 |
| Ashutosh Pal | Mob. : 8018668664 | 643/720 |
| Amaresh Ku. Satapathy | Mob. : 7077202009 | 640/720 |
| Ankita Sahoo | Mob. : 7846946454 | 640/720 |
| Anshuman P. Sahoo | Mob. : 7847064075 | 640/720 |
| Gyana Ranjan Behera | Mob. : 8984012686 | 640/720 |
| Rahul Rout | Mob. : 7653898338 | 640/720 |
| Aditya Kishore Sahoo | Mob. :9438213231 | 640/720 |
| Ritikesh Nayak | Mob. : 9938656083 | 640/720 |
| Abhipsa Jena | Mob. : 9178812353 | 639/720 |
| Manaswini Mahanta | Mob. : 6371584439 | 639/720 |
| Soumya Ranjan Rout | Mob. : 9853490176 | 639/720 |
| Smruti Ranjan Behera | Mob. : 7064195954 | 638/720 |
| Gayatri Samal | Mob. : 9205434830 | 637/720 |
| Sovna Mishra | Mob. : 9437121967 | 636/720 |
| Abhisek Swain | Mob. : 9692354875 | 635/720 |
| Aditya Narayan Sarangi | Mob. : 7735008592 | 635/720 |
| Dona Sahoo | Mob. : 9937680198 | 633/720 |
| Sunilata Paramanik | Mob. : 7894010960 | 632/720 |
| Binapani Panda | Mob. : 6371448781 | 630/720 |
| Jayashree Nayak | Mob. : 8260507634 | 630/720 |
| Panthika Samal | Mob. : 9337424271 | 630/720 |
| Suchismita Sahoo | Mob. : 8279230285 | 630/720 |
| Swaraj Mishra | Mob. : 9938350460 | 630/720 |
| Pratyasha Satapathy | Mob. : 9777608592 | 629/720 |
| Aditya Ku. Jena | Mob. : 9827855549 | 628/720 |
| Ira Mohanty | Mob. : 9938174925 | 626/720 |
| Jagadish Sundaray | Mob. : 9556371124 | 626/720 |
| Prabhuraj Jena | Mob. : 7978718764 | 625/720 |
| Pranab Ku. Rout | Mob. :9238484011 | 625/720 |
| Subhranshu Sethy | Mob. : 7008521684 | 625/720 |
| Sourav Pradhan | Mob. :7377362643 | 625/720 |
| Abhisek Pradhan | Mob. : 8018452991 | 625/720 |
| Subhashree P. Jena | Mob. : 9438176401 | 625/720 |
| Omkar Punyasloka | Mob. : 7978990814 | 621/720 |
| Amit Anshuman Panda | Mob. : 8260552053 | 620/720 |
| Pally Pri. Bhuyan | Mob. : 9853419350 | 620/720 |
| Sonali Nayak | Mob. : 8249476208 | 620/720 |
| Soubhagya Ranjan | Mob. :9692767335 | 620/720 |
| Harapriya Das | Mob. : 8280412269 | 620/720 |
| Pradipta Ku. Samal | Mob. : 8260148481 | 619/720 |
| Saumya Sekhar | Mob. : 8260559869 | 617/720 |
| Debasmita Panda | Mob. : 8018428224 | 616/720 |
| Satyaranjan Dutta | Mob. : 7847940518 | 616/720 |
| Ramakrishna Biswal | Mob. : 7684000422 | 615/720 |
| Sahil Saswat Swain | Mob. : 7853851833 | 615/720 |
| Subhalaxmi Panda | Mob. : 7205291154 | 615/720 |
| Swarnaprabha Parida | Mob. : 9583576551 | 615/720 |
| Upasana Nayak | Mob. : 7606035599 | 614/720 |
| Mitramonalisha Kar | Mob. : 9437080953 | 614/720 |
| Manisha Dhal | Mob. : 8984037711 | 613/720 |
| Biswarupa Acharya | Mob. : 6371780995 | 612/720 |
| Dibyasek Sethy | Mob. : 8260310450 | 612/720 |
| Rudrajeet Samal | Mob. : 8249259790 | 612/720 |
| Anupama Barik | Mob. : 8260543757 | 611/720 |
| Abhipsa Das | Mob. : 9777415617 | 610/720 |
| Swaraj Swain | Mob. :6372514243 | 610/720 |
| Ayushman Satapathy | Mob. : 8984563421 | 610/720 |
| Bibhu Asis Pati | Mob. : 7894666914 | 610/720 |
| Kunal Bagh | Mob. : 7978002776 | 610/720 |
| Subhransu Mallik | Mob. : 8984764751 | 610/720 |
| Medhashree Das | Mob. : 9668560885 | 607/720 |
| Tanmaya Ku.Biswal | Mob. : 8144015093 | 606/720 |
| Deepankar Satapathy | Mob. : 8280227149 | 605/720 |
| Jagyaseni Sahoo | Mob. : 9861162663 | 605/720 |
| Rojalin Panigrahi | Mob. : 8895265664 | 605/720 |
| Sadhana Parida | Mob. : 9777988782 | 605/720 |
| Subhajeet Nayak | Mob. : 8144966408 | 605/720 |
| Anil Ch. Patra | Mob. : 8249590800 | 600/720 |
| Debasmita Sahoo(ESIC) | Mob. :9778089209 | 600/720 |
| Pratikshya Patra(SGS) | Mob. : 8895770054 | 600/720 |
| Pratikshya (SGS) | M. : 9178163921 | 590/720 |
| Rupali(SC) | M. : 8984713671 | 580/720 |
| Subhashree(ESIC) | M. : 9439003463 | 580/720 |
| S.Suvenka(SC) | M. : 8144115130 | 575/720 |
| Baishnabi(ESIC) | M. : 9439219033 | 567/720 |
| Nikhil (SC) | M. : 7735428276 | 561/720 |
| Chintu(SC) | M. : 8260345704 | 560/720 |
| Pallavi(SC) | M. : 8327753620 | 557/720 |
| Ratish (SC) | M. :7978517115 | 550/720 |
| Ganga (SC) | M. : 9556587033 | 541/720 |
| Prachi Pri(SC) | M. : 9937978296 | 522/720 |
| S. Mallick(SC) | M. : 9178426437 | 512/720 |
| Prativa(SC) | M. : 9937978296 | 510/720 |
| Sonali (SC) | M. : 6371635236 | 510/720 |
| Sarmistha(SC) | M. : 9438673135 | 503/720 |
| Barsha(SC) | M. : 8144403589 | 502/720 |

Tetrahedron Tangi Tetrahedrongroup, www.tetrahedroncoaching.com

**Batch Start's From 22nd May-2024**



## ମନିକାଙ୍କୁ ସର୍ବୋଚ୍ଚ ର୍ୟାଙ୍କିଂ

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-318 ◆BHUBANESWAR ◆WEDNESDAY ◆15 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୧୮ ◆ଭୁବନେଶ୍ୱର ◆ବୁଧବାର ◆୧୫ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ଆଇଏମଏ ମୁଖ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ସୋଫାରେ ବସି ଯାହା ତା' କହିପାରିବେନି

■ **ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି):** ପତଞ୍ଜଳି ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟ ଅଲ ଇଣ୍ଡିଆ ମେଡିକାଲ ଆସୋସିଏସନ(ଆଇଏମଏ) ସଭାପତି ଆର ଭି ଅଶୋକାନ୍‌ଙ୍କ ଉପରେ ବର୍ଷିଛନ୍ତି। ପତଞ୍ଜଳି କମ୍ପାନୀର ବିଭ୍ରାନ୍ତକାରୀ ବିଜ୍ଞାପନ ବିରୋଧରେ ଆଇଏମଏ ସୁପ୍ରିମକୋର୍ଟରେ ଫେରାଦ ହୋଇଥିଲା ବେଳେ ବିଗତ କିଛି ଦିନ ଧରି ଏହି ପ୍ରସଙ୍ଗରେ ଶୁଣାଣି ଚାଲିଛି। ଏହାସହିତ ସର୍ବୋଚ୍ଚ ନ୍ୟାୟାଳୟ ପତଞ୍ଜଳି କମ୍ପାନୀର ଦୁଇ ମୁଖ୍ୟ ବାବା ରାମଦେବ ଏବଂ ଆଚାର୍ଯ୍ୟ ବାଳକ୍ରିଷ୍ଣଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। କେବଳ ପତଞ୍ଜଳି ନୁହେଁ, ସୁପ୍ରିମକୋର୍ଟ ଏଲୋପାଥି ଡାକ୍ତରମାନଙ୍କ ପେଷାକୁ ନେଇ ମଧ୍ୟ କଡ଼ା ଟିପ୍ପଣୀ ଦେବା ସହ ଡାକ୍ତରମାନେ ରୋଗୀ ପରାମର୍ଶ ସମୟରେ ଅଯଥାରେ ରୋଗୀମାନଙ୍କୁ ଅନାବଶ୍ୟକ ଔଷଧ ଲେଖି ଖର୍ଚ୍ଚାନ୍ତ କରାଉଥିବାରୁ ଏହି ଧାରା କିଭଳି ବନ୍ଦ ହେବ ତାହାର ଜବାବ ରଖିବାକୁ ଆଇଏମଏକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ଟିପ୍ପଣୀକୁ ଅଶୋକାନ୍ ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେବା ସମୟରେ ବିରୋଧ କରିଥିଲା ବେଳେ ଏହି ଘଟଣାକୁ ସୁପ୍ରିମକୋର୍ଟ ଗୁରୁତ୍ୱ ସହ ଗ୍ରହଣ କରିଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆଶୋକାନ୍‌ଙ୍କୁ ଜବାବ ତଲବ କରାଯାଇଥିଲା। ତେବେ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି ଚାଲିଥିଲା ବେଳେ ଅଶୋକାନଙ୍କ ଓକିଲ ଘଟଣା ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ହେଲେ ସୁପ୍ରିମକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। 'ଆପଣ ସେଫାରେ ବସି ଯାହା ଇଚ୍ଛା ତାହା କହିପାରିବେ ନାହିଁ' ବୋଲି ଜଷ୍ଟିସ୍ ହିମା କୋହଲି ଏବଂ ଜଷ୍ଟିସ୍ ଆଶାନୁଦ୍ଦିନ ଅମାନୁହ୍ଲାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆଇଏମଏ ସଭାପତି ଅଶୋକାନ୍‌ଙ୍କ ଉଦ୍ଦେଶ୍ୟରେ କ୍ଷୋଭ ପ୍ରକାଶ କରି କହିଛନ୍ତି।



**ଅଶୋକାନ୍‌ଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନାକୁ ଅଗ୍ରାହ୍ୟ**

ଉଲ୍ଲେଖଯୋଗ୍ୟ ଯେ, ରାମଦେବଙ୍କ ପତଞ୍ଜଳି କମ୍ପାନୀ ବିଭିନ୍ନ ରୋଗ ଉପଶମ କରାଇବା ଲକ୍ଷ୍ୟରେ ସାଧାରଣରେ ବିଜ୍ଞାପନ ଜରିଆରେ ଲୋକଙ୍କୁ ଭ୍ରମିତ କରୁଛି ବୋଲି ପ୍ରଥମେ ଆଇଏମଏ ପକ୍ଷରୁ ଅଭିଯୋଗ କରାଯାଇଥିଲା। ▶ପୃଷ୍ଠା-୯

### ଖଣ୍ଡପଡ଼ା, ବାଙ୍କୀ, ବଡ଼ମ୍ବା, ତିଗିରିଆ, ଚୌଦ୍ୱାର, କଟକରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

# 'ନିର୍ବାଚନ ପର୍ଯ୍ୟଟକ'ଙ୍କୁ ଭରସା କରନ୍ତୁ ନାହିଁ

### କାର୍ତ୍ତିକ ପାଣ୍ଡିଆନଙ୍କ ମେଗା ରୋଡ୍ ଶୋ'; କଟକରେ ଜନସମୁଦ୍ର

- ଶପଥ ପରେ ଜୁନ୍ ୯ରେ 'ବିଜୁଳି' ବିଲ୍ ଛାଡ଼ ପାଇଁ ଦସ୍ତଖତ କରିବେ ମୁଖ୍ୟମନ୍ତ୍ରୀ
- ଯୋଗ୍ୟଲୋକଙ୍କୁ ଭତ୍ତା, ବିଏସ୍‌କେୱାଇ, ପକ୍କାଘର ମିଳିବା 'ନବୀନ ଗ୍ୟାରେଣ୍ଟି'
- ଓଡ଼ିଶାକୁ ୧୦୦ ବର୍ଷ ଆଗକୁ ନେବା ପାଇଁ କାମ କରୁଛନ୍ତି ନବୀନ ପଟ୍ଟନାୟକ
- ଓଡ଼ିଶାକୁ ୨୫ ବର୍ଷ ପଛକୁ ଫେରାଇ ନେବା ପାଇଁ ଷଡ଼ଯନ୍ତ୍ର କରୁଛି ବିଜେପି



■ **ଭୁବନେଶ୍ୱର, ୧୪।୫ (ସମିସ):** ବିରୋଧୀମାନେ ହେଉଛନ୍ତି 'ନିର୍ବାଚନ ପର୍ଯ୍ୟଟକ'। ନିର୍ବାଚନ ଆସିଲେ ସେମାନେ ଆସନ୍ତି, ମିଠାମିଠା କଥା କହନ୍ତି। ଆଉ ନିର୍ବାଚନ ଶେଷ ହେବାପରେ ଖୋଜିଲେ ବି ସେମାନଙ୍କ ଦେଖା ମିଳେନାହିଁ। 'ନିର୍ବାଚନ ପର୍ଯ୍ୟଟକ' କିଏ ଆଉ ଓଡ଼ିଶାବାସୀଙ୍କ ପାଇଁ ୨୪ ଘଣ୍ଟା କାମ କରୁଛି କିଏ ତାହା ଆପଣମାନେ ଜାଣନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଟି ଓଡ଼ିଶାବାସୀଙ୍କ ସବୁ ସୁଖ ଦୁଃଖରେ କିଏ ଛିଡ଼ା ହୋଇଛନ୍ତି, ରାଜ୍ୟରେ ରୂପାନ୍ତରଣ ଆଣିଛନ୍ତି। ଆସନ୍ତା ୯ ତାରିଖରେ ପୁଣି ଥରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ, ସମଗ୍ର ଦେଶରେ ଇତିହାସ ରଚିବେ ବୋଲି କଟକରେ ବିଶାଳ ସମାବେଶରେ କହିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। କଟକ ସଂସଦୀୟ କ୍ଷେତ୍ରର ଖଣ୍ଡପଡ଼ା, ବାଙ୍କି, ବଡ଼ମ୍ବା, ତିଗିରିଆ, ଚୌଦ୍ୱାର-କଟକ, ▶ପୃଷ୍ଠା-୯

### ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଫଳ ନେଇ ପାଣ୍ଡିଆନଙ୍କ ଦୃଢ଼ୋକ୍ତି

# ୨୮ରୁ ବିଜେଡିକୁ ୨୪ ଆସନ

■ **ଭୁବନେଶ୍ୱର, ୧୪।୫ (ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ଏହି ପର୍ଯ୍ୟାୟରେ ବିଜେଡି ଭଲ ପ୍ରଦର୍ଶନ କରିଛି। ୨୮ ବିଧାନସଭା ଆସନରୁ ବିଜେଡି ୨୪ ଆସନରେ ବିଜୟଲାଭ କରିବ। କେବଳ ପ୍ରଥମ ପର୍ଯ୍ୟାୟ ନୁହେଁ; ଅନ୍ୟ ତିନିଟି ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ବିଜେଡି ବାଜିମାତ୍ କରିବ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ରାଜ୍ୟରେ ତିନି ଚତୁର୍ଥାଂଶ ବିଧାନସଭା ଆସନ ସହ ବିଜେଡି ସରକାର ଗଢ଼ିବ ଓ ଲୋକସଭାରେ ପୂର୍ବଠାରୁ ବିଜେଡିକୁ ଅଧିକ ଆସନ ମିଳିବ। ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଏ ସମ୍ପର୍କରେ ଆକଳନ କରିଛନ୍ତି। ଗତକାଲି ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଆସନ ଓ ୨୮ ବିଧାନସଭା ଆସନ ନିମନ୍ତେ ମତଦାନ ଶେଷ ପରେ ବିଜେଡି ସପକ୍ଷରେ ବିପୁଳ ସମର୍ଥନ ମିଳିଥିବା ଶ୍ରୀ ପାଣ୍ଡିଆନ କହିଛନ୍ତି।

ଜାତୀୟ ଖବର ସରବରାହ ସଂସ୍ଥା ଏଏନ୍‌ଏଆଇକୁ ସାକ୍ଷାତକାର ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକ ଓଡ଼ିଶାବାସୀଙ୍କ ପାଇଁ ଦିନରାତି କାମ କରୁଛନ୍ତି। ସମସ୍ତ ଓଡ଼ିଶାବାସୀଙ୍କ ସହ ଦୁଃଖସୁଖରେ ଠିଆ ହୋଇଛନ୍ତି। ରାଜ୍ୟବାସୀ ମଧ୍ୟ ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବହୁତ ଭଲ ପାଆନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭଲ କାମ ଏବଂ ତାଙ୍କ ଅତୁଳନୀୟ ଲୋକପ୍ରିୟତା ବିଜେଡିକୁ ବୃହତ୍ ▶ପୃଷ୍ଠା-୯

### ନିର୍ବାଚନ ପରେ ମୋବାଇଲ୍ ଉପଭୋକ୍ତାଙ୍କୁ ଲାଗିବ ଝଟ୍‌କା

# ବଢ଼ିବ ରିଚାର୍ଜ ପ୍ଲାନ୍

■ **ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି):** ଦେଶରେ ଦୀର୍ଘ ଦିନ ହେବ ଦରଦାମ୍ ବୃଦ୍ଧି ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ ଆଗାମୀ ଦିନରେ ଲାଗିବାକୁ ଯାଉଛି ଆଉ ଏକ ବଡ଼ ଝଟ୍‌କା। ଉପଭୋକ୍ତାଙ୍କୁ ଏହି ଝଟ୍‌କା ଏଥର ମୋବାଇଲ ରିଚାର୍ଜ ଆକାରରେ ଲାଗିବ। କାରଣ ଟେଲିକମ୍ ଅପରେଟରମାନେ ସାଧାରଣ ନିର୍ବାଚନ ପରେ ମୋବାଇଲ ଟାରିଫ୍ ପ୍ଲାନ୍ ବୃଦ୍ଧି କରିବାକୁ ଯାଉଛନ୍ତି। ଏହା ହେଲେ ମୋବାଇଲ ରିଚାର୍ଜ ପ୍ଲାନ୍ ମହଙ୍ଗା ହୋଇଯିବ। ଟେଲିକମ୍ କମ୍ପାନୀଗୁଡିକ



- ଟାରିଫ୍ ପ୍ଲାନ୍‌ର ୨୫ ପ୍ରତିଶତ ବଢ଼ିବ
- ମହଙ୍ଗା ହେବ ଡାଟା
- ୨୦୧୯ରୁ ୨୦୨୩ ମଧ୍ୟରେ ଟାରିଫ୍ ପ୍ଲାନ୍ ତିନି ଗୁଣ ବଢ଼ିଛି

ସେମାନଙ୍କର ରାଜସ୍ୱ ବୃଦ୍ଧି ପାଇଁ ନିର୍ବାଚନ ପରେ ଶୁଳ୍କ ବୃଦ୍ଧି ଯୋଜନା ରଖିଛନ୍ତି। ଟାରିଫ୍ ପ୍ଲାନ୍‌ରେ ଏହି ବୃଦ୍ଧି ୨୫ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ।

ସବୁଠାରୁ ବଡ଼ କଥା ହେଉଛି ଯେ, ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କ ଟାରିଫ୍ ପ୍ଲାନ୍‌ରେ ୩ ଗୁଣ ବୃଦ୍ଧି କରିଛନ୍ତି। ଯଦି ଏହା ହୁଏ ତେବେ ଲୋକସଭା ନିର୍ବାଚନ ପରେ ମୋବାଇଲ ରିଚାର୍ଜ ଦର ୫୦ ଟଙ୍କାରୁ ଅଢ଼େଇ ଶହ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ। ଯାହାର ପ୍ରଭାବ କୋଟି ▶ପୃଷ୍ଠା-୯

# ଦୁର୍ଘଟଣାରେ ୩ ନିର୍ବାଚନ ଅଧିକାରୀଙ୍କ ପରଲୋକ

■ **ମାଲକାନଗିରି/ମୋହନା/ ନୂଆପଡ଼ା, ୧୪।୫ (ସମିସ):** ନିର୍ବାଚନ ଡ୍ୟୁଟି ସାରି ଫେରୁଥିବା ସମୟରେ ୩ଟି ପୃଥକ ଦୁର୍ଘଟଣାରେ ୩ଜଣ ନିର୍ବାଚନ ଅଧିକାରୀ ପ୍ରାଣ ହରାଇଛନ୍ତି। ମୃତ ଅଧିକାରୀ ହେଲେ, ନବରଙ୍ଗପୁର ଜିଲ୍ଲାର ପ୍ରସନ୍ନ କୁମାର ନାଏକ, ମାଲକାନଗିରି ଜିଲ୍ଲାର ଇନ୍ଦ୍ରଜିତ କିର୍ସାନୀ ଏବଂ ଗଜପତି ଜିଲ୍ଲା ମୋହନା ଅଞ୍ଚଳର ଏସ୍ ମାଝି। ସେହିପରି ନିର୍ବାଚନରେ ▶ପୃଷ୍ଠା-୯

- ଜଣେ ପୁଲିଂ ଅଧିକାରୀ ଗୁରୁତର
- ୧୫ ଲକ୍ଷ ଟଙ୍କାର ଅତିରିକ୍ତ ସହାୟତା ରାଶି ଘୋଷଣା

### ପୂର୍ବୋଦୟ 'ଧୂଆଁବାଣ'

# ରାଜପଥ ପ୍ରତାରଣା

- ୪ ବର୍ଷରେ ଓଡ଼ିଶାରେ ମାତ୍ର ୧୩୬ କିଲୋମିଟର ସଡ଼କ ରାଜପଥକୁ ରୂପାନ୍ତରିତ
- ଆନ୍ଧ୍ରରେ ହୋଇଛି ୧୨୫୦କିମି, ୟୁପିରେ ୫୫୪କିମି, ବିହାରରେ ୫୮୫ କିମି
- ନିଜ ଉଦ୍ୟମରେ ସରକାର ଆରମ୍ଭ କରିଛନ୍ତି ଯୋଗାଯୋଗ ବିକାଶ କାର୍ଯ୍ୟକ୍ରମ
- ପଶ୍ଚିମ ଓଡ଼ିଶା-ଦକ୍ଷିଣ ଓଡ଼ିଶାକୁ ସଂଯୋଗ କରିଛି ପ୍ରଥମ ବିଜୁ ଏକ୍ସପ୍ରେସ ୱେ
- ବ୍ରହ୍ମପୁର-ଜୟପୁର ଦ୍ୱିତୀୟ ବିଜୁ ଏକ୍ସପ୍ରେସ ୱେ ପାଇଁ ୬୨୦୦ କୋଟି ବରାଦ



■ **ଭୁବନେଶ୍ୱର, ୧୪।୫ (ସମିସ):** ବିଜେପିର ଜାତୀୟ ଓ ରାଜ୍ୟ ନେତୃତ୍ୱ ଆଉ 'ପୂର୍ବୋଦୟ' କଥା କହୁ ନାହାନ୍ତି। ଓଡ଼ିଶା ସହ ପୂର୍ବଭାରତର ବିକାଶ, ପାରାଦ୍ୱୀପକୁ ପୂର୍ବ ଭାରତର ବିକାଶ ଦ୍ୱାର କରିବାର ମଧୁର ପ୍ରତିଶ୍ରୁତି ଏବେ ଧୂଆଁବାଣରେ ପରିଣତ ହୋଇଛି। ଜାତୀୟ ଜଳପଥ, ଜାତୀୟ ରାଜପଥ, ଉପକୂଳ ସୁରକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ଉପେକ୍ଷା କରିଛନ୍ତି। କେନ୍ଦ୍ର ବିଜେପି ସରକାରଙ୍କ ଏହି ପ୍ରତାରଣାକୁ ତଥାକଥିତ 'ଅସ୍ମିତା' ପ୍ରେମୀ ରାଜ୍ୟ ବିଜେପି ନେତାମାନେ ନିରବରେ ସହ୍ୟ କରିଛନ୍ତି। ଓଡ଼ିଶାକୁ କେନ୍ଦ୍ରର ଅବହେଳା ବିରୋଧରେ ସ୍ୱର ଉଠାଇବା ତ ଦୂରର କଥା; ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ସଂସଦରେ ଥରଟିଏ ବି ରାଜ୍ୟର ୮ ବିଜେପି ସାଂସଦ ଓ କେନ୍ଦ୍ରମନ୍ତ୍ରୀ ମୁହଁ ଖୋଲିଥିବାର ଉଦାହରଣ ନାହିଁ। ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ଜାତୀୟ ରାଜପଥଗୁଡ଼ିକରେ କେବଳ ଭଙ୍ଗାଗଢ଼ା ଚାଲିଛି ଓ ଠିକାଦାରମାନଙ୍କର ▶ପୃଷ୍ଠା-୯


UTKAL UNIVERSITY
CENTRE FOR AGRI-MANAGEMENT
DEPARTMENT OF BUSINESS ADMINISTRATION
UTKAL UNIVERSITY
NAAC-A+Accredited
ADMISSION INTO 19TH BATCH : 2024
MBA (AGRIBUSINESS) in ppp mode
PAST RECRUITERS:
ELIGIBILITY:
B.Sc. (Agriculture) & allied subjects /B.Tech (Ag) / Bachelor's degree in Science/ Commerce/ Management (BBA/ BBM) with minimum 50% aggregate marks. Students with Agriculture and allied subjects will be given preference. Degree Students those who are waiting for the result can also apply.
SELECTION:
CAT / MAT / XAT / CMAT / GMAT / ATMA / ICMR - AIEEA PG / TISSNET Test scores. Candidates those who have not appeared the above tests will have to appear **Written Test** conducted by the centre. Candidates those who have appeared the above tests, but willing to appear for the written test conducted by the Centre can also do so. The Final selection shall be based on entrance scores, career marks and performance in Personal Interview.
Important Notes :
• Fill in the Application Form ONLINE at www.camutkal.ac.in.
• **Last date of submission of Online Application form : 30th June, 2024**
• Date of Written Test (UMAT): **13th July, 2024 (Tentative)**
• Date of Personal Interview : **14th to 16th July, 2024 (Tentative)**
BARC Outreach Building, Utkal University, Bhubaneswar - 7541004
Mob.: 9437124356, 7008751003
e-mail : admission@camutkal.org, academic@camutkal.org, Website : www.camutkal.ac.in
Course Head, CAM
Chairman, P.G Council


# ଲକ୍ଷ୍ମଣନାଥ ଗେଟ୍‌ରୁ ୧୫ କେଜି ସୁନା ଓ ୪ ଲକ୍ଷ ଟଙ୍କା ଜବତ

■ **ରାଇବଣିଆ/ଭୁବନେଶ୍ୱର, ୧୪।୫ (ସମିସ):** ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ଗେଟ୍‌ରେ ଗାଡ଼ି ଯାଞ୍ଚ ବେଳେ ୧୫ କେଜି ସୁନା ଓ ନଗଦ ୪ ଲକ୍ଷ ଟଙ୍କା ଧରାପଡ଼ିଛି। ଜବତ ସୁନାର ଆନୁମାନିକ ମୂଲ୍ୟ ୧୦ କୋଟିରୁ ଅଧିକ ହେବ। ନିର୍ବାଚନ ସମୟରେ ଗାଡ଼ି ଯାଞ୍ଚ କଡ଼ାକଡ଼ି ହୋଇଥିବା ବେଳେ ଏହା ଧରାପଡ଼ିଛି। ମାମଲାରେ ସିଟି ଆଣ୍ଡ ଜିଏସ୍‌ଟି ତଦନ୍ତ ଚଳାଇଛି। ନିର୍ବାଚନ ପାଇଁ ଆଜି ସନ୍ଧ୍ୟା ପ୍ରାୟ ୬ଟା ବେଳେ ବାଲେଶ୍ୱର ଓ ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ୍ ଟୋଲ୍ ଗେଟ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ଗାଡ଼ି

### ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଥିଲା





ଯାଞ୍ଚ କରୁଥିବା ବେଳେ ପଶ୍ଚିବମଙ୍ଗରୁ ଓଡ଼ିଶାକୁ ଆସୁଥିବା 'ସିକ୍ୟୁଏଲ୍ ଲଜିଷ୍ଟିକ ଟ୍ରାନ୍ସପୋର୍ଟ'ର ଏକ ଗାଡ଼ିକୁ ଅଟକାଇଥିଲେ। ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚରୁ ଏହି ଗାଡ଼ିରୁ ପୁଳାପୁଳା ସୁନା ବାହାରିଥିବା ଜଣାପଡ଼ିଛି। ଏହାର ଓଜନ ୧୫ କେଜିରୁ ଅଧିକ ହେବ। ତେବେ ସୁନା କେଉଁଠୁ ଆସିଲା, ସେନେଇ ଫ୍ଲାଇଂ ସ୍କ୍ୱାଡ୍ ଗାଡ଼ିରେ ଥିବା କର୍ମଚାରୀଙ୍କୁ ପଚାରିଥିଲେ ହେଁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେଣୁ ସ୍କ୍ୱାଡ୍ ସମସ୍ତଙ୍କୁ ଧରି ଜଳେଶ୍ୱର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା। ପୁଲିସ ଗାଡ଼ି ଓ ସୁନାକୁ ଜବତ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୁଲିସ୍ ଜବତ ସୁନାକୁ ଓଜନ କରାଯାଇଥିଲା। ଏହି ଘଟଣାର ତଦନ୍ତ ସିଟି ଆଣ୍ଡ ଜିଏସ୍‌ଟି ଟିମ୍ କରୁଥିବା ବେଳେ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଏତେ ପରିମାଣରେ ସୁନା କିଏ ଓ କାହିଁକି ଆଣୁଥିଲା, ତାହା ଜଣାପଡ଼ି ନାହିଁ। ତେଣୁ ଏହି ସୁନାକୁ କିଏ ଆଣୁଥିଲା ସେନେଇ ସିଟି ଜିଏସ୍‌ଟି ଟିମ୍ ତଦନ୍ତ କରୁଛି।

ସେହିପରି ପଶ୍ଚିମବଙ୍ଗ ପାଉଁଶକୁଲିରୁ ମାର୍କନା ଯାଉଥିବା ଅନ୍ୟ ଏକ କାର୍‌ରୁ ଯାଞ୍ଚବେଳେ ୪ ଲକ୍ଷ ଟଙ୍କା ଜବତ ହୋଇଛି।


SIKSHA 'O' ANUSANDHAN
SAAT-2024
Empowering students for a brighter future
B.TECH PROGRAMMES IN ELECTRONICS
■ Electrical & Electronics Engineering
■ Electronics & Communication Engineering
APPROVAL & RECOGNITIONS
■ Approved by UGC & AICTE
■ Re-accredited by NAAC with A++ Grade
■ Accredited by NBA
■ Ranked in QS World Rankings 2024
NIRF INDIA RANKINGS 2023
■ 15th Best in University Category
■ 27th Best in Engineering Category
To apply for admission through SAAT, Please visit: www.soa.ac.in

# ଗଣତନ୍ତ୍ରର 'ଶତାୟୁ' ପ୍ରହରୀ

## କମିନି ଭୋଟ ଦେଇ ଦେଶ ଗଢ଼ିବାର ନିଶା

**କେନ୍ଦୁଝର, ୧୪।୫(ସମିସ):** ସାରା ଦେଶରେ ଚାଲିଛି ଗଣତନ୍ତ୍ରର ମହାପର୍ବ। ଏହି ପର୍ବରେ ସମସ୍ତଙ୍କୁ ସାମିଲ ହେବାକୁ ନିର୍ବାଚନ କମିସନ ନାନା ପ୍ରକାରରେ ଆହ୍ୱାନ ଦେଉଛନ୍ତି। ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସଚେତନତା କରାଯାଉଛି। ସମସ୍ତେ ନିଜର ମତାଧିକାରୀକୁ ସାବ୍ୟସ୍ତ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାରୁ ସଚେତନତା କରାଯାଇଛି। ତେବେ ଏହି ମହାପର୍ବରେ ସାମିଲ ହୋଇ ନିଜର ମତ ସାବ୍ୟସ୍ତ କରିବା ସହ ସମସ୍ତଙ୍କୁ ଏଥିରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଗଣତନ୍ତ୍ରର 'ଶତାୟୁ' ପ୍ରହରୀମାନେ। ବୟସ ଶତକ ଛୁଇଁଥିଲେ ମଧ ଏ ଯାଏଁ କମିନି ସେମାନଙ୍କୁ ଭୋଟ ଦେବାର ନିଶା। ସ୍ୱାଧୀନତା ପରେ ଦେଶର ପ୍ରଥମ ନିର୍ବାଚନରେ ସେମାନେ ସାମିଲ ହୋଇଥିବା ବେଳେ ଚଳିତ ବର୍ଷର ନିର୍ବାଚନରେ ମଧ ସାମିଲ ହେବାକୁ ଯାଉଛନ୍ତି। ଏହି ଶତାୟୁ ପ୍ରହରୀମାନେ ଅନ୍ୟମାନଙ୍କୁ ଭୋଟ ଦେବାକୁ ପ୍ରେରଣ ଦେଇଆସୁଛନ୍ତି।

ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ଭୋଟ ସରିଲାଣି। ଆସନ୍ତା ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ। ଲକ୍ଷଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ମାତ୍ର ଏମାନଙ୍କ ମଧରେ ଥିବା କେତେଜଣ ଭୋଟରଙ୍କ ପାଇଁ ଏହି ନିର୍ବାଚନ ସ୍ୱତନ୍ତ୍ର। କାରଣ ସେହି ଭୋଟରମାନେ ଭାରତ ବର୍ଷ ସ୍ୱାଧୀନ ହେବା ପରେ ହୋଇଥିବା ୧୯୫୧ ପ୍ରଥମ ନିର୍ବାଚନରେ ଭୋଟ ଦେଇଥିଲେ ଏବଂ ଆଗାମୀ ୨୫ ତାରିଖରେ ହେବାକୁ ଥିବା ନିର୍ବାଚନରେ ମଧ ଭୋଟ ଦେବେ। କେତେଜଣଙ୍କ ବୟସ ଶତକ ଟପିଲାଣି କିନ୍ତୁ ଭୋଟ ଦେଇ ଦେଶ ଗଢିବା ନିଶା ଏ ଯାଏଁ କମିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହାଯେ ଏବେବି ସେମାନେ ଖୁସିରେ ଭୋଟ ଦେବାକୁ ଚାହୁଁଥିବା ବେଳେ ସମସ୍ତେ ଭୋଟ ଦେବାକୁ ଏହି ବରିଷ୍ଠ ଭୋଟରମାନେ ଆହ୍ୱାନ ଜଣାଉଛନ୍ତି।

ଏଭଳି ଶତାୟୁ ଭୋଟରଙ୍କ ମଧରେ ରହିଛନ୍ତି ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଦନେଉଳି ଗ୍ରାମପଞ୍ଚାୟତ ସିଲଟିଆ ଗ୍ରାମର ସୁରୁବାଲି ମହାନ୍ତ (୧୦୬)। ପାଟଣା ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୭୧ ଅଧୀନରେ ଥିବା ସୁରୁବାଲିଙ୍କର ବୟସ ୧୦୬ ହେଲାଣି। ସ୍ୱାମୀ ଚନ୍ଦ୍ରମଣୀ ମହାନ୍ତ କେବେଠାରୁ ଚାଲିଗଲେଣି। ସ୍ୱାଧୀନତା ପରର ପ୍ରଥମ ଭୋଟ ସେ ଭୋଦପଶିରେ ଗଛମୂଳେ ଦେଇଥିଲେ ବୋଲି କହନ୍ତି। ଏବେ ସମୟ ବଦଳିଛି। ବାଲଟ ପେପରରୁ ଇଭିଏମ୍‌ରେ ଭୋଟ ଦେବା ହେଲାଣି। ସେ ଭୋଦପଶିରେ ଭୋଟ ଦେବା ପରେ ଉଖୁଣ୍ଡା, ଶରାସିଙ୍ଗା, ପାହାଡ଼ପୁରର ମତଦାନ କେନ୍ଦ୍ରରେ ଭୋଟ ଦେଇଥିଲେ। କିନ୍ତୁ ଚଳିତ ଥର ନିର୍ବାଚନ କମିଶନ ନିଷ୍ପତି କ୍ରମେ ୮୫ ବର୍ଷରୁ ଅଧିକ ବୟସ୍କଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାରୁ ନିଜଘରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଭୋଟଦେବାକୁ ଯାଉଥିବାରୁ ପାଟଣା ନିର୍ବାଚନ ମଣ୍ଡଳୀର ସର୍ବବରିଷ୍ଠ ଭୋଟର ସୁରୁବାଲି ମହାନ୍ତ ଖୁସି ପ୍ରକଟ କରିଛନ୍ତି। ଏଥି ସହିତ ଦେଶ ଗଠନ ନିମନ୍ତେ ଘରେ ଥିବା ତାଙ୍କର ବୋହୂ, ନାତୁଣୀ ବୋହୂ ଏବଂ ଅନ୍ୟ ପରିବାରବର୍ଗ ନିଶ୍ଚୟ ମତଦାନ କରିବାକୁ ପରାମର୍ଶ ଦେଉଛନ୍ତି। ଏତଦ ବ୍ୟତୀତ ନୂତନ ଯୁବ ଭୋଟର ମାନେ ଅଧିକରୁ ଅଧିକ ଭୋଟଦେଇ ରାଜ୍ୟ ଓ ଦେଶ ଗଠନରେ ସହାୟକ ହେବାକୁ ସୁରୁବାଲି ଆହ୍ୱାନ ଜଣାଉଛନ୍ତି। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମପଞ୍ଚାୟତର ବାରଖଣ୍ଡିଆରେ ରହୁଥିବା ସ୍ୱର୍ଗତ ସ୍ୱତ୍ରାନନ୍ଦ ସାହୁଙ୍କ ପତ୍ନୀ ବାସନ୍ତୀ ସାହୁଙ୍କର ବୟସ ଏବେ ୧୦୪ ବର୍ଷ। ଦେଶ ସ୍ୱାଧୀନ ହେବାପରଠାରୁ ସେ ଭୋଟ ଦେଇ ଆସୁଛନ୍ତି। କିନ୍ତୁ ଭୋଟଦେଇ ରାଜ୍ୟ ଓ ଦେଶର ବିକାଶରେ ଭାଗିଦାର ହେବା ସେ କେବେ ଛାଡି ନାହାନ୍ତି। ପରିଣତ ବୟସରେ ମଧ ସେ ଘରେ ଭୋଟ ଦେବାକୁ ଯାଉଥିବା ବେଳେ ଗ୍ରାମର ସମସ୍ତ ଲୋକ ମତାଧିକାର ସାବ୍ୟସ୍ତ କରି ନିଜର ମୌଳିକ ଅଧିକାରୀ ବଜାୟୀ ରଖିବାକୁ ନିବଦେନ କରିଛନ୍ତି। ଯୁବପିଢ଼ି ଭୋଟରମାନେ ଏମାନଙ୍କର କଥା ଶୁଣି ଭୋଟ ନିଶ୍ଚୟ ଦେବେ ବୋଲି କହୁଛନ୍ତି। ଏମାନଙ୍କ ବ୍ୟତୀତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଓରାଳୀ କରଞ୍ଜାପଦି ଗ୍ରାମର ବାଞ୍ଛାନିଧି ଜେନାଙ୍କ ପତ୍ନୀ ଚଞ୍ଚଳା ଜେନାଙ୍କୁ ଏବେ ୧୦୦ ବର୍ଷ ପୂରିଥିବା ବେଳେ ସେ ତାଙ୍କର ମତଦାନ ସାବ୍ୟସ୍ତ କରିବେ। ପାଟଣା ନିର୍ବାଚନ ମଣ୍ଡଳୀ କମରାମରା ଗ୍ରାମର କନ୍ଦା ମୁଣ୍ଡାଙ୍କର ୧୦୧ ବର୍ଷିୟ ପତ୍ନୀ ବୁଧୁନି ମୁଣ୍ଡା, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବଡ଼ବିଲର ୧୦୧ ବର୍ଷିୟ ଗୁରୁଦ୍ୱୀପ ସିଂ ଭୋଟଦେବାକୁ ଯାଉଥିବା ବେଳେ ସେ ବେଳର ଭୋଟ ଏବଂ ବର୍ତ୍ତମାନର ଭୋଟର ଅନେକ ପାର୍ଥକ୍ୟ ରହିଥିବା କୁହନ୍ତି ଉପରୋକ୍ତ ସମସ୍ତ ବରିଷ୍ଠ ଭୋଟର।




**ସମସ୍ତଙ୍କୁ ମତାଧିକାର ସାବ୍ୟସ୍ତ କରିବାକୁ ଦେଉଛନ୍ତି ଆହ୍ୱାନ**

---

**ସୋର ବିଜେପିରେ ହାଇଡ୍ରାମା**

# ରାଜେନ୍ଦ୍ର ଶିଶୁପାଳ, ପର୍ଶୁରାମ ବିଜେପି ପ୍ରାର୍ଥୀ





**ବାଲେଶ୍ୱର/ଭୁବନେଶ୍ୱର, ୧୪।୫(ସମିସ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ନିର୍ବାଚନମଣ୍ଡଳୀରେ ହାଇଡ୍ରାମା ଦେଖିବାକୁ ମିଳିଛି। ଆଜି ନାମାଙ୍କନ ଦାଖଲର ଶେଷ ଦିବସ ଥିବା ବେଳେ ବିଜେପି ଶେଷ ମୁହୂର୍ତ୍ତରେ ଏଠାରେ ପ୍ରାର୍ଥୀ ବଦଳାଇ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଦଳ ଏଠାରେ ରାଜେନ୍ଦ୍ର ଦାସଙ୍କ ଟିକଟ କାଟି ପର୍ଶୁରାମ ଧଡ଼ାଙ୍କୁ ଟିକଟ ଦେଇଛି। ଏ ସଂପର୍କରେ ବିଜେପିର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ରାଜେନ୍ଦ୍ରଙ୍କୁ ଶିଶୁପାଳ ହେବାକୁ ପଡ଼ିଛି।

ସୂଚନାନୁଯାୟୀ, ପୂର୍ବାହ୍ନରେ ବିଜେପିର ପ୍ରାକ୍ ଘୋଷିତ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ (ରାଜୁ) ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ଅପରାହ୍ଣରେ ବିଜେଡିରୁ ଆସି ବିଜେପିରେ ମିଶିଥିବା ସୋର ବିଧାୟକ ପର୍ଶୁରାମ ଧଡ଼ା ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଛନ୍ତି ବୋଲି ଜଣାପଡ଼ିବା ପରେ ସ୍ଥିତି ଜଟିଳ ହୋଇଥିଲା। ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କ ବିନା ଦସ୍ତଖତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ହସ୍ତାକ୍ଷରରେ ପର୍ଶୁରାମ ଧଡ଼ାଙ୍କ ନାମରେ ଟିକଟ୍ ପହଞ୍ଚିଥିବା ଦେଖିବାକୁ ମିଳିବା ପରେ ଦଳୀୟ କର୍ମୀ ଓ ଗଣମାଧ୍ୟମ ମହଲରେ ସଂଶୟ ସୃଷ୍ଟି ହୋଇଥିଲା। କିଏ ଅସଲ, ଆଉ କିଏ ନକଲି ବିଜେପି ପ୍ରାର୍ଥୀ; ସେନେଇ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ସଂଧ୍ୟାରେ ବିଜେପିର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର୍ ପର୍ଶୁରାମଙ୍କ ପ୍ରାର୍ଥିତ୍ୱ ସ୍ପଷ୍ଟ କରିବା ପରେ ଏ ସଂଶୟ ଦୂର ହୋଇଛି। ଏପରି ସ୍ଥିତିରେ ରାଜୁଙ୍କ ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ; ତାକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି।

**ନାମାଙ୍କନର ଶେଷ ଦିନରେ ବଦଳିଲା ଟିକଟ୍**

ଅପରପକ୍ଷେ, ପର୍ଶୁରାମଙ୍କ ହଠାତ୍ ଆବିର୍ଭାବ ପରେ ସୋର ବିଜେପି ଏବେ ତିନିଫାଳ ହୋଇଯାଇଛି। ରାଜୁ ଓ ପର୍ଶୁରାମଙ୍କ ବ୍ୟତୀତ ବିଜେପିର ଅନ୍ୟତମ ଆଶାୟୀ ଟାଣୁଆ ନେତା ରାକେଶ ମଲ୍ଲିକ ମଧ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଜି ମଧ୍ୟାହ୍ନରେ ନାମାଙ୍କନ ଦାଖଲ କରିଛନ୍ତି। ସେ ୧୫ ବର୍ଷ ଧରି ଏଠାରେ ତୃଣମୂଳସ୍ତରରୁ ବିଜେପିର ସଂଗଠନକୁ ମଜଭୁତ କରିଥିଲେ। କିନ୍ତୁ ଦଳ ତାଙ୍କୁ ଉପେକ୍ଷା କରିଥିବାରୁ ସେ ଏବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ ହୋଇଛନ୍ତି। ଅନ୍ୟପଟେ ପର୍ଶୁଙ୍କ କହିବା କଥା ହେଲା, ମଇଁଷି ଶିଙ୍ଘ ଫଟା, ଯୁଝିଲା ବେଳକୁ ଗୋଟା'। ଆଗକୁ ସୋର ବିଜେପିରେ ରହିଥିବା ଅନ୍ତଃକନ୍ଦଳ ପ୍ରଶମିତ ହୋଇ ଏକାଠି ନିର୍ବାଚନ ଲଢ଼ିବେ। ଏଭଳି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ସୋର ବିଜେପି ଅଣ୍ଟା ସଳଖି କେମିତି ଛିଡ଼ା ହେବ, ସେନେଇ ଦଳୀୟ ନେତୃତ୍ୱଙ୍କ ଚିନ୍ତା ବଢ଼ିଛି।

ବିଜେପି ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ଟିକଟ୍ ପରବର୍ତ୍ତୀ ସମୟରେ କୌଣସି ନିର୍ବାଚନମଣ୍ଡଳୀରେ ବିରୋଧ ସତ୍ତ୍ୱେ ବଦଳାଇନାହାନ୍ତି ଶୀର୍ଷ ନେତୃତ୍ୱ। କିନ୍ତୁ ସୋର ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଏଭଳି ବିରଳ ନିଷ୍ପତ୍ତି ପଛରେ କାରଣ କ'ଣ; ସେନେଇ ପଶ୍ନବାଚୀ ସୃଷ୍ଟି ହୋଇଛି?

ସେହିପରି ରାଜେନ୍ଦ୍ରଙ୍କ ଆଗାମୀ ରାଜନୈତିକ ନିଷ୍ପତ୍ତି ସମଗ୍ର ଭଦ୍ରକ ଲୋକସଭା କ୍ଷେତ୍ର ଓ ଧାମନଗର ନିର୍ବାଚନମଣ୍ଡଳୀ ଉପରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବିଜେପି ଶୀର୍ଷ ନେତୃତ୍ୱ ରାଜେନ୍ଦ୍ରଙ୍କୁ ସୋରରୁ ଟିକଟ୍ ଦେଇ ଧାମନଗରରେ ସ୍ଥିତି ବଞ୍ଚାଇବାକୁ ପ୍ରୟାସ କରିଥିଲେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ତାଙ୍କୁ ପ୍ରତାରିତ କରାଯିବା ଉଭୟ ବିଜେପି ଓ ମନମୋହନଙ୍କ ପାଇଁ କ୍ଷତିକାରକ ହେବ ବୋଲି ଚର୍ଚ୍ଚା ହେଉଛି। ଏପରିକି, ରାଜୁଙ୍କ ପ୍ରତି ଏହି ପ୍ରତାରଣାର ପ୍ରଭାବ ସାରା ରାଜ୍ୟ ରାଜନୀତି ପାଇଁ ବୁମେରାଂ ହେବନି ତ? ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

---

**ଆସନ ବିଜୟକୁ ନେଇ ୩ ଦଳ ଭିତରେ ଅଙ୍କକଷା**

# ବିଜେଡି-ବିଜେପିର ଦାବି: ୪ ଲୋକସଭା ଆସନ ଆମର

**ଭୁବନେଶ୍ୱର, ୧୪।୫(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି। ୪ଟି ଲୋକସଭା କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଲୋକେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟ୍ ଗ୍ରହଣ ପରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ୩୭ଲୋକସଭା ପ୍ରାର୍ଥୀ ଓ ୨୪୩ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଥିବା ବେଳେ ଏବେ ଆସନ ବିଜୟକୁ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ଅଙ୍କକଷା ଆରମ୍ଭ ହୋଇଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ୪ଟିଯାକ ଲୋକସଭା ଓ ୨୮ରୁ ୨୪ ବିଧାନସଭା ଆସନରେ ଜିତିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛି। ଏମିତିକି, ଦଳର ରାଜନୈତିକ ରଣନୀତିକାର ତଥା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ମଧ ଦଳ ପ୍ରଥମ ପର୍ଯ୍ୟାୟରେ ୨୪ଟି ବିଧାନସଭା ଆସନରେ ବିଜୟଲାଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶ୍ରୀ ପାଣ୍ଡିଆନ୍‌ଙ୍କ ଏହି ଦାବି ପରେ ବିଜେପି ମଧ ନିଜର ଆସନ ବିଜୟକୁ ନେଇ ମତ ରଖିଛି। ବିଜେପି ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରୀୟ ନେତା ବିଜୟ ପାଲ ସିଂ ତୋମାର୍ ଦାବି କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେପି ୪ଟିଯାକ ଲୋକସଭା ଆସନରେ ଜିତିବା ସହ ୧୮ଟି ବିଧାନସଭା ଆସନରେ ବିଜୟୀ ହେବ। ଏହାସହ ରାଜ୍ୟର ମୋଟ୍ ୨୧ ଲୋକସଭା ଆସନରୁ ବିଜେପି ୧୬ଟି ଆସନ ଦଖଲ କରିବ ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପକ୍ଷରୁ ଯଦିଓ ନିର୍ଦ୍ଦିଷ୍ଟ ଭାବେ କୌଣସି ସଂଖ୍ୟା ଉପରେ ଗୁରତ୍ୱ ଦିଆଯାଇନାହିଁ, କିନ୍ତୁ ନବରଙ୍ଗପୁର, କୋରାପୁଟ ଆସନରେ ଦଳ ବିଜୟୀ ହେବା ସହ କଳାହାଣ୍ଡି ଆସନରେ ମଧ ଭଲ ପ୍ରଦର୍ଶନ କରିଛି ବୋଲି ଦଳ କହିଛି। ଏହାସହ ଦଳ ବ୍ରହ୍ମପୁର ସମେତ ୪ଟି ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ବହୁ ଆସନରେ ଦଳ ବଜୟୀ ହେବ ବୋଲି ପିସିସି ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି।

- ୨୮ରୁ ୨୪ ବିଧାନସଭା ଆସନ ବିଜୟୀ ହେବୁ: ବିଜେଡି
- ୧୮ ବିଧାନସଭା ଆସନରେ ବାଜିମାତ୍ ନେଇ ବିଜେପିର ଦୃଢ଼ୋକ୍ତି
- ୩ ଲୋକସଭା ଆସନ ବିଜୟ ଲକ୍ଷ୍ୟରେ କଂଗ୍ରେସ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୩.୯୭ ପ୍ରତିଶତ ମତଦାନ ହୋଇଛି। ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଭୋଟଦାନ ହାର ଭଲ ରହିଥିବାରୁ ସବୁ ଦଳ ଆଶାବାଦୀ ରହିଛନ୍ତି। ନିର୍ବାଚନ ହୋଇଥିବା ୪ଟି ଲୋକସଭା ଆସନ ମଧ୍ରୁ ଗତ ନିର୍ବାଚନରେ ବ୍ରହ୍ମପୁର ଓ ନବରଙ୍ଗପୁର ଆସନରେ ବିଜେଡି ବଜୟୀ ହୋଇଥିବା ବେଳେ କଳାହାଣ୍ଡି ଆସନ ବିଜେପି ଓ କୋରାପୁଟ ଲୋକସଭା କଂଗ୍ରେସ ଖାତାକୁ ଯାଇଥିଲା। ତେବେ ଚଳିତ ବର୍ଷ ଏହି ଗଣିତରେ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଉଛି।

ମୁଖ୍ୟତଃ ବ୍ରହ୍ମପୁର ଓ କଳାହାଣ୍ଡି ଆସନ ବିଜେଡି ଓ ବିଜେପି ମଧରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ କୋରାପୁଟ ଓ ନବରଙ୍ଗପୁର ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ବ୍ରହ୍ମପୁରରୁ ବିଜେଡି ପ୍ରାର୍ଥୀ ଭୃଗୁବକ୍ସି ପାତ୍ର ଓ ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ପ୍ରାର୍ଥୀ ରହିଛନ୍ତି। ସେହିପରି କୋରାପୁଟ ଆସନ ପାଇଁ ୨୦୧୯ର କଂଗ୍ରେସରୁ ବିଜୟୀ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ଓ ବିଜେଡିର କୌଶଲ୍ୟା ହିକ୍କାଙ୍କ ମଧରେ ଜୋରଦାର୍ ଲଢ଼େଇ ହୋଇଥିବା ବେଳେ ନବରଙ୍ଗପୁର ଆସନରେ ୩ ମାଝୀ ପ୍ରଦୀପ ମାଝୀ, ଭୁଜବଳ ମାଝୀ ଓ ବଳଭଦ୍ର ମାଝୀଙ୍କ ମଧରେ ଲଢ଼େଇ ଜୋରଦାର ହୋଇଛି। ଏହି ହେଭିୱେଟ୍‌ମାନଙ୍କ ସହ ବିଧାନସଭା କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଆରମ୍ଭ କରି କଂଗ୍ରେସର ଭକ୍ତ ଦାସ, ପିସିସି ସଭାପତି ଶରତ ପଟ୍ଟନାୟକ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିକ୍ରମ ପଣ୍ଡା, ସିଦ୍ଧାନ୍ତ ମହାପାତ୍ର, ତାରାପ୍ରସାଦ ବାହିନୀପତିଙ୍କ ଭଳି ଭେଟେରାନ୍ ନେତା ରହିଛନ୍ତି।

---

# ପାଟଣାଗଡ଼: ରୋଚକ ହେଉଛି ଲଢ଼େଇ

**ବଲାଙ୍ଗିର, ୧୪।୫(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି, ସେହି ଅନୁସାରେ ଉଠୁଛି ପଡୁଛି ପାଟଣାଗଡ଼। ଏହି ନିର୍ବାଚନରେ କିଏ ଜିତିବ ଆଉ ପିନ୍ଧିବ ପାଟଣାଗଡ଼ର ମୁକୁଟ ସେ ନେଇ ଅଙ୍କକଷା ଚାଲିଛି। ବିଜେଡି, କଂଗ୍ରେସ ଓ ବିଜେପି ଗଡ଼ ଜିଣିବା ପାଇଁ ଜୋରଦାର ଉଦ୍ୟମ ଚଲାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ନିର୍ଣ୍ଣୟ କରିବ, କିଏ ପିନ୍ଧିବ ବିଜୟ ମୁକୁଟ ଓ କିଏ ବଞ୍ଚିତ ହେବ। ଏସବୁ ଭିତରେ ରୋଚକ ମୋଡ଼ରେ ପହଞ୍ଚିଛି ପାଟଣାଗଡ଼ ନିର୍ବାଚନମଣ୍ଡଳୀ।






ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଏଥର ଦେଖିବାକୁ ମିଳିଛି କଡ଼ା ମୁକାବିଲା। ବିଜେଡି ଓ ବିଜେପି ମଧରେ ଏହି ଆସନ ଜିଣିବା ପାଇଁ କଡ଼ା ଟକ୍କର ହେଉଥିବା ବେଳେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ଅଙ୍କ ବିଗାଡ଼ିବା ପାଇଁ ଛକି ବସିଛନ୍ତି। ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଭାବେ ପରିଚିତ ଥିବା ପାଟଣାଗଡ଼ରେ ୨୦୧୯ରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ ସରୋଜ ମେହେର। ଗତ ପାଞ୍ଚ ବର୍ଷ ଭିତରେ ପଞ୍ଚାୟତ ଓ ପୌର ନିର୍ବାଚନରେ ତାଙ୍କର ପ୍ରଦର୍ଶନ ସନ୍ତୋଷଜନକ ରହିଛି। ଫଳରେ ତାଙ୍କୁ ଦଳର ଉପମୁଖ୍ୟ ସଚେତକ କରାଯାଇଛି। ଏମିତିରେ ଚଳିତ ନିର୍ବାଚନରେ ପୁଣି ବିଜେଡି ସରୋଜଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ସମ୍ମୁଖରେ ଗତ ନିର୍ବାଚନରେ ପରାଜିତ ହୋଇଥିବା ଭେଟେରାନ ବିଜେପି ନେତା କନକ ବର୍ଦ୍ଧନ ସିଂହଦେଓ ନିର୍ବାଚନ ଲଢୁଛନ୍ତି। ନିଜେ ହାରିବା ପରେ ଉକ୍ତ ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପିକୁ ମାଟି କାମୁଡ଼ିବାକୁ ପଡ଼ିଥିଲା। ଫଳରେ ଏହି ନିର୍ବାଚନ ଜିଣିବା କନକଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ଏହି ନିର୍ବାଚନମଣ୍ଡଳୀରୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ କନକ ବର୍ଦ୍ଧନ ସିଂହଦେଓ। ଏହି ଆସନ ଉପରେ ଆଖି ପକାଇବା ମଧ ବିରୋଧୀଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଏହି ଆସନ ଉପରେ ଆଖି ପକାଇଥିଲା ବିଜେଡି। ୨୦୧୯ରେ ଦଳ ନବାଗତ ସରୋଜ ମେହେରଙ୍କୁ ପ୍ରାର୍ଥୀ କରିଥିଲା। ଆଉ ଦଳର ଦବଦବା ତଥା ସରୋଜଙ୍କ ରଣନୀତି ଆଗରେ ହାର ମାନିଥିଲେ କନକ। ନିର୍ବାଚନ ପରିସଂଖ୍ୟାନ ଅନୁସାରେ ଉକ୍ତ ନିର୍ବାଚନରେ ବିଜେଡି ପାଇଥିଲା ୮୮ ହଜାର ୭୫୬ ଖଣ୍ଡ ଭୋଟ। ବିଜେପି ଖାତାକୁ ଯାଇଥିଲା ୭୭ ହଜାର ୩ ଖଣ୍ଡ ଓ କଂଗ୍ରେସକୁ ମିଳିଥିଲା ୩୦ହଜାର୨୫୩ ଖଣ୍ଡ ଭୋଟ୍।

ଏହା ପୂର୍ବ ନିର୍ବାଚନ ୨୦୧୪ରେ ବିଜେଡି ପାଇଥିଲା ୬୦ ହଜାର ୭୧୯ ଖଣ୍ଡ ଭୋଟ୍, ବିଜେପି ପାଇଥିଲା ୭୪ ହଜାର ୩୭୨ ଖଣ୍ଡ ଭୋଟ୍ ଓ କଂଗ୍ରେସ ପାଇଥିଲା ୩୩ ହଜାର ୬୯୭ ଖଣ୍ଡ ଭୋଟ୍। ୨୦୧୪ରୁ ୨୦୧୯ ମଧରେ ବିଜେଡି ଭୋଟ ହାର ବୃଦ୍ଧି ପାଇଥିବା ବେଳେ ବିଜେପି ଭୋଟ୍ କମିଛି।

**ଅଙ୍କ ବିଗାଡ଼ିବାକୁ ଅନିଲ-ବଳରାମଙ୍କ କସରତ**

ବର୍ତ୍ତମାନର ରାଜନୈତିକ ସମୀକରଣ ଉପରେ ନଜର ପକାଇଲେ, ୨୦୧୯ ନିର୍ବାଚନ ପରେ ୨୦୨୨ରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନ ଫଳାଫଳ ମଧ ବିଜେପି ବିପକ୍ଷରେ ରହିଛି। ତିନି ବ୍ଲକରେ ବିଜେଡି ଅଧକ୍ଷ ରହିଛନ୍ତି। ପୌର ନିର୍ବାଚନରେ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡି ଅଧକ୍ଷ ରହିଥିବା ବେଳେ ବିଜେପିର ଜଣେ ମଧ କାଉନ୍‌ସିଲର ନାହାନ୍ତି। ସେହି ଅନୁସାରେ ଯଦି ଜିଲ୍ଲା ପରିଷଦ ନିର୍ବାଚନ ଉପରେ ନଜର ପକାଇବା, ତେବେ ଏହି ନିର୍ବାଚନମଣ୍ଡଳୀର ୮ଟି ଜୋନ୍‌ରୁ ୬ଟି ଜୋନ୍‌ରେ ବିଜେଡି ବାଜିମାତ କରିଥିବା ବେଳେ ବିଜେପିକୁ ମିଳିଥିଲା କେବଳ ଦୁଇଟି ଜୋନ୍। ଅର୍ଥାତ ଏହି ପାଞ୍ଚ ବର୍ଷ ଭିତରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇଛି, ତାହା ଏଥିରୁ ସହଜରେ ଅନୁମାନ କରାଯାଇପାରେ।

ଚଳିତ ସାଧାରଣ ନିର୍ବାଚନରେ ବିଜେଡି-ବିଜେପି ଲଢ଼େଇ ଏକ ପ୍ରକାର ନିଶ୍ଚିତ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅନିଲ ମେହେର ଓ ସ୍ୱାଧୀନ ପ୍ରାର୍ଥୀ ବଳରାମ ବଗର୍ତ୍ତି ବିଜେଡି ଓ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। କଂଗ୍ରେସ ଓ ବିଜେଡି ପ୍ରାର୍ଥୀ ଗୋଟିଏ ଜାତିର ହୋଇଥିବାରୁ ଉଭୟଙ୍କ ଭୋଟ ବିଭାଜନର ସମସ୍ୟା ରହିଛି। ସ୍ୱାଧୀନ ପ୍ରାର୍ଥୀ ବଳରାମ ବଗର୍ତ୍ତି ନିଜ ସଙ୍ଗଠନ ଚଳାଇଥିବା ବେଳେ ତାଙ୍କୁ କେତେ ଭୋଟ୍ ମିଳିବ, ତାହା ମଧ ଆଲୋଚନାର ବିଷୟ ହୋଇରହିଛି। ସେ କାହା ଭୋଟ୍ ବିଭାଜନ କରିବେ, ତା' ଉପରେ ସମସ୍ତଙ୍କ ନଜର। ଏହାରି ଭିତରେ ପାଟଣାଗଡ଼ ବିଜୟ ଓ ପରାଜୟ ଉପରେ ରାଜ ପରିବାରର ସମ୍ମାନର କଥା ଉଠୁଥିବାରୁ କନକଙ୍କ ପାଇଁ ଏବେ ମଇଦାନକୁ ଓହ୍ଲାଇଛନ୍ତି ତାଙ୍କ ଝିଅ ନିବୃତି ସିଂ ମେୱାର ଓ ଜ୍ୱାଇଁ ଲକ୍ଷରାଜ ସିଂ ମେୱାର। ଯାହାକୁ ଦେଖିବା ପରେ ଚଳିତ ଲଢ଼େଇ ଉଭୟ ବିଜେଡି ଓ ବିଜେପି ପାଇଁ ନିର୍ଣ୍ଣାୟକ ଲଢ଼େଇ ହେବ ବୋଲି ଆଲୋଚନା ହେଉଛି।

---

# ବଢୁଛି ଅନ୍ତଃକନ୍ଦଳ: ଦୁର୍ବଳ ହେଉଛି ଜଳେଶ୍ୱର ବିଜେପି

## ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟକାମ ମହାନ୍ତିଙ୍କ ନାମାଙ୍କନ

**ବାଲେଶ୍ୱର/ନାମ୍ପୋ, ୧୪।୫(ସମସ):** ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ବିଜେଡି, ବିଜେପି ଓ କଂଗ୍ରେସ ମଧରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିବା ବେଳେ ବିଜେପିର ଗୋଷ୍ଠୀକନ୍ଦଳ ରାଜନୈତିକ ସ୍ଥିତିକୁ ଭିନ୍ନ ମୋଡ଼ ଦେଉଛି। ଆଜି ଜଳେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୁଅ ଦିବ୍ୟକାମ ମହାନ୍ତି ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଛାତ୍ର ଜୀବନରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ମହାନ୍ତି ପ୍ରଥମେ କଂଗ୍ରେସ ଓ ପରେ ଭାରତୀୟ ଜନତା ଦଳରେ ଯୋଗ ଦେଇ ନିରନ୍ତର ଜଳେଶ୍ୱରର ଜନ ସାଧାରଣଙ୍କ ସୁଖଦୁଃଖର ସାଥୀ ହୋଇ ଆସୁଥିଲେ। ସେଥିପାଇଁ ଦଳୀୟ ଟିକଟରେ ହକଦାର ଥିଲେ ବୋଲି ସେ ଦାବି କରି ଆସୁଥିଲେ। ତେବେ ଦଳରେ ନୂତନ ଭାବେ ଯୋଗ ଦେଇଥିବା ଅସନ୍ତୁଷ୍ଟ ବିଜେଡି ନେତା ବ୍ରଜମୋହନ ପ୍ରଧାନଙ୍କୁ ବିଜେପି ଏଠାରୁ ଟିକଟ ଦେଇ ଦିବ୍ୟକାମଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। କେବଳ ଦିବ୍ୟକାମ ନୁହନ୍ତି, ତାଙ୍କ ଭଳି ଦଶରୁ ଅଧିକ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଆଉ ସେଇଥିପାଇଁ କୁଆଡେ ଜଳେଶ୍ୱର ବିଜେପିରେ ମତାନ୍ତରର ସୂତ୍ରପାତ ହୋଇଥିଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚ ହେଉଛି। ଗତକାଲି ଜଳେଶ୍ୱର ପୌର ପରିଷଦର ପୂର୍ବତନ ଅଧକ୍ଷ ପ୍ରବୀର କୁମାର ପ୍ରଧାନ ଓ ମହମ୍ମଦନଗର ପାଟଣାର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବିନୋଦ ବିହାରୀ ମହାନ୍ତି ବିଜେଡିରେ ଯୋଗଦାନ ପରେ ବିଜେପିର ସ୍ଥିତି ଏଠାରେ ଆହୁରି ଦୁର୍ବଳ ହୋଇଛି। ତେଣୁ ଜଳେଶ୍ୱର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସେବା ଯୋଗାଇଦେବା ମନୋଭାବ ନେଇ ନାମାଙ୍କନର ଶେଷ ପର୍ଯ୍ୟାୟରେ ନିଜ ସଂଗଠନର ସକ୍ରିୟ ସଦସ୍ୟ ମନୋଜ ସାସମଲ, ପ୍ରତାପ ସେନାପତି, ପ୍ରଣବ ପଣ୍ଡା, ସୁଧାଂଶୁ ଘୋଷ, ସିଦ୍ଧେଶ୍ୱର ପଣ୍ଡା, ସତ୍ୟ ଚାନ୍ଦ, ଦୀପକ ବେହେରା, କମଳାକାନ୍ତ ଦେ, ରବୀନ୍ଦ୍ର ଦତ୍ତ, ବିଶ୍ୱଜିତ ଧଳ, ସଞ୍ଜୀବ ରାଉତ, ତପନ ଘୋଷ, ସତ୍ୟ ବେହେରା, ପରେଶ ଘୋଷ, ସୁଶୀଲ ପ୍ରଧାନ, ଅକ୍ଷୟ ଜେନା, କେଶବ ଚନ୍ଦ୍ର ପ୍ରଧାନ, ସତ୍ୟ ରଞ୍ଜନ ବେହେରା, କୃପାନିଧି ପାତ୍ରଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଓ ସମର୍ଥକଙ୍କୁ ନେଇ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଫଳରେ ଜଳେଶ୍ୱରରେ ଭାରତୀୟ ଜନତା ପାର୍ଟିର ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



# ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ କରିବା ବୈଜୟନ୍ତଙ୍କ ରାଜନୀତିର ଆଧାର: ପାଣ୍ଡିଆନ

**ଭୁବନେଶ୍ୱର, ୧୪।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଟିପ୍ପଣୀ କରିଥିବା କେନ୍ଦ୍ରାପଡ଼ାର ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଅତ୍ୟନ୍ତ କଡ଼ା ସ୍ୱରରେ ସମାଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଏହା ସହ ଶ୍ରୀ ପଣ୍ଡାଙ୍କ ଏପରି କାର୍ଯ୍ୟକଳାପ ପାଇଁ ପୂର୍ବାପେକ୍ଷା ଅଧିକ ଭୋଟରେ ବିଦା କରିବେ ବୋଲି ମଧ୍ୟ କଟାକ୍ଷ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏକଦା ଆପଣ ମୁଖ୍ୟମନ୍ତ୍ରୀଙ୍କ ସହ କାମ କରୁଥିଲେ; କିନ୍ତୁ ଆପଣ ଯେପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଯେପରି ବାରମ୍ବାର ଗୁଜବ ସୃଷ୍ଟି କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଏଥିପାଇଁ ଆପଣଙ୍କୁ ଲଜ୍ଜା ଲାଗିବା କଥା। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜେପିର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ୨୦୧୪/୧୫ରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଗୁଜବ କରିବା ହେଉଛି ତାଙ୍କ ରାଜନୀତିର ଆଧାର। ୧୦ ବର୍ଷ ହେଲା ମହାପ୍ରଭୁଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ଭଲରେ ଅଛନ୍ତି।

**ଏଥର ପୂର୍ବାପେକ୍ଷା ଅଧିକ ଭୋଟରେ ଲୋକେ ଆପଣଙ୍କୁ ବିଦା କରିବେ**

**ଜଣେ ଜନନାୟକଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରିବା ନିନ୍ଦନୀୟ**

କେନ୍ଦ୍ରାପଡ଼ାବାସୀ ଆପଣଙ୍କୁ ଭଲ ଭାବେ ଚିହ୍ନିଛନ୍ତି। ଆପଣ କାହା ସ୍ୱାର୍ଥରେ ପାଇଁ ଲଢୁଛନ୍ତି ତାହା ମଧ୍ୟ ଭଲ ଭାବେ ଜାଣିଛନ୍ତି। ଆପଣ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ଲଢୁଛନ୍ତି ନା ନିଜ ସ୍ୱାର୍ଥ ପାଇଁ ଲଢୁଛନ୍ତି ତାହା କାହାକୁ ଅଛପା ନାହିଁ। ଗତଥର କେନ୍ଦ୍ରାପଡ଼ାବାସୀ ଆପଣଙ୍କୁ ଯେତେ ଭୋଟରେ ବିଦାୟ ଦେଇଥିଲେ, ଏଥର ତା ଠାରୁ ଢ଼େର ଅଧିକ ଭୋଟରେ ବିଦାୟ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ



ଗୁଜବ କରିବା ଭଳି ହୀନ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ତାଙ୍କୁ ପରାମର୍ଶ ଦେଇଛନ୍ତି।

ସେ ପୁଣି କହିଛନ୍ତି ଯେ ରାଜନୀତିରେ ଯଦି ତର୍କ କରିବାର ଅଛି; ତା ହେଲେ ବିକାଶ ଉପରେ କରନ୍ତୁ, ଶିଳ୍ପାୟନ ଉପରେ କରନ୍ତୁ, ଭିତ୍ତିଭୂମି ନିର୍ମାଣ ଉପରେ କରନ୍ତୁ, ଯୁବଶକ୍ତିଙ୍କ ସଶକ୍ତିକରଣ, ମହିଳା ସଶକ୍ତିକରଣ ଉପରେ ବିତର୍କ କରନ୍ତୁ। ମାତ୍ର ଆପଣ ଏପରି ନ କରି ହୀନ ରାଜନୀତି କରୁଛନ୍ତି। ନିଜ ଜୀବନରେ କିଛି ସମୟ ଆପଣ ଏତେ ବଡ଼ ମହାନ ଜନନାୟକଙ୍କ ନିକଟତର ଥିଲେ। ତା ସତ୍ତ୍ୱେ ଆପଣ କିପରି ଭାବେ ଏମିତି ଗୁଜବ ରାଜନୀତି ଚଳାଇଛନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ବୈଜୟନ୍ତ ପଣ୍ଡା ମୋ ସ୍ୱାସ୍ଥ୍ୟ ଉପରେ ବାରମ୍ବାର ଗୁଜବ ସୃଷ୍ଟି କରୁଛନ୍ତି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଅତୀତରେ ଜାତୀୟ ଗଣମାଧ୍ୟମରେ କହିଛନ୍ତି। ଏହା ଠାରୁ ଲଜ୍ଜାଜନକ ସାର୍ଟିଫିକେଟ୍ କ'ଣ ହୋଇପାରେ? ଆପଣଙ୍କର ଯାହା ବି କରିବାର ଅଛି କରନ୍ତୁ, କିନ୍ତୁ ବ୍ୟକ୍ତିଗତ ସ୍ତରକୁ ଯାଇ ଏତେ ବଡ଼ ଲୋକଙ୍କ ସମ୍ପର୍କରେ ବିଭ୍ରାନ୍ତି ସୃଷ୍ଟି କରନ୍ତୁ ନାହିଁ। ମହାପ୍ରଭୁ ଆପଣଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ଏଡିଆର୍ ରିପୋର୍ଟ

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୯୫ କୋଟିପତି ପ୍ରାର୍ଥୀ

**ଭୁବନେଶ୍ୱର,୧୪।୫(ସମିସ):** ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ୩୫ଟି ବିଧାନସଭା ଆସନ ପାଇଁ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ଏହି ୩୫ ବିଧାନସଭା ଆସନରେ ମୋଟ ୨୬୫ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରୁଥିବା ବେଳେ କେତେକ ରୋଚକ ଚିତ୍ର ସାମ୍ନାକୁ ଆସିଛି। ନିର୍ବାଚନ ଲଢୁଥିବା ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ କଣ୍ଟାବାଞ୍ଜି ଆସନରେ ସ୍ୱାଧୀନ ଭାବେ ଲଢୁଥିବା ସୋହନ ସିପ୍‌କାଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ। ତାଙ୍କ ପାଖରେ ଟଙ୍କାଟିଏ ବି ନଥିବା ସେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ରାଉରକେଲା ଆସନରୁ ଲଢୁଥିବା ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ସବୁଠାରୁ ଧନୀ ପ୍ରାର୍ଥୀ ଭାବେ ବିବେଚିତ ହୋଇଛନ୍ତି। ତାଙ୍କ ନିକଟରେ ୩୧୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଥିବା ଏଡିଆର୍ ଓ ଓଡ଼ିଶା ଇଲେକ୍ସନ ୱାଚ୍‌ର ରିପୋର୍ଟରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ୨୬୫ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ ୯୫ କୋଟିପତି ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ସର୍ବାଧିକ ୩୦ଜଣ ଥିବା ବେଳେ କଂଗ୍ରେସ ଓ ବିଜେପିର ୨୪ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ସର୍ବାଧିକ ସମ୍ପତ୍ତି ରାଉରକେଲା ବିଜେପି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ନିକଟରେ ରହିଛି। ତାଙ୍କ ପାଖରେ ଉଭୟ

**● ଦିଲ୍ଲୀପ ରାୟ ସବୁଠୁ ଧନୀ, ପାଖରେ ୩୧୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି**

**● ସ୍ୱାଧୀନ ପ୍ରାର୍ଥୀ ସୋହନ ସିପ୍‌କା ନିଃସ୍ୱ**

ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମିଶାଇ ମୋଟ ୩୧୩ କୋଟି ୫୩ ଲକ୍ଷ ୩୪ ହଜାର ୮୪୫ ଟଙ୍କା ମୂଲ୍ୟର ସମ୍ପତ୍ତି ରହିଛି। ତାଙ୍କ ତଳକୁ ବଲାଙ୍ଗୀର ବିଧାନସଭା ଆସନରୁ ବିଜେଡି ଟିକଟରେ ପ୍ରତିଦ୍ୱନ୍ଦିତା କରୁଥିବା ବିଧାୟକ ପ୍ରାର୍ଥୀ କଳିକେଶ ସିଂ ଦେଓଙ୍କ ନିକଟରେ ରହିଛି। ତାଙ୍କ ପାଖରେ ୭୩ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି। ତାଲିକାରେ ତୃତୀୟ ଧନୀ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ପାଖରେ ୭୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ରହିଛି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମିଶାଇ ମୋଟ ୭୦କୋଟି ୭ ଲକ୍ଷ ୭୮ ହଜାର ୩୬୪ କୋଟି ଟଙ୍କାର ସମ୍ପତ୍ତି ଥିବା ଜଣାପଡ଼ିଛି।

ଅପରପକ୍ଷେ ବୌଦ୍ଧ ବିଧାନସଭା ଆସନରୁ ସ୍ୱାଧୀନ ଭାବେ ଲଢୁଥିବା ପ୍ରଦୀପା ସାହୁଙ୍କ ନିକଟରେ ମାତ୍ର ୭୦୦୦ ଟଙ୍କାର ସମ୍ପତ୍ତି ଥିବା ବେଳେ ଫରୱାର୍ଡ ବ୍ଲକ ଦଳରୁ କଣ୍ଟାବାଞ୍ଜି ଆସନରେ ଲଢୁଥିବା ଅଭିରାମ ଧାରୁଆଙ୍କ ନିକଟରେ ମାତ୍ର ୮୫୯୨ଟଙ୍କାର ସମ୍ପତ୍ତି ରହିଛି। ସେହିପରି ଝାରସୁଗୁଡ଼ା ବିଧାନସଭା ଆସନରୁ ବିଜେଡି ଟିକଟରେ ଲଢୁଥିବା ଦୀପାଳି ଦାସଙ୍କ ଉପରେ ସର୍ବାଧିକ ୧୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ରହିଥିବା ବେଳେ ସେ ସବୁଠାରୁ ଅଧିକ ଆୟ କରୁଥିବା ପ୍ରାର୍ଥୀ ମଧ୍ୟ।

# ୮୭ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା

**ଭୁବନେଶ୍ୱର, ୧୪।୫(ସମିସ):** ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୩୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ୨୬୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୮୭ଟି ଜଣ ପ୍ରାର୍ଥୀଙ୍କ ନାମରେ ରହିଛି ଅପରାଧିକ ମାମଲା। ଏମାନଙ୍କ ମଧ୍ୟରୁ ୭୦ ଜଣ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ଏଡିଆର୍ ଓ ଓଡ଼ିଶା ଇଲେକ୍ସନ ୱାଚ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ପ୍ରତିଫଳିତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଉଭୟ ଅପରାଧିକ ଏବଂ ସଙ୍ଗୀନ ଅପରାଧିକ ମାମଲା କ୍ଷେତ୍ରରେ ବିଜେପି ପ୍ରାର୍ଥୀମାନେ ସବୁଠୁ ଆଗରେ ରହିଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ବିଜେପିର ୩୫ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୨୮ଜଣ (୮୦ ପ୍ରତିଶତ) ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ପ୍ରାର୍ଥୀ ଏବଂ ବିଜେଡିର ୯ ଜଣ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ଅପରପକ୍ଷେ ଆମ୍ ଆଦମୀ ପାର୍ଟିର ୧୦ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ଅପରାଧିକ ମାମଲା ଥିବାନେଇ ସେମାନେ ନିଜର ସତ୍ୟପାଠରେ ଘୋଷଣା କରିଛନ୍ତି। ଅପରପକ୍ଷେ ସଙ୍ଗୀନ ଅପରାଧିକ ମାମଲା ମଧ୍ୟ ବିଜେପି ପ୍ରାର୍ଥୀଙ୍କ ନାମରେ ସର୍ବାଧିକ ଥିବାନେଇ ସେମାନଙ୍କ ସତ୍ୟପାଠରୁ ସୂଚନା ମିଳିଛି। ବିଜେପିର ୩୫ ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୨୦ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୨ ଜଣ, ବିଜେଡିର ୮ ଜଣ ଏବଂ ଆପ୍‌ର ୨ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ନାମାଙ୍କନ ଦାଖଲ କରିଥିବା ମୋଟ ୨୬୫ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣଙ୍କ ନାମରେ ହତ୍ୟା ମାମଲା (ଆଇପିସି ସେକ୍ସନ-୩୦୨) ରହିଥିବା ବେଳେ ୧୬ ପ୍ରାର୍ଥୀଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା(ଆଇପିସି ସେକ୍ସନ-୩୦୭) ରହିଛି।

କୌଣସି ନିର୍ବାଚନମଣ୍ଡଳୀରେ ଅପରାଧିକ ମାମଲା ଥିବା ୩ କିମ୍ବା ଏହାଠାରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ, ତାହାକୁ ରେଡ ଆଲର୍ଟ ନିର୍ବାଚନମଣ୍ଡଳୀ ଭାବେ ପରିଗଣିତ କରାଯାଇଥାଏ। ଏଡିଆର ରିପୋର୍ଟ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ୩୫ ନିର୍ବାଚନମଣ୍ଡଳୀରୁ ୧୪ଟି ନିର୍ବାଚନମଣ୍ଡଳୀ ରେଡ ଆଲର୍ଟ ନିର୍ବାଚନମଣ୍ଡଳୀ ରହିଛି।

ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣା

# ଜେଲ୍ ଗଲେ ପିଣ୍ଟୁ, ଏମ୍‌ସରେ ପ୍ରଦୀପ

**ବ୍ରହ୍ମପୁର, ୧୪।୫(ସମିସ):** ପୁଲିସ୍ ଉପସ୍ଥିତିରେ ବ୍ରହ୍ମପୁର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ମାଡ଼ ମାରିବା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ (୫୦)ଙ୍କୁ ମହଙ୍ଗା ପଡ଼ିଛି। ଗୋଷାଣି ନୂଆଗାଁ ଥାନା ପୁଲିସ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପିଣ୍ଟୁଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ୧୩୨ ନମ୍ବର ବୁଥକୁ ଯାଇଥିଲେ ବିଜେପିର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ। ଏହି ବୁଥରେ ଇଭିଏମ ଓ ଭିଭିପାଟ ମେସିନ ସିଲ ହୋଇ ନଥିବା ସମ୍ପର୍କରେ ନିର୍ବାଚନ ପର୍ଯ୍ୟବେକ୍ଷକକୁ ଫୋନ ଯୋଗେ ସୂଚନା ଦେଇ ବୁଥରୁ ବାହାରେ ଗୋଷାଣିନୂଆଗାଁ ଥାନା ଇନ୍ସପେକ୍ଟର ସ୍ମୃତିପ୍ରଭା ପ୍ରଧାନ ଓ ଅତିରିକ୍ତ ଏସପି ଅସୀମ କୁମାର ପଣ୍ଡାଙ୍କ ସହ ଆଲୋଚନା କରୁଥିଲେ। ଏକା ପ୍ରସଙ୍ଗରେ ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ସମୟରେ ହଠାତ ପ୍ରଦୀପଙ୍କୁ ଅତର୍କିତ ଭାବେ ପିଣ୍ଟୁ ଆକ୍ରମଣ କରିଥିଲେ।



**ପ୍ରଦୀପ ଓ ସହଯୋଗୀଙ୍କ ବିରୋଧରେ ପାଲଟା ମାମଲା ରୁଜୁ**

ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଏମକେସିଜି ମେଡିକାଲ ଓ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଏହି ଘଟଣାରେ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ପିଣ୍ଟୁଙ୍କ ପତ୍ନୀ ଆଶା କୁମାରୀ ଦାଶ ଗୋଷାଣିନୂଆଗାଁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୁଲିସ ପ୍ରଦୀପ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଆଇପିସିର ଦଫା ୩୨୩, ୨୯୪, ୫୦୬, ୩୪ ଧାରା ସହିତ ଏସସି/ଏସଟି ଓ ୨୭ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ।

## ଲୋକକଥା



ଭୋଅଟ ହେଲାଣି ତଥାପି ତୁଟିନି
'ପଦୁଅଁ'ରେ ପ୍ରାର୍ଥୀ କନ୍ଦଳ,
କେଉଁଠି ହୁଅନ୍ତି ମୁଥ ମରାମରି
ପିଟାରେ ଫାଟୁଛି କପାଳ !
ନିଜେ ତ ହେ ଅସମ୍ଭାଳ,
ଏମାନଙ୍କ ହାତେ କେମିତି ହୋଇବ
ଏ ଦେଶ ସତେ ସମ୍ଭାଳ !!

# ଛଅ ବର୍ଷ ହେଲା କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ଲୋୟର ସୁକତେଲ

**ବଲାଙ୍ଗିର, ୧୪।୫(ସମିସ):** ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ଏବେ ବି ରାଜନୈତିକ ପ୍ରସଙ୍ଗ ହୋଇ ରହିଛି। ଡ୍ୟାମ୍ କାମ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନ ହୋଇସାରିବା ପରେ ମଧ୍ୟ ଏହାକୁ ନେଇ ବିରୋଧୀଙ୍କ ରାଜନୀତି ଥମି ନାହିଁ। ଏହାରି ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। ଯେଉଁ ଦଳର ବିଧାୟକମାନେ ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ଏକ ବଡ଼ ମଞ୍ଚରେ

**ଆରଟିଆଇ ତଥ୍ୟ କହୁଛି ଅବହେଳା ଚିତ୍ର**

ପ୍ରଶ୍ନ ଉଠାଇଥିଲେ, ସେହି ଦଳର କେନ୍ଦ୍ରରେ ଥିବା ସରକାରଙ୍କର ଏହି ପ୍ରକଳ୍ପ ଉପରେ ରହିଥିବା ବୈମାତୃକ ମନୋଭାବ ପଦାରେ ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଲୋୟର ସୁକତେଲ ପ୍ରକଳ୍ପକୁ ୬ ବର୍ଷ ହେଲା କେନ୍ଦ୍ରୀୟ ଅନୁଦାନ ମିଳିନାହିଁ। ବଲାଙ୍ଗିରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପ ଜିଲ୍ଲା ଜଳସେଚନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଆସିଛି। ପ୍ରତି ନିର୍ବାଚନରେ ଏହା ଏକ ନିର୍ବାଚନୀ ମୁଦ୍ଦା ହୋଇଛି। କିନ୍ତୁ ଚଳିତ ନିର୍ବାଚନ ପୂର୍ବରୁ ଏହି ପ୍ରକଳ୍ପ ଡ୍ୟାମ କାମ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନ ହୋଇସାରିଥିବା ବେଳେ ଜଳସେଚନ ବ୍ୟବସ୍ଥା କାମ ଚାଲୁ ରହିଛି। ତେବେ ଏହି ଡ୍ୟାମ କାମର ବିଳମ୍ବତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଛି। ଏପରିକି, ଏହି ପ୍ରକଳ୍ପକୁ ବିଜେପି ନେତାମାନେ ଏବେ ବି ଏକ ପ୍ରସଙ୍ଗ କରିଥିବା ବେଳେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନା ବିଜେପି ନେତାଙ୍କ ପାଇଁ ବୁମେରାଂ ହୋଇଛି। ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଏନେଇ ସୂଚନା ଦେଇଛନ୍ତି। ଲୋୟର ସୁକତେଲ ପ୍ରକଳ୍ପକୁ ଗତ ୨୦୧୬-୧୭ ଆର୍ଥିକ ବର୍ଷରୁ କେନ୍ଦ୍ରୀୟ ସହାୟତା ବନ୍ଦ ଥିବା ଶ୍ରୀ ପଣ୍ଡା କହିଛନ୍ତି। ରାଜ୍ୟର ନିର୍ମାଣାଧୀନ ୬ଟି ପ୍ରକଳ୍ପ ମଧ୍ୟରେ କେବିକେ ଅଞ୍ଚଳର ଏକମାତ୍ର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପକୁ କେନ୍ଦ୍ରୀୟ ସହାୟତା ୬ ବର୍ଷ ହେଲା ବନ୍ଦ ରହିବା ବିଡ଼ମ୍ବନାର ବିଷୟ।




**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପଦୋନ୍ନତି ଦେଲା ବିଜେଡି**

# 'ମିଛୁଆ'ରୁ 'ସୁପର ମିଛୁଆ'

**ଭୁବନେଶ୍ୱର,୧୪।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ 'ମିଛୁଆ'ରୁ 'ସୁପର ମିଛୁଆ'କୁ ପଦୋନ୍ନତି ଦେଇଛି ବିଜେଡି। ବିଭିନ୍ନ ପ୍ରସଙ୍ଗରେ ବାରମ୍ବାର ମିଛ କହୁଥିବା ଯୋଗୁଁ ରାଜ୍ୟର ଲୋକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ମିଛୁଆ କହୁଥିଲେ, ମାତ୍ର ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ସଂକ୍ରାନ୍ତରେ



ତାଙ୍କର ମନ୍ତବ୍ୟ ତାଙ୍କୁ ସୁପର ମିଛୁଆ ବୋଲି ପୁଣି ଥରେ ପ୍ରମାଣିତ କରିଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର।

ଆଜି ଶଙ୍ଖଭବନରେ ଗଣମାଧ୍ୟମକୁ ଶ୍ରୀ ମହାପାତ୍ର କହିଛନ୍ତି ଯେ ଲୋକଙ୍କୁ ବୋକା ବନାଇବା ପାଇଁ ମିଛ ପରେ ମିଛ କହିବାରେ ଶ୍ରୀ ପ୍ରଧାନ ବେଶ୍ ଧୂରନ୍ଧର। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବକଳେବର ବେଳେ କେନ୍ଦ୍ରୀୟ ସହାୟତା ସଂକ୍ରାନ୍ତରେ ସେ ୩ ଦିନ ତଳେ ଏକ ସାମ୍ବାଦିକ ସମ୍ମିଳନୀରେ ମିଛ କହିଥିଲେ। ନବକଳେବର ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ୫୦ କୋଟି ଟଙ୍କା ଦେଇଥିଲେ ସେ ମନ୍ତବ୍ୟ ଦେଇଥିଲେ। କିନ୍ତୁ ବାସ୍ତବ କଥା ହେଉଛି, କେନ୍ଦ୍ର ସରକାର ୫୦ କୋଟି ଟଙ୍କା ନୁହେଁ ୧୦ କୋଟି ଟଙ୍କା ଦେଇଥିଲେ। ଆଇଟିଡିସି ଜରିଆରେ କେନ୍ଦ୍ର ସରକାର ଦେଇଥିବା ୧୦ କୋଟି ଟଙ୍କାରୁ ୬ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଅର୍ଥାତ୍, ନବକଳେବର

**■ ୧୦ କୋଟି ଟଙ୍କା ଅନୁଦାନ ଦେଇ କହୁଛନ୍ତି ୫୦ କୋଟି**
**■ 'ପରିକ୍ରମା ପ୍ରକଳ୍ପ' ଖୋଲି ଦେଇଛି ତାଙ୍କର ଅସଲ ଚେହେରା**
**■ ରାଜ୍ୟବାସୀ ଦେଖୁଛନ୍ତି ମିଛୁଆ କେନ୍ଦ୍ରମନ୍ତ୍ରୀଙ୍କ ଦୋମୁହାଁ ଚରିତ୍ର**

ପାଇଁ କେନ୍ଦ୍ର ସରକାରଙ୍କ ଅବଦାନ ଥିଲା ସାଢେ ୬ କୋଟି ଟଙ୍କା। ଏହା ହେଉଛି ବାସ୍ତବିକତା। ମାତ୍ର ନିଜ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଁରେ ଶ୍ରୀ ପ୍ରଧାନ ଯେପରି ମିଥ୍ୟାର ପାହାଡ଼ ସୃଷ୍ଟି କରୁଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ସଂସ୍କୃତି, ପରମ୍ପରା, ଐତିହ୍ୟ ଜପି ହେଉଥିବା ଲୋକ ଏପରି ପ୍ରଚଣ୍ଡ ମିଛ କହିପାରନ୍ତି ତାହା ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ଅବଶ୍ୟ ଶ୍ରୀ ପ୍ରଧାନଙ୍କ ଭଳି ରାଜନେତାଙ୍କ ପାଇଁ ଏହା ଏକ ସାଧାରଣ କଥା। ଅତୀତରେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ମିଛ କହି ବିଭ୍ରାନ୍ତି ସୃଷ୍ଟି କରିଥିଲେ ଓ ଏବେ ନିଜ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ନାଁକୁ ନେଇ ମଧ୍ୟ ମିଛ କହୁଛନ୍ତି।

ଶ୍ରୀ ମହାପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମ ଦିନରୁ ହିଁ ପରିକ୍ରମା ପ୍ରକଳ୍ପକୁ ବିରୋଧ କରୁଥିଲେ। କିଛି ଦିନ ତଳେ ସାମ୍ବାଦିକ ସମ୍ମିଳନୀରେ ପରିକ୍ରମା ପ୍ରକଳ୍ପକୁ ସେ ବିରୋଧ କରିଥିବା ସ୍ୱୀକାର ମଧ୍ୟ କରିଥିଲେ। ଏପରିକି ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରି ଫେରିବା ଦିନ ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ମାଡ କରାଇବା ପଛରେ ତାଙ୍କର ଭୂମିକା ଥିବା ଅନେକ ଜାଣନ୍ତି। ମାତ୍ର ଏବେ ସାମ୍ବାଦିକ ସମ୍ମିଳନୀ କରି ପରିକ୍ରମା ପ୍ରକଳ୍ପ ପଛରେ ସେମାନଙ୍କର ସମର୍ଥନ ରହିଥିଲା ବୋଲି କହୁଛନ୍ତି। ଏଭଳି ଦୋମୁହାଁ ଚରିତ୍ର ହିଁ ଧର୍ମେନ୍ଦ୍ର ପ୍ରଧାନଙ୍କର ଅସଲ ମାନସିକତାକୁ ପଦାରେ ପକାଉଛି। ଶ୍ରୀ ପ୍ରଧାନ ବୋଧହୁଏ ବୁଝିପାରୁନାହାନ୍ତି, ସେ କ'ଣ କରୁଛନ୍ତି। ଭଗବାନ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

### ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲା

# ‘ଆପ୍’କୁ ଅଭିଯୁକ୍ତ କରିବ ଇଡି

ନୂଆଦିଲ୍ଲୀ,୧୪ା୫(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଅନ୍ୟ ବହୁ ବ୍ୟକ୍ତି ବିଶେଷଙ୍କୁ ଦୁଇ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଇଡି ଏବଂ ସିବିଆଇ ଗିରଫ କରିସାରିଛି। କିନ୍ତୁ ଏହି ମାମଲାକୁ ନେଇ ଇଡି ଆପ୍ ଦଳକୁ ଅଭିଯୁକ୍ତ କରିବ ବୋଲି ମଙ୍ଗଳବାର ହାଇକୋର୍ଟଙ୍କୁ ଅବଗତ କରିଛି। ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ଇଡି ପକ୍ଷରୁ ବିରୋଧ କରାଯିବା ସହିତ ପୁରା ଆପ୍ ଦଳକୁ ଏହି ମାମଲାରେ ଅଭିଯୁକ୍ତ କରାଯିବ ଏବଂ ଖୁବ୍‌ଶୀଘ୍ର ଏନେଇ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଇଡି କହିଛି। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଯାଞ୍ଚ ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରାଉଥିବା ବେଳେ ଅନେକଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ହୋଇପାରୁ ନାହିଁ। ତେଣୁ ଆପ୍‌କୁ ଅଭିଯୁକ୍ତ କରାଯିବ ବୋଲି ଇଡି ଓକିଲ କହିଛନ୍ତି। ଏହାପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ଏହି ମାମଲାରେ ସମାନ ପ୍ରଶ୍ନ ପଚାରିସାରିଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ ଚାର୍ଜସିଟ୍‌ରେ ଆପ୍ ନାଁ କାହିଁକି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଇଡିକୁ ପ୍ରଶ୍ନ କରିସାରିଛନ୍ତି।



### କେ କବିତାଙ୍କ ହାଜତ ମିଆଦ ବଢ଼ିଲା



ଦିଲ୍ଲୀ ଅବକାରୀ ନୀତି ଦୁର୍ନିତୀ ମାମଲାରେ ଇଡି ଏବଂ ସିବିଆଇ ଦ୍ୱାରା ଗିରଫ ହୋଇ ବର୍ତ୍ତମାନ ତିହାର ଜେଲରେ ରହିଥିବା ବିଆରଏସ ନେତ୍ରୀ କେ କବିତାଙ୍କୁ ଆଶ୍ୱସ୍ତି ମିଳିନାହିଁ। କବିତା ଇଡି ଦ୍ୱାରା ଗତ ମାର୍ଚ୍ଚ ୧୫ ତାରିଖରୁ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସେ ବହୁବାର ଜାମିନ ଆବେଦନ କରିଥିଲେ ହେଁ ଅଦାଲତ ଏଥିପାଇଁ ଅନୁମତି ଦେଇ ନାହାନ୍ତି।ମଙ୍ଗଳବାର ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ କବିତା ପୁଣିଥରେ ଜାମିନ ପାଇଁ ଆବେଦନ କରିଥିଲେ ହେଁ କୋର୍ଟ ଏହାକୁ ଅଗ୍ରାହ୍ୟ କରିଦେବା ସହିତ ତାଙ୍କର ହାଜତ ମିଆଦୀ ମେ’ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।ଏଥିସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଦାଖଲ ହୋଇଥିବା ଷଷ୍ଠ ସପ୍ଲିମେଣ୍ଟାରୀ ୨୦୦ ପୃଷ୍ଠାର ଚାର୍ଜସିଟ୍ ଉପରେ କୋର୍ଟ ଶୁଣାଣି ସ୍ଥଗିତ ରଖିଛନ୍ତି।

### ଆପ୍ ମାନିଲା: ସ୍ୱାତୀଙ୍କୁ ଦୁର୍ବବ୍ୟହାର କରାଯାଇଛି

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନରେ ଦଳୀୟ ସାଂସଦ ସ୍ୱାତୀ ମାଲିୱାଲଙ୍କୁ ଦୁର୍ବବ୍ୟହାର କରାଯିବା ଘଟଣାକୁ ନେଇ ଆପ୍ ମୁହଁ ଖୋଲିବାକୁ ବାଧ ହୋଇଛି। ଗତକାଲି ସ୍ୱାତୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସ ଭବନକୁ ଯାଇଥିଲା ବେଳେ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଅତ୍ୟନ୍ତ ଘନିଷ୍ଠ ଏବଂ ବ୍ୟକ୍ତିଗତ ସଚିବ ଭାବେ ପରିଚିତ ବିଭବ କୁମାର ସ୍ୱାତୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏନେଇ ସ୍ୱାତୀ ପ୍ରଥମେ ଫୋନରେ ଦିଲ୍ଲୀ ପୁଲିସକୁ ଜଣାଇଥିଲା ବେଳେ ପରେ ପରେ ଥାନାକୁ ଯାଇଥିଲେ। କିନ୍ତୁ ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ କରିନଥିଲେ। ହେଲେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଥିଲେ ହେଁ ଆପ୍ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନଥିଲା। ତେବେ ଦିନକ ପରେ ଅର୍ଥାତ୍ ମଙ୍ଗଳବାର ଆପ୍‌ର ଅନ୍ୟତମ ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଏହି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ, ଗତକାଲି ସ୍ୱାତୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଡ୍ରଇଂ ରୁମ୍‌ରେ ଦୁର୍ବବ୍ୟହାର କରାଯାଇଛି , ଯାହାକି ସମ୍ପୂର୍ଣ୍ଣ ନିନ୍ଦନୀୟ। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଅବଗତ ରହିଛନ୍ତି ଏବଂ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଠିକଣା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଞ୍ଜୟ କହିଛନ୍ତି।



### ତିହାର ଜେଲ୍, ୭ ଡାକ୍ତରଖାନାକୁ ବୋମା ଧମକ

ନୂଆଦିଲ୍ଲୀ, ୧୪ା୫ (ଏଜେନ୍ସି): ଦିଲ୍ଲୀର ୭ ଡାକ୍ତରଖାନା ଏବଂ ତିହାର ଜେଲ୍‌କୁ ବୋମାରେ ଉଡ଼ାଇ ଦେବାକୁ ଇ-ମେଲ୍ ମାଧ୍ୟମରେ ଧମକ ଦିଆଯାଇଛି। ଏହି ଡାକ୍ତରଖାନା ମଧ୍ୟରେ ଦୀପଚନ୍ଦ ବନ୍ଧୁ, ଦାଦା ଦେବ, ହେଡଗେୱାର, ଅତାର ସୈନ ଜୈନ, ଚାଚା ନେହେରୁ, ଡିଡିୟୁ ଏବଂ ଜିଟିବି ସାମିଲ ରହିଛି। ବୋମା ନିଷ୍କ୍ରିୟକାରୀ ଦଳ, ବୋମା ଚିହ୍ନଟକାରୀ ଦଳ, ଦମକଳବାହିନୀ ଏବଂ ସ୍ଥାନୀୟ ପ୍ରଶାସନ ଏହି ଡାକ୍ତରଖାନାରେ ପହଞ୍ଚି ତଲାସୀ ଅଭିଯାନ ଚଳାଇଛି। ତେବେ ରାତି ସୁଦ୍ଧା କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ମାସେ ମଧ୍ୟରେ ଚତୁର୍ଥ ଥର ପାଇଁ ଦିଲ୍ଲୀର ଡାକ୍ତରଖାନାଗୁଡିକୁ ଏଭଳି ଧମକ ଦିଆଯାଇଛି।

● ମୁମ୍ବାଇରେ ହୋର୍ଡିଂ ଖସିବା ମାମଲା

### ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି

ମାଲିକ ଫେରାର



ମୁମ୍ବାଇ, ୧୪ା୫ (ଏଜେନ୍ସି): ମୁମ୍ବାଇରେ ସୋମବାର ଅପରାହ୍ଣରେ ପ୍ରବଳ ଝଡ଼ତୋଫାନ ହେଇଥିଲା। ଏଥିଯୋଗୁଁ ଘାଟକୋପରରେ ଶହେ ଫୁଟ ଉଚ୍ଚ ଏବଂ ୨୫୦ ଟନ ଓଜନ ବିଶିଷ୍ଟ ଲୁହାର ହୋର୍ଡିଂ ଏକ ପେଟ୍ରୋଲ ପମ୍ପ ଉପରେ ପଡ଼ି ଯାଇଥିଲା। ଏହି ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୪କୁ ବୃଦ୍ଧି ପାଇଛି। ୭୪ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହାର ସୂଚନା ମିଳିବା ପରେ ପୁଲିସ, ଦମକଳ ବାହିନୀ, ଏସଡିଆରଏଫ ଏବଂ ଏନଡିଆରଏଫ୍ ଟିମ୍‌କୁ ଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହି ହୋର୍ଡିଂ ତଳୁ ୮୮ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଏହି ହୋର୍ଡିଂ ୧୨୦ X୧୨୦ ଫୁଟର ଥିଲା। ଏହା ଲିମକା ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ଏହାକୁ ନେଇ ହୋର୍ଡିଂ ମାଲିକ ଭାବେଶ ଭିଣ୍ଡେ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି। ସେ ଏବେ ପରିବାର ସହିତ ଫେରାର ହୋଇଯାଇଛି। ପୁଲିସ ତାଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଛି। ପୂର୍ବରୁ ଭିଣ୍ଡେ ନାମରେ ଦୁଷ୍କର୍ମ ସହିତ ୨୦ ମାମଲା ରହିଛି। ସେ ୨୦୦୯ରେ ମୁଲୁଣ୍ଡରୁ ନିର୍ବାଚନ ମଧ୍ୟ ଲଢିଥିଲା।

### ଏଲଟିଟିଇ ପୁଣି ୫ବର୍ଷ ନିଷିଦ୍ଧ

ନୂଆଦିଲ୍ଲୀ, ୧୪ା୫(ଏଜେନ୍ସି): ଗୃହ ମନ୍ତ୍ରଣାଳୟ ମଙ୍ଗଳବାର ଲିବରେସନ ଟାଇଗର୍ସ ଅଫ ତାମିଲ ଇଲାମ(ଏଲଟିଟିଇ) ସଂଗଠନକୁ ପୁଣି ୫ ବର୍ଷ ପାଇଁ ନିଷିଦ୍ଧ ଘୋଷଣା କରିଛି। ଏହି ସଂଗଠନ ବିଛିନ୍ନତାବାଦୀ ପ୍ରବୃତ୍ତି ପ୍ରତିପୋଷଣ କରିଥିବାରୁ ଗୃହ ମନ୍ତ୍ରାଳୟ ଏହି ନିଷ୍ପତ୍ତି ନେଇଛି। ଏହି ସଂଗଠନ ସଦାସର୍ବଦା ଭାରତଠାରୁ ତାମିଲନାଡୁକୁ ଅଲଗା କରିବା ପାଇଁ ଉଦ୍ୟମ କରିଆସିଥିବା କୁହାଯାଇଛି।ବେଆଇନ ଗତିବିଧି ପ୍ରତିରୋଧ ଆଇନ, ୧୯୬୭ର ଉପଧାରା ୧ଓ୩ ବଳରେ ଏହି ସଂସ୍ଥାକୁ ଗୃହ ମନ୍ତ୍ରାଳୟ ବେଆଇନ ଘୋଷଣା କରିଛି। ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ମତରେ ଏହି ସଂଗଠନ ଦେଶରେ ଅନୁପ୍ରବେଶ କରାଇବା ସହିତ ରାଷ୍ଟ୍ରୀୟ ଅଖଣ୍ଡତା, ସାର୍ବଭୌମତ୍ୟ ଓ ସୁରକ୍ଷା ଉପରେ ଆଞ୍ଚ ଆଣୁଥିବା ଅଭିଯୋଗ ହେଉଥିଲା।୨୦୦୯ରେ ଶ୍ରୀଲଙ୍କାରେ ଭାରତୀୟ ସେନା ଏଲଟିଟିଇ ବିରୋଧରେ ଦୃଢ ପଦକ୍ଷେପ ନେଇଥିଲେ ହେଁ ଏହି ସଂଗଠନ ଗୁପ୍ତ ଭାବରେ ସ୍ୱତନ୍ତ୍ର ତାମିଲ ଦେଶ ଗଠନ ଲକ୍ଷ୍ୟରେ ଯୋଜନାରୁ ବର୍ତ୍ତି ନାହିଁ।ଏଲଟିଟିଇ ନେତା ଲୁକାୟିତ ଭାବରେ ସ୍ଥାନୀୟ ଅଞ୍ଚଳ ଓ ଅନ୍ତର୍ଜାତୀୟ ସ୍ତରରେ ସଂଗଠନକୁ ମଜବୁତ କରିବାରେ ଉଦ୍ୟମ ଜାରି ରଖିଛନ୍ତି।ଏହା ଭାରତର ଅଖଣ୍ଡତା, ସାର୍ବଭୌମତ୍ୟ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରାଯାଇଛି ବୋଲି ଏକ ବିଜ୍ଞପ୍ତିରେ କୁହାଯାଇଛି।

### ସଂସଦର ସୁରକ୍ଷା ଦାୟିତ୍ୱ ନେଲା ସିଆଇଏସ୍ଏଫ୍

ନୂଆଦିଲ୍ଲୀ, ୧୪ା୫(ଏଜେନ୍ସି): କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ(ସିଆଇଏସ୍ଏଫ୍) ଆଜିଠାରୁ ସଂସଦ ଭବନ ଓ ପରିସରର ସୁରକ୍ଷା ଦାୟିତ୍ୱ ଗ୍ରହଣ କରିଛି। ଜଣେ ଡିଆଇଜିଙ୍କ ନେତୃତ୍ୱରେ ୧୫୦୦ ସିଆଇଏସ୍ଏଫ୍ ଯବାନ ସଂସଦ ଭବନ ଓ ପରିସରର ସୁରକ୍ଷାରେ ନିୟୋଜିତ ହୋଇଛନ୍ତି। ଏହାପୂର୍ବରୁ ଦିଲ୍ଲୀ ପୁଲିସ୍, ପାର୍ଲାମେଣ୍ଟ ସିକ୍ୟୁରିଟି ସର୍ଭିସେସ୍(ପିଏସ୍ଏସ୍) ଷ୍ଟାଫ୍ ଓ ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ୍ ଫୋର୍ସ(ସିଆର୍‌ପିଏଫ୍)ର ପାର୍ଲାମେଣ୍ଟ ଡ୍ୟୁଟି ଗ୍ରୁପ୍ ମିଳିତ ଭାବେ ସଂସଦର ସୁରକ୍ଷା ଦାୟିତ୍ୱ ତୁଲାଉଥିଲେ। ସଂସଦ ପରିସରରେ ଥିବା ସିଆରପିଏଫ୍ ବ୍ୟାରେକ୍‌ରେ ଏବେ ସିଆଇଏସ୍ଏଫ୍ ଯବାନମାନେ ରହିଛନ୍ତି। ଏକ ବିସ୍ତୃତ ସୁରକ୍ଷା ଯୋଜନା ଅନୁଯାୟୀ ସିଆଇଏସ୍ଏଫ୍ ପାଖରେ ଏକ ଫାୟାର୍ ୟୁନିଟ୍ ମଧ୍ୟ ରଖାଯାଇଛି। ଦିଲ୍ଲୀ ପୁଲିସ୍‌ର ସମସ୍ତ କର୍ମଚାରୀଙ୍କୁ ସଂସଦ ସୁରକ୍ଷା ଦାୟିତ୍ୱରୁ ମୁକ୍ତ କରାଯାଇଛି। ଦିଲ୍ଲୀ ପୁଲିସ୍‌ର ଅଳ୍ପ ସଂଖ୍ୟକ କର୍ମଚାରୀ ହିଁ ସଂସଦ ଭବନ ପରିସର ବାହାରେ ନିୟୋଜିତ ରହିବେ। ପିଏସ୍ଏସ୍ ଷ୍ଟାଫ୍ ଏବେ ସିଆଇଏସ୍ଏଫ୍ ଯବାନଙ୍କୁ ଏକ୍‌ସେସ୍ କଣ୍ଟ୍ରୋଲ୍‌ରେ ସହାୟତା ଦେଉଛନ୍ତି। ଏଥିପୂର୍ବରୁ ପିଏସ୍ଏସ୍ ଷ୍ଟାଫ୍ ଓ ଦିଲ୍ଲୀ ପୁଲିସ୍ ମିଶି ଏକସେସ୍ କଣ୍ଟ୍ରୋଲ ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ପିଏସ୍ଏସ୍ ଷ୍ଟାଫ୍ ଓ ସିଆଇଏସ୍ଏଫ୍ ସଂସଦ ଭବନ ଓ ପରିସରକୁ ପ୍ରବେଶ କରୁଥିବା ଲୋକଙ୍କ ତନଖି ଓ ଯାଞ୍ଚ୍ କରୁଛନ୍ତି। ଗତ ଡିସେମ୍ବର ୧୩ ତାରିଖରେ ଦୁଇ ଜଣ ବ୍ୟକ୍ତି ତ୍ରିସ୍ତରୀୟ ସୁରକ୍ଷା ବଳୟ ଭେଦକରି ସଂସଦ ଭବନର ଭିଜିଟର୍ସ ଗ୍ୟାଲେରୀରେ ପହଞ୍ଚି ପାରିଥିଲେ। ସେ ଦୁହେଁ ଜୋତାରେ ସ୍ମୋକ୍ କ୍ୟାନିଷ୍ଟର୍ ଲୁଚାଇ ସଂସଦକୁ ପ୍ରବେଶ କରିପାରିଥିଲେ। ସେମାନେ ଜିରୋ ଆୱାରରେ ଭିଜିଟର୍ସ ଗ୍ୟାଲେରୀରୁ ସଂସଦ ଭିତରକୁ ଡେଇଁ ସ୍ମୋକ୍ କ୍ୟାନିଷ୍ଟର ଖୋଲି ସଂସଦକୁ ଧୂମ୍ରାଚ୍ଛାଦିତ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ତାହା ସମ୍ଭବ ହୋଇପାରିଥିଲା। ୨୦୦୧ ଡିସେମ୍ବର ୧୩ରେ ଆତଙ୍କବାଦୀମାନେ ସଂସଦ ଭବନ ପରିସରକୁ ପ୍ରବେଶ କରି ରକ୍ତପାତ ଓ ହତ୍ୟାକାଣ୍ଡ ଘଟାଇଥିଲେ।

### ଗୌତମ ନବଲଖାଙ୍କୁ ଜାମିନ

ନୂଆଦିଲ୍ଲୀ, ୧୪ା୫ (ଏଜେନ୍ସି): ଭୀମା-କୋରେଗାଁଓ ହିଂସା ମାମଲାରେ ମହାରାଷ୍ଟ୍ର ସାମାଜିକ କର୍ମୀ ଗୌତମ ନବଲଖାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ ଏସ୍‌ଭିଏନ ଭାଟିଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟଙ୍କ ଜାମିନ ଆଦେଶ ଉପରେ ସ୍ଥଗିତାଦେଶ ବଢ଼ାଇବାର କୌଣସି କାରଣ ନାହିଁ। ସମ୍ପୂର୍ଣ୍ଣ ମାମଲାର ଶୁଣାଣି ଶେଷ ହେବାବେଳକୁ ଅନେକ ବର୍ଷ ଲାଗିଯିବ। ନବଲଖା ୪ ବର୍ଷ ହେଲା ଜେଲ୍‌ରେ ଅଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ବିରୋଧରେ ଅଭିଯୋଗ ଧାର୍ଯ୍ୟ ହୋଇନାହିଁ। ସୂଚନାଯୋଗ୍ୟ ଯେ ୨୦୧୭ରେ ପୁନେର ଏଲଗାର ପରିଷଦରେ ଆୟୋଜିତ କାର୍ଯ୍ୟକ୍ରମରେ ନବଲେଖା ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ଏଥିଯୋଗୁଁ ହିଂସା ହୋଇଥିବା ଅଭିଯୋଗ ଲାଗିଥିଲା।

### ଗାଜା ଆକ୍ରମଣରେ ପୂର୍ବତନ ସେନାଅଧିକାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୪ା୫ (ଏଜେନ୍ସି): ଗାଜା ଆକ୍ରମଣରେ ଭାରତୀୟ ସେନାର ପୂର୍ବତନ ଅଧିକାରୀ କର୍ଣ୍ଣେଲ ବୈଭବ ଅନିଲ କାଲେ (୪୬) ଙ୍କ ମୃତ୍ୟୁ ହୋଇଛି। ସେ ମିଳିତ ଜାତିସଂଘ (ୟୁଏନ)ରେ ମୁତୟନ ଥିଲେ। ସେ ସମୟ ପୂର୍ବରୁ ଅବସର (୨୦୨୨) ନେଇ ବର୍ଷେ ହେଲା ୟୁଏନର ଡିପାର୍ଟମେଣ୍ଟ ଅଫ୍ ସେଫ୍ଟି ଆଣ୍ଡ ସିକ୍ୟୁରିଟି (ଡିଏସଏସ) ବିଭାଗରେ ସିକ୍ୟୁରିଟି ସର୍ଭିସ କୋଅର୍ଡିନେଟର ଭାବେ କାମ କରୁଥିଲେ। ଅନିଲ ସୋମବାର ସକାଳେ ନିଜ ସହଯୋଗୀଙ୍କ ସହ ୟୁଏନ ଗାଡ଼ିରେ ରାଫା ସ୍ଥିତ ୟୁରୋପିୟାନ ହସ୍ପିଟାଲ ଯାଉଥିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଜାତିସଂଘ ପତାକା ଏବଂ ଷ୍ଟିକର ଲାଗିଥିବା ସତ୍ତ୍ୱେ ତାଙ୍କ ଗାଡ଼ି ଉପରକୁ ଗୁଳିମାଡ଼ କରାଯାଇଥିଲା। ଏହି ସଂଘର୍ଷରେ ପ୍ରଥମ ବିଦେଶୀ ଭାବେ କାଲେଙ୍କ ମୃତ୍ୟୁ ହୋଇଛି। ୟୁଏନ୍ ମହାସଚିବ ଆକ୍ରମଣକୁ ତୀବ୍ର ନିନ୍ଦା କରି କାଲେଙ୍କ ପ୍ରତି ଗଭୀର ଶୋକ ପ୍ରକଟ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଇସ୍ରାଏଲ ଅଲଗା ଭାବେ ଯାଞ୍ଚ ଆରମ୍ଭ କରିଛି।



### ବାରାଣସୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିପତ୍ର ଦାଖଲ

# ମୋଦୀ ୩.୦୨ କୋଟି ସମ୍ପତ୍ତିର ମାଲିକ

■ ୫ ବର୍ଷରେ ୮୭ ଲକ୍ଷ ବଢ଼ିଛି ସମ୍ପତ୍ତି

■ ୧୭ ବର୍ଷରେ ୩୩ ଗୁଣ ବଢ଼ିଛି ବ୍ୟାଙ୍କ ବାଲାନ୍ସ

ବାରାଣସୀ, ୧୪ା୫ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାରାଣସୀ ସଂସଦୀୟ କ୍ଷେତ୍ରରୁ ତୃତୀୟ ଥର ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେ ଆଜି ସକାଳେ ଦଶାଶ୍ୱମେଧ ଘାଟକୁ ଯାଇ ପୂଜକମାନଙ୍କ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଗଙ୍ଗା ସ୍ନାନ ପରେ ଆରତି କରିଥିଲେ। ପରେ ବାବା କାଳ ଭୈରବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୁଷ୍ୟା ନକ୍ଷତ୍ର ଓ ଗଙ୍ଗା ସପ୍ତମୀର ଦିବ୍ୟ ମେଳକରେ ଦିବା ୧୧ଟା ୪୦ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ଶୁଭ ମୁହୂର୍ତ୍ତ ଥିବା କହିଥିବାରୁ ସେହି ସମୟରେ ମୋଦୀ ବିଶାଳ ଶୋଭାଯାତ୍ରାରେ ବାହାରି ବାରାଣସୀ କଲେକ୍ଟୋରିଏଟ୍ ଅଡିଟୋରିଅମ୍ ପହଞ୍ଚି ଥିଲେ। ସେଠାରେ ଜିଲ୍ଲା ମାଜିଷ୍ଟ୍ରେଟ ଏସ୍ ରାଜଲିଙ୍ଗମଙ୍କୁ ନାମାଙ୍କନ ପତ୍ର ଅର୍ପଣ କରିଥିଲେ। ଏହି ସମୟରେ ମୋଦୀଙ୍କ ସଙ୍ଗରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ନୀତୀଶ କୁମାର, ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜିତିନ ରାମ ମାନଝି ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ଗଣେଶ୍ୱର ଶାସ୍ତ୍ରୀ, ବାଇଜନାଥ ପଟେଲ, ଲାଲଚାନ୍ଦ ଖୁସୱାହ ଓ ସଞ୍ଜୟ ସୋନକର ପ୍ରଧାନମନ୍ତ୍ରୀଙ୍କ ୪ ଜଣ ପ୍ରସ୍ତାବକ ଥିଲେ। ଶାସ୍ତ୍ରୀ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ଶୁଭ ମୁହୂର୍ତ୍ତ ଗଣନାକାର ଥିଲେ। ପାର୍ଥିପତ୍ର ସହିତ ପ୍ରଧାନମନ୍ତ୍ରୀ ନିଜ ସମ୍ପତ୍ତିକୁ ନେଇ ମଧ୍ୟ ସତ୍ୟପାଠ ଦାଖଲ କରିଛନ୍ତି। ଏହା ଅନୁଯାୟୀ ମୋଦୀଙ୍କ ପାଖରେ କୌଣସି ଘର, ଜମି ଏବଂ କାର୍ ନାହିଁ। ତାଙ୍କ ପାଖରେ ୫୨, ୯୨୦ ଟଙ୍କା ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୩.୦୨ କୋଟି ରହିଛି। ୫ ବର୍ଷରେ ଏହି ସମ୍ପତ୍ତି ୮୭ ଲକ୍ଷ ଟଙ୍କା ବୃଦ୍ଧି ପାଇଛି। ସେ ବ୍ୟାଙ୍କରେ ୨.୮୬ କୋଟି ଟଙ୍କା ଏବଂ ଡାକଘରେ ୯.୧୨ ଲକ୍ଷ ଟଙ୍କା ଜମା କରିଛନ୍ତି। ତାଙ୍କ ପାଖରେ ୨.୬୭ ଲକ୍ଷ ଟଙ୍କାର ଅଳଙ୍କାର ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୧୪ରେ ନିଜ ମୋଟ ସମ୍ପତ୍ତିର ମୂଲ୍ୟ ୧.୬୫ କୋଟି ଏବଂ ୨୦୧୯ରେ ୨.୧୫ କୋଟି ଟଙ୍କା ଥିଲା ବୋଲି ଦର୍ଶାଇ ଥିଲେ। ଗତ ୧୭ ବର୍ଷରେ ତାଙ୍କ ସ୍ଥାବର ସମ୍ପତ୍ତି ୨୫ ଗୁଣ ବୃଦ୍ଧି ପାଇଛି। ମାତ୍ର ବ୍ୟାଙ୍କ ବାଲାନ୍ସ ୩୩ ଗୁଣ ବଢ଼ିଛି। ସେ ସରକାରଙ୍କଠୁ ମିଳୁଥିବା ଦରମା ଏବଂ ବ୍ୟାଙ୍କ ଜମାରୁ ମିଳୁଥିବା ସୁଧରୁ ଆୟ କରୁଥିବା ଦର୍ଶାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ପ୍ରାର୍ଥିପତ୍ରରେ ପତ୍ନୀ ଯଶୋଦାବେନଙ୍କ ନାମ ଲେଖିଛନ୍ତି। ତେବେ ତାଙ୍କ ଆୟ ବିଷୟରେ କୌଣସି ସୂଚନା ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ ନିଜ ଶିକ୍ଷାଗତ ଯୋଗ୍ୟତା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ସେ ୧୯୬୭ରେ ଦିଲ୍ଲୀ ୟୁନିଭର୍ସିଟିରୁ ବିଏ ଏବଂ ୧୯୮୩ରେ ଗୁଜରାଟ ୟୁନିଭର୍ସିଟି (ଅହମଦାବାଦ) ଏମ୍‌ଏ କରିଥିଲେ।



### ଦିଲ୍ଲୀ ଆୟକର କାର୍ଯ୍ୟାଳୟରେ ନିଆଁ; ଜଣେ ମୃତ

ନୂଆଦିଲ୍ଲୀ, ୧୪ା୫ (ଏଜେନ୍ସି): ଦିଲ୍ଲୀର ଆଇଟିଓ ଅଞ୍ଚଳରେ ଥିବା ଆୟକର ବିଭାଗ କାର୍ଯ୍ୟାଳୟ କୋଠା (ସେଣ୍ଟ୍ରାଲ ରେଭିନ୍ୟୁ ବିଲ୍ଡିଂ)ରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ୪୬ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ଅଫିସ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଏହା ସହିତ ୭ ଜଣଙ୍କୁ କୋଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଦମକଳ ବାହିନୀର ୨୧ଟି ଟିମ୍ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଛି। ମାତ୍ର ସର୍ଟ ସର୍କିଟରୁ ଏହି ନିଆଁ ଲାଗି ଯାଇଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପରେ ସେଠାରେ ଥିବା ରାସାୟନିକ ପଦାର୍ଥରୁ ଏହା ବ୍ୟାପି ଯାଇଥିଲା।



### ଖାଉଟି ସୁରକ୍ଷା ଆଇନ ପରିସରଭୁକ୍ତ ହେବେନି ଓକିଲ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪ା୫(ଏଜେନ୍ସି)



ସାଧାରଣ ଲୋକଙ୍କୁ ଆଇନ ସେବା ଯୋଗାଇ ଦେଉଥିବା ଓକିଲମାନେ ଖାଉଟି ସୁରକ୍ଷା ଆଇନ,୧୯୮୬ ପରିସରଭୁକ୍ତ ହେବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଯଦି କୌଣସି ଓକିଲଙ୍କ ସେବାକୁ ନେଇ କେହି ଅସନ୍ତୁଷ୍ଟ ହୁଅନ୍ତି ତେବେ ସଂପୃକ୍ତ ବ୍ୟକ୍ତ ସେହି ଓକିଲଙ୍କ ବିରୋଧରେ ଖାଉଟି ସୁରକ୍ଷା ଆଇନକୁ ଆଧାର କରି କୌଣସି ଅଭିଯୋଗ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜାତୀୟ ଖାଉଟି ବିବାଦ ନିବାରଣ ଆୟୋଗ(ଏନସିଡିଆରସି) ପକ୍ଷରୁ ୨୦୦୭ରେ ଏ ସମ୍ପର୍କରେ ଦିଆଯାଇଥିବା ଏକ ରାୟ ବିରୋଧରେ ହୋଇଥିବା ଏକ ଆବେଦନ ଉପରେ ଜଷ୍ଟିସ୍ ବେଲା ତ୍ରିବେଦୀ ଏବଂ ଜଷ୍ଟିସ୍ ପଙ୍କଜ ମିଥଲଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରି ଉକ୍ତ ରାୟକୁ ରଦ୍ଦ କରିଦେଇଥିଲା ବେଳେ ଓକିଲଙ୍କ ବିରୋଧରେ ଖାଉଟି ଅଦାଲତରେ ଅଭିଯୋଗ ଦାଖଲ ହୋଇପାରିବ ନାହିଁ ବୋଲି କହିଛନ୍ତି। ସେହିପରି ଡାକ୍ତରମାନଙ୍କୁ ଖାଉଟି ସୁରକ୍ଷା ଆଇନ ପରିସରଭୁକ୍ତ କରିବା ଲାଗି ୧୯୯୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ଉପରେ ମଧ୍ୟ ପୁନର୍ବିଚାର କରାଯିବାର ଆବଶ୍ୟକତା ରହିଛି ଉକ୍ତ ଖଣ୍ଡପୀଠ କହିଛନ୍ତି।

#### ୧୭ରେ ଭୋଟଦାନ ତଥ୍ୟ ସମ୍ପର୍କିତ ମାମଲାର ତ୍ୱରିତ ଶୁଣାଣି

ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ଚାଲିଥିବା ଲୋକସଭା ନିର୍ବାଚନର ମତଦାନ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଠିକଣା ସମୟରେ ପ୍ରକାଶ କରାଯାଉ ନାହିଁ। ଯାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜୁଛି। ପ୍ରତ୍ୟେକ ପର୍ଯ୍ୟାୟରେ କରାଯାଉଥିବା ମତଦାନର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବା ଦାବି ନେଇ ‘ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର୍)’ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରାଯାଇଥିଲା ବେଳେ ଆସନ୍ତା ୧୭ ତାରିଖରେ ଏହାର ତ୍ୱରିତ ଶୁଣାଣି କରାଯିବ ବୋଲି ମଙ୍ଗଳବାର ସୂଚନା ଦିଆଯାଇଛି। ଏଡିଆର୍ ବ୍ୟତୀତ ଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ପକ୍ଷରୁ ମଧ୍ୟ ସମାନ ଦାବି କରାଯାଇ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖାଯାଇ ସାରିଛି।

### ନିଆରା ଚୋର ରାଜେଶ କପୁର ଗିରଫ

# ଚୋରି ପାଇଁ ୧୧୦ ଦିନରେ ୨୦୦ ଥର ବିମାନଯାତ୍ରା

ନୂଆଦିଲ୍ଲୀ, ୧୪ା୫ (ଏଜେନ୍ସି)

ଦିଲ୍ଲୀ ପୁଲିସ ଜଣେ ନିଆରା ଚୋରକୁ ସୋମବାର ଗିରଫ କରିଛି। ଏହି ଚୋର ଷ୍ଟେସନ କି ରାସ୍ତାଘାଟ ନୁହେଁ, ବରଂ ବିମାନରୁ ଚୋରି କରୁଥିଲା। ନିଜ ସହ-ଯାତ୍ରୀଙ୍କ ଅଳଙ୍କାର, ମୂଲ୍ୟବାନ ସାମଗ୍ରୀକୁ ଲୁଟ୍ କରି ପଳାଉ ଥିଲା। ସେ ନିଜକୁ ଭଲ ମଣିଷ ଭାବେ ଉପସ୍ଥାପନ କରୁଥିଲା। ଆସ୍ଥା ଭାଜନ ହେବା ପରେ ଲୁଟ୍ କରୁଥିଲା। ସେ ଗତ ବର୍ଷେ ମଧ୍ୟରେ ୧୧୦ ଦିନରେ ୨୦୦ରୁ ଅଧିକ ଥର ବିମାନ ଯାତ୍ରା କରି ଅନେକ ଚୋରି କରିଛି। ସେ ଧରା ନ ପଡ଼ିବା ପାଇଁ ନିଜ ମୃତ ଭାଇ ନାମରେ ଟିକଟ କାଟୁଥିଲା। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ସାମ୍ବାଦିକ ସମ୍ମିଳନୀ କରି ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଡିସିପି ଉଷା ରଙ୍ଗାନାନୀ କହିଛନ୍ତି ଯେ ଚୋରି ଗହଣା ରଖିଥିବା ସ୍ଥାନ ପହାଡ଼ଗଞ୍ଜରୁ ଅଭିଯୁକ୍ତ ରାଜେଶ କପୁର (୪୦)କୁ ଗିରଫ କରାଯାଇଥିଲା। ସେ ଏହାକୁ ଶରଦ ଜୈନ (୪୬)କୁ ବିକ୍ରି କରିଥାନ୍ତା। ତାକୁ ମଧ୍ୟ କରୋଲବାଗରୁ ଗିରଫ କରାଯାଇଛି। କେଉଁ ଯାତ୍ରୀ ମୂଲ୍ୟବାନ ସାମଗ୍ରୀ ନେଇ ଯାଉଛନ୍ତି ତାହା ରାଜେଶ ଅନୁମାନ କରି ନେଉଥିଲା। ଏଥିପାଇଁ ସେ ଏୟାର ଇଣ୍ଡିଆ ଏବଂ ଭିସ୍ତାରା ଭଳି ପ୍ରିମିୟମ ଡୋମେଷ୍ଟିକ ଫ୍ଲାଇଟରେ ଦିଲ୍ଲୀ, ଚଣ୍ଡିଗଡ଼ ଏବଂ ହାଇଦରାବାଦ ଯାତ୍ରା କରୁଥିଲା। ବିମାନରେ ବୋର୍ଡିଂ ସମୟରେ ହେଉଥିବା ଗହଳିର ସୁଯୋଗ ନେଇ ସେ ଚୋରି କରୁଥିଲା। ସେ ଚୁପଚାପ କ୍ୟାବିନରୁ ମୂଲ୍ୟବାନ ସାମଗ୍ରୀ ଯାଞ୍ଚ କରି ଚୋରେଇ ନେଉଥିଲା। ସେ ଅନେକ ସମୟରେ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ନିଜ ସିଟ୍ ମଧ୍ୟ ବଦଳାଇ ଦେଉଥିଲା। ଗତ ତିନି ମାସରେ ଏଭଳି ଚୋରି ନେଇ ୨ଟି ଅଭିଯୋଗ ଆସିଥିଲା। ପୁଲିସ ତାକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ଏପ୍ରିଲ ୧୧ ତାରିଖରେ ହାଇଦରାବାଦ ଏବଂ ଦିଲ୍ଲୀ ଯାଉଥିବା ଜଣେ ଯାତ୍ରୀଙ୍କଠାରୁ ୭ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିଲା। ସେହିପରି ଫେବୃଆରୀ ୨ରେ ଅମୃତସର-ଦିଲ୍ଲୀ ବିମାନରୁ ୨୦ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିଲା। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଚୋର ଧରା ପଡ଼ିଥିଲା।

#### ସହଯାତ୍ରୀଙ୍କ ଅଳଙ୍କାର ଲୁଟୁଥିଲା




Creating Toppers again...
CBSE 12th Result 2024
99% SWETA AGRAWAL Commerce Class X 80% | Class XII 99%
97% ROSHAN NAYAK Science Class X 77% | Class XII 97%
95% NUNNA SAI SRI LAXMI Science Class X 90% | Class XII 95%
95% ARYAN V PANDA Science Class X 90% | Class XII 95%
95% ARPITA BEHERA Humanities Class X 90% | Class XII 95%
The Super Specialist of 12th Board
EKTA AGRAWAL Commerce 94%
PRAGYAN P PADHEE Science 94%
MEHEK BABU Science 94%
ROSHNIMAYEE PATEL Humanities 94%
AKASH THAKUR Commerce 93%
VANSHIKA AGRAWAL Commerce 93%
SHOURABH SAHU Science 93%
DHURTI SETH Commerce 92%
SRABANI MAHARANA Science 91%
ANSH BADHAN Commerce 91%
SAMBIT BHOI Science 91%
DEV DIXIT Science 90%
Growth over 10th Marks
Growth 32% 60% 10th Result 92% 12th Result DHURTI SETH Commerce
Growth 23% 70% 10th Result 93% 12th Result SHOURABH SAHU Science
Growth 21% 72% 10th Result 93% 12th Result VRINDA AGRAWAL Commerce
Growth 20% 71% 10th Result 91% 12th Result TRUPTI SORENG Humanities
Growth 20% 70% 10th Result 90% 12th Result KIRAN SAHU Humanities
Growth 20% 77% 10th Result 97% 12th Result ROSHAN NAYAK Science
Growth 19% 80% 10th Result 99% 12th Result SWETA AGRAWAL Commerce
Growth 18% 72% 10th Result 90% 12th Result GUNJAN GOEL Commerce
Growth 18% 70% 10th Result 88% 12th Result PRATYASHA PRATIB Humanities
Growth 18% 73% 10th Result 91% 12th Result SAMBIT BHOI Science
PRITEE PATRA Humanities 93%
SHRADHA PANIGRAHI Science 93%
SATISH NAIK Science 93%
VRINDA AGRAWAL Commerce 93%
MOUSUMI SUNYANI Science 92%
BHUMI RUHELA Science 92%
VIDHI AGRAWAL Commerce 91%
TRUPTI SORENG Humanities 91%
ANSHIKA MISHRA Science 90%
PRITIPARNNA CHOUHAN Science 90%
GUNJAN GOEL Commerce 90%
KIRAN SAHU Humanities 90%
CBSE 10th Result 2024
SANSHREY SHARAF 98%
NITIN SAO 98%
SRIJOY PATEL 96%
APRAMEYO PATTNAYAK 95%
GANESH DASH 94%
SHALINI PANDA 94%
AAKARSHI BANSAL 94%
SWOYAM SUNDARAY 93%
CHAHAT GOYAL 91%
AYAAN SINGH 91%
SWETA AGRAWAL 91%
TUSHAR PADHI 90%
CBSE 10th Result 2024
MUSKAN BEHERA 95%
AARUSHI BANSAL 95%
HARI OM BEHERA 94%
SNEHA PATEL 94%
SAINI SAHU 92%
RUDRA PUJARI 92%
KORIPELLA RAO 92%
TWINKLE JAISWAL 91%
PRANSHU MISHRA 90%
100% First Class
Highest Marks in India
Accountancy 100
BST 100
जीवा ज्योतिर् अशीमहि
VEDIC INTERNATIONAL SCHOOL | SAMBALPUR | RAIGARH
I to XII | CBSE Affiliated | Day cum Residential
Pabpali, Sason, Sambalpur, Odisha
Website : www.vedic.ac.in
Admissions Open for XI
Science | Commerce | Humanities
For Admission Details Contact:
9124612340 / 8117812340

ସକାଳ
THE SAKALA

## ଚବାହର ବନ୍ଦର ପରିଚାଳନା ଚୁକ୍ତି

# ଭାରତର କୂଟନୈତିକ ବିଜୟ

ସାଧାରଣ ନିର୍ବାଚନର ଚଳଚଞ୍ଚଳତା ଭିତରେ ଭାରତ ଆନ୍ତର୍ଜାତିକ କୂଟନୀତିରେ ପାଇଥିବା ଏକ ବଡ଼ ସଫଳତା ଏକ ପ୍ରକାର ନିଷ୍ପ୍ରଭ ହୋଇଯାଇଛି। ଇରାନର ବହୁଚର୍ଚ୍ଚିତ ଚବାହର ବନ୍ଦରର ପରିଚାଳନା ପାଇଁ ଭାରତକୁ ସୁଯୋଗ ମିଳିଛି ଏବଂ ଏଥିପାଇଁ ଦୁଇଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଚବାହର ବନ୍ଦରର ପରିଚାଳନା ଦାୟିତ୍ୱ ୧୦ ବର୍ଷ ପର୍ଯ୍ୟନ୍ତ ନେବ। ଇଣ୍ଡିଆ ପୋର୍ଟସ ଗ୍ଲୋବାଲ ଲିମିଟେଡ୍ (ଆଇପିଜିଏଲ୍) ଏହାକୁ ଚଳାଇବ। ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ। ୧୦ ବର୍ଷ ପରେ ଦୁଇ ପକ୍ଷ ମଧ୍ୟରେ ନୂଆ ଚୁକ୍ତି ହେବ। ଏଥିପାଇଁ ଆଇପିଜିଏଲ୍ ପ୍ରାୟ ୧୨୦ ନିୟୁତ ଡଲାର ଅର୍ଥ ବନ୍ଦର ବିକାଶରେ ନିବେଶ କରିବ। ଆହୁରି ମଧ୍ୟ ବନ୍ଦର ସଂଲଗ୍ନ ଭିତ୍ତିଭୂମିର ବିକାଶ ପାଇଁ ଭାରତ ଇରାନକୁ ୨୫୦ ନିୟୁତ ଡଲାର ମୂଲ୍ୟର ଋଣ ଭାରତୀୟ ମୁଦ୍ରାରେ ଦେବ। ଏହି ଅର୍ଥ ଦୁଇପକ୍ଷଙ୍କ ଉପକାର କରୁଥିବା ପ୍ରକଳ୍ପରେ ଭାରତ ଖର୍ଚ୍ଚ ହେବ। ତାହାର ନିର୍ମାଣ କାର୍ଯ୍ୟ ମୁଖ୍ୟତଃ ଭାରତୀୟ ସଂସ୍ଥା ପାଇବେ।

ପାରସ୍ୟ ଉପସାଗରରେ ପାକିସ୍ତାନ ସୀମା ନିକଟରେ ଥିବା ଇରାନର ଏହି ବନ୍ଦର ଭାରତ ପାଇଁ ରଣକୌଶଳାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ଭାରତ ଆଫଗାନିସ୍ତାନ, ଇରାନ ସହିତ କେନ୍ଦ୍ର-ଏସିଆର ବିଭିନ୍ନ ରାଷ୍ଟ୍ରଙ୍କୁ ସଡ଼କ ଓ ରେଳପଥରେ ସାମଗ୍ରୀ ପ୍ରେରଣ କରିବାର ସୁବିଧା ପାଇବା ସହ ନିଜର ବୈଦେଶିକ ବାଣିଜ୍ୟ କାରବାରକୁ ଯଥେଷ୍ଟ ବଢ଼ାଇପାରିବ। ପଶ୍ଚିମ-ଏସିଆ ଓ କେନ୍ଦ୍ର-ଏସିଆ ସହିତ ସ୍ଥଳପଥରେ ସମ୍ପର୍କ ରକ୍ଷା କ୍ଷେତ୍ରରେ ଭାରତ ପାଇଁ ପାକିସ୍ତାନ ଏକ ବଡ଼ ସମସ୍ୟା। ପାକିସ୍ତାନ ସର୍ବଦା ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଆସୁଛି। ଏପରିକି ଚବାହର ବନ୍ଦରକୁ ଭାରତ ଯେପରି ବ୍ୟବହାର କରି ନ ପାରେ ସେଥିପାଇଁ ଇରାନ ଉପରେ ମଧ୍ୟ ଚାପ ପକାଉଥିଲା। କିନ୍ତୁ ଭାରତର ସଦ୍ୟତମ ଚୁକ୍ତି ପରେ ପାକିସ୍ତାନର ଷଡ଼ଯନ୍ତ୍ର ଭଣ୍ଡୁର ହୋଇଛି।

ଦ୍ୱିତୀୟ କଥା ହେଲା ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଚୀନ୍‌ର 'ବେଲ୍ଟ ଆଣ୍ଡ ରୋଡ୍' ପ୍ରୟାସକୁ ଏକ ଶକ୍ତ ଧକ୍କା ଲାଗିଛି। ପାକିସ୍ତାନ ସହାୟତାରେ ପଶ୍ଚିମ-ଏସିଆ ଓ କେନ୍ଦ୍ର-ଏସିଆରେ ଭାରତକୁ ସ୍ଥଳପଥରେ ପ୍ରବେଶ କରାଇ ନ ଦେବାର ଯେଉଁ ଚକ୍ରାନ୍ତ ଚୀନ୍ କରୁଥିଲା, ତାହା ବସ୍ତୁତଃ ବିଫଳ ହୋଇଛି। ଭବିଷ୍ୟତରେ ଏହି ବନ୍ଦର ମଧ୍ୟ ଭାରତ ଓ ୟୁରୋପ ମଧ୍ୟରେ ପ୍ରମୁଖ ସଂଯୋଗସ୍ଥଳ ହେବ, ଯାହା ଜି-୨୦ରେ ପରିକଳ୍ପନା କରାଯାଇଛି। ଏହାଦ୍ୱାରା କେନ୍ଦ୍ର-ଏସିଆ ଓ ପଶ୍ଚିମ-ଏସିଆ ସମେତ ଅନେକ ୟୁରୋପୀୟ ରାଷ୍ଟ୍ର ଉପକୃତ ହେବେ ଏବଂ ଏଥିରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏକଦା ଗଦର ବନ୍ଦରକୁ ପାକିସ୍ତାନ ଭାରତକୁ ବ୍ୟବହାର କରିବାକୁ ନ ଦେବାରୁ ଆଫଗାନିସ୍ତାନ ସହିତ ଆମର ସାମୁଦ୍ରିକ ବାଣିଜ୍ୟ ପ୍ରଭାବିତ ହୋଇଥିଲା। ଏବେ ଆଉ ସେ ଅସୁବିଧା ରହିବ ନାହିଁ।

ଅନେକଙ୍କର ଧାରଣା ଯେ ଚବାହର ବନ୍ଦର ନେଇ ଇରାନ ସହ ଭାରତର ଚୁକ୍ତିକୁ ଆମେରିକା ବିରୋଧ କରିବ। ସାମ୍ପ୍ରତିକ ଆଞ୍ଚଳିକ ଅସ୍ଥିରତା ଓ ଇସ୍ରାଏଲ୍-ଇରାନ ଉତ୍ତେଜନା ଯୋଗୁଁ ଆମେରିକା ଏହି ଚୁକ୍ତିରେ ଖୁସି ନୁହେଁ। ଏହାଛଡ଼ା ଆମେରିକା ଇରାନ୍ ବିରୋଧରେ ଅର୍ଥନୈତିକ ଓ ବାଣିଜ୍ୟିକ କଟକଣା ଲାଗୁ କରିଥିବାରୁ ସେହି ପଶ୍ଚିମ-ଏସୀୟ ଦେଶ ସହିତ ଭାରତର ସମ୍ପର୍କକୁ ଆମେରିକା ସହଜରେ ଗ୍ରହଣ କରିପାରିବନାହିଁ। ତେବେ ଏହି ଆଶଙ୍କା ନିରାଧାର ବୋଲି ପ୍ରମାଣିତ ହୋଇଛି। କାରଣ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆମେରିକା ସହିତ କୂଟନୈତିକ ସ୍ତରରେ ଆଲୋଚନା କରି ସେ ଆଶଙ୍କାର ଅବସାନ ଘଟାଇଛନ୍ତି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଚବାହର ବନ୍ଦର ନେଇ ଆମେରିକାର କୌଣସି ଆପତ୍ତି କିମ୍ବା ସମ୍ପର୍କ ନାହିଁ। ଏବେ ବିଶ୍ୱ ବଦଳୁଛି ଏବଂ ପାରମ୍ପରିକ ଶତ୍ରୁତା ଆଳରେ ନୂଆ ସମ୍ଭାବନାକୁ ଅଣଦେଖା କରାଯାଇ ନ ପାରେ। ଚବାହର ବନ୍ଦର କ୍ଷେତ୍ରରେ ଏହା ହିଁ ଘଟିଛି ଏବଂ ଘଟିବାକୁ ଯାଉଛି।

ବାସ୍ତବରେ ଭାରତ ପାଇଁ ଏହା ଏକ ଖେଳ ବଦଳାଇବା ଭଳି ଉପଲବ୍ଧି। ଏହାଦ୍ୱାରା ଭାରତ ଆଫଗାନିସ୍ତାନ ଓ କେନ୍ଦ୍ର-ଏସିଆକୁ ଏକ ସ୍ଥାୟୀ ବାଣିଜ୍ୟ ପଥ ପାଇବ ଏବଂ ସେ ଅଞ୍ଚଳରେ ଭାରତର ବେପାର ବଣିଜ ବଢ଼ିବ। ପାକିସ୍ତାନ ସହିତ ଇରାନର ସମ୍ପର୍କ ଭଲ। ତେବେ ଭାରତକୁ ଚବାହର ବନ୍ଦର ପରିଚାଳନା ଦାୟିତ୍ୱ ନ ଦେବା ପାଇଁ ଉଭୟ ଚୀନ୍ ଓ ପାକିସ୍ତାନ ଯେଉଁ କୂଟନୈତିକ ପ୍ରୟାସ ଚଳାଇଥିଲେ, ତାହା ବସ୍ତୁତଃ ବିଫଳ ହୋଇଛି। କିଛିମାସ ତଳେ ଲୋହିତସାଗର ଓ ବାବ୍-ଏଲ୍-ମାନଦେବ ପ୍ରଣାଳୀରେ ତୈଳ ଓ ପଣ୍ୟବାହୀ ଜାହାଜ ଉପରେ ସିରିଆ ଓ ୟେମେନ୍‌ରେ ସକ୍ରିୟ ଥିବା ଇରାନ୍‌ର କେତେକ ଉଗ୍ରବାଦୀ ସଂଗଠନ ଡ୍ରୋନ୍ ଆକ୍ରମଣ କରିଥିଲେ। ଭାରତକୁ ଆସୁଥିବା ତୈଳବାହୀ ଜାହାଜ ଉପରେ ମଧ୍ୟ ଇରାନୀ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ପଛରେ ଇରାନ୍ ଓ ତାହାର ମିତ୍ରରାଷ୍ଟ୍ରଙ୍କର ଅଭିସନ୍ଧି ଥିବା ସେତେବେଳେ ଆନ୍ତର୍ଜାତିକ କୂଟନୀତିଜ୍ଞମାନେ ମତ ଦେଇଥିଲେ। ଭାରତ-ମଧ୍ୟପ୍ରାଚ୍ୟ ଅର୍ଥନୈତିକ କରିଡର(ଆଇଏମ୍‌ଇସି) ପ୍ରକଳ୍ପକୁ ବିଘ୍ନିତ କରିବାକୁ ଏଭଳି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଇଥିଲା। ଚୀନ୍‌ର 'ବେଲଟ୍ ଆଣ୍ଡ ରୋଡ୍' ପ୍ରକଳ୍ପ ପାଇଁ ଆଇଏମ୍‌ଇସି ଆହ୍ୱାନ ସୃଷ୍ଟି କରୁଥିବାରୁ ସମଗ୍ର ଘଟଣା ପଛରେ ଚୀନର ପ୍ରଚ୍ଛନ୍ନ ହାତ ଥିବା ସ୍ପଷ୍ଟ ହୋଇଥିଲା। ତେବେ ଭାରତର ଏହି ଦୁଇ ଦୁଷ୍ଟ ପଡ଼ୋଶୀ ରାଷ୍ଟ୍ରର ସମସ୍ତ ଷଡ଼ଯନ୍ତ୍ର ପଣ୍ଡ ହୋଇଛି ଏବଂ ସମୟଚକ୍ରରେ ଇରାନ୍ ହିଁ ଭାରତ ସହିତ ବାଣିଜ୍ୟିକ ସୁସମ୍ପର୍କ ପୁନଃବାହାଲ ପାଇଁ ଆଗଭର ହୋଇଛି।

ଏବେ ଗୋଟିଏ ପଟେ ରୁଷିଆ-ୟୁକ୍ରେନ ଓ ଅନ୍ୟପଟେ ହମାସ-ଇସ୍ରାଏଲ ଯୁଦ୍ଧ ଲାଗିରହିଛି। ଏଭଳି ଏକ ଅସ୍ଥିର ସ୍ଥିତି ମଧ୍ୟରେ ଭାରତ ଗୁରୁତ୍ୱପୂର୍ଣ୍ଣ ଚବାହର ବନ୍ଦରର ପରିଚାଳନା ଦାୟିତ୍ୱ ପାଇବା ଏକ ବଡ଼ ଉପଲବ୍ଧି। ବାଣିଜ୍ୟିକ ଓ ରଣକୌଶଳାତ୍ମକ ଦୃଷ୍ଟିରୁ ଭାରତର ଏହା ଏକ ବଡ଼ ବିଜୟ ନିଶ୍ଚିତ। ଏହାଦ୍ୱାରା ଦୁଇ ଦେଶ ଉପକୃତ ହେବେ ଓ ଇରାନ ମଧ୍ୟ ବିଶେଷ ଲାଭବାନ ହେବ। କେବଳ କେନ୍ଦ୍ର-ଏସିଆ ଓ ପଶ୍ଚିମ-ଏସିଆ ନୁହେଁ, ବିଶ୍ୱ ବାଣିଜ୍ୟ କୂଟନୀତିରେ ମଧ୍ୟ ଭାରତର ପ୍ରାଧାନ୍ୟ ଆହୁରି ବୃଦ୍ଧି ପାଇବ। ●

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବିଶ୍ୱାସରେ ବିଷ: ବିପନ୍ନ ଜନଜୀବନ



**ପ୍ରହଲାଦ କୁମାର ସିଂହ**
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

'ୟୁରୋପୀୟ ସଂଘର ଚାଞ୍ଚଲ୍ୟକର ବୟାନ: ୪୦୦ ଭାରତୀୟ ଖାଦ୍ୟ ସାମଗ୍ରୀରେ କୀଟନାଶକ, କବକ', 'ଖୁଚୁରା ମୁଦ୍ରାସ୍ଫୀତି ତଳମୁହାଁ: ବଢ଼ି ଚାଲିଛି ଖାଦ୍ୟ ସାମଗ୍ରୀ ମୂଲ୍ୟ'- ଗଣମାଧ୍ୟମରେ ପ୍ରକାଶ ପାଇଥିବା ଉପରୋକ୍ତ ଦୁଇଟି ଖବରରେ ପ୍ରଦତ୍ତ ତଥ୍ୟ ମୁତାବକ ୨୦୧୯ରୁ ୨୦୨୪ ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଇଥିବା ୪ଶହ ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ ନିଷିଦ୍ଧ କରିଛି। ଏଥିରେ କୀଟନାଶକ, କବକ, କ୍ୟାଡ୍‌ମିୟମ୍, ମର୍କ୍ୟୁରି, ଟ୍ରାଇସାଇକ୍ଲାଜୋଲ୍, କାର୍ସିନୋଜେନିକ୍, ଜେନୋଟକ୍ସିକ୍, କ୍ଲୋରୋଇଥାନଲ୍, ଏଥିଲିନ୍ ଅକ୍ସାଇଡ୍, ଓକ୍ରାଟକ୍ସିନ୍, କ୍ଲୋରପାଇରିଫସ୍ ଭଳି ବିଷାକ୍ତ ଉପାଦାନମାନ ଥିବା ଜଣାପଡ଼ିଛି। ଏଭଳି ଖାଦ୍ୟ ଖାଇଲେ କର୍କଟ ସମେତ ହୃଦ୍‌ରୋଗ, ଫୁସ୍‌ଫୁସ୍, ଯକୃତ, ବୃକକ୍, ସ୍ନାୟୁବିକ ରୋଗ ଆଦି ହେବାର ଆଶଙ୍କା ଅଧିକ। ଏହାପୂର୍ବରୁ ସିଂଗାପୁର, ମାଲେସିଆ ଆଦି ଦେଶ ବି ଭାରତରୁ ରପ୍ତାନୀ କରାଯାଇଥିବା କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମସଲାରେ ବିପଜ୍ଜନକ ରାସାୟନିକ ସାମଗ୍ରୀ ରହିଥିବା ଅଭିଯୋଗ କରି ସେଗୁଡ଼ିକୁ ସେମାନଙ୍କ ଦେଶରେ ନିଷିଦ୍ଧ କରିଛନ୍ତି। ଏଭଳି କ୍ଷେତ୍ରରେ ଅର୍ନ୍ତଜାତୀୟ ବଜାରରେ ଭାରତୀୟ ସାମଗ୍ରୀଗୁଡ଼ିକର ଗୁଣବତ୍ତା ଉପରେ ପ୍ରଶ୍ନ ଉଠୁଥିବାରୁ ଆମ ଦେଶ ବଦ୍‌ନାମ ହେବା ସହ ବାଣିଜ୍ୟିକ କ୍ଷତି ସହୁଛି। ଅନ୍ୟପକ୍ଷରେ ଏଭଳି ବିଷାକ୍ତ ଖାଦ୍ୟ ସାମଗ୍ରୀ ଚଢ଼ା ଦାମ୍‌ରେ କିଣି ଆମଲୋକେ ମାଗଣାରେ ବିପଜ୍ଜନକ ରୋଗ ବ୍ୟାଧି ଭୋଗିବା ସହ ଜୀବନ୍ତ ଅବସ୍ଥାରେ ନିଜ ପାଇଁ ନିଜ ଜୁଇ ସଜାଡୁଛନ୍ତି।

ଚାଷରେ ମାତ୍ରାଧିକ ପରିମାଣରେ ରାସାୟନିକ ସାର, କୀଟନାଶକ ଓ ହରମୋନ୍ ଆଦିର ପ୍ରୟୋଗ ହେଉଥିବା ବେଳେ ହାଟ ବଜାରରେ ପନିପରିବା ଓ ଫଳଗୁଡ଼ିକୁ ତାଜା ଦେଖାଇବା ପାଇଁ ବି ବିଭିନ୍ନ ପ୍ରକାର ବିପଜ୍ଜନକ ରାସାୟନିକ ସାମଗ୍ରୀ ବ୍ୟବହାର କରାଯାଉଛି। ସବୁଠାରୁ ବିପଜ୍ଜନକ ହେଉଛି ନକଲି ଓ ନିମ୍ନମାନର ଔଷଧ ପ୍ରସ୍ତୁତି। ମଦ, ତମାଖୁ ଆଦି ବିପଜ୍ଜନକ ବୋଲି କେନ୍ଦ୍ର ସରକାର କହୁଛନ୍ତି। ଅଥଚ ଏହାକୁ ନିଷିଦ୍ଧ କରିବା ଲାଗି ଜାତୀୟ ନୀତି ପ୍ରଣୟନ କରିବା ପରିବର୍ତ୍ତେ ନକଲି ଓ ଚୋରା ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ବଡ଼ ବଜାର ଆମ ଦେଶରେ ଚାଲିବାରୁ ଲକ୍ଷ ଲକ୍ଷ ପରିବାର ଉଜୁଡୁଛି। ଏହାଛଡ଼ା ନିଷିଦ୍ଧ ହୋଇଥିବା ଗଞ୍ଜେଇ, ବ୍ରାଉନ୍‌ସୁଗର ଆଦିର କାରବାର ବି ପଞ୍ଜାବରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବେଧଡ଼କ ଚାଲିଛି।

ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଉଥିବା ତଥ୍ୟ ମୁତାବକ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ, କୀଟନାଶକ ଆଦିରେ ବି ଅପମିଶ୍ରଣ ଚାଲିଛି। ଚଢ଼ା ଦରରେ ଚାଷୀ କିଣୁଥିବା ନକଲି କୀଟନାଶକରେ ପୋକ ମରୁ ନାହାନ୍ତି। କେତେକ ପ୍ରୋଟିନ୍ ପାଉଡରରେ କୀଟନାଶକ ଥିବା ବେଳେ ଆଉ କେତେକ ଶିଶୁ ଖାଦ୍ୟ ଏମିତିକି କେତେକ ବ୍ରାଣ୍ଡର ନୁଡୁଲ୍ସରେ ବି ବିପଜ୍ଜନକ ଉପାଦାନ ରହୁଛି। ପୋଡ଼ା ମୋବିଲ୍ ସମେତ ଅନ୍ୟାନ୍ୟ ରାସାୟନିକ ସାମଗ୍ରୀରୁ ନକଲି ଘିଅ ଓ ତେଲ ପ୍ରସ୍ତୁତ ହେଉଥିବା ବେଳେ ଲୁଗାସଫା ପାଇଁ ବ୍ୟବହୃତ ଡିଟରଜେଣ୍ଟ ପାଉଡର୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ପ୍ରୟୋଗରେ ନକଲି ଦୁଗ୍ଧ, ପନିର ଓ ଛେନା ଆଦି ପ୍ରସ୍ତୁତ ହେଉଥିବା ଖବର କିଛି ନୂଆ ନୁହେଁ। ବହୁକ୍ଷେତ୍ରରେ ଡାଲି, ଚାଉଳ, ଗହମ ଆଦିର ସଂରକ୍ଷଣ ପାଇଁ ବିଷାକ୍ତ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଉଛି। ଏମିତିକି ମାଛ, ଶୁଖୁଆ ଆଦିକୁ ତାଜା ଦେଖାଇବା ପାଇଁ ଶବ ସଂରକ୍ଷଣ ଲାଗି ବ୍ୟବହୃତ ହେଉଥିବା ବିପଜ୍ଜନକ ଫର୍ମାଲିନ୍ ଭଳି ସାମଗ୍ରୀ ବି ବହୁକ୍ଷେତ୍ରରେ ବ୍ୟବହୃତ ହେଉଛି।

ବଜାରରୁ କିଣି ଆମେ ବ୍ୟବହାର କରୁଥିବା ଲଙ୍କା, ହଳଦୀ, ଜିରା, ଧନିଆ ଓ ଅନ୍ୟାନ୍ୟ ମସଲାଗୁଣ୍ଡ ଭିତରୁ କେଉଁଟି ଅପମିଶ୍ରିତ ଓ ବିଷାକ୍ତ ତାହା ସାଧାରଣ ଖାଉଟିଟିଏ ଜାଣିବାର ଅବକାଶ ନାହିଁ। ସେହିପରି ମାଛ, ଚିଙ୍ଗୁଡ଼ି, ଚିକେନ୍ ଓ ପନିପରିବା ଆଦିରେ କେତେ ହରମୋନ୍ ଓ ଅନ୍ୟାନ୍ୟ ରାସାୟନିକ ତତ୍ତ୍ୱ ରହୁଛି ତାହା ବି ପରୀକ୍ଷା କରିବା ସାଧାରଣ ଖାଉଟି ପକ୍ଷରେ ସମ୍ଭବପର ନୁହେଁ। ଛୋଟ ପିଲା ପାଇଁ ଅଣାଯାଉଥିବା ଦୁଗ୍ଧ ଅସଲ କି ଅପମିଶ୍ରିତ ତାହାର ନିୟମିତ ଯାଞ୍ଚ ବି ହେଉନାହିଁ। ନାମୀଦାମୀ କମ୍ପାନୀ ବ୍ରାଣ୍ଡରେ ନକଲି ଖାଦ୍ୟ ଓ ଔଷଧ ସାମଗ୍ରୀ ବିକ୍ରି ହେଉଥିବା ସମ୍ବାଦ ବାରମ୍ବାର ପ୍ରକାଶ ପାଉଛି। ଏମିତିକି ବେଳେବେଳେ ନକଲି ସାମଗ୍ରୀ ତିଆରି କାରଖାନା ବି ଧରାପଡୁଛି। ଏହାକୁ ଜବତ କରିବା ପାଇଁ ଆଇନ ଥିଲେ ମଧ୍ୟ କଳାବ୍ୟବସାୟୀମାନେ ଆଇନ ଆଖିରେ ପଟି ବାନ୍ଧି ଦିନ ଦିପହରରେ ସାଧାରଣ ଲୋକଙ୍କୁ ଲଣ୍ଠନ ଦେଖାଇ ଲୁଟିବାରେ ଲାଗିଛନ୍ତି। ରୋଗବ୍ୟାଧି ବଢୁଥିବାରୁ ସରକାର ସ୍ୱାସ୍ଥ୍ୟ ସେବାରେ ସାରା ଦେଶରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି ଏବଂ ଏଥିଯୋଗୁଁ କୋଟି କୋଟି ଶ୍ରମ ଦିବସ ନଷ୍ଟ ହେବା ସହ ପରିବାର ଉପରେ ବି ଆର୍ଥିକ ବୋଝ ବଢୁଛି।

ଡ୍ରାଏଫୁଡ୍, ଫାଷ୍ଟଫୁଡ୍, ଜଙ୍କଫୁଡ୍, କୋଲ୍ଡଡ୍ରିଙ୍କସ୍ ଓ ଅନ୍ୟ ଚର୍ବିଯୁକ୍ତ ତଥା ହରମୋନ୍ ଓ କୀଟନାଶକରେ ବିକଶିତ ଖାଦ୍ୟ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଡାକ୍ତର ଓ ବୈଜ୍ଞାନିକମାନଙ୍କ ଚେତାବନୀ ଯଦି ସମାଜ ଓ ସରକାର ଶୁଣୁଥା'ନ୍ତେ ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇବା ସହିତ ଲକ୍ଷ ଲକ୍ଷ ପରିବାର ଉଜୁଡ଼ନ୍ତା ନାହିଁ କିମ୍ବା ରାଜକୋଷରୁ କୋଟି କୋଟି ଟଙ୍କା ବରବାଦ୍ ହୁଅନ୍ତା ନାହିଁ। ଗାଈ, ମଇଁଷି ଆଦିଙ୍କଠାରୁ ଅଧିକ ଦୁଗ୍ଧ ସଂଗ୍ରହ କରିବା ପାଇଁ ଦିଆଯାଉଥିବା ଇଂଜେକ୍ସନ୍ ଏତେ ମାରାତ୍ମକ ଯେ ଏମାନେ ମରିବା ପରେ ତାଙ୍କ ଶବକୁ ଖାଇ ଶାଗୁଣା ଓ ବିଲୁଆ ଆଦି ନିଜ ବଂଶ ବୁଡ଼ାଉଛନ୍ତି। ଶୀଘ୍ର ଶୀଘ୍ର ଚିଙ୍ଗୁଡ଼ି, ଚିକେନ୍ ଓ ମାଛ ଆଦିଙ୍କୁ ବଢ଼ାଇବା ଲାଗି ଯେଉଁ ରାସାୟନିକ ପଦାର୍ଥ ବ୍ୟବହାର ହେଉଛି, ତାହାର ପ୍ରଭାବ ମଣିଷ ଉପରେ ପଡୁଛି। ଏମିତିକି ଏହି କୀଟନାଶକ, ରାସାୟନିକ ସାର, ହରମୋନ୍ ଆଦିର ଅତ୍ୟଧିକ ବ୍ୟବହାର କରାଯାଉଥିବା ଅଞ୍ଚଳରେ ଭୂତଳ ଜଳସ୍ତର ସହିତ ନଦୀ, ପୋଖରୀର ଜଳ ବି ବିଷାକ୍ତ ହେଉଛି।

ଗଙ୍ଗାଠାରୁ ଗଙ୍ଗୁଆ ପର୍ଯ୍ୟନ୍ତ ଆମ ଦେଶରେ ପ୍ରାୟ ସବୁ ନଦୀନାଳ ପ୍ରଦୂଷିତ। ରାଜଧାନୀ ନୂଆଦିଲ୍ଲୀ ସମେତ ବହୁ ସହରରେ ବାୟୁ ପ୍ରଦୂଷଣ ମାତ୍ରା ଅତି ସାଂଘାତିକ। ଏନେଇ ସୁପ୍ରିମ୍‌କୋର୍ଟ ବି ବାରମ୍ବାର ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଆମେ ବ୍ୟବହାର କରୁଥିବା ପାଣି ପାଉଚ୍, ପଲିଥିନ୍, ପ୍ଲାଷ୍ଟିକ୍ ବୋତଲ ଆଦି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ବୋଲି କୁହାଯାଉଥିଲେ ମଧ୍ୟ ଏହା ଆମ ଦେଶରେ ହାଉଜାଉ। ଚିନି, ଡାଲି, ଚାଉଳ ଆଦି ରହୁଥିବା ପ୍ଲାଷ୍ଟିକ୍ ଅଖା ବିପଜ୍ଜନକ ବୋଲି କୁହାଯାଉଥିଲେ ବି ବଜାରରେ ଏହା ନିଷିଦ୍ଧ ହେଉନାହିଁ। ମୋବାଇଲ୍ ଫୋନ୍ ପାଇଁ ବସାଯାଉଥିବା ଟାୱାରଗୁଡ଼ିକର କୁପ୍ରଭାବରେ ଅନେକ ପକ୍ଷୀଙ୍କ ବଂଶ ଲୋପ ପାଉଛି। ଘରେ ଓ ବାହାରେ ମଣିଷ ବସ୍ତୁତଃ ଏବେ ବୈଦ୍ୟୁତିକ ଚମ୍ବକୀୟ କ୍ଷେତ୍ରରେ ଅତି ବିପଜ୍ଜନକ ଭାବେ ରହୁଛି। ଆମ ଦେଶର ଜନଜୀବନ ବିଷ ବଳୟରେ ସନ୍ତୁଳି ହେଉଥିବା ବେଳେ ମୁନାଫାଖୋର କମ୍ପାନୀମାନଙ୍କ ଆକର୍ଷଣୀୟ ବିଜ୍ଞାପନର ଜାଲରେ ପଡ଼ି ବସ୍ତୁତଃ ଜୀଅନ୍ତା ମଣିଷମାନେ ନିଜ ନିଜର ଜୁଇ ସଜାଡୁଛନ୍ତି। ରୋଗର ପ୍ରତିଷେଧ ଉପରେ ଅଧିକ ଗୁରୁତ୍ୱ ନ ଦେଇ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯିବାରୁ ବହୁ ପୁଞ୍ଜିପତିଙ୍କ ଔଷଧ ତିଆରି କମ୍ପାନୀମାନେ ମୁନାଫା ଉଠାଉଛନ୍ତି। ବିକେନ୍ଦ୍ରିତ ଆର୍ଥିକ ବ୍ୟବସ୍ଥା ଓ ଗ୍ରାମ୍ୟଶିଳ୍ପକୁ ଦୁର୍ବଳ କରିଦିଆଯିବା ଫଳରେ ସ୍ୱାଧୀନତା ସଂଗ୍ରାମ କାଳର କଳ୍ପିତ ଗ୍ରାମସ୍ୱରାଜ କବର ପାଉଛି। ନିଜ ନିଜ ଅଞ୍ଚଳର ଆବଶ୍ୟକତା ମୁତାବକ ସୁସ୍ଥ ବାତାବରଣରେ ଶୁଦ୍ଧ ସାମଗ୍ରୀ ଗ୍ରାମ୍ୟଶିଳ୍ପ ମାଧ୍ୟମରେ ପ୍ରସ୍ତୁତ କରି ସ୍ଥାନୀୟ ଲୋକେ ଯଦି ବଜାରକୁ ଛାଡ଼ନ୍ତେ, ତା'ହେଲେ ସମସ୍ୟା ବହୁ ପରିମାଣରେ ହ୍ରାସ ପାଆନ୍ତା।

ବଜାରୀକରଣ, ଉଦାରୀକରଣ, ବିଶ୍ୱୀକରଣ ଆଦି ଯୋଗୁ ହିଂସା, ଅସତ୍ୟ, ଚୋରି, ଡକାୟତି, ଭ୍ରଷ୍ଟାଚାର, ଗଣଦୁର୍ନୀତି, ଶରୀର ଶ୍ରମ ପ୍ରତି କୁଣ୍ଠା, ସ୍ୱାଦିଷ୍ଟ ଖାଦ୍ୟ ପାଇଁ ଲାଳସା, ଯେକୌଣସି ପ୍ରକାରେ ଧନ ଅର୍ଜନ କରିବାର ପ୍ରବୃତ୍ତି, ଭୟ, ଆତଙ୍କରାଜ, ଶୋଷଣ, ବେରୋଜଗାରୀ ଆଦି ବଢୁଛି। ନୀତି ବିହୀନ ରାଜନୀତି ସହିତ ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ବିବେକ ବିହୀନ ବିଳାସ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା ବ୍ୟବସ୍ଥାକୁ ବିପନ୍ନ କରି ଦେଉଛି। ଏଠାରେ ଉଲ୍ଲେଖନୀୟ ଯେ ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ୭ଟିକୁ ସାଂଘାତିକ ପାପ ଭାବେ ଅଭିହିତ କରୁଥିଲେ।

ଜୀବନଚର୍ଯ୍ୟାରେ ଲୋକଙ୍କର କିଭଳି ପରିବର୍ତ୍ତନ ଆସିବ ଏବଂ କମ୍ପାନୀମାନଙ୍କ ଭ୍ରାନ୍ତ ବିଜ୍ଞାପନର ସେମାନେ କିଭଳି ଶିକାର ନ ହେବେ ଏବଂ ଉଚିତ୍ ମୂଲ୍ୟରେ ଉପଯୁକ୍ତ ଗୁଣମାନର ଜୀବନରକ୍ଷାକାରୀ ଔଷଧଠାରୁ ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ କିଭଳି ଲୋକଙ୍କ ନିକଟରେ ଉପଲବ୍ଧ ହେବ, ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସ୍ୱୟଂସମ୍ପୂର୍ଣ୍ଣ କରି ଏହାକୁ ଲୋକଙ୍କ ବିଶ୍ୱାସଭାଜନ କରାଯାଇପାରିବ ସେ ଦିଗରେ ଦୃଷ୍ଟି ଦେବାର ବେଳ ଆସିଛି। ଏବେ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ଓ ତାହାର ପ୍ରଭାବରେ ଉପୁଜୁଥିବା ସମସ୍ୟା ନେଇ ସମଗ୍ର ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ ଏଥିରୁ ନିସ୍ତାର ପାଇବା ଲାଗି ଜାତୀୟସ୍ତରରେ ସହମତି ଭିତ୍ତିରେ ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। ଆମ ଧରିତ୍ରୀମାତାର ଯେତେ ସମ୍ପଦ ରହିଛି, ତାହା ସବୁଲୋକଙ୍କ ବ୍ୟବହାର ପାଇଁ ଯଥେଷ୍ଟ ହୋଇଥିଲେ ମଧ୍ୟ ଅଳ୍ପ କିଛି ଲୋକଙ୍କ ଲୋଭର ପରିପୂରଣ ପାଇଁ ଏହା ଢେର କମ ବୋଲି ପ୍ରାୟ ୧୦୦ ବର୍ଷ ପୂର୍ବେ ଗାନ୍ଧିଜୀ ଯେଉଁ କଥା କହି ଯାଇଥିଲେ ତାହାର ଅନୁପାଳନ କରା ନ ଯବାରୁ ଆମ ଦେଶରେ ଆର୍ଥିକ ବୈଷମ୍ୟ ସହିତ ଅସମାନତା ଓ ରୋଗବ୍ୟାଧି ବଢୁଛି। ଦଳମତ ନିର୍ବିଶେଷରେ ଏହି ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ତାହା ଆମ ଅସ୍ତିତ୍ୱ ପାଇଁ ପ୍ରଶ୍ନବାଚୀ ଛିଡ଼ା କରାଇବ। ଏ ପରିପ୍ରେକ୍ଷୀରେ ବସୁଧୈବ କୁଟୁମ୍ବକମ୍, ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ, ପରୋପକାରାୟ ସ୍ୱର୍ଗାୟ ଆଦି ଆମ ଶାସ୍ତ୍ରର ଉଦ୍‌ଘୋଷଣାକୁ ମନେପକାଇ ଆମ ରାଷ୍ଟ୍ର ଓ ସମାଜ ଜୀବନର ନୀତି ଯଦି 'ସବୁରି କଲ୍ୟାଣ କରେ କାମନା / ନିବାର ସବୁରି ରୋଗ ଯାତନା / କୁଶଳେ ରହନ୍ତୁ ସକଳେ ଭବେ / ଦୁଃଖ ଭାଗି କେହି ନ ହେଉ ଲବେ' ହୋଇପାରିବ ଏବଂ ସନ୍ଥକବି ଭୀମ ଭୋଇଙ୍କ ଅମୃତ ବଚନ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ / ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉକ୍ତି 'ମିଶୁ ମୋର ଦେହ ଏ ଦେଶ ମାଟିରେ / ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' ଯଦି ଆମ ଗଣତନ୍ତ୍ରର ସବୁସ୍ତମ୍ଭର ଆଦର୍ଶ ହୋଇପାରନ୍ତା ତେବେ ମୁନଫାଖୋରଙ୍କ ବିଷବଳୟରୁ ଦେଶର ୧୪୩ କୋଟି ଅମୂଲ୍ୟ ଜୀବନକୁ ରକ୍ଷା କରାଯିବା ସହ ବିଶ୍ୱରେ ଭାରତ ତାହାର ଗରିମାକୁ ଅକ୍ଷୁର୍ଣ୍ଣ ରଖିପାରନ୍ତା। ●

# ମୁରବି

**ଅଲେଖ ଚନ୍ଦ୍ର ମିଶ୍ର**
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

'ମୁରବି' - ଏହି ଶବ୍ଦଟି ଯେତିକି ଆତ୍ମୀୟ ସେତିକି ସମ୍ବେଦନଶୀଳ। ଯେତେ ବଡ଼ ହେଲେ ବି ମୁରବିଟିଏ ଥିଲେ ଏକା ଏକା ଲାଗେନା କି ଅସହାୟତା ଅନୁଭୂତ ହୁଏନା। ବିପଦଆପଦ, ଭଲମନ୍ଦ, ସୁବିଧାଅସୁବିଧାରେ ନିଜଠାରୁ ବଡ଼ କେହି ଜଣେ ଥିବାର ଭରସା ଜୀବନଚର୍ଯ୍ୟାକୁ ମଧୁର ଓ ଆବେଗମୟ କରିଦିଏ। ଏହା ପଶୁ, ପକ୍ଷୀ ଓ ମଣିଷ ସମେତ ସମଗ୍ର ଜୀବଜଗତ ପାଇଁ ଏକ ଅନୁଭୂତିସମ୍ପନ୍ନ ଚିରନ୍ତନ ସତ୍ୟ, ଯାହା ଯୁଗଯୁଗରୁ ଗଢ଼ି ଆସିଛି। ମଣିଷ ସମାଜରେ ତ ମୁରବିର ସ୍ଥାନ ସ୍ୱତନ୍ତ୍ର। ତେଣୁ କଥାରେ ଅଛି - 'ବାପ ଥିଲା ପୁଅ ସଭାରେ ହାରେନା, ମାଆ ଥିଲା ଝିଅ ଦାଣ୍ଡରେ ଠିଆ ହୁଏନା।' ଯେଉଁ ଘରେ ମୁରବିଟିଏ ନ ଥାଏ ସେ ଘରକୁ ବେମୁରବିଆ କିମ୍ବା ନିମୁଣ୍ଡିଆ ବୋଲି କୁହାଯାଏ। ସେ ଘରେ ଶାନ୍ତି ନ ଥାଏ କି ଶୃଙ୍ଖଳା ନ ଥାଏ କିମ୍ବା କୌଣସି କାର୍ଯ୍ୟ ସହଜରେ ସମ୍ପାଦିତ ହୁଏନା। ସେଭଳି ଘରେ ବନ୍ଧୁ ବାନ୍ଧିବାକୁ ଅନେକେ ପସନ୍ଦ କରନ୍ତି ନାହିଁ। ଏ ସମ୍ପର୍କରେ ପୁରାତନ ଲୋକକଥାଟିଏ -

ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀର ତାଲିକାରେ କ'ଣ ସାମିଲ ହେବ ବା 'ଆରିସା ହେବ ନା କାକରା ହେବ' ସେହି କଥା ଉପରେ ଭାଇଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମତାନ୍ତର ହୋଇ କିଛି ସ୍ଥିର ହୋଇ ପାରିଲା ନାହିଁ। ଶେଷରେ ଉତ୍ସବଟି ବାତିଲ ହୋଇଗଲା। ମୁରବିଙ୍କର ଏପରି ଆବଶ୍ୟକତା କେବଳ ପରିବାରରେ ସୀମିତ ନୁହେଁ, ବରଂ ବିଭିନ୍ନସ୍ତରରେ ସାରା ପୃଥିବୀରେ ପରିବ୍ୟାପ୍ତ। ଘରର ମୁଖ୍ୟ ବା ମୁରବି, ସାହିମୁରବି, ଶାସନମୁଖ୍ୟ, ଗାଆଁମୁଖିଆ, ସାଆନ୍ତ, ମଣିମା, ଗୋସେଇଁ ଇତ୍ୟାଦିଙ୍କ ଠାରୁ ରାଜ୍ୟମୁଖ୍ୟ, ଦେଶମୁଖ୍ୟ ଓ ପୃଥିବୀମୁଖ୍ୟ(ଜାତିସଂଘ) ପର୍ଯ୍ୟନ୍ତ ଲମ୍ବିଛି ମୁରବିମାନଙ୍କର ପରିସୀମା।

କେବଳ ବାପା ମାଆ ନୁହନ୍ତି, ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ବା ରକ୍ତସମ୍ପର୍କୀୟ ଅନ୍ୟ ଯେକୌଣସି ବ୍ୟକ୍ତି ତଥା ସାହିପଡ଼ିଶା କିମ୍ବା ଗାଁର ବୟସ୍କ ପୁରୁଷ ବା ମହିଳା, ଗୁରୁଜନ, ଶିକ୍ଷକ ଏ ସମସ୍ତେ ମୁରବି। ସେମାନେ ସମସ୍ତଙ୍କର ହାନିଲାଭ, ଭଲମନ୍ଦ, ଦୁଃଖସୁଖ ବୁଝନ୍ତି ଓ ବିପଦଆପଦରେ ବିନା ଡାକରାରେ ପହଞ୍ଚି ଯାଇ ସହାୟତାର ହାତ ବଢ଼ାନ୍ତି। ଦୁଇ ଗୋଷ୍ଠୀ ମାରପିଟ୍ ପାଇଁ ଉଦ୍ୟତ ହେଉଥିବା ବେଳେ ନିଜ ଜୀବନକୁ ବିପନ୍ନ କରି ମୁରବିଟିଏ ଉଭୟଙ୍କ ମଝିରେ ଛିଡ଼ା ହୋଇ ଡେଙ୍ଗା ମୁଣ୍ଡରେ ଠେଙ୍ଗାର ବିପଦକୁ ଖାତିର କରନ୍ତିନି। ତାଙ୍କ ଯୋଗୁଁ ଅନେକ ମନାନ୍ତର, ମତାନ୍ତର, ଗଣ୍ଡଗୋଳର ଆପୋସ ସମାଧାନ ହୋଇଯାଏ।



ମାଲି ମକଦ୍ଦମା, କୋର୍ଟ କଚେରିର ଆବଶ୍ୟକତା ପଡ଼େନା। ଚାଲିଥିବା ମକଦ୍ଦମା ରଫାଦଫା ହୋଇଯାଏ। କୌଣସି ଲୋକ ଅଶୋଭନୀୟ, ଅଶାଳୀନ ବା ଅଭାବନୀୟ ଆଚରଣ କଲେ ତା'କୁ ସେଥିରୁ ନିବୃତ୍ତ ହେବା ପାଇଁ ସେ ରୋକ୍‌ଠୋକ୍ ବତେଇ ଦିଅନ୍ତି ଓ ଯେକୌଣସି ଅବାଞ୍ଛନୀୟ କାର୍ଯ୍ୟକଳାପ ବିରୁଦ୍ଧରେ ନୈତିକ ଚାପ ପକାନ୍ତି। ସେହିପରି କେଉଁ କାମ ଭଲ, କେଉଁଟି ମନ୍ଦ କେହି ନ ପଚାରିଲେ ବି ଉପରେ ପଡ଼ି ଉପଦେଶ ଦିଅନ୍ତି। ଯେପରି ଅଳସୁଆ ପୁଅମାନଙ୍କୁ କର୍ମଠ କରିବା ପାଇଁ ସେମାନଙ୍କର ପିତା ଗୁପ୍ତଧନର ଲୋଭ ଦେଖେଇ ସେମାନଙ୍କ ଦ୍ୱାରା ମାଟି ଖୋଳେଇ ସୁନା ଫସଲର ସନ୍ଧାନ ଦେଇଥିଲେ କିମ୍ବା ଖଣ୍ଡିଏ କାଠି ଏବଂ ବିଡ଼ାଏ କାଠି ଭାଙ୍ଗିବା ପାଇଁ ଦେଇ ଏକତାର ମୂଲ୍ୟ ବୁଝାଇଥିଲେ। ଏହିଭଳି ଅନେକ ଲୋକପ୍ରିୟ ଆଖ୍ୟାୟିକା ମୁରବିମାନଙ୍କର ମହତ୍ତ୍ୱ ଉପରେ ଆଧାରିତ।

ସଚରାଚର ବୃଦ୍ଧ, ବୃଦ୍ଧା ବା ବୟସ୍କମାନଙ୍କର ଉପସ୍ଥିତି କିପରି ଅପରିହାର୍ଯ୍ୟ ତା'ର ଅସଂଖ୍ୟ ଉଦାହରଣ ମଧ୍ୟରୁ ରୋମାନିଆର ଲୋକକଥା 'ଦି ଲ୍ୟାଣ୍ଡ ହୋୟାର୍ ଦେୟାର୍ ୱ୍ୟାର୍ ନୋ ଓଲ୍ଡ ମେନ୍' ସ୍ମରଣ କରା ଯାଇପାରେ। ରାଜାଙ୍କ ଆଦେଶରେ ଦେଶର ସମସ୍ତ ବୃଦ୍ଧ ଓ ବୃଦ୍ଧାଙ୍କୁ ମାରି ଦିଆଗଲା ପରେ ଦେଶ ଯେତେବେଳେ ଧ୍ୱଂସ ଆଡ଼କୁ ଗତି କରୁଥିଲା ଦୈବାତ୍ ବଞ୍ଚି ରହିଥିବା ବୃଦ୍ଧଟିଏ ସେତିକିବେଳେ ଉପଯୁକ୍ତ ପରାମର୍ଶ ଦେଇ ଦେଶବାସୀଙ୍କୁ କିପରି ମୃତ୍ୟୁମୁଖରୁ ରକ୍ଷା କରିଥିଲେ ତାହା ହିଁ ଉକ୍ତ ଉପାଖ୍ୟାନର କଥାବସ୍ତୁ।

ଆଗେ ମୁରବିମାନେ ନିଃସ୍ୱାର୍ଥପର ଥିଲେ ଏବଂ ସମସ୍ତଙ୍କର ଭଲ ପାଞ୍ଚୁଥିଲେ। ପୁରାଣରେ ବର୍ଣ୍ଣିତ ମୁନିଋଷି, ରାମାୟଣରେ ବଶିଷ୍ଠ, ସୁମନ୍ତ୍ର, ମହାଭାରତରେ ବିଦୁର, ଭୀଷ୍ମ ଏବଂ ପରବର୍ତ୍ତୀ କାଳରେ ରାଜତନ୍ତ୍ରରେ ରାଜଗୁରୁ - ଏମାନେ ସମସ୍ତେ ମୁରବି ଥିଲେ, ଯେଉଁମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏକ ଧାର୍ମିକ ଆଚରଣ ଭାବରେ ଗୃହୀତ ହେଉଥିଲା। ରାଜାମହାରାଜାମାନେ ଯେତେ ପରାକ୍ରମଶାଳୀ ହେଲେ ବି ମୁରବି ସ୍ଥାନୀୟ ବ୍ୟକ୍ତିଙ୍କୁ ଅବମାନନା କରିବାକୁ ଭୟ କରୁଥିଲେ ଏବଂ ସେଥିରୁ ସାମାନ୍ୟ ବିଚ୍ୟୁତି ଘଟିଲେ କେତେ ଅଘଟଣ ଘଟେ ପୁରାଣ ତାହାର ସାକ୍ଷୀ। ଓଡ଼ିଆ ସାହିତ୍ୟରେ ବି ନକାରାତ୍ମକ ହେଉ ବା ସକାରାତ୍ମକ, ଅନେକ କ୍ଷେତ୍ରରେ ମୁରବିମାନଙ୍କର ଭୂମିକା ବିଷୟରେ ଉଲ୍ଲେଖ ରହିଛି। ଯେପରି ଫକୀର ମୋହନଙ୍କ 'ଛଅ ମାଣ ଆଠଗୁଣ୍ଠ'ରେ ରାମଚନ୍ଦ୍ର ମଙ୍ଗରାଜ, କାହ୍ନୁ ଚରଣଙ୍କ 'ଶାସ୍ତି'ରେ ପହରାଜେ, କାଳିନ୍ଦୀ ଚରଣଙ୍କ 'ମାଟିର ମଣିଷ'ରେ ହରି ମିଶ୍ରେ, ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି'ରେ କପିଳ ନନ୍ଦେ ଇତ୍ୟାଦି ଇତ୍ୟାଦି। କିନ୍ତୁ ପରିତାପର ବିଷୟ ଯେ ସାମ୍ପ୍ରତିକ ସମାଜରେ ଏଭଳି ପରମ୍ପରାର ଘୋର ଅବକ୍ଷୟ ଘଟି ଚାଲିଛି। ମୁରବି ଅଛନ୍ତି; ହେଲେ ମୁରବିପଣିଆ ଆଉ ନାହିଁ।

ଆଧୁନିକତାର ସ୍ପର୍ଶରେ ଯୁବ ପିଢ଼ିର ଚିନ୍ତାଧାରାରେ ପରିବର୍ତ୍ତନ ଘଟୁଛି। ସେମାନେ ଭୁଲି ଯାଉଛନ୍ତି ଯେ ଯେତେ ଜ୍ଞାନୀ, ଗୁଣୀ ହେଲେ ବି ମୁରବିମାନଙ୍କର ବୟସ, ଅନୁଭୂତି ଓ ବାସ୍ତବ ଜ୍ଞାନରୁ କିଛି ଶିକ୍ଷା କରିପାରିଲେ ଜୀବନ ପରିପକ୍ୱ ହୁଏ। ଏହା ବି କେତେକାଂଶରେ ସତ ଯେ ଆଜିକାଲି ମୁରବିମାନଙ୍କର ଭାବମୂର୍ତ୍ତିରେ ସ୍ୱାର୍ଥ ପଶିଯାଇ ସେଥିରେ କଳଙ୍କ ଲଗେଇ ଦେଉଛି। ଫଳରେ କେହି କାହା କଥା ଶୁଣିବାକୁ ନାରାଜ, ବୁଝିବାକୁ ଅମଙ୍ଗ, ମାନିବାକୁ ଅରାଜି ତଥା ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବାକୁ କୁଣ୍ଠିତ। ସେଥିରେ ପୁଣି ଯୋଡ଼ି ହୋଇ ଯାଉଛି ସ୍ୱାର୍ଥସର୍ବସ୍ୱ ରାଜନୀତି, ଯାହା ପରିବାର, ସାହି, ଗାଁ, ସହର ସବୁଠାରେ ଭେଦଭାବର ବୀଜବପନ କରି ମାନବିକ ମୂଲ୍ୟବୋଧକୁ ପଛକୁ ଠେଲି ଦେଉଛି। ପରିଣାମ ସ୍ୱରୂପ ଆଜିର ସମାଜ ରାଜାବିହୀନ ରାଜ୍ୟ, ସେନାପତିଶୂନ୍ୟ ସୈନ୍ୟ ବାହିନୀ, ନାଉରୀ ବିନା ନୌକା ଏବଂ ଶିକ୍ଷକ ନଥାଇ ବିଦ୍ୟାଳୟ ଭଳି ଦିଗଭ୍ରଷ୍ଟ ହୋଇ ଯାଉଛି। ସାଧାରଣ ନାଗରିକଙ୍କର ସୁରକ୍ଷା ଓ କଲ୍ୟାଣ ପାଇଁ ସରକାର ଯେପରି ବିଭିନ୍ନ ଆଇନ୍ କାନୁନ୍ ପ୍ରଣୟନ କରନ୍ତି, ଶାନ୍ତିରେ ଜୀବନଯାପନ ପାଇଁ ସମାଜରେ ସେହିପରି କିଛି ବିଧିବିଧାନ ଗଢ଼ା ହୋଇଛି, ଯାହାର ଅଂଶବିଶେଷ ମୁରବି। ତାଙ୍କୁ ସମ୍ମାନ ଦେଲେ ସାମାଜିକ ଶୃଙ୍ଖଳା ବଜାୟ ରହିବା ସହିତ ଆମର ମହନୀୟତା ବଢ଼େ। ●

## ଧରା ପଡ଼ିଲା ବିଜେଡି ବିରୋଧରେ ଷଡ଼ଯନ୍ତ୍ର

# 'ଫେକ୍' ଫଟୋକୁ ନେଇ ରଣେନ୍ଦ୍ରଙ୍କ ଆପତ୍ତି

**କଟକ,୧୪।୫(ସମିସ):** ଆଠଗଡ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେଡି ନେତା ରଣେନ୍ଦ୍ରପ୍ରତାପ ସ୍ୱାଇଁଙ୍କ ଏକ

**● ଦିବଙ୍ଗତ ଦାମୋଦରଙ୍କ ସ୍ଥାନରେ ବିଜେଡି ନେତା ପାଣ୍ଡିଆନଙ୍କ ଫଟୋ**

ଫେକ୍ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଫଟୋସପ୍‌ରେ ଏଡ଼ିଟ୍ କରାଯାଇଥିବା ଏହି ଫେକ୍ ଫଟୋ କେଉଁ ଉତ୍ସରୁ ଆସିଛି ଓ କେଉଁମାନେ ଏହାକୁ ଭାଇରାଲ କରିଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତେବେ ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଓ ଏହା ବିରୋଧରେ ସେ ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହୋଇଛନ୍ତି।




ଦୀର୍ଘଦିନ ତଳେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମୁଣ୍ଡରେ ହାତ ରଖି ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ଦିବଙ୍ଗତ ନେତା ଦାମୋଦର ରାଉତଙ୍କ ଆଶୀର୍ବାଦ ଫଟୋକୁ ଏଡ଼ିଟ୍ କରାଯାଇ ସେହି ସ୍ଥାନରେ ଦଳର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଫଟୋ ଲଗାଇ ଦିଆଯାଇଛି। ଏହା ଦେଖିବା ପରେ ରଣେନ୍ଦ୍ରପ୍ରତାପ ସ୍ୱାଇଁ ଭାଇରାଲ୍ ନକଲି ଫଟୋ ଓ ଅସଲି ଫଟୋକୁ ନିଜ ସୋସିଆଲ୍ ମିଡିଆ ପେଜ୍ 'ଏକ୍ସ'ରେ ଅପଲୋଡ କରି ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ କେତେକ ଦୁର୍ବୃତ୍ତ ସୋସିଆଲ ମିଡ଼ିଆରେ ତାଙ୍କର ନକଲି ଫଟୋ ପୋଷ୍ଟ କରି ଅପପ୍ରଚାର କରୁଛନ୍ତି। ଏଭଳି ପୋଷ୍ଟକୁ ବିଶ୍ୱାସକୁ ନେବା ପୂର୍ବରୁ ଫଟୋର ଉତ୍ସଗୁଡ଼ିକୁ ଭଲ ଭାବରେ ଯାଞ୍ଚ କରିବାକୁ ସେ କହିଛନ୍ତି। ନକଲି ଫଟୋ ଭାଇରାଲ୍ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ବାଚନ ଆୟୋଗ (ଭାରତ)ଙ୍କ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ରଣେନ୍ଦ୍ର କହିଛନ୍ତି ଯେ ଅତୀତରେ ନିର୍ବାଚନ ବିଜୟ ଲାଭ ପରେ ବିଧାୟକ ପଦ ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ବିଧାନସଭାରେ ଦାମୋଦର ରାଉତଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ମାତ୍ର ଦୁର୍ବୃତ୍ତମାନେ ଦାମୋଦର ରାଉତଙ୍କ ସ୍ଥାନରେ ଶ୍ରୀ ପାଣ୍ଡିଆନ୍‌ଙ୍କ ଫଟୋ ଲଗାଇ ବଦନାମ କରୁଛନ୍ତି। ଏଣୁ କୌଣସି ରାଜନେତାଙ୍କ ଫଟୋ ଓ ଖବରକୁ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଦେଖିଲେ, ଏହାର ଉତ୍ସକୁ ଯାଞ୍ଚ କରିବାକୁ ସେ ନିବେଦନ କରିଛନ୍ତି।

## ବିଜେପିରେ ପିଟାପିଟି; ବିଜେଡିର କଟାକ୍ଷ

# ଯେମିତି କର୍ମ, ସେମିତି ଫଳ

**ଭୁବନେଶ୍ୱର,୧୪।୫(ସମିସ):** ନିଜ ଘରକୁ ସମ୍ଭାଳିପାରୁ ନାହାନ୍ତି, ନେତା ଓ କର୍ମୀଙ୍କ ଅର୍ନ୍ତଦ୍ୱନ୍ଦ୍ୱରେ ଦଳ ଫାଳ ଫାଳ ହେଲାଣି, ପରସ୍ପର ଭିତରେ ବାଡିଆପିଟା ଚାଲିଛି, ଦଳରେ ଚାଲିଥିବା ଅନ୍ତଃକନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି। ମାତ୍ର ପର ଉପରେ ଦୋଷ ଲଦିବାରେ ଓଡିଶା ବିଜେପି କୌଣସି ସୁଯୋଗ ହାତଛଡ଼ା କରୁନାହିଁ। ଅପରାଧୀଙ୍କୁ ଫୁଲ ମାଳ ପକାଇ ସ୍ୱାଗତ କଲେ ଓ ସେମାନଙ୍କୁ ମୁଣ୍ଡ ଉପରେ ବସାଇଲେ ଏଭଳି ସ୍ଥିତି ଦେଖିବାକୁ ମିଳେ ବୋଲି କଟାକ୍ଷ କରିଛି।

**ଅପରାଧୀଙ୍କୁ ଫୁଲମାଳ ଦେଇ ସ୍ୱାଗତ କଲେ ଏଇଆ ହୁଏ**

**ନିଜ ଘର ସମ୍ଭାଳିବାକୁ ବଳ ନାହିଁ, ଅନ୍ୟକୁ ଦେଉଛନ୍ତି ଦୋଷ**

**ଟିକଟକୁ ନେଇ ପ୍ରଦୀପ-ପିଣ୍ଟୁଙ୍କ ମଧ୍ୟରେ ଚାଲିଥିଲା ଛକାପଞ୍ଝା**

ବିଜେପିର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ଦଳର ପୂର୍ବତନ ନେତା ଶିବଶଙ୍କର ଦାସଙ୍କ ମଧ୍ୟରେ ପିଟାପିଟି ଘଟଣାକୁ ନେଇ ଅନ୍ୟକୁ ଦୋଷ ଠେଲିବାକୁ ଉଦ୍ୟମ କରୁଥିବା ବିଜେପିକୁ ବିଜେଡି କଡ଼ା ଉତ୍ତର ଦେଇଛି। ଦଳର ମୁଖପାତ୍ର ପ୍ରିୟବ୍ରତ ମାଝି କହିଛନ୍ତି ଯେ ବ୍ରହ୍ମପୁରରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁ ବିଜେପିରେ ଥିଲେ। ନିଜ ନିର୍ବାଚନ ମଣ୍ଡଳୀର ଗରିବ ସାଧାରଣ ଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକିଥିବା ତଥା ଜନବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁଁ ବିଜେଡିରୁ ତଡା ଖାଇଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ଯେତେବେଳେ ଫୁଲ ମାଳ ପକାଇ ଓଡିଶା ବିଜେପି ସ୍ୱାଗତ କଲା, ସେବେଠାରୁ ଉଭୟ ପ୍ରଦୀପ ପାଣିଗ୍ରାହୀ ଓ ପିଣ୍ଟୁଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ପ୍ରଦୀପ ପାଣିଗ୍ରାହୀ ନିଜର ଜଣେ ଅନୁଗତଙ୍କୁ ବ୍ରହ୍ମପୁର ବିଧାନସଭା ଆସନର ଟିକେଟ ଦେବା ପରେ, ଶିବ ଶଙ୍କର ଦାସ ବିଜେପି ଛାଡିଲେ ଓ ବିଦ୍ରୋହୀ ପ୍ରାର୍ଥୀ ଭାବେ ଠିଆ ହେଲେ। ଆଉ ସେହି କଥାକୁ ନେଇ ଗତକାଲି ଉଭୟ ପ୍ରଦୀପ ଏବଂ ଶିବଶଙ୍କର ହାତହାତି ହୋଇଛନ୍ତି। ହେଲେ ବିଜେପି ନେତାଙ୍କୁ ଏହା ଦେଖାଯାଉନି। ଓଲଟା ଅନ୍ୟକୁ ଦୋଷ ଦେଇ ପ୍ରକୃତ ଘଟଣା ଉପରୁ ନଜର ହଟାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଓଡିଶା ବିଜେପି ଭିତରେ ଚାଲିଥିବା ଅନ୍ତଃକନ୍ଦଳର ପରିଣତି ସାରା ଓଡିଶା ଦେଖିଲା, ଯେତେବେଳେ ଟିକେଟ ବଣ୍ଟନର ରାଗ ନେଇ ଦୁଇ ନେତା ମୁହାଁମୁହିଁ ହୋଇଥିଲେ। ହେଲେ ଆଶ୍ଚର୍ଯ୍ୟର କଥା, ବିଜେପି ନେତା ପୀତାମ୍ବର ଆଚାର୍ଯ୍ୟ ଏଥିରେ ବିଜେଡିକୁ ଟାଣି ମନ୍ତବ୍ୟ ରଖିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନିଜ ଘର କଥା ସମ୍ଭାଳିନପାରି, ଏହା ପର ଉପରେ ଦୋଷ ଲଦିଲା ଭଳି କଥା। ଅପରାଧୀଙ୍କୁ ଫୁଲ ମାଳ ପକାଇ ସ୍ୱାଗତ କଲେ ଓ ସେମାନଙ୍କୁ ମୁଣ୍ଡ ଉପରେ ବସାଇଲେ ଏଭଳି ସ୍ଥିତି ଦେଖିବାକୁ ମିଳେ।

# ମା'ମାନଙ୍କୁ ବଦନାମ କରିବାରୁ କ୍ଷାନ୍ତ ହେଉନି ବିଜେପି

## ଲକ୍ଷ ଲକ୍ଷ ମହିଳାଙ୍କୁ ଅସମ୍ମାନିତ କରୁଛନ୍ତି, ମନୋବଳ ଭାଙ୍ଗୁଛନ୍ତି

**ଭୁବନେଶ୍ୱର, ୧୪।୫(ସମିସ):** ଯେତେ ଯାହା ହେଲେ ବି ଓଡ଼ିଶା ବିଜେପି ନେତାମାନେ ମହିଳାଙ୍କୁ ଅସମ୍ମାନ କରିବା ଛାଡୁନାହାନ୍ତି। ତୃଣମୂଳ ସ୍ତରରେ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବେ ସେବା ଜାରି ରଖୁଥିବା ଆଶା, ଅଙ୍ଗନବାଡ଼ି, ମିଶନ୍ ଶକ୍ତି ମା'ମାନଙ୍କ ବିରୋଧରେ ବିଷୋଦ୍‌ଗାର ଜାରି ରଖିଛନ୍ତି। ବାରମ୍ବାର ଏହି ମହିଳାମାନଙ୍କୁ ଅସମ୍ମାନିତ ଓ ବଦନାମ କରି ଚାଲିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଏ ନେଇ ଦଳ ପକ୍ଷରୁ ଆଜି ପୁଣିଥରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇ ବିଜେପି ନେତାଙ୍କ ଆଚରଣ ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବି ଜଣାଇଛି। ବିଜେଡିର ଅଭିଯୋଗ ଅନୁସାରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ଆଶା, ଅଙ୍ଗନବାଡ଼ି କର୍ମୀ ତଥା ମିଶନ୍ ଶକ୍ତିର ସଦସ୍ୟା ଭାବେ କାମ କରୁଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛନ୍ତି। କିନ୍ତୁ ଅତ୍ୟନ୍ତ ଲଜ୍ଜାର ବିଷୟ ଓଡ଼ିଶା ବିଜେପି ନେତାମାନେ ଭୋଟ ପାଇଁ ଲକ୍ଷଲକ୍ଷ ମହିଳାମାନଙ୍କୁ ଅପମାନିତ କରିବା ପାଇଁ ପଛାଉନାହାନ୍ତି। ସେମାନଙ୍କ ମନୋବଳ ଭାଙ୍ଗିବା ପାଇଁ ହୀନ ଉଦ୍ୟମ କରୁଛନ୍ତି। ଏହା କେବଳ ଆମ ସମାଜ ଉପରେ ଗଭୀର କୁ-ପ୍ରଭାବ ପକାଉ ନାହିଁ, ବରଂ ରାଜ୍ୟରେ ଚାଲିଥିବା ନିର୍ବାଚନକୁ ପ୍ରଭାବିତ କରିବା ଆଶଙ୍କା ମଧ୍ୟ ରହିଛି। ବିଜେପି ନେତାମାନେ ଭୁଲି ଯାଉଛନ୍ତି ଯେ ସମଗ୍ର ବିଶ୍ୱ କୋଭିଡ୍ ମହାମାରୀ ପାଇଁ



ଭୟଭୀତ ଥିବା ବେଳେ ଏହି ମହିଳାମାନେ ନିଜ ଜୀବନକୁ ବିପଦରେ ପକାଇ ଲୋକଙ୍କ ସେବା ପାଇଁ ଆଗେଇ ଆସିଥିଲେ। କାହିଁ କେତେ ଜୀବନ ରକ୍ଷା କରିଥିଲେ। ହେଲେ ପରିତାପର ବିଷୟ, ଓଡ଼ିଶା ବିଜେପି ନେତାମାନେ ବାରମ୍ବାର ସେମାନଙ୍କ ବିରୋଧରେ ମିଥ୍ୟା, ଅଭିସନ୍ଧିମୂଳକ ଅଭିଯୋଗ ଆଣି ସେମାନଙ୍କୁ ବଦନାମ କରୁଛନ୍ତି। ଏପରିସ୍ଥଳେ ବିଜେପି ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସାଂସଦ ଡ. ସସ୍ମିତ ପାତ୍ର, ଡ. ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ଓମ୍ ପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା, ସ୍ୱୟମ୍ ପ୍ରକାଶ ମହାପାତ୍ର, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ଥିଲେ।

# ସମର୍ଥକଙ୍କୁ ଲଗାଇ ଟଙ୍କା ବାଣ୍ଟୁଛନ୍ତି ଧର୍ମେନ୍ଦ୍ର

**ସିଇଓଙ୍କୁ ଫେରାଦ ହେଲା ବିଜେଡି**

**ଭୁବନେଶ୍ୱର, ୧୪।୫(ସମିସ):** କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ପୁଣି ଆସିଛି ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ। ଶ୍ରୀ ପ୍ରଧାନ ଏବଂ ତାଙ୍କର ଦୃଢ଼ ସମର୍ଥକମାନେ ଲୋକଙ୍କୁ ଟଙ୍କା ବାଣ୍ଟୁ ଥିବାର ଭିଡିଓ ଏବଂ ଫଟୋ ଭାଇରାଲ ହେଉଛି। ଏହାକୁ ନେଇ ବିଜେଡି ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଶ୍ରୀ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛି। ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ଛେଣ୍ଡିପଦା ଅଞ୍ଚଳରେ ଶ୍ରୀ ପ୍ରଧାନଙ୍କ ସମର୍ଥକମାନେ ଲୋକଙ୍କୁ ଟଙ୍କା ବାଣ୍ଟୁଛନ୍ତି। ଶ୍ରୀ ପ୍ରଧାନଙ୍କ ନିର୍ବାଚନୀ ସଭାରେ ଲୋକ ରୁଣ୍ଡ କରିବା ଉଦ୍ଦେଶ୍ୟରେ ଏହି ଟଙ୍କା ବଣ୍ଟାଯାଉଥିଲା ବୋଲି ବିଜେଡି କହିଛି। ଆସନ୍ନ ପରାଜୟ ଜାଣି ଶ୍ରୀ ପ୍ରଧାନ ସମ୍ପୂର୍ଣ୍ଣଭାବେ ହତୋତ୍ସାହିତ ହୋଇପଡ଼ିଛନ୍ତି। ତାଙ୍କ ସଭାରେ ଚେୟାର ଖାଲିପଡୁଛି। ତେଣୁ ନିଜ ସମର୍ଥକଙ୍କୁ ଲଗାଇ ଲୋକଙ୍କୁ ଟଙ୍କା ବାଣ୍ଟି ସଭାରେ ଯୋଗଦେବା ପାଇଁ ଅନୁରୋଧ କରୁଛନ୍ତି। ଏତେ ଦିନ ଧରି କେନ୍ଦ୍ର ସରକାରରେ ମନ୍ତ୍ରୀ ଥିବା ଶ୍ରୀ ପ୍ରଧାନ ଲୋକଙ୍କ ସେବା କରି ସେମାନଙ୍କ ବିଶ୍ୱାସ ଜିଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲୋକେ ତାଙ୍କୁ ଭରସି ପାରୁନାହାନ୍ତି। ଏହା ଦେଖି କେନ୍ଦ୍ରମନ୍ତ୍ରୀଙ୍କର ଆତ୍ମବିଶ୍ୱାସ ଭାଙ୍ଗିଗଲାଣି। ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେବାରେ ଧୂରନ୍ଧର ଶ୍ରୀ ପ୍ରଧାନ ବଡ଼ ପରାଜୟ ଆଡକୁ ଅଗ୍ରସର ହେଉଛନ୍ତି। ଏପରିସ୍ଥଳେ ଲୋକଙ୍କୁ ଟଙ୍କା ବାଣ୍ଟି ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବାକୁ ସେ ପଛାଉ ନାହାନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସାଂସଦ ସସ୍ମିତ ପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ମଧୁସ୍ମିତା ନାୟକ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଇପ୍ସିତା ସାହୁ ସାମିଲ ହୋଇଥିଲେ।

**AFFIDAVIT**

By virtue of Affidavit sworn before Notary public Jeypore Date-18.03.24, I Swagat Garada, At/Po: Garidi, Block-Bandhugaon, Dist-Koraput declare that I have change my name from Dalabandhu Garada To Swagat Garada. Henceforth, I shall be known as **Swagat Garada** for all purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar , I Prakash Chandra Mohanty declared that in my voter identity card my father's name correctly mentioned as Jayaram Nayak but in my HSC Certificate my father's name wrongly mentioned as Jayaram Mohanty . So Jayaram Mohanty and **Jayaram Nayak** are one and the same person.

**AFFIDAVIT**

By virtue of an affidavit No 12AA 944743 dated 03.08.2023 sworn before the Executive Magistrate Bhubaneswar, Odisha, I Dayal Gangwar, Resident of At - Bapujinagar, Bhubaneswar, PS-Capital, Dist-Khurda, Odisha-751014, have changed my Son's name from Anugya Gangwar to **Anugya Singh** for all future purposes.

**AFFIDAVIT**

I, Gunagya Gangwar, S/o-Sri Dayal Gangwar, Resident of At-Bapujinagar, Bhubaneswar, PS-Capital, Dist-Khurda, Odisha-751014, declare by this affidavit No.12AA 944743 dtd 03.08.2023 that now onwards I shall be known as **Gunagya Singh** for all future purposes.

# ଅବଶିଷ୍ଟାଂଶ...

### 'ନିର୍ବାଚନ ପର୍ଯ୍ୟଟକ'ଙ୍କୁ...

କଟକ-ସଦରରେ ଜନସମାବେଶ ଓ କଟକ ସହରରେ ବିଶାଳ ରୋଡ୍ ଶୋ'ରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆପଣମାନଙ୍କ ଏହି ବିଶାଳ ଉପସ୍ଥିତି, ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଲୋକଙ୍କ ସମାବେଶ ବିରୋଧୀମାନଙ୍କ ନିଦ ହଜାଇ ଦେଇଛି । ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ଦିନରାତି କାମ କରୁଛନ୍ତି। ଓଡ଼ିଶାକୁ ୧୦୦ ବର୍ଷ ଆଗକୁ ନେବା ପାଇଁ ସେ ଚିନ୍ତା କରୁଛନ୍ତି; ସମସ୍ତଙ୍କ ବିକାଶ ଓ କଲ୍ୟାଣ ହେଉଛି 'ନବୀନ ଗ୍ୟାରେଣ୍ଟି' । ଯିଏ ବି ଭତ୍ତା, ପକ୍କାଘର, ବିଏସ୍‌କେୱାଇ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି, ସମସ୍ତଙ୍କୁ ଏଥିରେ ସାମିଲ କରାଯିବ। ଜୁନ ୯ ତାରିଖରେ ଦିନ ୧୧.୩୦ରୁ ଦିନ ଗୋଟାଏ ମଧ୍ୟରେ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନବୀନ ପଟ୍ଟନାୟକ। ପ୍ରଥମ ଦସ୍ତଖତରେ ହିଁ ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କ ବିଜୁଳି ବିଲ୍ ଛାଡ଼ କରିବେ। ଆପଣମାନେ ବିଜୁଳି ପାଇବେ ଆଉ ବିରୋଧୀଙ୍କୁ ଲାଗିବ ବଡ଼ ଝଟ୍‌କା। ବିଜେପି ମାଗଣା ବିଜୁଳି ଦେବାକୁ କହୁଛି, ମାତ୍ର ଏହା ବାସ୍ତବରେ ମାଗଣା ନୁହେଁ । ଏଥିପାଇଁ ଆପଣଙ୍କୁ ଆଗୁଆ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ। ତା'ପରେ ସୋଲାର ପ୍ୟାନେଲ ଲଗାଇ ସେମାନେ ସୂର୍ଯ୍ୟକିରଣରୁ ବିଜୁଳି ଦେବେ। ସେମାନେ ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି। ବିଜେପି କେନ୍ଦ୍ରରେ ୧୦ ବର୍ଷ ଧରି କ୍ଷମତାରେ ରହିଲା। ସମସ୍ତଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ, ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ, ପେଟ୍ରୋଲ, ଡିଜେଲ ଦର କମିବା କଥା କହିଥିଲେ; କିନ୍ତୁ ଏହି ୧୦ ବର୍ଷ ଭିତରେ ଏସବୁ କିଛି ମନେ ପଡିଲା ନାହିଁ। ଏଲ୍‌ପିଜି ଦର ଯୋଗୁଁ ମା'ମାନେ କାନ୍ଦୁଛନ୍ତି। କିନ୍ତୁ ନବୀନ ବାବୁ ପ୍ରତିଶ୍ରୁତି ଦିଅନ୍ତି ଓ ତାକୁ କାମରେ କରି ଦେଖାନ୍ତି। ସେ କମ୍ କଥା କହନ୍ତି, ଅଧିକ କାମ କରନ୍ତି। ଆପଣଙ୍କ ଆଶୀର୍ବାଦ ତାଙ୍କୁ ଅଧିକ ସଶକ୍ତ କରିବ । କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ଆଠଗଡ଼ ତିଗିରିଆରେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦରରେ ଚନ୍ଦ୍ର ସାରଥୀ ବେହେରା ଓ କଟକ ଚୌଦ୍ୱାର ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ସେ ଅନୁରୋଧ କରିଛନ୍ତି । କଟକରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏହି ମାଟି ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଭୂମି; ମାତ୍ର ସାରା ଓଡ଼ିଶା ତାଙ୍କ କର୍ମଭୂମି। ବସ୍ତିବାସିନ୍ଦାଙ୍କ ପାଇଁ ଅନେକ ଲୋକ ଅନେକ କଥା କରୁଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ୍ତିବାସିନ୍ଦାଙ୍କୁ ସମ୍ମାନ ଦେବାରେ ସାରା ଭାରତ ବର୍ଷ ଏକ ନମ୍ବର। ବସ୍ତିବାସିନ୍ଦାଙ୍କୁ ପଟ୍ଟା ଆବଣ୍ଟନ, ବିଜୁ ଆଦର୍ଶ କଲୋନି ନିର୍ମାଣ, ଜାଗା ମିଶନ କାର୍ଯ୍ୟକାରୀ କରିବାରେ ମୁଖ୍ୟମନ୍ତ୍ରୀ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛନ୍ତି। କଟକ ସବୁବେଳେ ବିଜେଡିର ଗଡ଼ ହୋଇ ରହିଛି ଓ ରହିଥିବ। ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଆପଣଙ୍କ ସେବା ନିମନ୍ତେ ରାଜନୀତିକୁ ଆସିଛନ୍ତି। ସେ ଆପଣଙ୍କ ସେବା କରିବେ ଓ ଏ ଅଞ୍ଚଳକୁ ପୁଞ୍ଜି ଆଣିବେ। ଯୁବପିଢ଼ିଙ୍କୁ ରୋଜଗାର ଦେବେ। ତେଣୁ ଆପଣମାନେ ବିପୁଳ ଭୋଟ ବ୍ୟବଧାନରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଭୋଟ ଦିଅନ୍ତୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ସୋଫାରେ ବସି...

ସୁପ୍ରିମକୋର୍ଟ ଏହାର ଶୁଣାଣି କରି ପତଞ୍ଜଳି କମ୍ପାନୀ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହିତ ଏଭଳି ହୀନ କାର୍ଯ୍ୟ ପାଇଁ ବିଜ୍ଞାପନ ଜରିଆରେ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶାରୀରିକ ସୁସ୍ଥତାଲାଭ ପାଇଁ ଅନ୍ୟ ଯେଉଁସବୁ 'କନଜ୍ୟୁମର୍ କମ୍ପାନୀ' ସେମାନଙ୍କ ଉତ୍ପାଦ ସମ୍ପର୍କରେ ବିଜ୍ଞାପନ ଦେଉଛନ୍ତି ତାହାକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଥିଲେ। ତେବେ ସୁପ୍ରିମକୋର୍ଟ ଡାକ୍ତରମାନଙ୍କ ସମ୍ପର୍କରେ ଦେଇଥିବା ଟିପ୍ପଣୀକୁ ବିରୋଧ କରି ଅଶୋକାନ୍ ଏକ ସାକ୍ଷାତକାରରେ ଯାହା କହିଥିଲେ ତାହାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଥିଲେ। ଏହିକ୍ରମରେ ମଙ୍ଗଳବାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଆଇଏମଏ ପ୍ରତି କଡ଼ା ଟିପ୍ପଣୀ ରଖିଛନ୍ତି। ସେହିପରି ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ଅଦାଲତ ଅବମାନନା ମାମଲାରେ ଖଣ୍ଡପୀଠ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପତଞ୍ଜଳି କମ୍ପାନୀର ଯେଉଁସବୁ ଉତ୍ପାଦ ପାଇଁ ଲାଇସେନ୍ସ ରଦ୍ଦ କରାଯାଇଛି ସେହିସବୁ ଉତ୍ପାଦ ବଜାରରୁ ପ୍ରତ୍ୟାହାର କରିନେବା ପାଇଁ ମଧ୍ୟ ଉକ୍ତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ୨୮ରୁ ବିଜେଡିକୁ...

ବିଜୟ ଦେବ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଆମେ ୨୮ ଆସନରୁ ୨୪ଟି ଆସନରେ ବିଜୟ ପାଇବୁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ଲୋକମାନେ ଅତ୍ୟନ୍ତ ଉତ୍ସାହର ସହ ମତଦାନ କରିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ମତଦାନ ହାର ଯଥେଷ୍ଟ ହ୍ରାସ ପାଇଥିବା ସତ୍ତ୍ୱେ ଓଡ଼ିଶାରେ ମତଦାନ ହାର ପ୍ରାୟ ସମାନ ରହିଛି। ସ୍ୱାଭିମାନ ଅଞ୍ଚଳଠାରୁ ବଣ୍ଡାଘାଟି ପର୍ଯ୍ୟନ୍ତ ଲୋକମାନେ ଉତ୍ସାହର ସହ ମତଦାନ କରିଛନ୍ତି। ସବୁଠାରେ ବିଜୁ ଜନତା ଦଳ ପ୍ରତି ଲୋକଙ୍କ ଅଭୁତପୂର୍ବ ସମର୍ଥନ ପ୍ରତିଫଳିତ ହୋଇଛି। ଓଡ଼ିଶାରେ ଗତ ୫ ବର୍ଷ ମଧ୍ୟରେ ହୋଇଥିବା ରୂପାନ୍ତରଣ, ଓଡ଼ିଶାର ଗାରିମା ବୃଦ୍ଧି ଏବଂ ୨୦୩୬ ସୁଦ୍ଧା ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପ୍ରତିବଦ୍ଧତା ଆଧାରରେ ଓଡ଼ିଶାରେ ବିଜେଡି ତିନି ଚତୁର୍ଥାଂଶ ଆସନରେ ବିଜୟ ପାଇବ ବୋଲି ବିଶ୍ୱାସ ରଖିଛି।

### ରାଜପଥ ପ୍ରତାରଣା...

ଲେଉଟିଆ ପଟାଳି ପାଲଟିଛି। ନା' ନୂଆ ରାଜପଥ ନିର୍ମାଣ ହୋଇ ପାରିଛି; ନା' ଜଳପଥ କାର୍ଯ୍ୟକାରିତା ହୋଇଛି। ୧୦ବର୍ଷ ଧରି ଗୋଟିଏ ୫୫ ନମ୍ବର ରାଜପଥ ଶେଷ ହୋଇ ପାରିନାହିଁ, ଏହି ରାସ୍ତାରେ ୨ ହଜାର ଲୋକଙ୍କ ଜୀବନ ଗଲାଣି। ୧୦ବର୍ଷ ପ୍ରତିଶ୍ରୁତି ଶୁଣିଶୁଣି ଓଡ଼ିଶାବାସୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଛି ଏବଂ ଏବେ ପୁଣି ନିର୍ବାଚନ ପର୍ଯ୍ୟଟନରେ ଆସୁଥିବା ବିଜେପିର ଜାତୀୟ ନେତାମାନେ ରାଜପଥର ପ୍ରତିଶ୍ରୁତି ଅଜାଡ଼ି ଦେଉଛନ୍ତି।

ଭୌଗୋଳିକ ଅବସ୍ଥିତ ଓ ସମୟର ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିଣତ କରିବାର ସର୍ବାଧିକ ଆବଶ୍ୟକତା ଥିଲେ ହେଁ, କେନ୍ଦ୍ର ସରକାରଙ୍କ ନୀତି ଏବଂ ନିଷ୍ପତ୍ତି ବିଶେଷଜ୍ଞ ମହଲକୁ ତାଜୁବ୍ କରିଛି। ସଂସଦରେ ଉପସ୍ଥାପିତ କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ୨୦୧୯-୨୦ରୁ ୨୦୨୨-୨୩ ଆର୍ଥିକ ବର୍ଷ ଅର୍ଥାତ୍ ଗତ ୪ ବର୍ଷ ମଧ୍ୟରେ ଓଡ଼ିଶାର ମାତ୍ର ୧୩୬ କିଲୋମିଟର ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ରୂପାନ୍ତରଣ କରାଯାଇଛି। ବିଡ଼ମ୍ବନା ହେଉଛି ଏହି ଅବଧି ମଧ୍ୟରେ ଆନ୍ଧ୍ର ପ୍ରଦେଶର ୧୩୭୩ କିମି, ଗୁଜୁରାଟର ୧୨୫୦ କିମି, ତେଲେଙ୍ଗାନାର ୧୧୩୦ କିମି, ଉତ୍ତରପ୍ରଦେଶର ୫୫୪ କିମି, ବିହାରର ୫୮୫ କିମି ଏବଂ ମହାରାଷ୍ଟ୍ରର ୫୬୧ କିଲୋମିଟର ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିବର୍ତ୍ତନ କରାଯାଇଛି। ପଡ଼ୋଶୀ ଆନ୍ଧ୍ର ଓ ତେଲେଙ୍ଗାନାକୁ କେନ୍ଦ୍ର ସରକାର ଏ କ୍ଷେତ୍ରରେ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିବା ବେଳେ ଓଡ଼ିଶାର ହକ୍ ପ୍ରତି ଆଖି ବୁଜି ଦେଇଛନ୍ତି।

ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳାର ଉଦାହରଣ ଏଇଠି ସରୁନାହିଁ। ରାଜ୍ୟ ମଧ୍ୟରେ ଜାତୀୟ ରାଜପଥର ଅବସ୍ଥିତି କ୍ଷେତ୍ରରେ ଓଡ଼ିଶା ବହୁ ପଛରେ। ମହାରାଷ୍ଟ୍ରରେ ମୋଟ ୧୭୭୫୭ କିଲୋମିଟର ଜାତୀୟ ରାଜପଥ ରହିଥିବା ବେଳେ ଉତ୍ତର ପ୍ରଦେଶରେ ୧୧୭୩୭ କିମି, ରାଜସ୍ଥାନରେ ୧୦୩୪୨ କିମି ଜାତୀୟ ରାଜପଥ ରହିଛି। ତୁଳନାତ୍ମକ ଭାବେ ଓଡ଼ିଶାରେ ମାତ୍ର ୫୭୬୨ କିଲୋମିଟର ଜାତୀୟ ରାଜପଥ ରହିଥିବା ଜଣାପଡ଼ିଛି। କୌଣସି ଅଞ୍ଚଳର ଅର୍ଥନୈତିକ-ସାମାଜିକ-ସାଂସ୍କୃତିକ ବିକାଶ କ୍ଷେତ୍ରରେ ଉନ୍ନତ ସଡ଼କ ଯୋଗାଯୋଗ ବ୍ୟବସ୍ଥାର ସର୍ବାଧିକ ଗୁରୁତ୍ୱ ରହିଛି। ଏହି କଥାଟିକୁ ବିଜେପି ବୁଝିନାହିଁ ନା ଜାଣିଶୁଣି ଓଡ଼ିଶାର ବିକାଶ ପ୍ରତି ମୁହଁ ମୋଡ଼ି ଦେଇଛି, ତାହାକୁ ନେଇ ତଥ୍ୟାଭିଜ୍ଞ ମହଲରେ ପ୍ରଶ୍ନବାସୀ ସୃଷ୍ଟି ହୋଇଛି।

ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଲଗାତାର ଅବିଚାର ସତ୍ତ୍ୱେ ରାଜ୍ୟ ସରକାର କିନ୍ତୁ ଚୁପ୍ ହୋଇ ବସିଯାଇ ନାହାନ୍ତି। ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟ ରାଜପଥ ସହ ସମକକ୍ଷ ୫୪୬ କିଲୋମିଟର 'ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ କରିଛନ୍ତି। ଆମପାଣିଠାରେ 'ବିଜୁ ଏକ୍ସପ୍ରେସ ୱେ'କୁ ଏବଂ ସୋହେଲାରୁ ଆମପାଣି ପର୍ଯ୍ୟନ୍ତ 'ବିଜୁ ଅର୍ଥନୈତିକ କରିଡର' ପଶ୍ଚିମ ଓଡ଼ିଶାର ଜୀବନ ରେଖା ପାଲଟିଛି। ପଶ୍ଚିମରୁ ଦକ୍ଷିଣକୁ ଯୋଡୁଥିବା ଏହି ଏକ୍ସପ୍ରେସ ୱେ ଓଡ଼ିଶାର ବିକାଶକୁ ଏକ ନୂଆ ଦିଗନ୍ତ ପ୍ରଦାନ କରିଛି। ସେହିପରି ରାଜ୍ୟରେ ଦ୍ୱିତୀୟ 'ବିଜୁ ଏକ୍ସପ୍ରେସ-ୱେ' ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ୪ ଲେନ୍ ବିଶିଷ୍ଟ ୩୩୫ କିମି ଲମ୍ବର 'ବିଜୁ ଏକ୍ସପ୍ରେସ୍-ୱ-୨' ବ୍ରହ୍ମପୁର ଓ ଜୟପୁରକୁ ସଂଯୋଗ କରିବାକୁ ୬୧୦୦ କୋଟି ଟଙ୍କାର ବରାଦ କରାଯାଇଛି। ଯାହା ରାଜ୍ୟର ସାମଗ୍ରିକ ବିକାଶ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ମତପ୍ରକାଶ ପାଇଛି।

### ବଢ଼ିବ ରିଚାର୍ଜ...

କୋଟି ମୋବାଇଲ୍ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସୂଚନା ଅନୁଯାୟୀ, ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କର ମୋବାଇଲ୍ ଟାରିଫ୍ ପ୍ଲାନ୍ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଲେ ଏଆର୍‌ପିୟୁ ଅର୍ଥାତ୍ ୟୁଜର ପିଛା କମ୍ପାନୀଗୁଡିକର ହାରାହାରି ରାଜସ୍ୱ ବୃଦ୍ଧି ଘଟିବ। ଏ ସମ୍ପର୍କରେ ବ୍ରୋକରେଜ୍ ସଂସ୍ଥା ଆକ୍ସିସ୍ କ୍ୟାପିଟାଲର ଏକ ରିପୋର୍ଟରେ କୁହାଯାଇଛି ଯେ ଟେଲିକମ୍ କମ୍ପାନୀଗୁଡିକ ୫ଜି ଟେକ୍ନୋଲୋଜିରେ ବିପୁଳ ମାତ୍ରାରେ ପୁଞ୍ଜି ବିନିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ କମ୍ପାନୀଗୁଡିକ ଲାଭ ଆୟ କରିବାକୁ ଚାହିଁ ରହିଛନ୍ତି।

ରିପୋର୍ଟ ଅନୁଯାୟୀ, ଉଭୟ ପୋଷ୍ଟପେଡ୍ ଏବଂ ପ୍ରିପେଡ୍ ପ୍ଲାନ୍ ପୂର୍ବ ଅପେକ୍ଷା ଅଧିକ ମହଙ୍ଗା ହୋଇପାରେ। ଅନ୍ୟପକ୍ଷରେ, ଇଣ୍ଟରନେଟ୍ ପ୍ୟାକ୍ ମଧ୍ୟ ମହଙ୍ଗା ହେବ। ବିଶେଷଜ୍ଞଙ୍କ ଅନୁଯାୟୀ, ବର୍ତ୍ତମାନ ଟେଲିକମ୍ କମ୍ପାନୀଗୁଡିକର ଉପଭୋକ୍ତା ପିଛା ହାରାହାରି ଆୟ ବହୁତ କମ୍ ରହିଛି। ଏହାର ଅର୍ଥ ମୋବାଇଲ୍ ଅପରେଟର ପ୍ରତ୍ୟେକ ବ୍ୟବହାରକାରୀଙ୍କ ପାଇଁ ଯେତିକି ଅର୍ଥ ଖର୍ଚ୍ଚ କରୁଛନ୍ତି ସେତିକି ଆୟ କରୁନାହାଁନ୍ତି। ଏହି କାରଣରୁ ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କ ଟାରିଫ୍ ପ୍ଲାନ୍‌ରେ ୨୫ ପ୍ରତିଶତ ବୃଦ୍ଧି କରିପାରନ୍ତି। ମୋବାଇଲ୍ ଟାରିଫ୍‌ରେ ଏହି ବୃଦ୍ଧି ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିବ। ବର୍ତ୍ତମାନ ସବୁଠାରୁ ବଡ ପ୍ରଶ୍ନ ହେଉଛି ଯଦି ଟାରିଫ୍ ପ୍ଲାନ୍‌ରେ ୨୫ ପ୍ରତିଶତ ବୃଦ୍ଧି ହୁଏ, ତେବେ ସାଧାରଣ ଲୋକଙ୍କ ପକେଟରେ ଏହାର ଏକ ବଡ଼ ପ୍ରଭାବ ଦେଖିବାକୁ ମିଳିବ। ଉଦାହରଣ ସ୍ୱରୂପ ଯଦି ଆପଣ ପ୍ରତି ମାସରେ ୨୦୦ ଟଙ୍କା ରିଚାର୍ଜ କରୁଛନ୍ତି, ତେବେ ମୋବାଇଲ ରିଚାର୍ଜ ଦର ୫୦ ଟଙ୍କା ବୃଦ୍ଧି ହେବ। ଏହାର ଅର୍ଥ ହେଉଛି ୨୦୦ ଟଙ୍କାର ଟାରିଫ୍ ପ୍ଲାନ୍ ଲାଗି ଆପଣଙ୍କୁ ୨୫୦ ଟଙ୍କା ଦେବାକୁ ପଡିବ। ଅନ୍ୟପକ୍ଷରେ, ଯଦି ଆପଣ ୧୦୦୦ ଟଙ୍କା ରିଚାର୍ଜ କରୁଛନ୍ତି, ତେବେ ନୂଆ ଟାରିଫ୍ ପ୍ଲାନ୍‌ରେ ଆପଣଙ୍କୁ ୧୨୫୦ ଟଙ୍କା ଦେବାକୁ ପଡିବ।

### ଦୁର୍ଘଟଣାରେ ୩...

୫ମ ପୁଲିଂ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ରାୟଗଡ଼ାର ଜନାର୍ଦ୍ଦନ ପଟ୍ଟନାୟକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମୃତ ପ୍ରସନ୍ନ ନୂଆପଡ଼ା ଜିଲ୍ଲାର ସିନାପାଲିଠାରେ ଏକ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସେ ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ରାନିମୁଣ୍ଡା ୧୮୪ ନମ୍ବର ବୁଥ୍‌ରେ ପ୍ରିଜାଇଡିଂ ଅଧିକାରୀ ରୂପେ ନିୟୋଜିତ ଥିଲେ। ସେ ମତଦାନ ସମ୍ପର୍କିତ କାର୍ଯ୍ୟ ସାରି ଇଭିଏମ୍ ଓ ନିର୍ବାଚନ ସାମଗ୍ରୀ ଜମା କରି ଘରକୁ ଫେରୁଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ପ୍ରାଣହାନି ଘଟିଛି। ତାଙ୍କ ପରିବାର ବର୍ଗଙ୍କୁ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁଯାୟୀ ୧୫ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସେହିପରି ନିର୍ବାଚନ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଖଇରପୁଟ ମୁଦୁଲିପଡ଼ା ପଞ୍ଚାୟତ ବନ୍ଧଗୁଡ଼ାରେ ଶିକ୍ଷକ ଭାବେ କାର୍ଯ୍ୟରତ ଇନ୍ଦ୍ରଜିତ କିର୍ସାନୀଙ୍କର ମଧ୍ୟ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଇନ୍ଦ୍ରଜିତ ମାଲକାନଗିରି ନିର୍ବାଚନମଣ୍ଡଳୀ ୧୨୨ ନମ୍ବର ବୁଥ୍‌ରେ ପ୍ରିଜାଇଡିଂ ଅଧିକାରୀ ଭାବେ ଦାୟିତ୍ୱ ସାରି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ସମାନ ଭାବେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ୫ମ ପୁଲିଂ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ନିଜ ଘରକୁ ଫେରୁଥିବା ବେଳେ ଜନାର୍ଦ୍ଦନ ପଟ୍ଟନାୟକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସେହିପରି ନିର୍ବାଚନ କାର୍ଯ୍ୟ ସାରି ଫେରୁଥିବା ବେଳେ ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ଛେଲିଗଡ ହାଟ ପଦାଠାରେ ଗାଡ଼ି ଧକ୍କାରେ ଏସୋ ମାଝୀଙ୍କ ମୃତ୍ୟୁ ହୋଇଛି। ଏସୋ ମାଝୀଙ୍କ ଘର ମୋହନା ଥାନା ଅନ୍ତର୍ଗତ ଡୁଣ୍ଡୁ ଗ୍ରାମ ହୋଇଥିବା ବେଳେ ସେ ବାଘମାରି ଗ୍ରାମ ସ୍ଥିତ ବାଘମାରି ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ସୋମବାର ଦିନ ସାଧାରଣ ନିର୍ବାଚନରେ ସେ ପୋଲିଂ ଅଫିସର ଭାବେ ନିୟୋଜିତ ଥିଲେ। ତାଙ୍କର ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଡ୍ୟୁଟି ପଡିଥିଲା। ଗତକାଲି ନିଜ କର୍ତ୍ତବ୍ୟ ସାହି ଆଜି ନିଜ ଗ୍ରାମ ଅଭିମୁଖେ ଫେରୁଥିବା ସମୟରେ ଅଜଣା ଗାଡି ଧକ୍କାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ଦୁର୍ଘଟଣା ସମ୍ପର୍କରେ ଖବରପାଇ ରା.ଉଦୟଗିରି ଥାନା ପୁଲିସ ପହଞ୍ଚି ଘଟଣା ସ୍ଥଳରେ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି। ଶିକ୍ଷକଙ୍କ ମୃତ୍ୟୁକୁ ନେଇ ବାଘମାରି ଗ୍ରାମାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଶିକ୍ଷକ ଏସୋ ମାଝୀଙ୍କ ଛଅ ଗୋଟି ସନ୍ତାନ ଯଥା ତିନି ଜଣ ପୁଅ ଏବଂ ତିନି ଜଣ ଝିଅ ରହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ENGG/2024-25 ତା. 06.05.2024 ରିଖ

1) ଇ-ଟେଣ୍ଡର ସଂ. 03-eT-SDENW-SBP-24

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ଼ (IN) - ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ CESS ବିସ୍ତାର ଏବଂ ଟ୍ରଲି ରିଫ୍ୟୁଜର ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 1,56,85,874.80, EMD (₹): 2,28,500.00, କାର୍ଯ୍ୟ ଶେଷ ହେବା ଅବଧି : 06 (ଛ) ମାସ ।

2) ଇ-ଟେଣ୍ଡର ସଂ. 04-eT-DENS-SBP-24

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସଇଁତଳା-ଟିଟିଲାଗଡ଼-ଥେରୁବାଲି ସେକ୍ସନ ମଧ୍ୟରେ CESSର ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 2,24,51,940.47, EMD (₹): 2,62,300.00, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ଉଭୟ ଟେଣ୍ଡର ନିମନ୍ତେ) ତା.31.05.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର

PR-115/P/24-25

### ଦୀପାଳିଙ୍କ ଦମ୍‌ଦାର ପ୍ରଚାର

# ସାମିଲ ହେଲେ ବଲିଉଡ ଷ୍ଟାର୍ ଭାଗ୍ୟଶ୍ରୀ ଓ ନିଲ୍ ନୀତିନ ମୁକେଶ

**ଝାରସୁଗୁଡ଼ା, ୧୪।୫(ସମିସ)**

ସ୍ଥାନୀୟ ଏଚ୍ କଣ୍ଟାପାଲି ଗ୍ରାମପଞ୍ଚାୟତଠାରେ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ବିରାଟ ଆଶୀର୍ବାଦ ଜନସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ବଲିଉଡର ଜଣାଶୁଣା ସିନେ ତାରକା ଭାଗ୍ୟଶ୍ରୀ ଓ ନିଲ ନୀତିନ ମୁକେଶ ଯୋଗଦେଇ ଦୀପାଳିଙ୍କ ପାଇଁ ପ୍ରଚାର କରିଛନ୍ତି। ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ପରିବାର ସହ ଘନିଷ୍ଠ ସମ୍ପର୍କ ଥିବା ଏହି ସିନେ ତାରକା ଦ୍ୱୟ ତାଙ୍କ ଝିଅ ଦୀପାଳିଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର, ବିଧାୟିକା ପ୍ରାର୍ଥୀନୀ ସୁଶ୍ରୀ ଦୀପାଳି ଦାସ, ବରିଷ୍ଠ ନେତା ସୁଶାନ୍ତ ମିଶ୍ର ମଞ୍ଚାସୀନ ହୋଇ ନିର୍ବାଚନୀ ପ୍ରଚାର କରିଛନ୍ତି। ସଭାରେ ଉଦବୋଧନ ଦେଇ ଝାରସୁଗୁଡ଼ାରେ ବିକାଶମୂଳକ କାମରେ ନିଜକୁ ଅଂଶୀଦାର କରି ସମସ୍ତ ଗ୍ରାମରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ବ୍ୟକ୍ତିଙ୍କ ପାଇଁ ସୁବିଧା ସୁଯୋଗ କରି ଜନସାଧାରଣଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଚଳିତ ନିର୍ବାଚନରେ ପୁଣି ଥରେ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରି ସୁଯୋଗ ଦେଲେ ଝାରସୁଗୁଡ଼ାବାସୀଙ୍କ ସ୍ୱପ୍ନକୁ ସାକାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ବିଧାୟିକା ପ୍ରାର୍ଥୀ ଦୀପାଳି କହିଛନ୍ତି। ଏହି ସିନେ ତାରକାଙ୍କ ସହ ଯୁବ ନେତା ବିଶାଳ ଦାସ, ଦୁଇ ବିଧାୟିକା ଓ ସାଂସଦ ପ୍ରାର୍ଥୀ ମନମୋହନ ଏମଇ ସ୍କୁଲ ପଡ଼ିଆରୁ ଏକ ମାରାଥନ୍ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଝଣ୍ଡା ଛକ, ରେଳଷ୍ଟେସନ ଛକ, ପୁରୁଣା ବସ୍ତି ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ବେହେରାମାଲ ମିଳନ ଛକ ଦେଇ ବିଟିଏମକୁ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ସମୟରେ ପଥପ୍ରାନ୍ତ ସଭାରେ ବିଧାନସଭା ପାଇଁ ସୁଶ୍ରୀ ଦୀପାଳି ଦାସ ଓ





ବରଗଡ଼ ଲୋକସଭା ପାଇଁ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ପ୍ରଚାର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରବି ସିଂ, ପୌରାଧକ୍ଷା ରାନୀ ହାତୀ, ପୂର୍ବତନ ପୌରାଧକ୍ଷ ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ସନ୍ଦୀପ ଅବସ୍ଥୀ, ରଘୁମଣୀ ପଟେଲ, ବିଶ୍ୱନାଥ ତ୍ରିପାଠୀ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ସରିତା ଅଗରୱାଲ, ସୂର୍ଯ୍ୟକାନ୍ତି ମହାପାତ୍ର, ଦାମୋଦର ନାଥ, ଅଶୋକ ଦାସ, ଚିରଞ୍ଜିବୀ ପତିଙ୍କ ସମେତ ସମସ୍ତ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଆଜି ଦେବଗଡ଼ ଆସୁଛନ୍ତି ନବୀନ

**ଦେବଗଡ଼, ୧୪।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ଅବସରରେ ମେ ୨୫ରେ ଦେବଗଡ଼ରେ ନିର୍ବାଚନ ରହିଛି। ଏହି ପରିପେକ୍ଷୀରେ ସମ୍ବଲପୁର ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନ ଦେବଗଡ଼ ବିଧାନସଭାମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ବୁଧବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବଗଡ଼ ଆସୁଛନ୍ତି। ମଧ୍ୟାହ୍ନ ଗୋଟାଏରେ ପ୍ରଧାନପାଟ ରୋଡ୍‌ସ୍ଥିତ ବଡ଼ ବଗିଚା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଉପସ୍ଥିତ ଜନସାଧାରଣ ଓ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବେ। ଏହାସହ ସମ୍ବଲପୁର ଲୋକସଭା ଆସନର ଦଳୀୟ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଦେବଗଡ଼ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସପକ୍ଷରେ ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ସମ୍ପର୍କୀୟ ଭାଇକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ ୫ ବର୍ଷ କାରାଦଣ୍ଡ

**ଝାରସୁଗୁଡ଼ା, ୧୪।୫(ସମିସ):** ବନହରପାଲି ଥାନା ଅନ୍ତର୍ଗତ ଭତଲଗା ଗ୍ରାମରେ ସମ୍ପର୍କୀୟ ଭାଇକୁ ଆକ୍ରମଣ ଘଟଣାରେ ଝାରସୁଗୁଡ଼ା ଦୌରାଜଜ୍ ରାୟ ପ୍ରକାଶ କରି ଅଭିଯୁକ୍ତକୁ ୫ ବର୍ଷ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ସୂଚନାନୁଯାୟୀ, ୨୦୨୨ ଏପ୍ରିଲ ୧୯ ତାରିଖରେ ଜୟନ୍ତୀ ମିର୍ଦ୍ଧା ଓ ତାଙ୍କ ସ୍ୱାମୀ ଗୋକୁଳ ମିର୍ଦ୍ଧାକୁ ଏକ ଛୁରିରେ ଭୀମ ମିର୍ଦ୍ଧା ମରଣାତ୍ମକ ଆକ୍ରମଣ କରିଥିଲେ। ଏମିତିକି ଗୋକୁଳ ମିର୍ଦ୍ଧାଙ୍କ ପେଟେର ଛୁରିଭୁଷୀ ଅନ୍ତବୁଜୁଳା ବାହାର କରିଦେଇଥିବା ଅଭିଯୋଗ ହୋଇଥିଲା। ପରେ ସମ୍ବଲପୁର ଜିଲ୍ଲା ହୀରାକୁଦର ସମ୍ପର୍କୀୟ ଭାଇ ଭୀମାକୁ ଗିରଫ କରିଥିଲା ବନହରପାଲି ପୁଲିସ।

## ଉମାଶଙ୍କର, ଦେବେନ୍ଦ୍ର ବିଜେଡି ରାଜ୍ୟ ସମ୍ପାଦକ



**ଦେବଗଡ଼, ୧୪।୫(ସମିସ):** ଦେବଗଡ଼ର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ଗତ ନିର୍ବାଚନରେ କଂଗ୍ରେସର ଦଳୀୟ ପ୍ରାର୍ଥୀ ହୋଇଥିବା ଉମାଶଙ୍କର ସାହୁ ନିଜ ସମର୍ଥକଙ୍କ ସହ ଗତ କିଛି ଦିନ ପୂର୍ବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ସାହୁଙ୍କୁ ରାଜ୍ୟ ସମ୍ପାଦକ ପଦବୀରେ ଅଧିଷ୍ଠିତ କରି ଦଳୀୟ ଦାୟିତ୍ୱ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରାଙ୍କୁ ମଧ୍ୟ ରାଜ୍ୟ ସମ୍ପାଦକ ଭାବେ ଦଳୀୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତ କରଛନ୍ତି। ଶ୍ରୀ ସାହୁଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଥିବାରୁ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗାଁ ଗାଁରେ ପ୍ରଚାର କରୁଛନ୍ତି ଅଳକା

**ଝାରସୁଗୁଡ଼ା, ୧୪।୫(ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କ ଗାଁ ଗାଁରେ ପ୍ରଚାର ଜୋର୍ ଧରିବାରେ ଲାଗିଛି। ଅଳକା ମହାନ୍ତି ତିଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଭେଟି ଭୋଟ୍ ଭିକ୍ଷା କରିଛନ୍ତି। ସମସ୍ତଙ୍କ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ବଜାୟ ରଖିବାର ଉତ୍ସାହ ଦେଖିବାକୁ ମିଳିଛି। ସେହିପରି ଅଳକା ମହାନ୍ତିଙ୍କୁ ରମ୍ଭେଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜୋର୍‌ଦାର୍ ପ୍ରଚାର କରିଛନ୍ତି। ବିଶେଷ ଭାବରେ ମହିଳା ଭୋଟରମାନେ ଅଳକାଙ୍କ ପ୍ରତି ବିପୁଳ ସମର୍ଥନ ଜଣାଉଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ମହିଳାମାନଙ୍କୁ ସଶକ୍ତ କରିବା ଯୋଜନାଗୁଡ଼ିକୁ କିଭଳି ହିତାଧିକାରୀଙ୍କ ପାଖରେ ପହଞ୍ଚାଇବେ ସେନେଇ



ଭୋଟରମାନଙ୍କୁ ସୂଚନା ଦେଇଥିଲେ ଅଳକା ମହାନ୍ତି। ସେହିପରି ପିପିଲିକାନି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ ପ୍ରଚାରରେ ଲୋକଙ୍କ ଅଦ୍ୱିତୀୟ ସମର୍ଥନ ମିଳିଛି। ଦଳଗାଁ, ସରଣ୍ଡାମାଲ ପଞ୍ଚାୟତ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟ ପାଇଁ ଭୋଟ ମାଗିଛନ୍ତି। କୁଶ୍ରାଲୋଇ ପଞ୍ଚାୟତ ଯାଇ ଭୋଟ ପ୍ରଚାରରେ ଗ୍ରାମବାସୀମାନେ ଅଳକା ମହାନ୍ତିଙ୍କୁ ଆଶୀର୍ବାଦ କରିଥିବା ଦେଖିବାକୁ ମିଳିଛି।

## ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ




**ବ୍ରଜରାଜନଗର, ୧୪।୫ (ସମିସ):** ବ୍ରଜରାଜନଗର ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନନ୍ଦିନୀ ଗାଇଡ୍ କମ୍ପାନୀକୁ ରାଜଭବନରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟ ପୁରସ୍କାର ଲକ୍ଷ୍ମୀ ମଜୁମଦାର ଆୱାର୍ଡ ପ୍ରଦାନ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସାହୁ ଏବଂ ଜିଲ୍ଲା ଅର୍ଗାନାଇଜିଂ କମିଶନର ଗାଇଡ୍ ସୁଶ୍ରୀ ପ୍ରତିଭା ମହାପାତ୍ର ରାଜ୍ୟପାଳଙ୍କଠାରୁ ଏହା ଗ୍ରହଣ କରିଛନ୍ତି। କାଳିପ୍ରସାଦ ମିଶ୍ର, ମିନତୀ ବେହେରା, ଅନାମିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ■ ପୋଖରୀ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉନି

## ଖଡ଼ାମ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି



**ଝାରସୁଗୁଡ଼ା, ୧୪।୫(ସମିସ):** ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ଖଡ଼ାମ ଗାଁ ପୋଖରୀ ପୁନରୁଦ୍ଧାର ନିମନ୍ତେ ଜିଲ୍ଲାପାଳଙ୍କ ନିକଟରୁ ଅନୁମତି ଅଣି ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଛି; ହେଲେ ଏମ୍‌ସିଏଲ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଖଡ଼ାମ ଗ୍ରାମବାସୀ ଏମ୍‌ସିଏଲ୍ ଅଫିସକୁ ବାମମ୍ବାର ଯାଇ ନିରାଶ ହୋଇଛନ୍ତି। ଶେଷରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗ୍ରାମର ପୋଖରୀ (ଖଡ଼ାମକଟା)ର ପୁନରୁଦ୍ଧାର ଲାଗି ବର୍ଷ ବର୍ଷ ଧରି ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ କୋଇଲା କମ୍ପାନୀ ଏମ୍‌ସିଏଲ୍‌ର ଦ୍ୱାରସ୍ଥ ହୋଇଛନ୍ତି; ହେଲେ ସମାଧାନ ହେଉନି। ଏଣୁ ଏଥର ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚଳିତ ମାସ ୨ ତାରିଖ ଗାଁ ଲୋକେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ସେହିପରି ମଙ୍ଗଳବାର ଶତାଧିକ ପୁରୁଷ ଓ ମହିଳା ଏମ୍‌ସିଏଲ୍ ଲଖନପୁର ଜିଏମ୍ କାର୍ଯ୍ୟାଳୟକୁ ଯାଇଥିଲେ; ମାତ୍ର ଜିଏମ୍ ନ ଥିଲେ। ୨ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିଥିଲେ ମଧ୍ୟ ଏମ୍‌ସିଏଲ୍‌ର କୌଣସି ଅଧିକାରୀ ସେମାନଙ୍କ ସହ ଆଲୋଚନା କରିବାକୁ ଆସି ନ ଥିଲେ।



ଏଣୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ଫେରି ଆସିଥିଲେ। ଶେଷରେ ଗାଁରେ ବୈଠକ କରି ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ସିବିଆଇ ଭୟ ଦେଖାଇ ୨୦ଲକ୍ଷ ଟଙ୍କା ଠକିନେଲେ ସାଇବର ଅପରାଧୀ

**ଝାରସୁଗୁଡ଼ା, ୧୪।୫(ସମିସ):** ଝାରସୁଗୁଡ଼ାରେ ଜଣେ ବ୍ୟକ୍ତି ବଡ଼ ଧରଣର ସାଇବର ଠକେଇର ଶିକାର ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଭୂର୍କାମୁଡ଼ାସ୍ଥିତ ବେଦାନ୍ତର ଏକ ସହଯୋଗୀ କମ୍ପାନୀରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ୨୦ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ବେଦାନ୍ତର ଏକ ଠିକା କମ୍ପାନୀରେ ଅଧିକାରୀ ଥିବା ଜଗଦୀଶ କେ. ଭାରଦ୍ୱାଜ ଗୁଜୁରାଟ ସୁରାଟର ମୂଳ ବାସିନ୍ଦା। ସେ ସମଲେଶ୍ୱରୀ ହସ୍ପିଟାଲ ପାଖ କମ୍ପାନୀର ଏକ ଗେଷ୍ଟହାଉସରେ ରହୁଛନ୍ତି। କିଛି ଦିନ ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କୁ ଫୋନ କରି ନିଜକୁ ମୁମ୍ବାଇ ସିବିଆଇ ଅଧିକାରୀ ଭାବରେ ପରିଚୟ ଦେବା ସହିତ ମନି ଲଣ୍ଡରିଂରେ ତୁମ ଭୂମିକା ରହିଛି। ବହୁତ ଅସୁବିଧାରେ ପଡ଼ିଯିବ ବୋଲି ସେ ଭୟ ଦେଖାଇଥିଲା। ତେବେ ୨୦ଲକ୍ଷ ଟଙ୍କା ଦେଲେ ମାମଲା ରଫାଦଫା କରିଦେବି ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ ଆଶ୍ୱାସନା ଦେଇଥିଲା। ଏମିତିରେ ଅଭିଯୋଗକାରୀ ଆଇନ ଫାନ୍ଦରୁ ବଞ୍ଚିବା ଆଶାରେ ୨୦ଲକ୍ଷ ଟଙ୍କା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟ୍ରାନ୍ସଫର କରିଥିଲେ। ହେଲେ ଶେଷରେ ସେ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଆଜି ସଦର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏତଲା ଦାୟର କରି ତଦନ୍ତ ଜାରି ରଖିଛି।

## ଫସର ଫାଟିଲା ପ୍ରଚାର ଚଉକି ଖାଲି ଦେଖି ଧର୍ମେନ୍ଦ୍ର ବିଚଳିତ

**ଦେବଗଡ଼, ୧୪।୫(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ କଣ୍ଢଳରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର ଫସର ଫାଟିଛି। ଚଉକି ଖାଲି ଦେଖି ଧର୍ମେନ୍ଦ୍ର ବିଚଳିତ ହୋଇ ଉଠିଥିଲେ। ଏଣୁ ବହୁ ଆଡମ୍ବରରେ ଲଘୁକ୍ରିୟା ଦେଖିବାକୁ ମିଳିଥିଲା। ନିଜକୁ ସନ୍ତୁଷ୍ଟ କରିବାକୁ ଭଡାଟିଆ ଆଣି ଭବ୍ୟ ବାଇକ୍ ଶୋଭାଯାତ୍ରା କରାଯାଥିଲା। ସେହିପରି ଗୁମାସ୍ତା ଓ କ୍ରୀତଦାସ ଭଳି ଶବ୍ଦ ଉଚ୍ଚାରଣ କରି ସଭାକୁ ଆସିଥିବା ଲୋକଙ୍କଠାରୁ ଧର୍ମେନ୍ଦ୍ର କରତାଳି ଆଶା କରିଥିଲେ; ହେଲେ ସଭା ମଞ୍ଚ ତଳକୁ ଚାହିଁବା ବେଳକୁ ଅଧାରୁ ଅଧିକ ଚୌକି ଖାଲି ଦେଖି ତାଙ୍କ ମୁହଁ ଶୁଖି ଯାଇଥିଲା।

୨୦୧୯ ନିର୍ବାଚନରେ ଜିଲ୍ଲାବାସୀଙ୍କୁ ଅସମ୍ଭବ ପ୍ରତିଶ୍ରୁତିର ଦେଇଥିବା ଧର୍ମେନ୍ଦ୍ର ପୁଣି ଥରେ ଏଠାରେ ମିଛ ପ୍ରତିଶ୍ରୁତିର ଏକ ଲମ୍ବା ଚିଠା ଘୋଷଣା କରିଛନ୍ତି। ଗତ ନିର୍ବାଚନ ବେଳେ ବାରକୋଟ-ପାରାଦ୍ୱୀପ ଜଳପଥ, ଚଷୀଙ୍କ ପାଇଁ ବଜାର ବ୍ୟବସ୍ଥା ଓ ଶୀତଳ ଭଣ୍ଡାର ନିର୍ମାଣ, ଛାତ୍ରୀଙ୍କୁ ଲାପ୍‌ଟପ୍, ସ୍କୁଟି ଭଳି ଅନେକ ଅସମ୍ଭବ ପ୍ରତିଶ୍ରୁତି ଦେଇ ପୂରଣ କରି ପାରିନାହାନ୍ତି। ମଙ୍ଗଳବାର ପୁଣି ସେ ଏ ସବୁ ଦୋହରାଇଥିଲେ। ଅନେକ ପ୍ରତିଶ୍ରୁତିର ଲମ୍ବା ତାଲିକା ଘୋଷଣା କରିଥିଲେ। ରାଜ୍ୟରେ ବିଜେପି ସରକାର କରିବାକୁ ଯାଉଥିବା ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ରାଜ୍ୟରେ ବିଜେପି ସରକାର ହେଲେ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ସରକାର ଧାନ କିଣିବେ। ନିଜ ଯାବତୀୟ ଖର୍ଚ୍ଚ ତୁଲାଇବାକୁ ମହିଳାଙ୍କୁ ବିନା ଫେରସ୍ତରେ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ। ଓଡ଼ିଶାରେ କେନ୍ଦୁପତ୍ର ବିଡ଼ା ୧ ଟଙ୍କା ୬୦ପଇସାରେ କିଣା ଯାଉଛି। ବିଜେପି ସରକାର ହେଲେ ବିଡ଼ା ୨ଟଙ୍କାରେ କିଣାଯିବ। ଏହିଭଳି ଅନେକ ତାହା ମିଛ ପ୍ରତିଶ୍ରୁତିର ଲମ୍ବା ତାଲିକା ଉପସ୍ଥାପନ କରିଥିଲେ। ତେବେ କେନ୍ଦୁପତ୍ର ଉପରୁ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ପ୍ରତ୍ୟାହାର ସମ୍ପର୍କରେ ମୁହଁ ଖୋଲି ନ ଥିଲେ। ସେହିଭଳି ଦରବୃଦ୍ଧି, ପେଟ୍ରୋଲ ଡିଜେଲ, ଗରିବଙ୍କ ଚୁଡା ମୁଡିରେ ଜିଏସ୍‌ଟି ଭଳି କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତି ସମ୍ପର୍କରେ କିଛି କହି ନ ଥିଲେ।



■ ପୁଣି ଅସମ୍ଭବ ପ୍ରତିଶ୍ରୁତି ଦେଲେ
■ ବହୁ ଆଡମ୍ବରରେ ଲଘୁକ୍ରିୟା
■ ଭଡାଟିଆ ଆଣି ଭବ୍ୟ ବାଇକ୍ ଶୋଭାଯାତ୍ରା

## ବିଜେଡିକୁ ସମର୍ଥନ କରିବ ଆଦିବାସୀ ସମାଜ




**ଝାରସୁଗୁଡ଼ା, ୧୪।୫(ସମିସ):** ସମ୍ମିଳିତ ଆଦିବାସୀ ସମାଜର ନିର୍ବାଚନୀ ସମୀକ୍ଷା ସଭା ପୃଥକ ପୃଥକ ଭାବେ ହାତୀଆନାଳା ଓ ମହାଦେବପାଲୀ ଶିବ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଆଦିବାସୀଙ୍କ ପ୍ରତି ବିଜେପିର ବୈମାତୃକ ଭାବ ତଥା ମିଛ ପ୍ରତିଶ୍ରୁତି ଯୋଗୁ ବିଜେପିକୁ ଭୋଟ ନ ଦେବା ପାଇଁ ସମସ୍ତ ଆଦିବାସୀଙ୍କୁ ଆହ୍ୱାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀଙ୍କ ଯେଉଁଭଳି ଭାବରେ ସର୍ବାଙ୍ଗୀନ ଉନ୍ନତି ଅଭିଯାନ ଜାରିରଖିଛନ୍ତି। ସେଥିପାଇଁ ଆଦିବାସୀ ସମାଜ ବିଜେଡି ସପକ୍ଷରେ ମତଦାନ ଦେବେ ବୋଲି ସମ୍ମିଳିତ ଆଦିବାସୀ ସମାଜ ପ୍ରଚାର କରୁଛି। ଏହି ସଭାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ଉପସଭାପତି ପଦ୍ମିନୀ ମୁଣ୍ଡା, ସଚିବ ପବିତ୍ର ମୋହନ ନାଏକ, ରାଜେଶ କୁମାର ନେଟି, ନିଲେନ୍ଦ୍ରି କାଲୋ, ବିଜୟ କୁମାର ନାଏକ, ମଦନ ଧୁରୁଆ, ମୁରଲୀ କିଷାନ, ଘନଶ୍ୟାମ ପାଉଲେ, ଅଜିତ କୁମାର ନାଏକ, ଦୁଷ୍ମନ୍ତ ବରିହା, ଉମାକାନ୍ତ ନାଏକ, ବିକ୍ରମ ମୁଣ୍ଡା, ନଳିନ ନାଏକ, ଡିଲେଶ୍ୱର ନାଏକ, ହୁକୁମ୍ ସିଂ, କ୍ଷମାଶୀଳ ନାଏକ, ଅପିଲ କିଷାନ, ନିରାକାର ନାଏକ, ଅର୍ଜୁନ କିଷାନ, ମୋହନ କିଷାନ, ଚନ୍ଦ୍ରକାନ୍ତ କିଷାନ, କୈଳାଶ ନାଏକ, ଗୌରବ ନାଏକ ବୀର ସମର୍ଥା କୋଲାବିରା ବ୍ଲକର ୯ଟି ପଞ୍ଚାୟତ ଓ ଲଇକେରା ଜୋନ୍ ୧ର ୬ଟି ପଞ୍ଚାୟତର ସମ୍ମିଳିତ ଆଦିବାସୀ ସମାଜର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମ୍ କଷ୍ଟୋଡି ଷ୍ଟାଣ୍ଡାର୍ଡର ଏଏସ୍‌ଆଇ ଶୃଙ୍ଖଳା ବିରୋଧରେ ପ୍ରମାଣପତ୍ର ପାଇବାରେ ଭାରତରେ ପ୍ରଥମ ସ୍ମେଲ୍‌ଟର

**ଝାରସୁଗୁଡ଼ା, ୧୪।୫(ସମିସ)**

ଝାରସୁଗୁଡାସ୍ଥିତ ବେଦାନ୍ତ ଆଲୁମିନିୟମ ପ୍ଲାଣ୍ଟରେ ଥିବା ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏସଇଜେଡ)ରେ ଏହାର ସ୍ମେଲଟର ପାଇଁ କମ୍ପାନୀ ପ୍ରମାଣପତ୍ର ହାସଲ କରିଛି। ଝାରସୁଗୁଡାରେ କମ୍ପାନୀ କାର୍ଯ୍ୟକଳାପର ବାର୍ଷିକ ତରଳିବା କ୍ଷମତା ୧.୮ ମିଲିୟନ୍ ଟନ୍ ଯାହାକି ବିଶ୍ୱର ସର୍ବ ବୃହତ ଆଲୁମିନିୟମ୍ ପ୍ଲାଣ୍ଟରେ ପରିଣତ କରିଛି। ବେଦାନ୍ତ ଆଲୁମିନିୟମ ଏହା ପୂର୍ବରୁ ଝାରସୁଗୁଡାରେ ପ୍ରାଥମିକ ଆଲୁମିନିୟମ ପ୍ରଡକ୍ଟ ଏହାର ଏସ୍‌ଇଜେଡ ଆଧାରିତ ପ୍ଲାଣ୍ଟର ଉତ୍ପାଦନ ତଥା ଯୋଗାଣ ପାଇଁ ଏଏସ୍‌ଆଇ କାର୍ଯ୍ୟଦକ୍ଷତା ମାନକ ପ୍ରମାଣପତ୍ର ହାସଲ କରିଛି। ଛତିଶଗଡ଼ର କୋରବାରେ ଅବସ୍ଥିତ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ବାଲକୋ ମଧ୍ୟ ଏହା ହାସଲ କରିଛି। ଆଲୁମିନିୟମ୍ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ (ଏଏସଆଇ) ହେଉଛି ଏକ ବିଶ୍ୱସ୍ତରୀୟ ଅଣ-ଲାଭ ମାନକ ସେଟିଂ ଏବଂ ସାର୍ଟିଫିକେସନ୍ ସଂସ୍ଥା ଯାହା ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ଏକ କ୍ଷେତ୍ର-ବ୍ୟାପକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରେ। ଏଏସଆଇର ମାନକ ଯୋଗାଣ ଶୃଙ୍ଖଳରେ, ବକ୍ସାଇଟ୍ ଖଣି ଠାରୁ ଆରମ୍ଭ କରି ଡାଉନ୍‌ଷ୍ଟ୍ରିମ୍ ସେକ୍ଟର୍ ପର୍ଯ୍ୟନ୍ତ ପ୍ରଯୁଜ୍ୟ। ଯାହା ସେମାନଙ୍କ ଉତ୍ପାଦରେ ଆଲୁମିନିୟମ୍ ବ୍ୟବହାର କରେ ଏବଂ ବିଶ୍ୱବ୍ୟାପୀ ନିରନ୍ତର କାର୍ଯ୍ୟର ଏକ ଉଚ୍ଚ ମାନ୍ୟତାପ୍ରାପ୍ତ ସୂଚକ। ବାଲକୋ, ଭାରତର



ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦକ ଏବଂ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ମଧ୍ୟ ଏଏସଆଇ ପ୍ରଦର୍ଶନ ପ୍ରଦର୍ଶନମାନକ ଭି-୩ ସାର୍ଟିଫିକେଟ୍ ହାସଲ କରିବାରେ ଦେଶରେ ପ୍ରଥମ ଥିଲା। ଏକ ଚେନ୍ ଅଫ୍ କଷ୍ଟୋଡି (ସିଓସି) ହେଉଛି ଏକ ସିଷ୍ଟମ୍ ଯାହା ଯୋଗାଣ ଶୃଙ୍ଖଳା ମାଧ୍ୟମରେ ସାମଗ୍ରୀ ଏବଂ ଆନୁସଙ୍ଗିକ ଦାବିଗୁଡିକର ଅନୁସନ୍ଧାନକୁ ସମର୍ଥନ କରିବାରେ ବ୍ୟବହୃତ ହୋଇପାରିବ। ଏଏସଆଇ, ସିଓସି, ଷ୍ଟାଣ୍ଡାର୍ଡ ଭି୨ ସାମଗ୍ରୀ ପାଇଁ ଏକ ଚେନ୍ ଅଫ୍ କଷ୍ଟୋଡି ସୃଷ୍ଟି ପାଇଁ ଆବଶ୍ୟକତା ନିର୍ଦ୍ଧାରଣ କରେ ଯାହା ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ବିଭିନ୍ନ ଡାଉନ୍‌ଷ୍ଟ୍ରିମ୍ ସେକ୍ଟରରେ ଉତ୍ପାଦିତ ଏବଂ ପ୍ରକ୍ରିୟାକରଣ ହୁଏ। ଏଏସଆଇର ସିଓସି ଷ୍ଟାଣ୍ଡାର୍ଡ ଲିଙ୍କ୍ ଗୁଡିକର ପ୍ରୟୋଗ ଯୋଗାଣ ଶୃଙ୍ଖଳାର କ୍ରମାଗତ ପଦକ୍ଷେପରେ ଯାଞ୍ଚ କରାଯାଇଥିବା ଅଭ୍ୟାସଗୁଡିକ ଏଏସଆଇ କାର୍ଯ୍ୟଦକ୍ଷତାମାନଙ୍କ ଅଧୀନରେ ପ୍ରମାଣିତ ଏଏସଆଇ ସାର୍ଟିଫାଏଡ୍ ସଂସ୍ଥାଗୁଡ଼ିକ ଦ୍ୱାରା ଉତ୍ପାଦିତ ସାମଗ୍ରୀ ସହିତ ବେଦାନ୍ତ ଆଲୁମିନିୟମ୍ ସ୍ମେଲଟର ସାର୍ଟିଫିକେଟ୍ ପୂର୍ବରୁ ସ୍ୱାଧୀନ, ତୃତୀୟ-ପକ୍ଷ ଅଡିଟ୍ ଦ୍ୱାରା କରାଯାଇଥିଲା। ପ୍ରମାଣପତ୍ରର ମହତ୍ତ୍ୱ ବିଷୟରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି ଯେ ଝାରସୁଗୁଡାରେ ଆମର ଏସଇଜେଡ ଆଧାରିତ କାର୍ଯ୍ୟ ପାଇଁ ଚେନ୍ ଅଫ୍ କଷ୍ଟୋଡି ସାର୍ଟିଫିକେଟ୍‌କୁ ସ୍ୱାଗତ କରୁଛୁ, ଯାହା ଭାରତରେ ପ୍ରଥମ। ଝାରସୁଗୁଡା ଏବଂ ବାଲକୋରେ ଆମର ପ୍ଲାଣ୍ଟଗୁଡିକ ପାଇଁ ଏଏସଆଇ କାର୍ଯ୍ୟଦକ୍ଷତା ମାନକ ପ୍ରମାଣପତ୍ର ଅନୁସରଣ କରିବା। ଏହା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ମହତ୍ତ୍ୱପୂର୍ଣ୍ଣ ପୁନରାବୃତ୍ତି ଭାବରେ ଆସିଥାଏ। ବେଦାନ୍ତ ଆଲୁମିନିୟମ୍‌ରେ, ଆମେ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପର୍ଯ୍ୟାୟରେ ନିରନ୍ତର ଅଭ୍ୟାସକୁ ଏକୀକରଣ ଏବଂ ଉତ୍ସାହିତ କରିବା ଉପରେ ଧ୍ୟାନ ଦେବା ସହ ଏହି ପ୍ରୟାସ ମାଧ୍ୟମରେ ଆସନ୍ତାକାଲି ଏକ ସବୁଜ ନିର୍ମାଣରେ 'ଭବିଷ୍ୟତର ଧାତୁ'ର ଅସୀମ ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ଅନୁସନ୍ଧାନ କରିବୁ ବୋଲି ଜନ୍ ସ୍ଲାଭେନ୍ କହିଛନ୍ତି।

# ମ୍ୟୁନିସିପାଲିଟିର ଡମ୍ପିୟାର୍ଡ ପାଲଟିଛି ଜୀରାନଦୀ ଶଯ୍ୟା

**ବରଗଡ଼, ୧୪।୫ (ସମିସ)**




ପରିବେଶକୁ ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପରିବେଶ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବା ସହ ଆର୍ଥିକ ସହାୟତା ଦେଉଛନ୍ତି। ଏହା ସତ୍ତ୍ୱେ ପ୍ରଦୂଷିତ ବଢ଼ିବାରେ ଲାଗିଛି ସିନା କମିବାର ନା ନେଉନାହିଁ। ବରଗଡ଼ ସହରର ଜୀବନରେଖା କୁହାଯାଉଥିବା ଜୀରାନଦୀର ବିସ୍ତିର୍ଣ୍ଣ ଶଯ୍ୟା ଏବେ ମ୍ୟୁନିସିପାଲିଟିର ଡମ୍ପିୟାର୍ଡ ପାଲଟିଯାଇଛି। ସହରର ସମସ୍ତ ଅଳିଆ ଆବର୍ଜନା ଏଡାରେ ପକାଯାଉଛି। ସହର ଦେଇ ବୋହି ଯାଇଥିବା ଜୀରା ନଦୀରେ ଉପରୁ ତଳ ମୁଣ୍ଡଯାଏ ସବୁଠି ଲୋକେ ଅଳିଆ ଆବର୍ଜନା ପକାଉଛନ୍ତି। ଫଳରେ ଜୀରା ନଦୀର ପାଣି ପ୍ରଦୂଷିତ ହୋଇଯାଇଛି। ପରିବେଶ ଉପରେ ଏହାର କୁପ୍ରଭାବ ମଧ୍ୟ ପଡୁଛି। ଏହି ଜୀରା ନଦୀର ପାଣିକୁ ଅନେକ ସ୍ଥାନରେ ପାନୀୟ ଜଳ ଭାବେ ଲୋକେ ବ୍ୟବହାର କରୁଥିବା ବେଳେ ସହର ଏବଂ ସହର ତଳି ଅଞ୍ଚଳର ଲୋକେ ନଦୀ ପାଣିରେ ଗାଧୋଇଥାନ୍ତି। ମାତ୍ର ସହରର ଆବର୍ଜନା ଜୀରା ନଦୀରେ ପକାଇବା ଯୋଗୁଁ ପାଣି ସହିତ ଏହାର ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ନଦୀରେ ପକା ଯାଉଥିବା ଅଳିଆ ଆବର୍ଜନାରେ ବ୍ୟାପକ ପ୍ଲାଷ୍ଟିକ ସାମଗ୍ରୀ ରହିଛି। ନଦୀ ଭିତରେ ଯେଉଁଠି ଦେଖ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନଦୀଶଯ୍ୟା ଋଳିଆରେ ପୋତି ହେବାରେ ଲାଗିଛି। ଅଳିଆ ଆବର୍ଜନାରେ ନିଆଁ ଲଗାଇ ପୋଡ଼ି ଦିଆଯାଉଥିବାରୁ ଏଥିରୁ ବାହାରୁଥିବା ବିଷାକ୍ତ ଧୂଆଁ ଓ ପାଉଁଶ ପରିବେଶକୁ ଆହୁରି ପ୍ରଦୂଷିତ କରୁଛି। ବରଗଡ଼ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଏବଂ କର୍ମଚାରୀ ରହିଥିବା ବେଳେ ଜୀରାନଦୀର ଏହି ଅବସ୍ଥା କିପରି ସେମାନଙ୍କ ଦୃଷ୍ଟିରେ ପଡୁନାହିଁ ବୋଲି ପ୍ରଶ୍ନ ଉଠୁଛି। ବରଗଡ଼ ନଗରପାଳିକା କାର୍ମଚାରୀ ଏବଂ ଅଧିକାରୀ ସବୁ ଦେଖି ଚୁପ ରହିବା ପଛର ଉଦ୍ଦେଶ୍ୟ ଜଣା ପଡୁନାହିଁ। ବରଗଡ଼ ଏବଂ ପଶ୍ଚିମ ଓଡ଼ିଶାର ଜୀବନରେଖା ଜୀରାନଦୀକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଉଭୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏବଂ ବରଗଡ଼ ମ୍ୟୁନିସିପାଲିଟି ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# 'ଶିଶୁଶ୍ରୀ'ର ପୁସ୍ତକ ପଠନ ଓ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ

**ବରଗଡ଼, ୧୪।୫(ସମିସ):** ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ୧୬୩ତମ ସଂସ୍କରଣ ବରଗଡ଼ ମ୍ୟୁନିସିପାଲଟିର କେଶବ ନଗର ଅନ୍ତର୍ଗତ ଟାଙ୍ଗରପଡ଼ା ବସ୍ତିର ହନୁମାନ ମଣ୍ଡପ ପରିସର ମଧ୍ୟରେ ଶିଶୁଶ୍ରୀର ଆବାହକ ଡ. ରବିନାରାୟଣ ସାହୁଙ୍କ ନେତୃତ୍ୱରେ ପୁସ୍ତକ ପଠନ ଓ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ପିଲାମାନଙ୍କୁ ମାଗଣା ଶିକ୍ଷାଦାନ କରିବା ଉଦ୍ଦେଶ୍ୟରେ ପାଠାଗାରର ବସ୍ତି ପରିକ୍ରମା ଯୋଜନାରେ ପୁସ୍ତକ ପଠନ ଓ 'ଆସ ଆମେ ପଢ଼ିବା' ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଗଳ୍ପ, କବିତା ଓ ଗୀତ ମାଧ୍ୟମରେ ମନୋରଞ୍ଜନ କରିବା ସହ ପାଠ୍ୟପୁସ୍ତକରୁ ଶିକ୍ଷାଦାନ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ସାମ୍ବାଦିକ ଟିକେଲାଲ ତ୍ରିପାଠୀ, ନିଶାମଣି ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଦିବ୍ୟକାନ୍ତି ଭୋଇ, ରାଣା ପ୍ରତାପ ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ପ୍ରତ୍ୟୁଷ ଷଡ଼ଙ୍ଗୀ, ମମତା ବେହେରା, ରୁବୀ ରାଣୀ ପାଢ଼ୀ, ଅନୁପମା ପଧାନ, ଅଞ୍ଜଳି ସାହୁ, ଦୀପାଞ୍ଜଳୀ ବିଶ୍ୱାଳ, ଝିଲି ଦାଶ, ପଙ୍କଜିନୀ ଦୀପ, ରଶ୍ମିତା ଥନାପତୀ ପ୍ରମୁଖ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କୁ ଖାତା କଲମ ବଣ୍ଟନ କରାଯାଇଥିଲା। ଶିକ୍ଷକ ଦୁଃଖୀ ସେବକ ସାହୁ ଗଳ୍ପ କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ମେଳରେ ରୀତା ସାହୁଙ୍କ ଗ୍ରାମାଞ୍ଚଳରେ ପ୍ରଚାର



**ବରପାଲି, ୧୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ମାନେ ଭୋଟର ମାନଙ୍କୁ ଆକୃଷ୍ଟ କରିବାକୁ ଆଗୋଉଥିବା ଦେଖାଯାଉଛି। ଦଳିୟ ସୁସଜ୍ଜିତ ଡାକବାଜୀ ଯନ୍ତ୍ର ଗାଡି ସହରଠୁ ନେଇ ଗ୍ରାମାଞ୍ଚଳ ଗଳି କନ୍ଦିରେ ହାଲ୍ଲାବାଜୀରେ ଦିନ ରାତି ଏକ କରି ଦେଇଛନ୍ତି। ଅପରପକ୍ଷେ ପ୍ରାର୍ଥି ମାନେ ଦ୍ୱାରଦ୍ୱାର ବୁଲି ଭୋଟ ଭିକ୍ଷା ସହ ଭୋଟର ମାନଙ୍କୁ ଆକୃଷ୍ଟ କରିବା ଦୌଡରେ ପ୍ରତିଦ୍ୱନ୍ଦିତାରେ ଲାଗି ପଡ଼ିଛନ୍ତି। ସୋମବାର ବରପାଲି ବ୍ଲକ ବାରଗୁଡା, ଭଟିଗାଁ, ଖେମେଶରା, ତୁଲଣି, ପାଟକୁଲୁଣା ପଞ୍ଚାୟତ ଅର୍ନ୍ତଗତ ଗ୍ରାମ ମାନଙ୍କରେ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ବ୍ଲକ ଅଧ୍ୟକ୍ଷା ରିନା ଥଇତଙ୍କ ସମେତ ଦଳିୟ ମହିଳା କର୍ମି ମାନେ ଘରଘର ବୁଲି ମୂଖ୍ୟତଃ ମହିଳା ଓ ବୟସ୍କ ମାନଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଇଥିଲା।ଯୋଡ଼ି ଶଙ୍ଖ ପ୍ରଚାରରେ ବାହାରିଥିବା ବେଳେ ଗ୍ରାମର ମହିଳା ମାନେ ଆନ୍ତରିକ ସ୍ୱାଗତ ଜଣାଇବା ସହ ଭାବବିହ୍ୱୋଳ ହୋଇ ନିଜ ଆନ୍ତରିକତା ପ୍ରତିକ ରୂପେ ଉଭା ହେଉଥିବା ଦେଖାଯାଉଥିଲା। ନିର୍ବାଚନୀ ପ୍ରଚାରକୁ ମନ୍ତ୍ରୀ ରିତା ସାହୁଙ୍କ ସହ ଦଳିୟ ବରିଷ୍ଠ ନେତା ଓ ମହିଳା କର୍ମି ମାନେ ବାହାରିଥିବା ଭୋଟ ପ୍ରଚାର ଅବସରରେ ନବିନ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ବନ୍ଧରେ ଅବଗତ କରାଉଥିବା ବିଜେଡି ପକ୍ଷରୁ ପ୍ରସାରିତ ନୁତନ ଇସ୍ତାହାର ଉପରେ ବୁଝାଉଥିଲେ।

# ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ସିମେଣ୍ଟ ନଗର ବିକାଶ ସ୍କୁଲ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ବରଗଡ଼, ୧୪।୫(ସମିସ):** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସିମେଣ୍ଟ ନଗର ବିକାଶ ସ୍କୁଲର ଛାତ୍ରଛାତ୍ରୀମାନେ କୃତିତ୍ୱର ସହ ପାସ୍ କରିଛନ୍ତି। ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ସମସ୍ତ ୩୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ, ୭ ଜଣ ୮୦ରୁ ଊର୍ଦ୍ଧ୍ୱ, ୧୨ ଜଣ ୬୦ ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅକ୍ଷିତା ଷଡଙ୍ଗୀ ସର୍ବୋଚ୍ଚ ୯୮ ପ୍ରତିଶତ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଲାବଣ୍ୟା ଗୋଡବର୍ତୀ ୯୫.୬ ପ୍ରତିଶତ, ପ୍ରିୟାଂଶୁ ପ୍ରିୟମ ବହିଦାର ୯୫.୮ ପ୍ରତିଶତ ନମ୍ବର ରଖି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ସ୍କୁଲର ଛାତ୍ରଛାତ୍ରୀମାନେ ଗଣିତରେ ସର୍ବୋଚ୍ଚ ୧୦୦ ନମ୍ବର, ଇଂରାଜୀରେ ୯୬ ନମ୍ବର, ବିଜ୍ଞାନରେ ୯୮ ନମ୍ବର, ସାଧାରଣବିଜ୍ଞାନରେ ୯୬ ନମ୍ବର, ହିନ୍ଦୀରେ ୭୨ ନମ୍ବର, ଓଡ଼ିଆରେ ୯୯ ନମ୍ବର ଓ ସଂସ୍କୃତରେ ୧୦୦ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏସିସି ସିମେଣ୍ଟ ପ୍ଲାଣ୍ଟ ମୁଖ୍ୟ ସୁନୀଲ କୁମାର ଓ ମାନବ ସମ୍ବଳ ମୁଖ୍ୟ ଅଭିଷେକ ଭଟ୍ଟାଚାର୍ଯ୍ୟ ଏହି ସଫଳତା ନେଇ ଉଭୟ ଛାତ୍ରଛାତ୍ରୀ ଓ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବିକାଶ ଶିକ୍ଷାନୁଷ୍ଠାନର ଚେୟାରମେନ ଡି.ମୁରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଡି. ବିବେକ କୁମାର, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ତଥା ବିଦ୍ୟାଳୟର ଅଧ୍ୟକ୍ଷ ସନାତନ ମହାପାତ୍ର ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି ସଫଳତା ନେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ପାଇକମାଲ,୧୪।୫ (ସମିସ):** ସଂକ୍ରୀ ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକୀ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ମେ ୧୦ତାରିଖରେ ଆରମ୍ଭ ହେଇ ୧୨ ତାରିଖରେ ପୂର୍ଣ୍ଣାହୁତି ହୋଇଯାଇଛି। କର୍ତ୍ତା ଭାବେ ହୃଦାନନ୍ଦ ପାଣ୍ଡେ ଓ ତାଙ୍କ ପତ୍ନୀ ରଜନୀ ପାଣ୍ଡେ ନିର୍ବାହ କରିଥିଲେ। ଏଥିରେ ଶଂକ୍ରିର ହନୁମାନପଡ଼ା, ମନ୍ଦିର ପଡ଼ା, ମହାଦେବପଡ଼ା ତଥା କୋକନରା, ଜଟେଶିରା, ସର୍ଗିଡ଼ିହି, ମୁନେଇକେଲ ଓ ମୁଣ୍ଡପଲା ଗ୍ରାମର କୀର୍ତ୍ତନ ଦଳ ମାନେ ଯୋଗ ଦେଇଥିଲେ। ଲୋଚନ ପାଣ୍ଡେ, ଦିଗାମ୍ବର ସାହୁ, ଗଣେଶ ପଟେଲ, କିଶୋର ପ୍ରଧାନ, ଜୟରାମ ହାତୀ, ଭାସ୍କର ସାହୁ, ମିନୋଜ ପାଣ୍ଡେ, ଥବିର ପାଣ୍ଡେ, ଫତେ ସିଂ ନାଏକ, ଅଜିତ ମହାକୁର, ଅର୍ଜୁନ ବାଗ, ଟଙ୍କଧର ବିଶ୍?ାଳ, ଜଗତ ରାମ ବିଶ୍ୱାଳ, ବୈବ ରଣା, ଝାସକେତନ ସାହୁ, କୀର୍ତ୍ତି ବେହେରା, ରାମ ଚନ୍ଦ୍ର ସାହୁ, ଗୁଣ ସାଗର ଭୁଏ, ଚକ୍ରଧର ପାଣ୍ଡେ, ଯତୀନ୍ଦ୍ର ହାତୀ ପ୍ରମୁଖ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଅକ୍ଷୟ ପାଣ୍ଡେ, କୈଳାଶ ସାହୁ, କୃଷ୍ଣ ହାତୀ ସହଯୋଗ କରିଥିଲେ।

# କ୍ୟାନସର ସଚେତନତା ଶିବିର

**ବରଗଡ଼, ୧୪।୫ (ସମିସ):** ଅତାବିରା ମାଁ ରାମଚଣ୍ଡୀ କଲ୍ୟାଣ ମଣ୍ଡପ ଲାଦେରପାଲିରେ ବୁର୍ଲାର ଲୋକପ୍ରିୟ ଡାକ୍ତର ରାମ ଚରଣ ପଧାନ ଓ ତାଙ୍କ ଦଳ ତଥା ଜନ କଲ୍ୟାଣ କୁଳତା ସମାଜ ଅତାବିରାର ମିଳିତ ଆନୁକୂଲ୍ୟରେ ଏହି କ୍ୟାନସର ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଛଅଟାରେ ତିନି ଥର ଓଁକାର ଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସଙ୍ଗୀତ ଭାସ୍ୱତୀ ଡାଲି ଓ ପ୍ରାରମ୍ଭିକ ନୃତ୍ୟ ନେହା ଦାଶ ପରିବେଷଣ କରିଥିଲେ। ଏହା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଶିକ୍ଷାବିତ ଅଶୋକ କୁମାର ପସାୟତ ମାଁ ରାମଚଣ୍ଡୀଙ୍କ ଏକ ଭାବଗର୍ଭିକ ଜଣାଣ ପରିବେଷଣ କରିଥିଲେ। ବିଶିଷ୍ଟ କବି ତଥା ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ସମ୍ବଲପୁର ରେଡକ୍ରସର ବିଶିଷ୍ଟ ଅଧିକାରୀ ପ୍ରମିଳା ବେହେରା, ଶିକ୍ଷାବିତ ଅଶୋକ କୁମାର ପସାୟତ୍, ପ୍ରଫେସର ବି କେ ମିଶ୍ର, କୃଷି ଗବେଷକ ସୁଦାମ ସାହୁ, ସମାଜସେବୀ ଦିବାକର ପ୍ରଧାନ ଓ ଦଖିଲ ସାହୁ, ମଞ୍ଜୁ ମିଶ୍ର, ସୁବଳ ସାହୁ, ଲିଙ୍ଗରାଜ ପ୍ରଧାନ, ଏସ୍ ଏନ୍ ସାମନ୍ତ ରାୟ, ଜ୍ୟୋତି ଭଉଣୀ, ରମାକାନ୍ତ ସାହୁ, ଡ. ସୌମିତ୍ରୀ ଦାଶ ଭଳି ବିଶିଷ୍ଟ ବ୍ୟକ୍ତିଗଣ ମଞ୍ଚାସୀନ ଥିଲେ। କ୍ୟାନସରର କାରଣ, ନିରାକରଣ, ସମାଧାନ ଓ ସତର୍କତା ବିଷୟରେ ବକ୍ତାଗଣ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ମୁଖ୍ୟ ଆୟୋଜକ ଡାକ୍ତର ରାମ ଚରଣ ପଧାନ ନିଜର ସାଇକୋ ସ୍ପିରିଚୁଏଲ୍ ଚିକିତ୍ସାରେ କିପରି ବିଭିନ୍ନ ପ୍ରକାରର କ୍ୟାନସରରେ ପୀଡ଼ିତ ହୋଇ ବଞ୍ଚିବାର ଆଶା ଛାଡ଼ିସାରିଥିବା ରୋଗୀମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ପାରିଛନ୍ତି ସେ ବିଷୟରେ ସେ ଅନେକ ଚାକ୍ଷୁଷ ପ୍ରମାଣ ଦେଇଥିଲେ। ଦୀର୍ଘ ପଚିଶ ବର୍ଷ ସୁସ୍ଥରେ ବଞ୍ଚିଥିବା କ୍ୟାନସର ରୋଗୀ ଦ୍ରୌପଦୀ ହାତୀଙ୍କ ହାତରେ କେକ୍ କଟାଇ ସମ୍ବର୍ଦ୍ଧିତ କରାଯାଇଥିଲେ। ଶେଷରେ ଦଖିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ରୋଟାରୀ ପବ୍ଲିକ୍ ସ୍କୁଲର ସମର କ୍ୟାମ୍ପ୍-୨୦୨୪ ଉଦ୍‌ଯାପିତ




**ବରଗଡ଼, ୧୪।୫(ସମିସ):** ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲର ସମର କ୍ୟାମ୍ପ-୨୦୨୪ ଇତିମଧ୍ୟରେ ଉଦ୍‌ଯାପିତ ହେଇଯାଇଛି। ଉଦ୍‌ଯାପନ ଉତ୍ସବକୁ ସ୍କୁଲ କୋ-ଚେୟାରମେନ ଶ୍ରବଣ ଲାଠ ଓ ବୀରେନ୍ଦ୍ର ଶତପଥି ଉଦଘାଟନ କରିଥିଲେ। ସ୍କୁଲର ପ୍ରିନ୍ସିପାଲ୍ ଗଜେନ୍ଦ୍ର ନାରାୟଣ ମିଶ୍ରଙ୍କ ସ୍ୱାଗତ ଭାଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସ୍କୁଲ ଚେୟାରମେନ ସୁରେଶ କେଜ୍ରିୱାଲ ବର୍ତ୍ତମାନ ପରିପ୍ରେକ୍ଷୀରେ ଶିଶୁର ବୌଦ୍ଧିକ ଓ ସାମଗ୍ରିକ ବିକାଶ ପାଇଁ ଏପରି କାର୍ଯ୍ୟକ୍ରମର ଉପାଦେୟତା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଉକ୍ତ ସମରକେମ୍ପରେ ସନ୍ଦୀପ ମହାପାତ୍ର ସଙ୍ଗୀତ, କୁଶ ମଲ୍ଲିକ ନୃତ୍ୟ, ବୃନ୍ଦାବନ ବିଶି ଆର୍ଟ ଓ କ୍ରାଫ୍ଟ, ସୁରଜ ଜେନା ସ୍କେଟିଂ, ଆଶୁତୋଷ ନାୟକ ମାର୍ଶଲ ଆର୍ଟ, ପୁଷ୍ପାଞ୍ଜଳୀ ସାହୁ ଯୋଗ, ବ୍ରଜେନ୍ଦ୍ର ମହାପାତ୍ର ସ୍ପୋକନ ଇଂଲିଶ, ସୌମେନ୍ଦ୍ର ପାଢ଼ୀ ଆବାକସ୍ ଓ ପ୍ରି ପ୍ରାଇମେରୀରେ ସୁଚିସ୍ମିତା ମିଶ୍ର ଓ ନିକିତା ମହାପାତ୍ର ଦ୍ୱାରା ପ୍ରଶିକ୍ଷଣ କରାଯାଇଥିଲା। ଆଜିର ଉଦଯାପନୀ ଦିବସରେ ଜୟ ପ୍ରକାଶ ଲାଠ, ଅମିତ ସାହୁ, ରୋହନ ରଥ, ଡ. ସଞ୍ଜୀବ ଦାଶ ଓ ସପନ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ବ୍ରଜେନ୍ଦ୍ର ମହାପାତ୍ର ଓ ଅନୁସୁୟା ମଲ୍ଲିକ ସଂଯୋଜନା କରିଥିଲେ।

## ଶିବାଶିଷଙ୍କ କୃତିତ୍ୱ

# କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ରାଜ୍ୟରେ ଦ୍ୱିତୀୟ



**ବରଗଡ଼, ୧୪।୫(ସମିସ):** ଚଳିତ ବର୍ଷ ସିବିଏସସି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବରଗଡ଼ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଶିବାଶିଷ ସାହୁ ୯୮.୬ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର ରିଜନରେ ସେ ସର୍ବାଧିକ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପାଞ୍ଚୋଟି ବିଷୟରୁ ସେ ତିନୋଟି ବିଷୟରେ ଶତ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

# ପିକେଏଆଇଇଟି ମହାବିଦ୍ୟାଳୟରେ ଉଦ୍ୟମିତା ସମ୍ପର୍କିତ ପାଠଚକ୍ର

**ବରପାଲି, ୧୪।୫ (ସମିସ):** ବରଗଡ଼ ପିକେଏଆଇଇଟି ମହାବିଦ୍ୟାଳୟ ପରିସରରେ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ ଅହମଦାବାଦ, ଗୁଜରାଟ ଓ ମହାବିଦ୍ୟାଳୟ ମିଳିତ ଉଦ୍ୟମରେ ଉଦ୍ୟମିତା ସମ୍ପର୍କିତ ଏକ ଆଲୋଚନା ପାଠଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଭାରତ ଭୂଷଣ ଶତପଥିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ.ଲଳିତ ଅରୋରା ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ ଅହମଦାବାଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବିଷ୍ଣୁପ୍ରସାଦ ପଣ୍ଡା, ପ୍ରାଧ୍ୟାପକ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ, ଗୁଜୁରାଟ ଯୋଗ ଦେଇ ଉଦ୍ୟମିତା କିପରି ସଫଳତାର ମାପକାଠି ଏବଂ ତାହାର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋଚନା ମାନ ହୋଇଥିଲା। ସୁବାଶିଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର

**ବରଗଡ଼, ୧୪।୫(ସମିସ):** କୋଶଲ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ କେବଳ ବ୍ୟକ୍ତିତ୍ୱ ନୁହନ୍ତି, ସେ ଏହି ମାଟିର ଅସ୍ମିତା, ଜାତିର ପରିଚୟ। ତେଣୁ ଅଣସ୍ୱୀକୃତି ପ୍ରାପ୍ତ ଏହି ମହାନ ନାୟକଙ୍କୁ ଏବଂ ତାଙ୍କ ଦର୍ଶନକୁ ସ୍ୱୀକୃତି ମିଳିବା ଆବଶ୍ୟକ ବୋଲି ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ବରଗଡ଼ ଆୟୋଜନରେ ଆଭାସୀ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତିକ ପ୍ରଫେସର ଟେକଚାନ୍ଦ ଦୁଆନ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡ. ଶିବପ୍ରିୟା ମିଶ୍ର ଯୋଗଦାନ କରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସାହିତ୍ୟକ ରଞ୍ଜନ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି କମିଟୀର ଅଧ୍ୟକ୍ଷ ଡ.ତପସ୍ୱିନୀ ଗୁରୁ ଅତିଥିବୃନ୍ଦଙ୍କୁ ଡିଜିଟାଲ ମାନପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ସଙ୍ଗୀତ ସୁଧାକର ନାରାୟଣ ଦଣ୍ଡସନା ପ୍ରରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ରବିନ ଦାଶ, ନାରାୟଣ ଭୋଇ, ଦଧିବାମନ ଶତପଥୀ, ରଶ୍ମି ପାତ୍ର, ନରସିଂହ ମହାରଣା, ଧର୍ମରାଜ ପଧାନଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ସାହିତ୍ୟକ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦାନ କରିଥିଲେ।

## କ୍ରିଷ୍ଣା ବିକାଶ ଗ୍ରୁପ୍‌ରେ

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୧୪।୫( ସମିସ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ଫଳାଫଳରେ ବିକାଶ ଆବାସିକ ବିଦ୍ୟାଳୟ, ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱମାର୍କ ରଖିଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍କୁଲ ତରଫରୁ କ୍ରୀଷ୍ଣା ବିକାଶ ଅଡିଟୋରିୟମ୍‌ଠାରେ ସମ୍ବର୍ଦ୍ଧିତ କରାଯାଇଛି। ଦଶମ ଶ୍ରେଣୀର ୭୮ ଜଣ ଛାତ୍ରଛାତ୍ରୀ, ଦ୍ୱାଦଶ ଶ୍ରେଣୀର ୭୨ଜଣ ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ପିତାମାତା ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ କ୍ରୀଷ୍ଣା ବିକାଶର ଚେୟାରମେନ୍ ଦାଶରୀ ମୂରଲୀ କ୍ରୀଷ୍ଣା ସମସ୍ତ ଅଧ୍ୟକ୍ଷ-ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟ ଓ ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲର ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୨୭ ଜଣ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୮ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତ ଏବଂ ଦଶମରେ ୭୮ଜଣ ଓ ଦ୍ୱାଦଶରେ ୭୨ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ, ଦଶମରେ ୧୫୬ ଜଣ ଓ ଦ୍ୱାଦଶରେ ୨୭୬ ଜଣ ଛାତ୍ରଛାତ୍ରୀ ୮୦ ରୁ ଊର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲ୍‌କୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଚିତ କରିଛନ୍ତି। ଚେୟାରମେନ ଶ୍ରୀ କ୍ରୀଷ୍ଣା ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଚ୍ଚମାନର ଫଳାଫଳ ପାଇଁ ତାଙ୍କର କଠିନ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସମ୍ବର୍ଦ୍ଧନା ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଉଦ୍ଦେଶ୍ୟ ଓ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ ପବିତ୍ରମୋହନ ସାହୁ, ପାଷ୍ଟରାଲ୍ କେୟାର୍ ହେଡ୍ ନେଜ୍‌ଲିନ୍ ଫୋନ୍‌ସକୋ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ସନ୍ତୋଷିନୀଙ୍କ ଜୀବନ ବଞ୍ଚାଇଲା ବିଏସ୍‌କେୱାଇ କାର୍ଡ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପରିବାର

ବରଗଡ଼, ୧୪।୫(ସମିସ)



ରାଜ୍ୟ ସରକାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାକୁ ଅନେକ ଯୋଜନା କରୁଛନ୍ତି। ବର୍ତ୍ତମାନ ଗରିବ ରୋଗୀଙ୍କ ସାହା ଭରସା ସାଜିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼। ଏହା ମାଧ୍ୟମରେ ଲୋକେ ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ମାଗଣା ଚିକିତ୍ସା ସେବା ପାଇ ପାରୁଛନ୍ତି। ବରଗଡ଼ ଜିଲ୍ଲା ଭଟଲି ବ୍ଲକ ବିଶାଳପାଲି ଗାଁର ମଧ୍ୟବିତ୍ତ ପରିବାରର ସନ୍ତୋଷିନୀ ପାଣିଗ୍ରାହୀ (୬୦) କିଛି ଦିନ ପୂର୍ବରୁ ଛାତିରେ ଯନ୍ତ୍ରଣା ସହ ଶ୍ୱାସ କ୍ରିୟାରେ ସମସ୍ୟା ଭୋଗି ଆସୁଥିଲା। ପ୍ରଥମେ ସେ ବୁର୍ଲା ବଡ଼ ମେଡିକାଲ ଏବଂ ପରେ ସମ୍ବଲପୁରରେ ଚିକିତ୍ସିତ ହୋଇଥିଲେ। ଯାହାକୁ ନେଇ ଡାକ୍ତର ତାଙ୍କୁ ଅପରେସନ କରିବାକୁ ପରାମର୍ଶ ଦେଇଥିଲେ। ଯାହା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିଲେ। ଯାହାକୁ ନେଇ ତାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଓପନ ହାର୍ଟ ସର୍ଜରୀ କରାଯାଇଥିଲା। ଯେଉଁଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ଼ରୁ ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ପରେ ତାଙ୍କ ରକ୍ତଚାପ କମି ଯିବାରୁ ବରଗଡ଼ ବିକାଶ ହସପିଟାଲରେ ଚିକିତ୍ସିତ ହୋଇଥିଲେ। ଏଠାରେ ମଧ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ଼ରେ ୩ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଯାହାକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ଼ରେ ସନ୍ତୋଷିନୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ମାଗଣାରେ ହୋଇପାରିଥିଲା। ଏହି ସ୍ମାର୍ଟ କାର୍ଡ ବରଦାନ ପାଲଟିଥିବା ବେଳେ ଆଜି ତାଙ୍କୁ ଏକ ନୂଆଁ ଜୀବନ ଦେଇଥିବା ସନ୍ତୋଷିନୀ କହିଛନ୍ତି। ଏତେ ଟଙ୍କା ସେମାନେ ଚିକିତ୍ସା ଲାଗି ଯୋଗାଡ଼ କରିବା ତାଙ୍କ ପରିବାର ପାଇଁ କେବେବି ଅସମ୍ଭବ ହୋଇ ନଥାନ୍ତା। ରାଜ୍ୟ ସରକାରଙ୍କ ବିଏସକେୱାଇ ଯୋଜନା ତାଙ୍କୁ ବିପଦ ବେଳେ ଆର୍ଥିକ ସାହାଯ୍ୟ କରି ତାଙ୍କର ଜୀବନ ବଞ୍ଚାଇ ପାରିଥିବାରୁ ସନ୍ତୋଷିନୀଙ୍କ ସ୍ୱାମୀ ନେହେରୁ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।

## ପଲସାପାଲି ପଞ୍ଚାୟତରେ ବିଜେପିକୁ ଝଟକା
## ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ



ପଦ୍ମପୁର, ୧୪।୫ (ସମିସ): ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୋନାଲ ସମ୍ପାଦକ ହରିଶଙ୍କର ଅଗ୍ରୱାଲଙ୍କ ନେତୃତ୍ୱରେ ବିଜେଡି ନେତା ମୌସମ ମିଶ୍ର ଓ ସିଦ୍ଧାର୍ଥ ମିଶ୍ରଙ୍କ ଉପସ୍ଥିତିରେ ପଲସାପାଲି ପଞ୍ଚାୟତ ଅନ୍ତର୍ଗତ ଘନାମାଲ ଗ୍ରାମର ୫୦ ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଦଳ ଛାଡ଼ି ବିଜେଡି ରେ ସାମିଲ ହୋଇଛନ୍ତି। ବିଜେଡି ଦଳ ପକ୍ଷରୁ ଏମାନଙ୍କୁ ସ୍ୱାଗତ କରାଯାଇଥିଲା।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲର ଶତପ୍ରତିଶତ ସଫଳତା






ବରଗଡ଼, ୧୪।୫(ସମିସ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲର ଛାତ୍ର ଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ପରୀକ୍ଷା ଦେଇଥିବା ୪୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚାରିଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ୧୫ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ, ୧୫ ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଲବଧି ଜୈନ ୯୫.୮ ପ୍ରତିଶତ, ଆଦିତ୍ୟ ପୂଜାରୀ ୯୨, ରିଜୟସ ମିଶ୍ର ୯୧.୮ ଓ ଭେନିଲା ଗୋଦାବର୍ତୀ ୯୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଓ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ର ଛାତ୍ରୀମାନଙ୍କ ସଫଳତା ସକାଶେ ବିଦ୍ୟାଳୟ ପରିସର ମଧ୍ୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇ ପୁରସ୍କୃତ କରାଯାଇଥିଲା

## ସିବିଏସ୍‌ଇ ପରୀକ୍ଷାରେ ଲିଟିଲ୍ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ସଫଳତା

ବରପାଲି, ୧୪।୫ (ସମିସ): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୱା।ଦଶ ଶ୍ରେଣୀ ପରୀକ୍ଷାରେ ନିବେଦିତା ମାଝି, ସିଦ୍ଧି ଅଗ୍ରୱାଲ, ଓମକାର ମେହେର, ତମନ୍ନା ଆର୍ଯ୍ୟା ତ୍ରିପାଠୀ, ରୁଚିକା ନାୟକ, ଧର୍ମେନ୍ଦ୍ର କଅଁର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୧୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ୧୧ ଜଣ, ୮୦ ପ୍ରତିଶତରୁ ଅଧିକ ରଖି ୩୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ବିଦ୍ୟାଳୟରୁ ନିବେଦିତା ମାଝି ସର୍ବୋଚ୍ଚ ୯୨.୨ ପ୍ରତିଶତ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ଦଶମ ଶ୍ରେଣୀରୁ ଅନିକେତ ମୁଣ୍ଡ ଓ ଅଙ୍କିତ ଭୋଇ ୯୭.୦ ପ୍ରତିଶତ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବିଜେଡିକୁ ବିଜୟୀ କରିବା ପାଇଁ ଦୁଇ ପଞ୍ଚାୟତବାସୀଙ୍କ ସଂକଳ୍ପ



ଗାଇସିଲେଟ, ୧୪।୫(ସମିସ): ଗାଇସିଲେଟ ବ୍ଲକ କଠାଉମାଲ ପଞ୍ଚାୟତ ଟୁର୍ଚ୍ଚା ଗ୍ରାମରେ ବିଜେଡି କର୍ମୀ ସମ୍ମିଳନୀ ଯତୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଖ ପାଖ ୧୦ ଖଣ୍ଡ ଗ୍ରାମବାସୀ ଏକତ୍ରିତ ହୋଇ ବିଜେଡି ସରକାରଙ୍କୁ ଡବଲ ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ବୋଲି ସଂକଳ୍ପ ନେଇଥିଲେ। ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କାର୍ଡ, ମିଶନ ଶକ୍ତି ଦ୍ୱାରା ମା ମାନେ ସ୍ୱାବଲମ୍ବୀ ହୋଇ ଆଜି ନିଜେ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା କରିଛନ୍ତି। ଆସନ୍ତା ଜୁଲାଇରୁ ବିଜୁଳି ବିଲ ସମ୍ପୂର୍ଣ୍ଣ ମାଗଣା ହୋଇଯିବ ବୋଲି ଘୋଷଣା ମଧ କରିଛନ୍ତି। ଆଜି ଉଭୟ ପଞ୍ଚାୟତର ଲୋକ ମାନେ ଏକତ୍ରିତ ହୋଇ ବିଜେଡି ଦଳକୁ ଭୋଟ ଦେବା ପାଇଁ ସଂକଳ୍ପ ନେଇଛନ୍ତି। ବିଜେପୁର ବିଧାୟିକା ରିତା ସାହୁ ତଥା ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ରଙ୍କୁ ଡବଲ ଶଙ୍ଖ ରେ ଭୋଟ ଦେଇ ବିଜୟୀ କରିବା ବୋଲି ଗାଇସିଲେଟର ବିଶିଷ୍ଟ ବିଜେଡି ନେତା ନରେନ୍ଦ୍ର କୁମାର ଦାଶ ନିବେଦନ କରିଥିଲେ।

## ଅଣଦେଖା କରିବାରୁ ଦଳ ଛାଡ଼ିଲି: ଡାକ୍ତର ଶର୍ମା



ପଦ୍ମପୁର, ୧୪।୫ (ସମିସ): ଭାରତୀୟ ଜନତା ପାର୍ଟିର ନେତୃବୃନ୍ଦମାନେ ମୋତେ ଟିକେଟ ପ୍ରତିଶୃତି ଦେଇ ଶେଷକୁ ନିରାଶ କଲେ ସେଥିପାଇଁ ମୋର କର୍ମୀ ମାନଙ୍କ ପରାମର୍ଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୨ତାରିଖ ବରଗଡ଼ରେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ ଭିକେପାଣ୍ଡିଆନଙ୍କ ଉପସ୍ଥିତରେ ବିଧିବଦ୍ଧ ଭାବେ ବିଜୁଜନତା ଦଳରେ ଯୋଗଦେଲି ବୋଲି ପଦ୍ମପୁର ଅନ୍ତର୍ଗତ କନସିଂଘା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବରିଷ୍ଠ ନେତା ଡା. ଶୁସିଲ ଶର୍ମା। ଇତିମଧ୍ୟରେ ଦଳ ତରଫରୁ ତାଙ୍କୁ ବିଜେପୁର ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ଦେଇଥିବା ଡା. ଶର୍ମା କହିବା ସହିତ ୨/୩ ଦିନ ଭିତରେ ଏକ ବିରାଟ ମିଶ୍ରଣ ପର୍ବ ହୋଇ ତାଙ୍କର କର୍ମୀ ଓ ସହଯୋଗୀ ମାନେ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ବିଜେପୁର ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥିନୀ ରୀତା ସାହୁ ବିପୁଳ ଭୋଟ ବ୍ୟବଧାନରେ ନିର୍ବାଚିତ ହେବେ ବୋଲି ଡା. ଶର୍ମା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ବିଜେଡିର ମିଶ୍ରଣ ପର୍ବ

ବରଗଡ଼, ୧୪।୫(ସମିସ): ବରଗଡ଼ ୱାର୍ଡ ନ ୭ ବିଶିପଡ଼ାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଗତ ପୌର ନିର୍ବାଚନରେ ଏହି ୱାର୍ଡରେ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ଥିବା ଉଦୟ ବିଭାର ତାଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସର ରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବିତ ଆଚାର୍ଯ୍ୟ, ପୂର୍ବତନ ଉପ ନଗରପାଳ ଭରତ ମହାନ୍ତିଙ୍କ ସମେତ ବହୁ ନେତା ଉପସ୍ଥିତ ରହି ନୂତନ ଯୋଗ ଦେଇଥିବା କର୍ମୀ ମାନଙ୍କୁ ସ୍ୱାଗତ କରିଥିଲେ।

## ପଦ୍ମପୁର ଯୁବରାଜଙ୍କ ଜୟନ୍ତୀ



ପଦ୍ମପୁର, ୧୪।୫ (ସମିସ): ପଦ୍ମପୁର ଉପଖଣ୍ଡ ସରକାରୀ ଚିକିତ୍ସାଳୟ ପରିସରରେ ଥିବା ଦିବଂଗତ ଯୁବରାଜ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ୧୦୪ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରତିମୂର୍ତ୍ତିରେ ତାଙ୍କର ବଡ଼ପୁଅ ପ୍ରତାପ କେଶରୀ ସିଂ ବରିହା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଡା. ଆଶୁତୋଷ ହୋତା, ଡା. ରଜତ ସାହୁ, ଆଶୀଷ ବହିଦା ର, ବାସୁଦେବ ଦାସ, ସମାଜସେବୀ ନିରୋଜ ଦୋରା, ରସିକ ପରମାର, ଚିତ୍ତରଞ୍ଜନ ପଟ୍ଟନାୟକ, ଡ. ଭକ୍ତପୂରନ ସାହୁ, ନାଟ୍ୟକାର ଅଶୋକ ବହିଦାର, ଡ. ପ୍ରମୋଦ ପାଢ଼ୀ, ସନ୍ତୋଷ ସତପଥି, ପ୍ରମୋଦ ଚନ୍ଦ୍ର ନାଥ, ଆନନ୍ଦ ପଣ୍ଡା, ଜନକଲାଲ ମେହେର, ଶେଷ ଦେବ ମେହେର, ସଦାନନ୍ଦ ପୁରୋହିତ, ରଘୁନାଥ ପୁରୀ, ସୀତାନାଥ ସାହୁ, ଈଶ୍ୱର ସାନବର୍ଷା, ମନୋଜ ପଣ୍ଡା, ଗୌନ୍ତିଆ ସାହୁ, ରାଧାବଲ୍ଲଭ ପାଣିଗ୍ରାହୀ, ଭାସ୍କର ଦାଶ, ଡ. ଆଶୁତୋଷ ହୋତା ପ୍ରମୁଖ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ସିଂ ବରିହା ଜୀବନର ଶେଷ ପର୍ଯ୍ୟନ୍ତ ଯୁବରାଜ ଭାବରେ ସର୍ବତ୍ର ପରିଚିତ ଥିଲେ। ରାଜ୍ୟ ରାଜନୀତିରେ ବିଧାୟକ, ମନ୍ତ୍ରୀ ଭାବରେ ସ୍ଥାନିତ ହୋଇଥିଲେ। ତାଙ୍କର ସହଧର୍ମିଣୀ ସାରଳାଦେବୀଙ୍କ ନାମରେ ନାମିତ ସରକାରୀ ଉପଖଣ୍ଡ ଚିକିତ୍ସାଳୟର ରୂପାନ୍ତରିତ ସମୟରେ ତାଙ୍କ ନାମକୁ ହଟାଇ ଦିଆଯାଇ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଗାମୀ ଦିନରେ ପୁନଃନାମିତ କରିବାକୁ ଦାବି ହୋଇ ଥିଲା। ଶେଷରେ ଶ୍ରୀ ସିଂ ବରିହା ଧନ୍ୟବାଦ ଦେଇଥିଲେ।

## ଅମ୍ବାପାଲିରେ ବିଜେଡିର ନିର୍ବାଚନୀ ସଭା

ବରଗଡ଼, ୧୪।୫(ସମିସ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନ ୧୭ ଅମ୍ବାପାଲି ଠାରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କାଉନସିଲର ପଦ୍ମ ଲୋଚନ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଜେଡି ନେତ୍ରୀ ଅନୁରାଧା ଅଗ୍ରୱାଲ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ସାଂସଦ ପ୍ରାର୍ଥୀନୀ ପରିଣୀତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ପ୍ରଦାନ ପାଇଁ ନିବେଦନ କରିଥିଲେ। ପୌର ପରିଷଦ ଉପ ନଗରପାଳ ରାଜେଶ୍ ଅଗ୍ରୱାଲ, କାଉନସିଲର ଜନକ ଅଗ୍ରୱାଲ, ଅଜୟ ରେଖାନି, ଅନିଲ ଅଗ୍ରୱାଲ, ଦଶରଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବରଗଡ଼ର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇ ଦେବେଶ ଆଚାର୍ଯ୍ୟଙ୍କ ଭଳି ବିଧାୟକଙ୍କ ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ।

## କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ମହାସଂଘ ସମାବେଶରେ ବିରୋଧୀଙ୍କୁ ଟାର୍ଗେଟ

ପଦ୍ମପୁର, ୧୪।୫ (ସମିସ): ପଦ୍ମପୁର ଉପ ଖଣ୍ଡ ଧୂମାଭଟା ଛକ ଠାରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ମହାସଂଘ ପଦ୍ମପୁର ଡିଭିଜନ ସ୍ତରୀୟ ସମାବେଶ ହୋଇଥିଲା। ସମାବେଶରେ ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଏହି ସମାବେଶରେ ମହାସଂଘର ରାଜ୍ୟ ସଭାପତି ପ୍ରତାପ ମହାନ୍ତି, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ବିଜୁ ଜନତା ଦଳର ସଂଯୋଜକ ମୌସମ ମିଶ୍ର, ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦାନ କରି ନିଜ ବକ୍ତବ୍ୟ ରଖିଥିଲେ। ବିଧାୟିକା ବର୍ଷା ସିଂ ବରିହା କେନ୍ଦ୍ର ସରକାର ହୀରା ଉପରେ କମ ଓ କେନ୍ଦୁପତ୍ରରେ ଅଧିକ ଜିଏସଟି ଲାଗୁ କରି ଜୁଲୁମ କରୁଛନ୍ତି। ଚାଷୀ, ଗରିବ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ତାର ପରିବର୍ତ୍ତନ କରିବାକୁ କେନ୍ଦ୍ର ପଦକ୍ଷେପ ନେଉନାହିଁ। ରାଜ୍ୟରେ ବିକାଶ ଓ କେନ୍ଦ୍ରରେ ଲୋକ ମାନଙ୍କ ସରକାର ପାଇଁ ଡ଼ବଲ ଶଙ୍ଖର ଆବଶ୍ୟକତା ରହିଛି। କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ, ଅଞ୍ଚଳରେ ହୋଇଥିବା ମାରାଥନ ବିକାଶକୁ ଦେଖି ପୁଣି ଥରେ ବିଜୁ ଜନତା ଦଳର ବର୍ଷା ସିଂ ବରିହା, ପରିଣିତା ମିଶ୍ର ଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

## କଂଗ୍ରେସର ମାରାଥନ୍ ପ୍ରଚାର

ପଦ୍ମପୁର, ୧୪।୫ (ସମିସ): ପଦ୍ମପୁର ବିଧାନସଭା ଅଞ୍ଚଳରେ କଂଗ୍ରେସ ତାର ପ୍ରଚାରକୁ ଯୋରଦାର କରିଛି। ପ୍ରାର୍ଥୀ ଟଙ୍କଧର ସାହୁ, ଡା. ନରେନ୍ଦ୍ର ପ୍ରଧାନ, ଡା. ମାନସ ରଞ୍ଜନ ପ୍ରଧାନ, ମୁଜାଫର ହୁସେନ, ବସନ୍ତ ନନ୍ଦ, ଝାରବନ୍ଧ ମହିଳା କଂଗ୍ରେସ ସଭାନେତ୍ରୀ ହେମକାନ୍ତି ପ୍ରଧାନ ସହ ଅନେକ କଂଗ୍ରେସ କର୍ମୀ ବୈତାଳି, ଶକ୍ତି, କୁମୀର, ଲେରଗାଁ, ଜଟେଶିରା, ଗୌଡ଼ମାଳ, କୁର୍ମା, ଶିକରିପାଲି, ଧଉରାଭଟା, ବଡ଼କୁଞ୍ଜାରୀ, ଜଗଦଲପୁର, ନୀଳଜୀପତ୍ରା, ଡୁଙ୍ଗୁରିପାଲି, ଚଣ୍ଡିଭଟା ଆଦି ଗ୍ରାମରେ ପ୍ରଚାର କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ ସାମିଲ ହୋଇ କେତେକ ନୂତନ ସଭ୍ୟଙ୍କୁ ଦଳରେ ମିଶାଇ ଥିଲେ।

## ଲୋହାରପାଲି ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା

ପଦ୍ମପୁର, ୧୪।୫ (ସମିସ): ପଦ୍ମପୁର ନିର୍ବାଚନ ମଣ୍ଡଳୀର ଲୋହାରପାଲି ପଞ୍ଚାୟତ ଗମ୍ଭାରୀଡ଼ିହି, ଲୋହାରପାଲି, କଦଳୀମୁଣ୍ଡା, ବରଭଟା, ସର୍ଗିଜୁରୀ, କବିବରପୁର ରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀନୀ ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ବହିଦାର, ଲୋହାରପାଲି ସରପଞ୍ଚ ଝରଣା ଲୁହାର, ପ୍ରତିନିଧି ତୁଳାରାମ ଲୁହାର, ଯୋଗଦେଇ ବିଜୁ ଜନତା ଦଳକୁ ଭୋଟ ଦେବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ଜେଡି ମହିଳା ମହାବିଦ୍ୟାଳୟର ଶ୍ରେଷ୍ଠ ଦଶ ମଧ୍ୟରେ ୧୬ ଛାତ୍ରୀ

ବରପାଲି, ୧୪।୫ (ସମିସ): ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ଅପୂର୍ବ ସଫଳତା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିବା ମହାବିଦ୍ୟାଳୟର ୧୬ ଜଣ ଛାତ୍ରୀ ହେଲେ ଓଡ଼ିଆ ବିଭାଗରେ ରାକ୍ଷୀ ବେହେରା, ରାଜନୀତି ବିଜ୍ଞାନରେ ପ୍ରୀତି ବାରିକ, ହିନ୍ଦୀ ବିଭାଗରେ ଶୁଭ୍ରସ୍ମିତା ବୁଧିଆ, ମିନି ମେହେର, ଜ୍ୟୋତିରାଣୀ ପଣ୍ଡା, ରିତୁ ଭୋଇ, ଅନ୍ୱେଷା ସାହୁ, ଅଳକା ସାହୁ, ତନୁଶ୍ରୀ ପଧାନ, ଶିକ୍ଷା ବିଭାଗରୁ ଅରୁଣା ସାହୁ, ପ୍ରିୟଙ୍କା ସେଟ୍, ସିଦ୍ଧିମୟୀ ମେହେର, ପୂଜା ଗହୀର, ସ୍ୱାଗତିକା ଦାସ, ତୃମକି ମେହେର ଓ ସିମ୍ରନ୍ ବୁଧିଆ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ନେପାଳ ବିଶ୍ୱାଳ, ଅଧ୍ୟାପିକା ନିଳୀମା ନାୟକ, ଜ୍ୟୋତି ସାହୁ, ପିଙ୍କି ବାରିକ, ପୁନମ ସାହୁ, ମନୀଷା ଭୋଇ, ଶୋଭାବତୀ ଥପା, ସସ୍ମିତା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନାରେ ସହ କର୍ମଚାରୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇ ସହାୟତା କରିଥିଲେ।

# ସଂଯୋଗୀକରଣରେ ଆଉ ଏକ ମାଇଲଖୁଣ୍ଟ 'ଅଙ୍ଗନଦୀ ସେତୁ'

ଝାରବନ୍ଧ, ୧୪।୫(ସମିସ)

ଯେଉଁ ଅଞ୍ଚଳରେ ଗମନାଗମନ ଯେତେ ସୁବିଧା ଥାଏ, ସେହି ଅଞ୍ଚଳର ସେତେ ବିକାଶ ହୋଇଥାଏ। ତେଣୁ ପ୍ରତ୍ୟେକ ଅଞ୍ଚଳର ବିକାଶ ପାଇଁ ସରକାର ପ୍ରତିବଦ୍ଧତା ସହ ଯୋଜନା ପ୍ରସ୍ତୁତ କରୁଛନ୍ତି। ଛତିଶଗଡ଼ ଓଡ଼ିଶା ମଧ୍ୟରେ ଉତ୍ତମ ଯୋଗାଯୋଗ ପାଇଁ ଅଙ୍ଗନଦୀ ଉପରେ ଲଖମରା ଠାରେ ଉଚ୍ଚ କ୍ଷମତା ସମ୍ପନ୍ନ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ପରେ ଲମ୍ବରଜୁନା ଠାରୁ ବମ୍ବରିତ ରାସ୍ତାରେ ଅଙ୍ଗନଦୀ ଉପରେ ଆଉ ଏକ ସୁଉଚ୍ଚ ସେତୁର ନିର୍ବାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ଆଗେଇ ଚାଲିଛି। ଏହି ସେତୁକୁ ନିର୍ମାଣକାରୀ ସଂସ୍ଥାର ଠିକାଦାର ଅମର ଦୀପ ଅଗ୍ରୱାଲ କରୁଛନ୍ତି। ବର୍ଷା ଋତୁ ପୂର୍ବରୁ ପୋଲ ଉପରେ ସମସ୍ତ କଂକ୍ରିଟ କାମ ସରିଯିବ। କଂକ୍ରିଟ କାମ ସମ୍ପୂର୍ଣ୍ଣ ହେଲେ ପଥଚାରୀ ମାନେ ଅକ୍ଳେଶରେ ଯାତାୟତ କରି ପାରିବେ।



ଲମ୍ବରଜୁନା, କନସିଂହା, ଲଖମରା, ଦର୍ଲିପାଲି, ପୁଜାରିପାଲି, କୁଲାଣ୍ଟି, କୁଧରେନପାଲି, ବମ୍ବରିତ ଆଦି ଗ୍ରାମବାସୀଙ୍କ ପାଇଁ ସେତୁଟି ବରଦାନ ସଦୃଶ ହୋଇଛି। ଗତ ୨୯.୧୦.୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୨୮.୮୮ମିଟର ଦୈର୍ଘ୍ୟ ଓ ୭.୫୦ ମିଟର ପ୍ରସ୍ଥ ଏହି ସେତୁର ନିର୍ମାଣ ପାଇଁ ସରକାର ୧୩୮୪.୦୭ଲକ୍ଷ ଅନୁଦାନ ମଞ୍ଜୁରୀ ପ୍ରଦାନ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୃକ୍ତ ଠିକାସଂସ୍ଥା ଏହି କାର୍ଯ୍ୟକୁ ସମାପ୍ତ କରୁଥିବାରୁ ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରି ଖେଳି ଯାଇଛି।

### ସେମାନେ କୁହନ୍ତି.....



ସରକାରଙ୍କୁ ଧନ୍ୟବାଦ। ଆମେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲୁ ଯେ, ଆମ ଗାଁ ପାଖରେ ଏତେ ବଡ଼ ପୋଲ ନିର୍ମାଣ ହେବ। ଏହି ପୋଲ ହେବା ଦ୍ୱାରା ଆମର ଗମନାଗମନର ସୁବିଧା ହେବ। ବର୍ଷା ଦିନରେ ଅନ୍ୟତ୍ର ଯିବାକୁ ହେଲେ ୨୦କିମି ବୁଲିକି ଯିବାକୁ ହେଉଥିଲା। ବର୍ତ୍ତମାନ ମାତ୍ର ୯କିମିରେ ମୁଖ୍ୟ ରାସ୍ତାକୁ ଯାଇ ହେବ। ତେଣୁ ଅଞ୍ଚଳବାସୀ ବହୁତ ଖୁସି ଅଛୁ।

**ଶୁଭାକର ବରିହା, ବମ୍ବରିତ**



ପୋଲ ହେବା ଦ୍ୱାରା ହଜାର ହଜାର ଲୋକ ଉପକୃତ ହେବେ। ନଦୀରେ ପାଣି ଆସିବା ପରେ ଲୋକମାନେ ବହୁ ହଇରାଣ ହେଉଥିଲେ। ବର୍ଷା ଋତୁରେ ଅଞ୍ଚଳବାସୀ ବହୁ କଷ୍ଟରେ ଜୀବନ ଯାପନ କରୁଥିଲେ।

**କ୍ଷୀରସିନ୍ଧୁ ସାହୁ, କୁଲାଣ୍ଟି**



ଏହି ସେତୁ ଅଞ୍ଚଳ ପାଇଁ ବରଦାନ ସଦୃଶ ହୋଇଛି। ବର୍ଷା ଦିନରେ ଏହି ଅଞ୍ଚଳ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଯାଉଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେଲେ କନସିଂହାଛକ ବିଜୁ ଏକ୍ସପ୍ରେସ ୱେ କୁ ଯିବାକୁ ୧୦/୧୨କିମି ଦୂରତା କମି ଯିବ।

**ଚଞ୍ଚଳ ଭୋଇ, କୁଧରେନପାଲି**

# ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଭେଟିଲେ ରୋହିତ ପୂଜାରୀ



**ସମ୍ବଲପୁର, ୧୪।୫(ସମିସ):** ପ୍ରସିଦ୍ଧ ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ, ବିଶିଷ୍ଟ କଳାକାର ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ଅସୁସ୍ଥତା ଯୋଗୁଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏକଥା ଜାଣିବା ପରେ ଆଜି ସକାଳେ ହସ୍ପିଟାଲ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି ବିଜୁ ଜନତା ଦଳର ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ। ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି କାମନା କରିଥିଲେ। ପ୍ରକାଶ ଯେ ଗତ ସୋମବାର ଦିନ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଚାରିତ ହେବାପରେ ସାରା ଓଡ଼ିଶାରେ ଚହଳ ପଡ଼ିଛି। ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ଜଣେ ବିଶିଷ୍ଟ ଗିତୀକାର, କଣ୍ଠଶିଳ୍ପୀ ଅଟନ୍ତି। ସମ୍ବଲପୁରୀ କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ତାଙ୍କର ପ୍ରମୁଖ ଅବଦାନ ରହିଛି। ସେ ଗାଇଥିବା ଗୀତ ରଙ୍ଗବତୀ ସାରା ବିଶ୍ୱରେ ଶ୍ରୋତାଙ୍କୁ ମୋହିତ କରୁଛି। ତାଙ୍କର ଅସୁସ୍ଥତା ଖବର ସମ୍ବଲପୁରୀ କଳା ଜଗତ ପାଇଁ ଭଲ ଖବର ନୁହେଁ ବୋଲି ରୋହିତ ପୂଜାରୀ କହିଛନ୍ତି। ତେଣୁକରି ବିଭିନ୍ନ ମହଲରେ ତାଙ୍କର ସୁସ୍ଥ ଏବଂ ଦୀର୍ଘାୟୁ ଜୀବନର କାମନା କରାଯାଉଛି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା କୁହାଯାଉଛି। ସେହିପରି ରେଢ଼ାଖୋଲ ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଆଜି ମଧ୍ୟ ପଦ୍ମଶ୍ରୀ ହରିପାଲଙ୍କୁ ଭେଟିଛନ୍ତି।

ଧାନ କିଣାରେ ପୁଣି ଅବ୍ୟବସ୍ଥା

# କଟନି ଛଟନିକୁ ନେଇ ଚାଷୀଙ୍କ ତୀବ୍ର ଅସନ୍ତୋଷ

**ସମ୍ବଲପୁର, ୧୪।୫(ସମିସ)**

ସମ୍ବଲପୁର ଜିଲ୍ଲାରେ ଧାନକିଣାରେ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। କଟନି ଛଟନି କରି ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏଥିରେ ମିଲର୍ସମାନେ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ଆଜି ଏହାକୁ ନେଇ ମାନେଶ୍ୱର ଧାନ ସଂଗ୍ରହ କେନ୍ଦ୍ରରେ ଉତ୍ତେଜନା ଦେଖା ଦେଇଥିଲା। ଚାଷୀମାନେ ଧାନ ଗାଡ଼ି ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାନରେ କଟନି ଛଟନିକୁ ବିରୋଧ କରି ଶେଷରେ ମିଲକୁ ଯାଇ ପ୍ରତିବାଦ କରି କଟନିକୁ ବନ୍ଦ କରିବାକୁ କହିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ବହୁ କଷ୍ଟରେ ଚାଷୀମାନେ ଧାନ ଅମଳ କରୁଛନ୍ତି। ହେଲେ ବିକ୍ରି ସମୟରେ ପ୍ରତିବର୍ଷ ସମସ୍ୟା ଦେଖା ଦେଉଛି। ପୂର୍ବରୁ ମାର୍କେଟରେ ପ୍ରଶାସନ, ଯୋଗାଣ ବିଭାଗ, ଆରଏମସି, ଚାଷୀ, କୃଷି ସମବାୟ ସମିତି ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ହେଉଥିଲା। ଚାଷୀମାନେ ନିଜର ସମସ୍ୟା କହୁଥିଲେ। କେତେକ୍ କ୍ଷେତ୍ରରେ ସମାଧାନ ହୋଇ ଯାଉଥିଲା। ହେଲେ କିଛି ବର୍ଷ ହେବ ବ୍ୟତିକ୍ରମ ଦେଖା ଦେଉଛି। ଚାଷୀମାନେ ମିଲକୁ ଧାନ ନେବା ପରେ ସେଠାରେ ମିଲମାଲିକ ଓ କର୍ମଚାରୀ ମାନେ ଦାଦାଗିରି କରୁଛନ୍ତି। କ୍ୟୁଣ୍ଟାଲ ପିଛା ବାଧ ୩ କେଜିରୁ ୬ କେଜି କାଟିବା ପାଇଁ କହୁଛନ୍ତି। ନ ହେଲେ ଧାନ ଫେରାଇ ନେବାକୁ ଭୟଭୀତ କରୁଛନ୍ତି।



ଚାଷୀ କିଛି ଉପାୟ ପାଉ ନାହାଁ। ଯୋଗାଣ ବିଭାଗ ପାଖରେ ଅଭିଯୋଗ କଲେ ସେମାନେ ଚାଷୀ ଉପରେ ଦୋଷ ଲଦି ଦେଉଛନ୍ତି। ଚାଷୀମାନେ ମିଲକୁ ଯାଇ କାହିଁକି ଧାନ ଖାଲି କରୁଛନ୍ତି ବୋଲି କହୁଛନ୍ତି। ଏଭଳି ପରିସ୍ଥିତିରେ ଚାଷୀ କଣ କରିବ ବୋଲି ପ୍ରଶ୍ନ କରିଛନ୍ତି। ଜିଲ୍ଲାପ୍ରଶାସନ ଶୀଘ୍ର ଏହାର ସମାଧାନ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଚାଷୀଙ୍କ ଗାଡିରେ ମିଲକୁ ଧାନ ଯାଉଛି ହେଲେ ଗାଡି ଭଡା ମିଳୁ ନାହିଁ। ଅନଲୋଡିଙ୍ଗ, ବସ୍ତା ସୁତିଲି ଆଦି ଖର୍ଚ୍ଚ ମଧ୍ୟ ମିଳୁ ନାହିଁ ବୋଲି କହିଥିଲେ। ଚାଷୀ ହରିଶଙ୍କର ପୁରୋହିତ, ସୁଦର୍ଶନ ମହାପାତ୍ର, ଏନ ଲକ୍ଷ୍ମୀନାରାଣ, ଏଚ ସତ୍ୟନାରାୟଣ, ଅଭିମନ୍ୟୁ ବେହେରା, ସୁଶାନ୍ତ ବେହେରା, ଶିବ ପ୍ରସାଦ ପାଢ଼ୀ, ଅଭିନାଶ ପାଢ଼ୀ, ରବୀନ୍ଦ୍ର ସାହୁ, ରଞ୍ଜିତ ନାଥ, ସୁଶିଲ ବେହେରା, ଚନ୍ଦ୍ରଶେଖର ପାଢ଼ୀ, ସନ୍ତୋଷ ପାଢ଼ୀ, ଅର୍ଜୁନ ପଟେଲ, ଧ୍ରୁବ ଚରଣ ଭୋଇ, ଡାକ୍ତର ଓରାମ, ସହରୁ ଝାଙ୍କର, ଚଇନୁ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

ସମ୍ବଲପୁରରେ ୩ ଦିନ ହେଲା ଧାନ ସଂଗ୍ରହ ଆରମ୍ଭ ହୋଇଛି। ଖରା ପରିପ୍ରେକ୍ଷୀରେ ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣିର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ହୋଇଛି। ଚଳିତ ବର୍ଷ ପଞ୍ଜୀକୃତ ୧୫ ହଜାର ୪୩୨ ଚାଷୀଙ୍କ ଠାରୁ ରବି ଧାନ ସଂଗ୍ରହ ହେବ। ୧୫ଟି କୃଷି ସମବାୟ ସମିତି ଏବଂ ଏସଏଚଜି ଏଥିରେ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ରବି ଧାନ ସଂଗ୍ରହ ପାଇଁ ଟାର୍ଗେଟ ସମସ୍ୟା ରହିବ ନାହିଁ। କାରଣ ଗତବର୍ଷ ଗୁଡିକ ଭଳି ସୀମିତ ଟାର୍ଗେଟ ଦିଆଯାଇ ନାହିଁ। ବରଂ ଗତବର୍ଷ ଯେତେ ଧାନ ସଂଗ୍ରହ କରାଯାଇଥିଲା, ସେହି ଅନୁଯାୟୀ ଏକାସହିତ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ପ୍ରତିବର୍ଷ ଧାନ ସଂଗ୍ରହ ଆରମ୍ଭ ବେଳକୁ କଟନିଛଟନି ନେଇ ଚାଷୀମାନେ ଲଗାତାର ଅଭିଯୋଗ କରି ଆସୁଛନ୍ତି। ପ୍ରଶାସନର ତଦାରଖ ପରେ କଟା ହେବା ପ୍ରସଙ୍ଗକୁ ନେଇ କୋଭିଡ଼ ସମୟରେ ଧାନ ସଂଗ୍ରହ ଉପସମିତି ବୈଠକ ହେଉଥିଲା। କିନ୍ତୁ ଦୁଇ ବର୍ଷ ହେଲା ଏହା ହେଉ ନାହିଁ। ପ୍ରତିବର୍ଷ ଧାନ ସଂଗ୍ରହ ସରିବା ପୂର୍ବରୁ ସମ୍ବଲପୁରର ମିଲ୍‌ମାଲିକଙ୍କୁ ବାହାର ଜିଲ୍ଲାକୁ ଟ୍ୟାଗ କରାଯାଉଛି। ଏଥିଯୋଗୁଁ ଜିଲ୍ଲାରେ ଧାନ ସଂଗ୍ରହ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପାଣି ପାଇଁ ଗ୍ରାମରେ ହାହାକାର, ଫ୍ୟାକ୍ଟ୍ରିକୁ ପଞ୍ଚାୟତ ଯୋଗାଉଛି ଟ୍ୟାଙ୍କର ପାଣି

**ପଡ଼ିଆବାହାଲ, ୧୪।୪(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ବିଭିନ୍ନ ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ଆହାକାର ହେଉଥିବା ବେଳେ ନିକଟସ୍ଥ ଏକ କମ୍ପାନିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ପଞ୍ଚାୟତକୁ ଲୋକମାନଙ୍କ



ସେବାରେ ବିଧାୟକ ପାଣ୍ଠିରୁ ଦିଆଯାଇଥିବା ଟ୍ୟାଙ୍କର ଲୋକଙ୍କ ପାଇଁ ବ୍ୟବହାର ନହୋଇ କମ୍ପାନିକୁ କିଭଳି ପାଣି ଯୋଗାଇଲା ତାହା ଏବେ ଅଭିଯୋଗ ହୋଇଛି। କମ୍ପାନି ଭିତରକୁ ଯାଇଥିବା ସମୟରେ ଏକ ଭିଡିଓ ଉତ୍ତୋଳନ ହୋଇ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଛି। ଯାହା ଯୁଯୁମୁରା ବ୍ଲକର ଜୟନ୍ତପୁର ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ଲୋକଙ୍କ ପାଖରେ ପହଞ୍ଚିଛି। ଏହାକୁ ନେଇ ପଞ୍ଚାୟତ ବାସୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଏବେ ଗାଁ ଗାଁରେ ପାନୀୟ ଜଳକୁ ନେଇ ହାଆକାର ପଡ଼ିଛି। ଜୟନ୍ତପୁର ପଞ୍ଚାୟତରେ ମୌଳିକ ଦାବିକୁ ଆଖିମୁଜି ଦେଇ ଗାଁକୁ ପାଣି ପହଞ୍ଚାଇବା ବଦଳରେ କମ୍ପାନୀ ପ୍ରିତିରେ ପଞ୍ଚାୟତ କର୍ମଚାରୀ ଗୁରୁତ୍ୱ ଦେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଆଜି ଦେଖିବାକୁ ମିଳିଛି। ପଞ୍ଚାୟତ ନିକଟସ୍ଥ ଏକ କମ୍ପାନୀ ଭିତରେ ବିଧାୟକ ପାଣ୍ଠିରୁ ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ପାଣି ଟ୍ୟାଙ୍କରରୁ କମ୍ପାନୀ ପାଇଁ ଆବଶ୍ୟକ ଟ୍ୟାଙ୍କରକୁ ପାଣି ଦିଆଯାଉଥିଲା। ବିଡିଓ ବିଜୟ ସାଏ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହା ହେବା କଥା ନୁହେଁ ଏ ଦିଗରେ କଣ ହୋଇଛି ତଦନ୍ତ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସରପଞ୍ଚ ଅଭିଯୋଗକୁ ଖଣ୍ଡନ କରି କୌଣସି ବ୍ୟବସାୟିକ ସମ୍ପର୍କ ରଖି କମ୍ପାନୀକୁ ଜଳ ଦିଆଯାଉନାହିଁ। ପଞ୍ଚାୟତର ଅଜ୍ଞାତରେ ହୋଇଥିବାରୁ ବର୍ତ୍ତମାନ ଠାରୁ ଏହାକୁ ବନ୍ଦ କରାଯାଇଥିବା ସେ କହିଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ଟ୍ୟାଙ୍କର ଏଭଳି ଅପବ୍ୟବହାର ହେଉଥାଇ ପାରେ ବୋଲି ଏକ କମିଟି ଗଠନ କରି ତଦନ୍ତ କରିବା ଆବଶ୍ୟକ ବୋଲି ଦାବି ହୋଇଛି।

## ରେଢ଼ାଖୋଲରେ ହୋମ୍ ଏବଂ ପୋଷ୍ଟାଲ ଭୋଟିଂ

# ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ କଲେ ମତଦାନ

**ରେଢ଼ାଖୋଲ, ୧୪।୫(ସମିସ):** ପ୍ରତ୍ୟେକ ଭୋଟ ମୂଲ୍ୟବାନ। ତେଣୁ ମତଦାନର ମହାନ ପର୍ବରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ସମସ୍ତ ଭୋଟରଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ନିମନ୍ତେ ରେଢ଼ାଖୋଲ ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କ ତତ୍ତ୍ୱାବଧାନ ଓ ଡେପୁଟି କଲେକ୍ଟର ଶୁଭଶ୍ରୀ ସୁଚିସ୍ମିତାଙ୍କ ସହଯୋଗରେ ହୋମ୍ ଭୋଟିଂ ଏବଂ ପୋଷ୍ଟାଲ ଭୋଟିଂ ଆରମ୍ଭ ହୋଇଛି। ରେଢ଼ାଖୋଲର ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟର ମିଶି ସର୍ବମୋଟ ୧୭୬ ଜଣ ମତଦାତା ନିଜ ଘରେ ରହି ମତଦାନ କରିବାକୁ ତାଲିକା ଭୁକ୍ତ ହୋଇଛନ୍ତି। ହୋମ ଭୋଟିଂ ପ୍ରକ୍ରିୟାକୁ ଶୃଙ୍ଖଳିତ ଓ ନିରପେକ୍ଷ ସମ୍ପାଦନ କରିବା ପାଇଁ ରେଢ଼ାଖୋଲରେ ୬ ଗୋଟି ଦଳ



ଗଠନ କରାଯାଇଛି। ପ୍ରତ୍ୟେକ ଦଳରେ ୩ ଜଣ ପୋଲିଂ ଅଧିକାରୀଙ୍କ ସମେତ ଜଣେ ଲେଖାଏଁ ମାଇକ୍ରୋ ଅବଜରଭର, ଭିଡିଓ ଗ୍ରାଫର ଏବଂ ପୁଲିସ ଅଧିକାରୀ ନିୟୋଜିତ ଅଛନ୍ତି। ନିର୍ବାଚନ ଦାୟିତ୍ୱରେ ଥିବା ପୁଲିଂ ଅଧିକାରୀ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରେଢ଼ାଖୋଲର ସମସ୍ତ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟର ପାଖକୁ ଯାଇ ଭୋଟ ସଂଗ୍ରହ କରିବେ। ନିର୍ବାଚନ ଆୟୋଗଙ୍କ ଏଭଳି ପଦକ୍ଷେପ ନେଇ ଶତାୟୁ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରମାନେ ମଧ୍ୟ ଖୁସି ଜାହିର କରୁଥିବା ଜଣାପଡ଼ିଛି।

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

ବାମରା, ୧୪।୫(ସମିସ):ବାମରା ଗରିଆମାଲ ମୁଖ୍ୟ ରାସ୍ତା ସ୍ଥିତ ଲମତି ଛକ ଠାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍



ଚାଳକଙ୍କ ମୃତ୍ୟୁ ହୋଇ ଥିବା ଜଣାପଡ଼ିଛି। ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ସବଡେଗା ବ୍ଲକ ସିମଡେଗା ବାବୁଡିହି ଗ୍ରାମର ପ୍ରମୋଦ ଲାକ୍ରା। ସେ ମଙ୍ଗଳବାର ଦିନ ଟାଇଁସରରୁ ସୁଜିତ୍ ଟେଟେଙ୍କ ସହ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଲମତି ଛକ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଥିଲେ। ଏହି ଦୁର୍ଘଟଣାରେ ସୁଜିତ୍ ଗୁରୁତର ଆହତ ରହିଛନ୍ତି। ଗୋବିନ୍ଦପୁର ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡମ୍ପର ଦୁର୍ଘଟଣା, ଚାଳକ ଆହତ

**ବାମରା, ୧୪।୫(ସମିସ):** ବାମରା କୁଚିଣ୍ଡା ମୁଖ୍ୟ ରାସ୍ତା ସ୍ଥିତ ଘୁନଘୁଟି ଠାରେ ମଙ୍ଗଳବାର ଅପରାହ୍ନରେ କୁଚିଣ୍ଡା ରୁ ରାଜଗାଙ୍ଗପୁର କୁ ଯାଉଥିବା ଏକ ଡମ୍ପର ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ଥିବା ବେଳେ ଏଥିରେ ଗାଡି ଚାଳକ ପୋଢ଼ସିଙ୍ଗ ଗ୍ରାମର ଆଶିଷ ଖାଲକୋ ଓ ହେଲ୍ପର ସୋନୁ ବାର୍ଲା ଗୁରୁତର ଆହତ ହୋଇଛନ୍ତି। ମହୁଲପାଲି ପୋଲିସ ଆହତଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ଆରଜିଏଚ କୁ ରେଫର କରାଯାଇଛି।

## ତଲାବିରାରେ ସ୍ୱାସ୍ଥ୍ୟ ଓ ସୁରକ୍ଷା କର୍ମଶାଳା




**ସମ୍ବଲପୁର, ୧୪।୫(ସମିସ):**ଏନଏଲସିର ତଲାବିରା ୨ ଓ ୩ ଓସିପି ସବୁବେଳେ ସୁରକ୍ଷା ସଚେତନା ଓ ସ୍ୱାସ୍ଥ୍ୟ ସଚେତନା ଶିବିର ଆୟୋଜନ କରୁଛି। ଗତ ଅଗଷ୍ଟ ମାସରେ ଓସିପି ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ଓ ଡେପୁଟି ଖଣି ସୁରକ୍ଷା ନିର୍ଦ୍ଦେଶକ ୟୁ ଶିବ ଶଙ୍କରଙ୍କ ତତ୍ତ୍ୱବଧାନରେ ଏହି ଶିବିର ଗୁଡ଼ିକ ଆୟୋଜନ କରାଯାଇଥିଲା। ଏଥିପାଇଁ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ-୨ରେ ପ୍ରଥମ ଖଣି ଭାବେ ଯୋଗ୍ୟତା ହାସଲ କରିଛି। ଆଜିର ଏହି ସମ୍ବୋଧିତ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଥିଲା। କମ୍ପାନିର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ଠାକୁର ଉପସ୍ଥିତ ରହି ମାଇନିଂରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଶରୀର ଠିକ ରହିଲେ କର୍ମଚାରୀ ଠିକ ଭାବେ କାମ କରିବେ ବୋଲି କହିଥିଲେ। ଏହା ସହ ଶ୍ରୀ ଶଙ୍କର ସ୍ୱାସ୍ଥ୍ୟକୁ ଗୁରୁତ୍ୱ କାହିଁକି ଦେବା ନେଇ ଭିଡିଓ ମାଧ୍ୟମରେ ଉପସ୍ଥାପନା କରି ଆଲୋଚନା କରିଥିଲେ।

## ପ୍ରଣବ ଓ ପ୍ରସନ୍ନଙ୍କ ପାଇଁ ଘରଘର ବୁଲି ଭୋଟ ଭିକ୍ଷା

ମାନେଶ୍ୱର, ୧୪।୫(ସମିସ):ଆଜି ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତର ବିଭିନ୍ନ ଗାଁର ପ୍ରତ୍ୟକ ଘର ବୁଲି ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରଣବ ପ୍ରକାଶ ଦାସଙ୍କ ପାଇଁ ଭୋଟ ପ୍ରଚାର କରୁଛନ୍ତି ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣ୍ଡେ। ପ୍ରଚାର ସମୟରେ ଗୀତାଞ୍ଜଳିଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବା ସହ ଲୋକେ ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ସମର୍ଥନ କରିଥିଲେ। ଗୀତାଞ୍ଜଳିଙ୍କ ସହ ସାହାସପୁର ସମିତି ସଭ୍ୟ ଲିନା ମହାପାତ୍ର, ଯୁବ ସଭାପତି ସମିର ପାଢ଼ୀ, ମଣ୍ଟୁ ଦନ୍ତା, ରାମ ମହାପାତ୍ରଙ୍କ ସହ ଅନେକ ବିଜେଡି ଯୁବ ମହିଳା କର୍ମୀ ଉପସ୍ଥିତ ଥିଲେ।



ମାଛ ତେଲରେ ମାଛ ଭାଜୁଛି କୁଚିଣ୍ଡା ଏନ୍‌ଏସି

# ଚାଲିଛି ପୋଖରୀ ଖୋଳା; ମାଟି ବିକ୍ରି ଅଭିଯୋଗ

**କୁଚିଣ୍ଡା, ୧୪।୫(ସମିସ)**

କୁଚିଣ୍ଡା ଏନଏସି ୱାର୍ଡ ନଂ ୧ ମହୁଲଡିହିରେ ଏନଏସି ପକ୍ଷରୁ ଏକ ପୋଖରୀ ଖୋଳା ଚାଲିଛି। ପୋଖରୀ ଖୋଳିବାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେଉଛି। ଏହା ସହ ପୋଖରୀ ଖୋଳାରେ ବାହାରୁଥିବା ମାଟି ଓ ମୋରମକୁ ପୋଖରୀ ହୁଡ଼ାରେ ନପକାଇ ବାହାରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। କୁଣ୍ଡାପୋଷୀର ସଇଡାନଦୀ ଘାଟକୁ ଯିବା ରାସ୍ତାର ଏକ ରୟତି ଜମି ଭିତରେ ପକାଇ ଟ୍ରିପ ପିଛା ଟଙ୍କା ଆଣାଯାଉଛି। ରୟତି ଜମିରେ ପ୍ରାୟ ୧୫୦ ଟ୍ରିପରୁ ଉର୍ଦ୍ଧ୍ୱ ଓ ମହୁଲଡିହି ନିକଟସ୍ଥ କୁଇନ୍ସ ସ୍କୁଲ ପାଖରେ ଥିବା ଜମି ଭିତରେ ୭୦ ଟ୍ରିପରୁ ଉର୍ଦ୍ଧ୍ୱ ମାଟି ଓ ମୋରୁମ ପକାଯାଇଛି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଯଦି ପୋଖରୀ ଖୋଳା ହେଲା ତାରି ମଧ୍ୟରୁ ବାହାରିଥିବା ମାଟିକୁ ହିଡ଼ରେ ନପକାଇ ଅନ୍ୟତ୍ର ବିକ୍ରି କରିବା କେତେ ଯଥାର୍ଥ ଯଦି ମାଟି, ମୋରୁମ ଅନ୍ୟତ୍ର ନେଇ ବିକ୍ରି କରାଗଲା ଏନେଇ ତହସିଲଦାରଙ୍କ ଅନୁମତି ନିଆ ଯାଇଛିକି ବୋଲି ପ୍ରଶ୍ନ ଉଠିଛି। ଏନେଇ କୁଚିଣ୍ଡା ତହସିଲଦାର ପ୍ରଶନ ଟେଟେଙ୍କୁ ପଚାରିବାରୁ ମୁଁ ଷ୍ଟ୍ରଙ୍ଗ ରୁମରେ ଅଛି, ଏହି ବିଷୟରେ ଜାଣି ନଥିବା କହି କଥାଟିକୁ ଏଡ଼ାଇ ଦେଇଥିଲେ। ଗତ କିଛି ବର୍ଷ ତଳେ ଜୁନାନି ଗ୍ରାମର ଜଣେ ବ୍ୟକ୍ତି ଆସପଣ୍ଡ ପାଇଁ ଖୋଳା ଯାଇଥିବା ସ୍ଥାନରେ ମାଟି ଉଠାଇ ଝାରସୁଗୁଡ଼ା ରାସ୍ତାର ଜୁନାନି ରାସ୍ତା କଡ଼ରେ ଜଣଙ୍କର ରେକର୍ଡ଼ ଜମି ଉପରେ ପକାଇ ଥିବାରୁ ତହସିଲଦାର ଉକ୍ତ ମାଟିକୁ ଜବତ କରିବା ସହ ଉକ୍ତ ବ୍ୟକ୍ତି ନାମରେ ରାଜସ୍ୱ ଫାଙ୍କୁ ଥିବା ନେଇ ପ୍ରଚୁର ଫାଇନ ଆଦାୟ କରି ପୋକଲିନ, ଟ୍ରାକ୍ଟର



ଆଦି ଜବତ କରିଥିଲେ। ହେଲେ ସେହି ପରି ସମାନ ଢାଞ୍ଚାରେ ଏଠାରେ ମାଟି ଉଠାଇ ଅନ୍ୟତ୍ର ବିକ୍ରି କରୁଥିବା ବ୍ୟକ୍ତି ବିରୁଦ୍ଧରେ କାହିଁକି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ତାହା ଏବେ ତହସିଲଦାରଙ୍କ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ତହସିଲଦାର ଓ ମାଟି ମାଫିଆଙ୍କ ମଧ୍ୟରେ ସଲା ସୁତୁରା ହୋଇଛି ବୋଲି ଜନସାଧାରଣରେ ଏବେ ଚର୍ଚ୍ଚା ଚାଲିଛି। ଶୁଣିବାକୁ ମିଳୁଛି ମହୁଲଡିହି ପୋଖରୀକୁ ୭୬ ଲକ୍ଷ ୫୩ ହଜାର ବ୍ୟୟ ଅଟକଳ ରହିଛି। କିଣ୍ଡିରା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାଧ୍ୟମରେ କାର୍ଯ୍ୟଟି ସମ୍ପାଦନା ଚାଲିଛି। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଉକ୍ତ ଠିକାଦାରଙ୍କୁ ରାଜନୈତିକ ସ୍ୱାର୍ଥ ଚରିତାର୍ଥ ସାଧନ ପାଇଁ କୁଚିଣ୍ଡା ଏନଏସିରେ ମାଳମାଳ ଠିକାଦାର ଥାଇ, ଗ୍ରାମାଞ୍ଚଳରୁ ଜଣେ ଠିକାଦାର ଆଣି ଏତେ ଟଙ୍କାର କାମ ଦେବା ପଛରେ କଣ ଉଦ୍ଦେଶ୍ୟ ଥାଇ ପାରେ ବୋଲି ମଧ୍ୟ ଅଭିଯୋଗ ହେଉଛି। ସୂଚନା ମୁତାବକ ସରକାରଙ୍କ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସୂଚନା ଫଳକରେ ତଥ୍ୟ ପ୍ରଦର୍ଶିତ କରିବା ନିୟମ ରହିଛି। ହେଲେ କୁଚିଣ୍ଡା ଏନଏସି କିନ୍ତୁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନ୍ଧାରରେ ରଖି କାମ କରିଚାଲିଛି। କୁଚିଣ୍ଡା ଏନଏସିର କନିଷ୍ଠ ଯନ୍ତ୍ରୀ ବରୁଣ ସାଙ୍କୁ ପଚାରିବାରୁ ଖୋଳାଯାଉଥିବା ମାଟି, ମୋରୁମ ହୁଡ଼ାରେ ପଡ଼ିବା କଥା ହେଲେ ଅନ୍ୟତ୍ର ବିକ୍ରି ହେଉଥିବା ବିଷୟରେ ସେ ଜାଣି ନାହାନ୍ତି ବୋଲି କହିଥିଲେ। ଆହୁରି ମଧ୍ୟ କେଉଁ ଯୋଜନାରୁ କାର୍ଯ୍ୟଟି ହେଉଛି ଓ କାର୍ଯ୍ୟଟି କିଏ କରୁଛି ବୋଲି ପଚାରିବାରୁ ଜେଇ ଶ୍ରୀ ସା ଏକଥାକୁ ଏଡ଼ାଇ ଦେବା ସହ ଏନଏସିର ଅନ୍ୟ ଜଣେ ଅଧିକାରୀ ଦାୟିତ୍ୱରେ ରହିଛନ୍ତି ବୋଲି କହିଥିଲେ। ଏବାବଦରେ କାର୍ଯ୍ୟ ବୁଝୁଥିବା ଗଜେନ୍ଦ୍ର ସୁଶାନ୍ତ ସିଂଙ୍କୁ ପଚାରିବାରୁ ୫ ଏସଏଚ୍‌ଜି ନାମରେ ୭୯ ଲକ୍ଷ ୫୩ ହଜାର ବ୍ୟୟଅଟକଳ ରହିଛି। ଏଠି ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ପୋଖରୀ ଖୋଳା ବିଲ ନେଉଥିବା ବେଳେ ତାର ମାଟି, ମୋରୁମକୁ ହୁଡ଼ାରେ ନପକାଇ ଅନ୍ୟତ୍ର ହାଇୱାରେ କେମିତି ବିକ୍ରି କରାଯାଉଛି। ସାଧାରଣରେ ଯଦି ହିସାବ କରାଯାଏ ହାଇୱାରେ ଟ୍ରିପ ପ୍ରତି ୪ ହଜାର ଟଙ୍କା ହେଲେ ୨ଶହ ଟ୍ରିପକୁ ୮ ଲକ୍ଷ ଟଙ୍କାର ମାଟି ମୋରୁମ ବିକ୍ରି ହୋଇଥିବା ଅଭିଯୋଗ ହେଉଛି। ଏହା ପ୍ରକୃତରେ କଣ ଏନଏସି ମାଛ ତେଲରେ ମାଛ ଭାଜୁ ନାହିଁତ ବୋଲି ଲୋକେ କହୁଛନ୍ତି। ସାଧାରଣ ବ୍ୟକ୍ତି ଟିଏ ବାଲି, ମାଟି ମୋରୁମ ଟ୍ରିପ ଟିଏ ନେଉଥିବା ବେଳେ ଅଟକାଇ ତା ଠାରୁ ମୋଟା ଅଙ୍କରେ ଫାଇନ କାଟୁ ଥିବା ବେଳେ ଶହ ଶହ ଟ୍ରିପ ବିକ୍ରି ସରିଗଲା ପରେ ବି ପ୍ରଶାସନ ପାଖରେ କିଭଳି ଖବର ପହଞ୍ଚି ପାରୁନାହିଁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

## ପୁଟିଆପାଲିରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ମାନେଶ୍ୱର, ୧୪।୫(ସମିସ):** ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ ପୁଟିଆପାଲି ଠାରେ ଆଜି ବିଜେଡି କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ବିଜେଡି ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର ଓ ମାନେଶ୍ୱର ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଗୀତାଞ୍ଜଳି ପାଣ୍ଡେଙ୍କ ଉପସ୍ଥିତିରେ ବରିଷ୍ଠ ବିଜେଡି କର୍ମୀ ରଘୁମଣୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ତରଞ୍ଜନ ବାଗଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇଥିଲେ।



## ୫୫୦ କୁଣୁହାଁ ଆଦିବାସୀ ସମାଜର ବାର୍ଷିକ ବୈଠକ

**କୁଚିଣ୍ଡା, ୧୪।୫(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜମନକିରା ବ୍ଲକ ମହଦା ଠାରେ ୫୫୦ କୁଣୁହାଁ ଆଦିବାସୀ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତି ସମାଜ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତି ସମାଜରୁ କୁସଂସ୍କାର ଲୋପ, ୫୫୦ ସମାଜ ଚାଲି ଚଳିଣି, ଭାଷା ପରମ୍ପରା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜର ଚଳଣିକୁ ନେଇ ବଖାଣିଥିଲେ। ଅନ୍ୟ ମାନଙ୍କର ମଧ୍ୟରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଭାଷା ଶିକ୍ଷକ ସଂଘର ରାଜ୍ୟ ସଭାପତି ପ୍ରଶନ୍ନ ପ୍ରଧାନ, ସମାଜର ବରିଷ୍ଠ ବ୍ୟକ୍ତି ତଥା ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ପ୍ରଧାନ, ଆଞ୍ଚଳିକ ଗୁଡ଼ି ସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଅଜିତ ଚାରଦିଆ, ମୋହନ ମାଝୀ, କରଣ ମାଝୀଙ୍କ ସହ ବହୁ କର୍ମ କର୍ତ୍ତା ଯୋଗ ଦେଇଥିଲେ। ଉକ୍ତ ସମାଜର ଜଣେ ସାଧାରଣ ନିର୍ବାଚନରେ ବିଧାୟକ ପଦ ପାଇଁ ଭାଗ ନେଇଥିବାରୁ କିପରି ବହୁ ମାତ୍ରାରେ ଭୋଟ ଦେଇ ବିଜୟୀ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା।



## ଧର୍ମେନ୍ଦ୍ରଙ୍କ ବିରୋଧରେ ବର୍ଷିଲେ ବିଜେଡି ମୁଖପାତ୍ର

# ଧର୍ମେନ୍ଦ୍ରଙ୍କ ବାଲୁତପଣିଆ ରହିଛି, ପରିପକ୍ୱ ହେବାକୁ ଆହୁରି ୧୦ ବର୍ଷ ଲାଗିବ: ଡ. ଲେନିନ ମହାନ୍ତି

**ସମ୍ବଲପୁର, ୧୪।୫(ସମିସ)**

ମହାପ୍ରଭୁଙ୍କ ନାମ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁଭଳି ଭାବରେ ବାରମ୍ବାର ମିଛ କହୁଛନ୍ତି। ସବୁ କାମ ମୁଁ କରିଛି ମୁଁ କରିଛି ବୋଲି ବାଉଳି ହେଉଛନ୍ତି। ନିଜେ ମିଛ କହି ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ପୁଣି ତଥ୍ୟ ଦେଖିଲେ ବଟସ୍କରଙ୍କ ଦ୍ୱାରା ସତ୍ୟ ମାନୁଛନ୍ତି। ମତେ ଲାଗୁଛି ଧର୍ମେନ୍ଦ୍ରଙ୍କ ବାଲୁତପଣିଆ ଏ ପର୍ଯ୍ୟନ୍ତ ଯାଇନାହିଁ। ପରିପକ୍ୱ ହେବାକୁ ଆହୁରି ୧୦ ବର୍ଷ ଲାଗିବ। ସତ୍ତାର ଲାଳସାରେ ଧର୍ମେନ୍ଦ୍ର ଏମିତି ଭାବରେ ବୁଡି ଯାଇଛନ୍ତି ଯେ ସେ ବାରମ୍ବାର ମହାପ୍ରଭୁଙ୍କ ନାମରେ ମିଛ କହି ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି।

ସ୍ଥାନୀୟ ପାନ୍ଥ ନିବାସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଥିଲେ ଯେ ବାରମ୍ବାର ବିଗତ ୧୫ ଦିନ ହେଲାଣି ଆମେ ପ୍ରଶ୍ନର ଉତ୍ତର ମାଗୁଛୁ। କିନ୍ତୁ ଧର୍ମେନ୍ଦ୍ର ଆମ ପ୍ରଶ୍ନର ଉତ୍ତର ଦେବା ଛାଡ଼ି ଅନ୍ୟ ପ୍ରସଙ୍ଗରେ ମିଛ କହୁଛନ୍ତି। କେନ୍ଦ୍ରମନ୍ତ୍ରୀ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ତହବିଲରୁ କେତେ ଟଙ୍କା ଅନୁଦାନ ଦେଇଛନ୍ତି। ମୁଁ କହୁଛି କେନ୍ଦ୍ରମନ୍ତ୍ରୀ କହୁଥିବା ୩୦ କୋଟି କଣ ତିନି କୋଟି ବି ଆସିନାହିଁ। ଏ ସମ୍ପର୍କରେ ପଚାରିଥିବା ପ୍ରଶ୍ନ

- କାଲି ୫୦ କୋଟି ଦେଇଥିବା କହିଥିଲେ, ଆଜି ୧୦ କୋଟି ବୋଲି ମାନୁଛନ୍ତି
- ୩୦ କୋଟି କ'ଣ ତିନି କୋଟି ବି ଆସିନାହିଁ
- ମିଛ କହିବାରେ ସିଦ୍ଧହସ୍ତ ଧର୍ମେନ୍ଦ୍ର, ନିଜେ କହି ନ ପାରିଲେ ବଟସ୍କରଙ୍କୁ ଲଗାଉଛନ୍ତି



ଆଜିକୁ ସାତଦିନ ବିତିଗଲାଣି ହେଲେ କେନ୍ଦ୍ରମନ୍ତ୍ରୀ ଉତ୍ତର ଦେଉ ନାହାନ୍ତି। ବଟସ୍କରଙ୍କ ଦ୍ୱାରା ବାରମ୍ବାର ପ୍ରେସମିଟ୍ କରୁଛନ୍ତି କିନ୍ତୁ ଉତ୍ତର ଦେଉନାହାନ୍ତି। ଆମେ ତାଙ୍କୁ ଚ୍ୟାଲେଞ୍ଜ କରୁଛୁ ଏହାକୁ ପ୍ରମାଣ କରନ୍ତୁ ୩୦ କୋଟି ଦେଇଛନ୍ତି ବୋଲି। ସେହିଭଳି ଆଇଓସିଏଲରେ କେତେ ଓଡ଼ିଆ ଯୁବକଙ୍କୁ ଚାକିରୀ ଦେଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟର ସିଏସଆର୍ ଫଣ୍ଡ କେତେ ଦେଇଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଛନ୍ତି କିନ୍ତୁ ବିହାର, ମଧ୍ୟପ୍ରଦେଶ ପ୍ରୀତି ବେଶୀ। ନବକଳେବର ପାଇଁ କେନ୍ଦ୍ରରୁ ୫୦ କୋଟି ଦିଆଯାଇଥିବା କାଲି କହିଥିଲେ। କିନ୍ତୁ ଯେତେବେଳେ ତଥ୍ୟଭିତ୍ତିକ ପ୍ରମାଣ ଉପସ୍ଥାପନ କରାଗଲା ଆଜି ତାଙ୍କର ତିନି ଜଣ ବଟସ୍କରଙ୍କ ମାଧ୍ୟମରେ ସାମ୍ବାଦିକ ସମ୍ମିଳନୀ କରାଇ କହୁଛନ୍ତି ୧୦ କୋଟି ବୋଲି। ସେହିଭଳି ବଟସ୍କରମାନେ ଆଜି ପ୍ରଶ୍ନ କରିଛନ୍ତି ରତ୍ନ ଭଣ୍ଡାର ଉପରେ ଯାହାକି ଅତ୍ୟନ୍ତ ହାସ୍ୟାସ୍ପଦ ଅଟେ। ଯେତେବେଳେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ରଥଯାତ୍ରା ସମୟରେ ରତ୍ନ ଭଣ୍ଡାର ଖୋଲା ହେବ। ଏହା ଜାଣିବା ପରେ ବି ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ବଟସ୍କରଙ୍କ ମାଧ୍ୟମରେ ପ୍ରଶ୍ନ କରିବା ତାଙ୍କର ବାଲୁତପଣିଆକୁ ଦର୍ଶାଉଛି ବୋଲି କହିଥିଲେ। ଏହା ସହିତ ସେ କହିଥିଲେ ମୋର ସତ୍ ସାହାସ ଅଛି ମୁଁ ଦେଖାଇପାରିବି ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ବ୍ୟବସ୍ଥା ବହୁତ୍ ଭଲ। ଧର୍ମେନ୍ଦ୍ର ପ୍ରଧାନ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପଣ୍ଡିଆନଙ୍କୁ ଅଣଓଡ଼ିଆ ବୋଲି କହୁଛନ୍ତି। ତେବେ ଧର୍ମେନ୍ଦ୍ରଙ୍କ ସ୍ତ୍ରୀ ମୃଦଳା ଠାକୁର ହିମାଚଳ ପ୍ରଦେଶରୁ ଆସି ଓଡ଼ିଆ, ଅପରାଜିତା ଷଡ଼ଙ୍ଗୀ ବିହାରରୁ ଆସି ଓଡ଼ିଆ, ବାଃ କି ଚମତ୍କାର ଗଣିତ ଏମାନଙ୍କର। ସମ୍ବଲପୁରରେ ଆଇଆଇଏମ୍‌କୁ ବନ୍ଦ କରି ଭୁବନେଶ୍ୱର ଗୋଠପାଟଣାରେ କରିବାକୁ କେଉଁ କେନ୍ଦ୍ରମନ୍ତ୍ରୀ ପ୍ରୟାସ କରୁଥିଲେ। ଗୋଠପାଟଣାରେ କାହା ନାଁରେ ଜମି ରହିଛି। ଚଳିତ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଶୋଚନୀୟ ପରାଜୟ ହେବ ସୁନିଶ୍ଚିତ। ତେଣୁକରି ସେମାନେ ଏଭଳି ବାଉଳି ହେଉଛନ୍ତି। ପ୍ରଭୁ ଜଗନ୍ନାଥ ଧର୍ମେନ୍ଦ୍ର ବାବୁଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ସେ କହିଛନ୍ତି।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଯୁବୋଦୟର ସଫଳତା

**ବଲାଙ୍ଗିର, ୧୪।୫(ସମିସ):** ଚଳିତ ବର୍ଷ ସିବିଏସ୍‌ଇ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ପରୀକ୍ଷାରେ ଯୁବୋଦୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉଚ୍ଚକୋଟୀର ସଫଳତା ହାସଲ କରିଛନ୍ତି। କେବଳ ବିଜ୍ଞାନ ବିଭାଗରେ ଶିକ୍ଷା ଗ୍ରହଣ କରୁଥିବା ଯୁବୋଦୟର ଛାତ୍ର ପ୍ରବୀଣ କୁମାର ପାତ୍ର ୯୬.୮ ମାର୍କ ରଖି ଯୁବୋଦୟର ଟପ୍ପର ହୋଇଛନ୍ତି। ସମୁଦାୟ ୧୭ଜଣ ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ୧୦୭ ଜଣ ୮୦%ରୁ ଅଧିକ ଓ ୨୪୩ ଜଣ ଛାତ୍ରଛାତ୍ରୀ ୭୦%ରୁ ଅଧିକ ମାର୍କ ରଖିଛନ୍ତି। କୃଷ୍ଣାଂଶ ମିଶ୍ର ଓ ପୁଲକିତ ବାରିକ ୯୫% ମାର୍କ ରଖିଛନ୍ତି। ଦେବାଶିଷ ଯୋଷୀ, କୃଷ୍ଣସାଗର ମିଶ୍ର, ଆର୍ଯ୍ୟନ ସୁମନ ଯୋଷୀ, ସାଇଶ୍ରୀତା ଜେନା, ଆୟୁଷ ନାଏକ, କେ. ଧର୍ମେଶ, ଶ୍ରେୟାଂଶୀ ବହିଦାର, ରାଜଦୀପ ନନ୍ଦ, ରିତୁ ରଥ, ମହେଶ୍ୱର ବଳ, ଶୁଭମ ବାରିକ, ଆଶିଷ ରାଉତ, ଯଶୋବନ୍ତ ବିଶ୍ୱାଳ, ସ୍ମାରକ ସଂଗ୍ରାମ ବାରିକ ପ୍ରମୁଖ ୯୦%ରୁ ଅଧିକ ମାର୍କ ରଖିଛନ୍ତି।





ଏହି ଶିକ୍ଷାନୁଷ୍ଠାନର ୪୨ଜଣ ଛାତ୍ରଛାତ୍ରୀ ଜେଇଇ-ମେନ୍ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଆୟୁଷ ନାଏକ ୯୯.୭୩, ପ୍ରବୀଣ ପାତ୍ର ୯୯.୩୨, ପୁଲକିତ ବାରିକ ୯୭.୯୦, କୃଷ୍ଣସାଗର ନାଏକ ୯୬.୭୩, କୃଷ୍ଣାଂଶ ମିଶ୍ର ୯୬.୯୧, ବିଦ୍ୟାସାଗର ନାଏକ ୯୯୬.୨୩, ରିତୁ ରଥ ୯୫.୯୭, ଆରାଧନା ସାହୁ ୯୫.୪୧, ସୁଜ କୁମାର ସାହୁ ୯୫.୩୯ ପ୍ରତିଶତ ରଖିଛନ୍ତି। ଚଳିତବର୍ଷ ମେଡ଼ିକାଲ ପ୍ରବେଶିକ ପରୀକ୍ଷା ନିଟ୍‌ରେ ମଧ୍ୟ ଯୁବୋଦୟର ଛାତ୍ରଛାତ୍ରୀମାନେ ପ୍ରଥମଥରରେ ବାଜିମାତ କରିବା ପାଇଁ ଯୁବୋଦୟ ଦୃଢ଼ୋକ୍ତି ପ୍ରକାଶ କରୁଛି।

# ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୧୪।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଟିଆରସି ଗୃହ ସମ୍ମୁଖରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ ସୋମବାର ବୈଠକ ଆୟୋଜିତ ହୋଇଥିଲା। ଆଗାମୀ ୨୧ତାରିଖରୁ ୨୩ ପର୍ଯ୍ୟନ୍ତ ମେଳା ଓ ମହୋତ୍ସବ କିଭଳି ଭାବେ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହେବ ଏବଂ ସାଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ହୋମଯଜ୍ଞ ଆଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଦେବୋତ୍ତର କମିଟି ସଦସ୍ୟ ସୁନିଲ ଗୋୟଲ, ରାଣା ପଧାନ, ଇନ୍ଦୁ ଠାକୁର, ଘନଶ୍ୟାମ ମେହେର, ରୋହିତ ମେହେର, ଶଶି ପୁଝାରୀ, ସବ କମିଟି ସଭାପତି ବିପ୍ର ବିଶି, ତାପସ ରଞ୍ଜନ ବେହେରା, ଟିକେଶ୍ୱର୍ ଧାରୁଆ, ଶତ୍ରୁଘ୍ନ ନାଏକ, ବଳରାମ ବେହେରା, ଜ୍ୟୋତି ରଞ୍ଜନ ପଣ୍ଡା, ଇନ୍ଦ୍ର ସାହୁ, ତପ ସାହୁ ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



ସୋନପୁରରେ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇକ୍ୟାଚର ପକ୍ଷୀର ଜଳକ୍ରୀଡ଼ା
(ଫଟୋ- ଦେବାଶିଷ ସୁବୁଦ୍ଧି)

# କଣ୍ଟାବାଞ୍ଜିରେ ବିଜେଡିର ମହିଳା ସମାବେଶ

**କଣ୍ଟାବାଞ୍ଜି, ୧୪।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ୧ ୱାର୍ଡରେ ନଗର ସଭାନେତ୍ରୀ ସାଲିନି ଜୈନଙ୍କ ନେତୃତ୍ୱରେ ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ଭୋଟରଙ୍କୁ ସଚେତନ କରିବା ପରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଶହଶହ ମହିଳା ଯୋଗଦେଇଥିଲେ। ସମାବେଶରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ନିର୍ବାଚନ ସଂଯୋଜକ ଭୂପିନ୍ଦର ସିଂ, କଣ୍ଟାବାଞ୍ଜି ପୌରପରିଷଦ ନିର୍ବାଚନ ସଂଯୋଜକ ମଣ୍ଟୁ ନାଏକ, ନିର୍ବାଚନ ଏଜେଣ୍ଟ ସୀତାଂଶୁ ତ୍ରିପାଠୀ ଯୋଗ ଦେଇ ୨ଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଆୟୁବ ଖାଁନ, ନଗର ସଭାପତି ଜଗୁ ରାଓ, ରାଜ୍ୟ ଉପ ସଭାନେତ୍ରୀ ଗୋପ ମହାନନ୍ଦ, ବିଜେଡି ନେତ୍ରୀ ପ୍ରିତି ଜୈନ ପ୍ରମୁଖ ଉପସ୍ଥିତ ଥିଲେ।



# କଦମଫୁଲ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



**ସୋନପୁର, ୧୪।୫(ସମିସ):** ସୁବର୍ଣ୍ଣପୁର ସହରରେ ଥିବା ଗୋପାଳଜୀ ଯୋଗାଶ୍ରମ ପରିସରରେ କଦମଫୁଲ୍ ସାହିତ୍ୟ ସଂସଦର ବାର୍ଷିକଉତ୍ସବ ଓ କୋଶଲି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କବି ଯୁଧିଷ୍ଠିର ଖମାରୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'କଦମଫୁଲ୍' ତଥା କବି ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ ହୋଇଥିଲା। ପଙ୍କଜ ଖାମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ଅନିରୁଦ୍ଧ କୁରକୁରିଆ, ଡ. ସନ୍ତୋଷ ପାଢ଼ୀ, କବି ଆର୍ତ୍ତତ୍ରାଣ ବାବୁ, କବି ଅଖୋଜ ଷାଣ୍ଡ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଲେଖକ ତଥା ସାମ୍ବାଦିକ ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋଶଲି/ସମ୍ବଲପୁରୀ ଭାଷା ଓ ସଂସ୍କୃତିର ଉତ୍କର୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଲେଖକ ସୌମିତ୍ରୀ କର୍ଣ୍ଣ ସ୍ୱାଗତ ଭାଷଣ ଦେଇଥିଲେ। ଅଧିବେଶନର ଦ୍ୱିତୀୟ ଚରଣରେ ଲେଖକ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, କରୁଣାକର ଘଣ୍ଟିଆଲ, କମ୍ବୁଧର ସୁନା ମଞ୍ଚାସୀନ ଥିଲେ। ଏହି ଅବସରରେ ସନ୍ତୋଷ ଅଦାବରଙ୍କୁ ସାହିତ୍ୟ ଓ ବଂଶୀଧର ରଣାଙ୍କୁ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଗଜାନନ ସାଥୁଆ, ପ୍ରହ୍ଲାଦ ନାୟକ, ଶୁଭେନ୍ଦୁ ମେହେର, ପ୍ରଭାତ ଖମାରୀ, ଧ୍ରୁବଚରଣ ନାୟକ, ବଳରାମ ଡାଙ୍ଗ, କିଶୁ ଜଗଦଲା, ରଞ୍ଜନ ସା, ଟଙ୍କଧର ବାରିକ ପ୍ରମୁଖ ୫୦ ଜଣ କବି କବିତା ପାଠ କରିଥିଲେ। ରାଧେଶ୍ୟାମ ମିଶ୍ର, ସନ୍ତୋଷିନୀ ନାୟକ, କୃପାସିନ୍ଧୁ ମହାକୁର, ଶାନ୍ତନୁ କର୍ଣ୍ଣ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

**Format C-1**

(for candidate to publish in Newspapers, TV)

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate :- Romancha Ranjan Biswal,Aged about-43 yrs,S/O-Jhasaketan Biswal,At-Gunduriposi,P.O-Danra,P.S-Deogarh,Dist-Deogarh.
*Name of political party:-* *Biju Janata Dal.*
*(Independent candidates should write "Independent"* here)
Name of Election :- Odisha Legislative Assembly.
*Name of Constituency :- 19-Deogarh,Legislative Assembly, Deogarh Consituency.
I Romancha Ranjan Biswal (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending Criminal cases

| Sl.No. | Name of Court | Case No. and dated | Status of case (s) | Section (s) of acts concerned and brief description of offence (s) |
|---|---|---|---|---|
| 1. | S.D.J.M.Deogarh C.T.CaseNo-359/2007 | Barkote P.S.No-80 dt.15.06.2007 | Charged frame | U/S.143/147/148/186/188/283/294/341/353/431/506/149 I.P.C. and 7 C.R.L.A Act. Allegation of rioting armed with deadly weapon, obstructing public servant in discharge of public function, disobedience to order duly promulgated by public servant ,mischief by injury to public road, obstructing public servant in discharge of public function, wrongful restrained ,absence acts, assault or criminal force to deter public servant from discharge of his duty, criminal intimidation, un-lawful assembly. Molesting a person prejudiced of employment or business. |
| 2. | S.D.J.M.,Deogarh C.T.Case no-638/2021 | Barkote P.S.Case no-323 dt.04.10.2021 | Appearance | U/S.143/341/431/283/149 I.P.C. Allegation of wrongful restrained, obstruction in public way, mischief by injury to public road, un-lawful assembly. |
| 3. | S.D.J.M.Deogarh C.T.Case No-47/2011 | Barkote P.S.Case no-08 dt.25.01.2011 | Appearance | U/S-342/384/467/468/506 and 34 I.P.C. Allegation of wrongful confinement Extortion, forgery of valuable security, Cheating, criminal intimidation ,common intention. |
| 4. | S.D.J.M.Deogarh C.T.Case no-357/2016 | Barkote P.S.Case no-118 dt.20.05.2016 | Appearance | U/S-341/143/283/149 I.P.C. Allegation of wrongful restrained ,un-lawful assembly, obstruction in public way or line, Un-lawful assembly, of common object. |

(B) Details about cases of conviction for criminal offences

| SL. No. | Name of Court &date(s) of order (s) | Description of office(s) & punishment imposed | Maximum punishment Imposed |
|---|---|---|---|
| 1 | No | No | No |
| 2 | No | No | No |
| 3 | No | No | No |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- Romancha Ranjan Biswal**

**Format C-1**

(For Candidate to publish in newspapers, TV)

**Declaration about criminal antecedents of candidates**

(As per the judgment dated 25th September, 2018 of Hon'ble Supreme Court in WP(Civil) No. 536 of 2011 (Public Interest Foundation & ORS. Vs. Union of India & Anr.)

Name and Address of the Candidate — **SUSANTA SINGH**
**AT/PO- BAUSENMURA, PS- SOHELA, DIST- BARGARH**

Name of the Party — **BIJU JANATA DAL**

Name of the Election — **ELECTION TO LEGISLATIVE ASSEMBLY ODISHA**
Name of the Constituency — **BHATLI CONSTITUENCY**

Name of the State — **ODISHA**

**I SUSANTA SINGH a candidate for the above mention election, declare for public information details about my criminal anticedents:**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No. | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offences | | |
| | | | Name of Court Case No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **05 BHATLI** | **SUSANTA SINGH** | SDJM BARGARH CT Case No.301 of 2014 Case is not yet charged | U/S 120 (B), 109, 171 (B), 171 (E), 171 (F), I.P.C read with 47 B&OE Act. | N/A | N/A | N/A |
| 2 | **05 BHATLI** | **SUSANTA SINGH** | SDJM BARGARH CT Case No.257 of 2014 Case is not yet charged | U/S 147, 148, 341, 294, 353, 447, 506/149 r.w. 7 crl. Law amendment act | N/A | N/A | N/A |

**SD/- SUSANTA SINGH**



ଆଜି ବାହୁଡ଼ିଥିଲେ

## 'ମାଟିର ମଣିଷ'ର ସ୍ରଷ୍ଟା

# କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ ପ୍ରସିଦ୍ଧ କବି ଓ ଔପନ୍ୟାସିକ। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଶରତଚନ୍ଦ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ଯୁଗ' ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ। ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି ତାଙ୍କ ରଚିତ 'ମାଟିର ମଣିଷ' ଉପନ୍ୟାସ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଜୁଲାଇ ୨ ତାରିଖରେ ଜନ୍ମ ନେଇଥିଲେ। ପୁରୀରେ ହିଁ କାଳିନ୍ଦୀଚରଣଙ୍କ ବାଲ୍ୟଜୀବନ କଟିଥିଲା ଓ ସେଠାରେ ହିଁ ସେ ତାଙ୍କର ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା । କଲେଜର ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ । ଏହି ଦଳରେ ଥିବା ନଅ ଜଣ ଲେଖକ-ଲେଖିକା "ଉତ୍କଳ ସାହିତ୍ୟ" ପତ୍ରିକାରେ "ବାସନ୍ତୀ" ନାମକ ଏକ ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ । ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ,ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା । ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କ ରଚିତ 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମର ଚିତା', 'ଅମରାବତୀ' ଓ 'ମୁକ୍ତାଗଡ଼ର କ୍ଷୁଧା' ଭଳି କାଳଜୟୀ ଉପନ୍ୟାସ। ତାଙ୍କ ରଚିତ 'ଦ୍ୱାଦଶୀ', 'ରାଶିଫଳ', 'ଶେଷ ରଶ୍ମି', 'ସାଗରିକା', 'ମୋ କଥା ସରିନାହିଁ' ଇତ୍ୟାଦି କ୍ଷୁଦ୍ରଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପସମୂହ ଆବେଗଧର୍ମୀ ଓ ମନନଶୀଳ ବୈଚିତ୍ର୍ୟରେ ପରିପୂର୍ଣ୍ଣ । ତାଙ୍କ ରଚିତ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ଯଥାକ୍ରମେ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କର ଆତ୍ମଜୀବନୀ 'ଯାହା ଅଙ୍ଗେ ନିଭେଇଛି' ଓଡ଼ିଶାର ସାହିତ୍ୟ ଭଣ୍ଡାର ପାଇଁ ଏକ ଅବିସ୍ମରଣୀୟ ଅବଦାନ ।୧୯୯୧ ମହିହା ଆଜିର ଦିନରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।



## ଡୋରେମନ୍ କଣ୍ଢେଇରେ ବର୍ଷା ପାଇଁ ପ୍ରାର୍ଥନା

ଆମ ରାଜ୍ୟର କେତେକ ସ୍ଥାନରେ ବର୍ଷା ପାଇଁ ବେଙ୍ଗବେଙ୍ଗୁଲୀ ବାହାଘରର ପରମ୍ପରା ରହି ଆସିଛି । ଥାଇଲାଣ୍ଡରେ କିନ୍ତୁ ବର୍ଷା ଆଶାରେ ମାଈ ବିଲେଇକୁ ନେଇ ଏକ ନିଆରା ଉତ୍ସବର ଆୟୋଜନ ହୋଇଥାଏ। ଏହି ଉତ୍ସବକୁ 'ହେ ନାଙ୍ଗ ମିୟୁ' କୁହାଯାଏ। ଏହାର ଅର୍ଥ ହେଉଛି ମାଈ ବିଲେଇଙ୍କ ପରେଡ୍ ବା ଶୋଭାଯାତ୍ରା। ଏହି ଉତ୍ସବ ବହୁ ପୁରୁଣା। ଏଥିରେ ଯନ୍ତା ଭିତରେ ମାଈ ବିଲେଇଙ୍କୁ ଭର୍ତ୍ତି କରି ଗାଁ ଗାଁ ବୁଲାଯାଏ। କେବଳ ସେତିକି ନୁହେଁ, ବିଲେଇ ଉପରେ ପାଣି ଛିଞ୍ଚାଯାଏ। କିନ୍ତୁ ବିଲେଇ ଦେହରେ ପାଣି ପଡ଼ିଲେ ତାକୁ ଭଲ ଲାଗେ ନାହିଁ। ଏଥିଯୋଗୁ ବିଲେଇ କାନ୍ଦିଥାଏ। ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଅନୁସାରେ, ବିଲେଇ କାନ୍ଦିଲେ ବର୍ଷା ହେବା ସମ୍ଭାବନା ଥାଏ। ପ୍ରତିବର୍ଷ ଏହି ଉତ୍ସବରେ ଲୋକମାନେ ସତସତିକା ବିଲେଇର ଶୋଭାଯାତ୍ରା କରୁଥିବା ବେଳେ ଏଥର କିନ୍ତୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଲେଇ ସ୍ଥାନ ଏଥର ଡୋରେମନ୍ କଣ୍ଢେଇ ନେଇଛି। କାରଣ ସତ ବିଲେଇକୁ ଆଘାତ ଦେବାକୁ ଚାହୁଁ ନ ଥିବାରୁ ଏଠାକାର ବାସିନ୍ଦା ଏଭଳି କିଛି କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଲୋକେ ଯନ୍ତା ଭିତରେ ଆକାଶୀ ଓ ଧଳା ରଙ୍ଗ ଡୋରେମନ୍ କଣ୍ଢେଇକୁ ରଖିଛନ୍ତି। ଉତ୍ସବର ବିଧି ଅନୁସାରେ ଡୋରେମନ କଣ୍ଢେଇ ଉପରେ ପାଣି ବି ଛିଞ୍ଚିଛନ୍ତି। ଏହିପରି ଭାବେ ଏଠାକାର ବାସିନ୍ଦା ବର୍ଷା ପାଇଁ ପ୍ରାର୍ଥନା କରିଛନ୍ତି।

- ୧୮୧୭-ସମାଜ ସଂସ୍କାରକ ଦେବେନ୍ଦ୍ରନାଥ ଟାଗୋର୍‌ଙ୍କ ଜନ୍ମ।
- ୧୯୧୮ - ଆମେରିକାରେ ପ୍ରଥମ ଥର ଡାକସେବା ଆରମ୍ଭ ହେଲା।
- ୧୯୩୫- ମସ୍କୋ ମେଟ୍ରୋ ସର୍ବସାଧାରଣଙ୍କ ପାଇଁ ଖୋଲାଗଲା।
- ୧୯୫୮ - ସୋଭିଏତ୍ ସଂଘ ସ୍ପୁଟନିକ୍-୩ କୃତ୍ରିମ ଉପଗ୍ରହ ଲଞ୍ଚ୍ କଲା।
- ୧୯୯୫- ଇଂଲଣ୍ଡର ଏଲିସନ୍ ହରଗ୍ରୀଭ୍ସ ବିନା ଅକ୍ସିଜେନ ସିଲିଣ୍ଡରରେ ଏଭରେଷ୍ଟ ଶିଖରରେ ପହଞ୍ଚିବାରେ ପ୍ରଥମ ମହିଳା ହେଲେ।
- ୨୦୦୫- ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ବିମାନ କାନାଡ଼ାରେ ଅବତରଣ କଲା।
- ୨୦୧୩- ଇରାକ୍‌ରେ ତିନି ଦିନ ଧରି ହିଂସା ଯୋଗୁ ୩୮୯ ଲୋକଙ୍କ ପ୍ରାଣହାନି।

## ୨୭ ବର୍ଷ ପରେ ଏକାଠି ଆସିବେ ପୂଜା-ସୁନୀଲ



୧୯୯୭ରେ ପରଦାକୁ ଆସିଥିଲା 'ବର୍ଡର' ଫିଲ୍ମ। ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସେତେବେଳେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହା ସାରା ବିଶ୍ୱରେ ୬୫୫ କୋଟି ଆୟ କରିଥିଲା। ଏଥିରେ ଲିଡ୍ ରୋଲରେ ସନ୍ନି ଦେଓଲ, ସୁନୀଲ ସେଟ୍ଟି, ଅକ୍ଷୟ ଖାନ୍ନା, ତବୁ, ରାକ୍ଷୀ, ପୂଜା ଭଟ୍ଟ ଆଦି ନଜର ଆସିଥିଲେ। ତେବେ ଅନେକ ଦିନରୁ 'ବର୍ଡର-୨'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାବତ୍ ବିଧିବଦ୍ଧ ଭାବେ କିଛି କୁହାଯାଇନାହିଁ। କିନ୍ତୁ ଏହି ଫିଲ୍ମରେ ଅଭିନୟ କରିଥିବା ସୁନୀଲ ସେଟ୍ଟି ଓ ପୂଜା ଭଟ୍ଟ ପାଖାପାଖି ୨୭ ବର୍ଷ ପରେ ପୁଣିଥରେ ଏକାଠି ହେବାକୁ ଯାଉଛନ୍ତି। ଲାୟନ୍ସଗେଟ୍‌ର ଏକ ନୂଆ ଆକ୍ସନ୍ ଥ୍ରିଲର୍ ୱେବ୍‌ସିରିଜ୍‌ରେ ଏହି ଯୋଡ଼ିଙ୍କୁ ଦେଖିବାକୁ ମିଳିବ। ଏଥିରେ ପୂଜା ଆଇରନ୍ ଲେଡି ଭଳି ଏକ ସଶକ୍ତ ଭୂମିକାରେ ନଜର ଆସିବେ। ଇତିମଧ୍ୟରେ ପୂଜା ଇନ୍‌ଷ୍ଟାରେ ଏହାର ଏକ ଫଟୋ ସେୟାର୍ କରି ସୁନୀଲଙ୍କ ସହ ଏତେ ବର୍ଷ ପରେ କାମ କରିବାକୁ ଆଗ୍ରହୀ ଥିବା କଥା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପୂଜାର୍ଚ୍ଚନାରେ ଦିନ ବିତିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଉଚ୍ଚ ଶିକ୍ଷା ପାଇଁ ଛାତ୍ରଛାତ୍ରୀ ପ୍ରସ୍ତୁତ କରିବେ। ଧାରକରଜରୁ ଦୂରେଇ ରୁହନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କ ପାଇଁ ଦିନଟି ବହୁତ ଭଲ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଧନ ମିଳିବ।

## ସ୍ମାର୍ଟ ଲୋକଙ୍କ ସ୍ମାର୍ଟ ଅଭ୍ୟାସ

ଆଜିକାଲି ବହୁ ଲୋକଙ୍କ ସମୟ ମୋବାଇଲରେ ହିଁ ବିତୁଛି । ଫଳରେ ସେମାନଙ୍କ ବୁଦ୍ଧି ଆଉ ପ୍ରଖର ହେଉ ନାହିଁ। ତେବେ କିଛି ଅଭ୍ୟାସ ମସ୍ତିଷ୍କକୁ ପ୍ରଖର କରିବା ଦିଗରେ ସାହାଯ୍ୟ କରେ। ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସକୁ ନିତିଦିନ ଦିନଚର୍ଯ୍ୟାରେ ସାମିଲ କରି ନିଜକୁ ସ୍ମାର୍ଟ ଏବଂ ଜ୍ଞାନଦୀପ୍ତ କରିପାରିବେ।



- ପ୍ରଜ୍ଞାବାନ ହେବା ପାଇଁ ଭଲ ଶ୍ରୋତା ହେବାକୁ ପଡ଼ିବ। ଭଲ ଶ୍ରୋତାଙ୍କ ମସ୍ତିଷ୍କ ଅନ୍ୟମାନଙ୍କଠାରୁ ପ୍ରଖର ଥାଏ।
- ଧୀଶକ୍ତି ସମ୍ପନ୍ନ ଲୋକ ଯୋଜନାମୁତାବକ କାମ କରନ୍ତି। ଏହାର ଅର୍ଥ ହେଉଛି ସେମାନେ କିଛି ବି ପଦକ୍ଷେପ ନେବା ପୂର୍ବରୁ ବୁଝିବିଚାରି ନିଅନ୍ତି।
- ସେହିପରି ଅନ୍ୟର ବିଚାରଧାରାକୁ ସମ୍ମାନ ଦେବା ଜରୁରି। ଏହି ଅଭ୍ୟାସକୁ ଆପଣାଇବା ଦ୍ୱାରା ସ୍ମାର୍ଟ ହେବା ଯାତ୍ରାକୁ ସହଜ କରିପାରିବେ।
- ଚାଲାକ ଲୋକ ଅନ୍ୟର ମତାମତକୁ ନିଜ ଉପରେ ଭାରି ହେବାକୁ ଦେଇ ନ ଥାନ୍ତି। କୌଣସି ନିଷ୍ପତ୍ତି ନିଜେ ନେବା ଅଭ୍ୟାସକୁ ଆପଣାଇବା ଉଚିତ।
- ଜ୍ଞାନବନ୍ତ ହେବା ପାଇଁ ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ହେବ। ବଡ଼ ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଥମେ ଛୋଟ ଛୋଟ ସଫଳତା ଶିଡ଼ି ଚଢ଼ିବା ଦରକାର।
- ପ୍ରଶ୍ନକୁ ମନ ମଧ୍ୟରେ ନ ରଖି ତାହାର ଉତ୍ତର ଖୋଜିବା ଏବଂ ସମସ୍ୟା ଚିନ୍ତା କରିବା ହେଉଛି ବୁଦ୍ଧିମାନ ଲୋକର ପରିଚୟ।
- ପ୍ରାଜ୍ଞ ବ୍ୟକ୍ତି ସବୁବେଳେ ସମୟକୁ ନେଇ ସଜାଗ ରହନ୍ତି। ସ୍ମାର୍ଟ ଲୋକ ସମୟର ମୂଲ୍ୟକୁ ବୁଝି ତାହାକୁ ନଷ୍ଟ କରି ନ ଥାନ୍ତି।

## ଅଫିସ୍ ପରର ଜୀବନଶୈଳୀ

ସମ୍ପ୍ରତି

**ସମସ୍ତେ ସୁସ୍ଥ ଓ ସୁଖମୟ ଜୀବନ ଚାହୁଁଛନ୍ତି। କିନ୍ତୁ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ତେବେ ସୁଖଦ ଜୀବନଶୈଳୀ ପାଇଁ ଲୋକଙ୍କୁ କର୍ମମୟ ଜୀବନରେ ସନ୍ତୁଳନ ରକ୍ଷା କରିବା ଜରୁରି। ସେହିପରି ଆଜିକାଲି କାର୍ଯ୍ୟଚାପ ଏତେ ବେଶି ଯେ, ଅଫିସ୍ ପରେ ବି ଲୋକେ କାମ କରୁଛନ୍ତି। ଏଭଳି କ୍ଷେତ୍ରରେ କର୍ମଚାରୀଙ୍କୁ ଅଫିସ୍ ପରର ଜୀବନଶୈଳୀ ବିଷୟରେ ଚିନ୍ତା କରିବା ଦରକାର।**

**ନୋଟିଫିକେସନ୍‌ରୁ ଦୂରତ୍ୱ ରକ୍ଷା:** ଦୀର୍ଘ ସମୟ ଅଫିସ୍‌ରେ କାମ କରି ଫେରିବା ପରେ ଅଫିସ୍ ଇ-ମେଲ ଓ ନୋଟିଫିକେସନ୍‌ରୁ ଦୂରତ୍ୱ ରକ୍ଷା କରିବା ଭଲ। ବ୍ୟକ୍ତିଗତ ସମୟରେ ଏସବୁ ଯେଭଳି ବାଧା ସୃଷ୍ଟି ନ କରିବ, ସେ ଦିଗରେ ଗୁରୁତ୍ୱ ଦେବା ଜରୁରି।

**ଶାରୀରିକ କାର୍ଯ୍ୟକଳାପ:** ସ୍ୱାସ୍ଥ୍ୟରେ ସୁଧାର ଆଣିବା ଏବଂ ଚାପମୁକ୍ତ ରହିବା ପାଇଁ ସନ୍ଧ୍ୟାରେ କିଛି ସମୟ ଶାରୀରିକ କାର୍ଯ୍ୟକଳାପ କରିବା ଭଲ। ଏହି ସମୟରେ ସାନ୍ଧ୍ୟ ଭ୍ରମଣ, ଯୋଗ କରିବା ସହିତ ଜିମ୍ ଯାଇପାରିବେ।



**ରୁଚିକୁ ପ୍ରାଧାନ୍ୟ:** ଅଫିସ୍ ପରେ ଫାଙ୍କା ସମୟରେ ଯେଉଁ ଜିନିଷ ପ୍ରତି ରୁଚି ରହିଛି, ସେହି ସବୁ କାର୍ଯ୍ୟ କରନ୍ତୁ। ଏଥିରୁ ଖୁସି ମିଳିଥାଏ। ଚିତ୍ରକଳା, ରୋଷେଇ, ଡ୍ୟାନ୍ସ, ଗୀତ, ଗାର୍ଡେନିଂ ଆଦି କାମରେ ନିଜକୁ ନିୟୋଜିତ କରିପାରିବେ।

**ପ୍ରିୟଜନଙ୍କ ସହ ସମୟ ବିତାନ୍ତୁ:** ଅଫିସ୍ କାର୍ଯ୍ୟଚାପ ଯୋଗୁଁ ଲୋକଙ୍କ ପାଖରେ ସମୟ ନାହିଁ। ଏପରିକି ଅଫିସ୍ ପରେ ଅଧିକାଂଶ ଲୋକ ଫୋନ୍, ମେଲ୍‌ରେ ବ୍ୟସ୍ତ ରହୁଥିବା ଦେଖାଯାଉଛି। ଏଣୁ ଅଫିସ୍ ପରେ ପରିବାର ଓ ସାଙ୍ଗସାଥୀଙ୍କ ସହ ପ୍ରତିଦିନ କିଛି ସମୟ ଅତିବାହିତ କରନ୍ତୁ।

## ସମ୍ଭାବନା



## କାର୍ଯ୍ୟାଳୟ ପରିବେଶରେ ସୁଧାର ଆଣୁଛି 'ଅଫିସ୍ ପିକ୍‌କକିଂ'

**କରୋନା କାଳରେ ୱାର୍କଫ୍ରମ୍ ହୋମ୍ ବା ଘରୁ କାମ କରିବାର ନୂଆ ଧାରା ଆରମ୍ଭ ହୋଇଥିଲା। ଏହି କର୍ମ ସଂସ୍କୃତି ଲୋକଙ୍କୁ ସୁଖ ଓ ସୁବିଧା ବି ପ୍ରଦାନ କରିଛି। ତେବେ କରୋନା ଯିବା ପରେ ମଧ୍ୟ କିଛି କମ୍ପାନି ଏବେ ତା' କର୍ମଚାରୀଙ୍କୁ ଘରେ ରହି କାମ କରିବାର ସୁବିଧା ପ୍ରଦାନ କରୁଥିବା ବେଳେ ଆଉ କେତେକ କମ୍ପାନି ପୂର୍ବବତ୍ କର୍ମଚାରୀଙ୍କ ପାଇଁ ଅଫିସ୍ ଆସି କାମ କରିବା ବାଧ୍ୟତାମୂଳକ କରିଛି। ଅନ୍ୟପକ୍ଷରେ କର୍ମଚାରୀ ଯେଭଳି ଅଫିସ୍‌ରେ ସମସ୍ତ ସୁବିଧା ସୁଯୋଗ ପାଇ ଖୁସି ମନରେ କାମ କରିବେ, ସେନେଇ ବିଭିନ୍ନ କମ୍ପାନି ଭିନ୍ନ ଭିନ୍ନ ବ୍ୟବସ୍ଥାକୁ ଆପଣାଉଛନ୍ତି। ଏହି ଧାରାରେ ସାମିଲ ହୋଇଛି 'ଅଫିସ୍ ପିକ୍‌କକିଂ।' ଏହା ଅଫିସ୍ କାର୍ଯ୍ୟକ୍ଷେତ୍ର ପରିବେଶରେ ସୁଧାର ଆଣୁଛି। ଯଦିଓ ପୂର୍ବରୁ ଏହାର ପ୍ରଚଳନ ଅଛି, ତଥାପି ଏହି ନୂଆ ଧାରା ୨୦୨୪ରେ ବୃଦ୍ଧି ପାଇଛି।**



**ଆକର୍ଷଣୀୟ ସାଜସଜ୍ଜା:** ଏବର ସମୟରେ ଏହା ଏକ ନୂଆ ଟ୍ରେଣ୍ଡ ପାଲଟିଛି। ପାରମ୍ପରିକ କାର୍ଯ୍ୟାଳୟର ସ୍ଥାନକୁ ଆକର୍ଷଣୀୟ ଭାବେ ରୂପାନ୍ତରଣ କରିବା ଧାରାକୁ ଏହା ଇଙ୍ଗିତ କରୁଛି। ସରଳ ଭାଷାରେ କହିଲେ, ଏହି ଟ୍ରେଣ୍ଡ ଅଫିସ୍‌ର ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛି। ତେଣୁ ଏବେ ଅଧିକାଂଶ କମ୍ପାନି ନିଜ ନିଜ ଅଫିସ୍‌କୁ ଆକର୍ଷଣୀୟ ସାଜସଜ୍ଜା, ସୁନ୍ଦର ଫର୍ଣ୍ଣିଚର ଆଦିକୁ ଉପଯୋଗ କରି ଅଧିକ ସୁନ୍ଦର କରିବାକୁ ଚେଷ୍ଟା କରୁଛନ୍ତି। ଏଭଳି କରିବା ପଛର ଉଦ୍ଦେଶ୍ୟ ହେଉଛି କର୍ମଚାରୀ ଅଫିସ୍ ଆସି କାମ କରିବାକୁ ଉତ୍ସାହିତ ହେବେ ଏବଂ ଅଫିସ୍‌ରେ ବେଶି ସମୟ ଅତିବାହିତ କଲେ ବିରକ୍ତ ହେବେ ନାହିଁ।



**କମ୍ପାନି ପାଇଁ ମହଙ୍ଗା:** 'ଅଫିସ୍ ପିକ୍‌କକିଂ' କମ୍ପାନି ପାଇଁ ମହଙ୍ଗା। କିନ୍ତୁ ଏହା ପରେ ବି କର୍ମଚାରୀଙ୍କ ସୁବିଧାକୁ କମ୍ପାନି ପ୍ରାଥମିକତା ଦେବାକୁ ଉଚିତ ମଣୁଛନ୍ତି। ସେଥିପାଇଁ କର୍ମଚାରୀଙ୍କ କାମ କରିବା ସ୍ଥାନ ଯେଭଳି ଉନ୍ନତମାନର ହୋଇପାରିବ, ସେଥିପ୍ରତି ଅଗ୍ରାଧିକାର ଦିଆଯାଉଛି। କେବଳ ସେତିକି ନୁହେଁ, କର୍ମଚାରୀଙ୍କୁ ସେମାନଙ୍କ ସୁବିଧା ମୁତାବକ ପୋଷାକ ପରିଧାନ କରିବା, କଫି ବାର୍, ଫିଟ୍‌ନେସ୍ ସେଣ୍ଟର ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ ଅଛି। ଏହାବାଦ୍ କର୍ମଚାରୀଙ୍କୁ କାମ ମଧ୍ୟରେ କିଛି ସମୟ ବିଶ୍ରାମ ନେବା ପାଇଁ ସ୍ୱତନ୍ତ୍ର କୋଠରି ପ୍ରଦାନ କରାଯାଉଛି। ଅନ୍ୟପଟେ ଏହି ଧାରା ପୂର୍ବରୁ ପ୍ରଚଳିତ ଥିଲେ ହେଁ ୨୦୨୪ରେ ଏହାର ଲୋକପ୍ରିୟତା ବଢ଼ିଛି। ଏହାର ମୂଳ ଉଦ୍ଦେଶ୍ୟ କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଓ ଆତ୍ମସନ୍ତୋଷ ପ୍ରଦାନ କରିବା।

## ହ୍ୱାଟ୍ସଆପ୍‌ରେ ଏଆଇର ଉପଯୋଗ




ମାର୍କ ଜୁକରବର୍ଗଙ୍କ କମ୍ପାନି ମେଟା ବ୍ୟବହାରକାରୀଙ୍କୁ ଉନ୍ନତ ତଥା ଭିନ୍ନ ଅନୁଭୂତି ପ୍ରଦାନ କରିବାକୁ ଯାଇ ସବୁ ପ୍ଲାଟ୍‌ଫର୍ମରେ ଏଆଇକୁ ଯୋଡୁଛି। ଏବେ ଏହାକୁ ହ୍ୱାଟ୍ସଆପ୍ ସହ ଯୋଡ଼ା ଯାଇଛି। ଏବେ ଏଆଇ ଚାଟ୍‌ବଟ୍‌କୁ ବ୍ୟବହାର କରିବା ବ୍ୟବହାରକାରୀଙ୍କ ପାଇଁ ଅଧିକ ସହଜ ହୋଇଯାଇଛି। ତେବେ ହ୍ୱାଟ୍ସଆପ୍ ବିଟାର ନୂଆ ଅପଡେଟ୍‌କୁ ଯେଉଁମାନେ ବ୍ୟବହାର କରୁଛନ୍ତି, ଏହା ସେମାନଙ୍କ ପାଇଁ ଉପଲବ୍ଧ ଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ଲାଗୁ କରାଯିବ।

ମେଟା ଏଆଇକୁ ଉପଯୋଗ କରିବା ପାଇଁ ଆଣ୍ଡ୍ରଏଡ୍ ବା ଆଇଓଏସ୍ ସ୍ମାର୍ଟଫୋନ୍‌ରେ ହ୍ୱାଟ୍ସଆପ୍‌ର ନୂଆ ବିଟା ଭର୍ସନକୁ ଇନଷ୍ଟଲ୍ କରିବାକୁ ହେବ। ଏହାପରେ ହ୍ୱାଟ୍ସଆପ୍‌ର ମୁଖ୍ୟ ସ୍କ୍ରିନ୍‌ର ତଳେ ମେଟା ଏଆଇ ଆଇକନ୍ ଦୃଷ୍ଟିଗୋଚର ହେବ। ଏଥିରେ ସର୍ତ୍ତକୁ ସ୍ୱୀକାର କରିବା ପରେ ମେଟା ଏଆଇ ସହିତ ନୂଆ ଚାଟ୍ ଇନ୍‌ବକ୍ସରେ ଦେଖିବାକୁ ମିଳିବ। ଏଥିରୁ ବ୍ୟବହାରକାରୀଙ୍କୁ ଚାଟ୍‌ବଟ୍‌ରୁ ଯେଉଁ ଉତ୍ତର ଦରକାର, ନିଜ ପ୍ରଶ୍ନକୁ ଲେଖିପାରିବେ। ଅନ୍ୟପକ୍ଷରେ ମେଟା ଏଆଇ ଚାଟ୍‌ବଟ୍‌ର କାର୍ଯ୍ୟକ୍ଷମତା ଚାଟ୍‌ଜିପିଟି, ଜେମିନି, କ୍ଲାଉଡ୍ ଏବଂ ଅନ୍ୟ ଏଆଇ ଆସିଷ୍ଟାଣ୍ଟ ସେବା ସହିତ ସମାନ। ଏହା କୋଡ୍ ଲେଖିବାଠୁ ଆରମ୍ଭ କରି ବିଭିନ୍ନ ଭାଷାରେ ଟେକ୍ସଟ୍‌କୁ ଅନୁବାଦ କରିବାରେ ସକ୍ଷମ।

ଇଶାନ୍ତଙ୍କ ଘାତକ ବୋଲିଂ, ପୋରେଲ ଓ ଷ୍ଟବ୍ସଙ୍କ ଅର୍ଦ୍ଧଶତକ

# ବିଜୟ ସହ ଦିଲ୍ଲୀର ଅଭିଯାନ ଶେଷ

ଦିଲ୍ଲୀ, ୧୪।୫(ଏଜେନ୍ସି)

ବରିଷ୍ଠ ବୋଲର ଇଶାନ୍ତ ଶର୍ମା (୩/୩୪)ଙ୍କ ଘାତକ ବୋଲିଂ ସାଙ୍ଗକୁ ଦୁଇ ଯୁବ ଖେଳାଳି ଅଭିଷେକ ପୋରେଲ (୫୮) ଓ ଟ୍ରିଷ୍ଟାନ ଷ୍ଟବ୍ସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ରନ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି। ଏହା ଫଳରେ ଦିଲ୍ଲୀ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟ ସହ ପ୍ରଥମ ଦଳ ଭାବେ ଅଭିଯାନ ଶେଷ କରିଛି। ବିଜୟୀ ଦଳ ୧୪ଟି ମ୍ୟାଚ୍‌ରୁ ୧୪ ପଏଣ୍ଟ ପାଇ ପଏଣ୍ଟ ସାରଣୀର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥିବା ଚେନ୍ନାଇ ଓ ୨ଟି ମ୍ୟାଚ୍ ଖେଳିବାକୁ ଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ପଏଣ୍ଟ ସଂଖ୍ୟା ମଧ୍ୟ ୧୪ରେ ରହିଛି। କିନ୍ତୁ ଚେନ୍ନାଇ-ହାଇଦ୍ରାବାଦ୍ ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ତାହାର ନେଟ୍ ରନ୍‌ରେଟ ଦିଲ୍ଲୀଠାରୁ ଅଧିକ ରହିବ। କେବଳ ହାଇଦ୍ରାବାଦ୍ ଯଦି ୨ଟିଯାକ ମ୍ୟାଚ୍‌ରେ ବଡ଼ ବ୍ୟବଧାନରେ ପରାଜିତ ହୋଇ ଦିଲ୍ଲୀର ନେଟରନ୍‌ରେଟ ତଳକୁ ଆସେ ତେବେ ଚତୁର୍ଥ ଦଳ ଭାବେ ଦିଲ୍ଲୀର ପ୍ଲେ ଅଫ୍ ଖେଳିବାର ସମ୍ଭାବନା ରହିଛି। ବର୍ତ୍ତମାନର ସ୍ଥିତିରେ ଦେଖିବାକୁ ଗଲେ ଏହା ଅସମ୍ଭବ ପରି ମନେ ହେଉଛି। ଗାଣିତିକ ଭାବେ ନ ହେଲେ ମଧ୍ୟ ଏହି ମ୍ୟାଚ୍ ପରେ ଦିଲ୍ଲୀର ପ୍ଲେ ଅଫ୍ ଖେଳିବା ଏକପ୍ରକାର ଶେଷ ହୋଇଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ ୧୩ ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଥିଲା ବେଳେ -୦.୭୮୭ ନେଟ୍ ରନ୍‌ରେଟ୍ ସହ ପ୍ଲେ ଅଫରୁ ମଧ୍ୟ ବାଦ୍ ପଡ଼ିଛି।


ଅଭିଷେକ ପୋରେଲ


ଟ୍ରିଷ୍ଟାନ ଷ୍ଟବ୍ସ

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ମଙ୍ଗଳବାର ଆଇପିଏଲ୍‌ର ୬୪ତମ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୪ ୱିକେଟରେ ୨୦୮ ରନ୍ କରିଥିଲା। ଦଳ ପକ୍ଷରୁ ବେଙ୍ଗଲର ଯୁବ ୱିକେଟରକ୍ଷକ ବ୍ୟାଟର ଅଭିଷେକ ପୋରେଲ ୩୩ ବଲ୍‌ରେ ୫୮ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୫ବଲ୍‌ରେ ଅପରାଜିତ ୫୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଇ ହୋପ୍ ୩୮, ଋଷଭ ପନ୍ତ ୩୩ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ୨୦୯ ରନ୍‌ର ବିରାଟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୪ ରନ୍‌ରେ ୩ଟି ଓ ୭୧ ରନ୍‌ରେ ଅଧା ଖେଳାଳିଙ୍କୁ ହରାଇ ବଡ଼ ବ୍ୟବଧାନରେ ପରାଜିତ ହେବାର ଆଶଙ୍କା ଉପୁଜିଥିଲା। କିନ୍ତୁ ଦୁଇ ବ୍ୟାଟର ୱେଷ୍ଟଇଣ୍ଡିଜ୍‌ର ନିକୋଲସ ପୂରନ ୨୭ ବଲ୍‌ରେ ୬ ଚୌକା ଓ ୪ ଛକା ସହ ୬୧ ଓ ଅର୍ସାଦ୍ ଖାନ୍ ୩୩ ବଲ୍‌ରେ ଅପରାଜିତ ୫୮ ରନ୍ କରିବା ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳର ପ୍ରତିଷ୍ଠିତ ତଥା ପ୍ରଥମ ୪ଜଣ ବ୍ୟାଟର ଯଥାକ୍ରମେ କ୍ୱିଣ୍ଟନ ଡି କକ୍ ୧୨, ଅଧିନାୟକ ଲୋକେଶ ରାହୁଲ ୫, ମାର୍କସ ଷ୍ଟୋଇନିସ ୫ ଓ ଦୀପକ ହୁଡା ୦ ରନ୍‌ରେ ଆଉଟ ହୋଇଥିଲେ। ଆୟୁଷ ବଦୋନୀ ମଧ୍ୟ ୬ ରନ୍ କରିଥିଲେ। କିନ୍ତୁ ନିକୋଲସ ଓ ଅର୍ସାଦ୍‌ଙ୍କ ବ୍ୟାଟିଂ ଯୋଗୁ ଏହି ମ୍ୟାଚଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପାରିଥିଲା। ଦିଲ୍ଲୀ ପକ୍ଷରୁ ଇଶାନ୍ତ ୩୪ ରନ୍‌ରେ ୩ଟି ୱିକେଟ ପାଇଥିଲେ।

ପୂର୍ବରୁ ଦିଲ୍ଲୀ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୨ ରନ୍‌ରେ ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ (୦)ଙ୍କ ୱିକେଟ ହରାଇଥିଲା। କିନ୍ତୁ ଦ୍ୱିତୀୟ ୱିକେଟ ଭାଗୀଦାରିରେ ଅଭିଷେକ ପୋରେଲ ଓ ଶାଇ ହୋପ୍ ୪୯ବଲ୍‌ରୁ ୯୨ ଏବଂ ଅବିଭକ୍ତ ୫ମ ୱିକେଟ ଭାଗୀଦାରିରେ ୨୨ ବଲ୍‌ରୁ ୫୦ ରନ୍ ଉଠାଇବା ଫଳରେ ଦିଲ୍ଲୀ ଏକ ବଡ଼ ସ୍କୋର କରିବାରେ ସମର୍ଥ ହୋଇଥିଲା। ଷ୍ଟବ୍ସଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଯୋଗୁଁ ଦଳର ଏହି ସ୍କୋର ସମ୍ଭବ ହୋଇଥିଲା। ସେ ୨୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୨୫ବଲ୍‌ରୁ ୩ ଚୌକା ଓ ୪ଛକା ସହ ୫୭ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ନବିନ-ଉଲ-ହକ୍ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲେ।

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୩ | ୯ | ୩ | ୧୯ | +୧.୪୩୦ |
| ରାଜସ୍ଥାନ | ୧୨ | ୮ | ୪ | ୧୬ | +୦.୩୪୯ |
| ଚେନ୍ନାଇ | ୧୩ | ୭ | ୬ | ୧୪ | +୦.୫୨୮ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଦିଲ୍ଲୀ | ୧୪ | ୭ | ୭ | ୧୪ | -୦.୩୭୭ |
| ବେଙ୍ଗାଲୁରୁ | ୧୩ | ୬ | ୭ | ୧୨ | +୦.୩୮୭ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ | -୦.୭୮୭ |
| ଗୁଜରାଟ | ୧୩ | ୫ | ୭ | ୧୧ | -୧.୦୬୦ |
| ମୁମ୍ବାଇ | ୧୩ | ୪ | ୯ | ୮ | -୦.୨୭୧ |
| ପଞ୍ଜାବ | ୧୨ | ୪ | ୮ | ୮ | -୦.୪୨୩ |

ବି.ଦ୍ର.: କୋଲକାତା ଓ ଗୁଜରାଟର ଗୋଟିଏ ଲେଖାଏଁ ମ୍ୟାଚ୍ ବାତିଲ ହୋଇଛି।

## ଆଇପିଏଲ୍-୧୭
### ଆଜିର ମ୍ୟାଚ୍

ରାଜସ୍ଥାନ- ପଞ୍ଜାବ

ସ୍ଥାନ- ଗୌହାଟୀ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

ଗୁରୁବାର ସ୍ୱଦେଶ ଫେରିବେ ସାମ କରାନ

# ନୂଆ ଅଧିନାୟକ ସନ୍ଧାନରେ ପଞ୍ଜାବ




**ନୂଆଦିଲ୍ଲୀ,୧୪।୫(ଏଜେନ୍ସି):** ଏପ୍ରିଲ ୯ ତାରିଖରେ ପଞ୍ଜାବ କିଙ୍ଗସର ଅଧିନାୟକ ଶିଖର ଧାୱନ ଆହତ ହୋଇଥିବାରୁ ଏଯାଏ ଦଳକୁ ଫେରି ନାହାନ୍ତି। ତାଙ୍କ ସ୍ଥାନରେ ଇଂଲଣ୍ଡ ଅଲରାଉଣ୍ଡର ସାମ କରାନ ଦଳର ନେତୃତ୍ୱ ନେଇଆସୁଛନ୍ତି। କିନ୍ତୁ ପାକିସ୍ତାନ ବିପକ୍ଷ ସିରିଜ୍ ଓ ଟି-୨୦ ବିଶ୍ୱକପ୍ ଲାଗି ଯେଉଁ ଖେଳାଳିମାନେ ମନୋନୀତ ହୋଇଛନ୍ତି ସେମାନଙ୍କୁ ଇଂଲଣ୍ଡ ଶିବିରରେ ଯୋଗ ଦେବାକୁ କୁହାଯାଇଛି। ଏହା ଫଳରେ ଗତକାଲି ୪ଜଣ ଖେଳାଳି ଇଂଲଣ୍ଡ ଫେରିଗଲେଣି। ସେମାନେ ହେଲେ ବେଙ୍ଗାଲୁରୁର ୱିଲ ଜ୍ୟାକ୍ସ ଓ ରିସି ଟୋପ୍‌ଲେ, ପଞ୍ଜାବର ଲିଆମ ଲିଭିଙ୍ଗଷ୍ଟୋନ୍ ଓ ରାଜସ୍ଥାନର ଜୋଶ ବଟ୍ଟଲର। ଏବେ କରାନ ପଞ୍ଜାବର ନେତୃତ୍ୱ ନେଉଛନ୍ତି ଓ ଆସନ୍ତାକାଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ପରେ ସେ ସ୍ୱଦେଶ ଫେରିଯିବେ। ଧାୱନ ଫିଟ୍ ହୋଇଥିଲେ ମଧ୍ୟ ଶେଷ ଦୁଇଟି ମ୍ୟାଚ୍‌ରେ ନେତୃତ୍ୱ ନେବାର ସମ୍ଭାବନା ନାହିଁ। ଏଣୁ ଶେଷ ମ୍ୟାଚ୍‌ରେ ଜଣେ ନୂଆ ଖେଳାଳି ପଞ୍ଜାବର ନେତୃତ୍ୱ ନେବେ। ଫାଷ୍ଟ ବୋଲର ହର୍ଷଲ ପଟେଲ ଓ ଶଶାଙ୍କ ସିଂଙ୍କ ନାମ ଏଥିଲାଗି ବିଚାରକୁ ନିଆଯାଉଛି। ହର୍ଷଲ ବେଙ୍ଗାଲୁରୁ ଟିମ୍‌ର ନେତୃତ୍ୱ ଗ୍ରୁପ୍‌ରେ ଥିଲେ। ମୁମ୍ବାଇ ଡି ୱାଇ ପାଟିଲ ଆମନ୍ତ୍ରଣୀ କ୍ଲବ୍ ଟୁର୍ଣ୍ଣାମେଣ୍ଟରେ ଶଶାଙ୍କ ନେତୃତ୍ୱ ନେଉଥିବା ଦଳରେ ଧାୱନ, ଦିନେଶ କାର୍ତ୍ତିକ ଓ ଆୟୁଷ ବଦୋନୀଙ୍କ ପରି ଖେଳାଳି ସାମିଲ ଥିଲେ। ସନ୍‌ରାଇଜର୍ସ ହାଇଦ୍ରାବାଦ୍ ସହ ପଞ୍ଜାବ ତାହାର ଶେଷ ଲିଗ୍ ମ୍ୟାଚ୍ ରବିବାର ଖେଳିବ।

# ଆଇପିଏଲ୍ ପ୍ଲେ ଅଫ୍ ଟିକଟ ବିକ୍ରି ଆଜିଠାରୁ

**ମୁମ୍ବାଇ, ୧୪।୫(ଏଜେନ୍ସି):** ଚଳିତବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ ପ୍ଲେ ଅଫ୍ ପ୍ରତିଦ୍ୱନ୍ଦ୍ୱୀ ଧୀରେ ଧୀରେ ଚୂଡାନ୍ତ ହେବାରେ ଲାଗିଛି। ମେ ୨୧ରୁ ଆରମ୍ଭ ହେବାକୁ ଥିବା ପ୍ଲେ ଅଫ୍ ମୁକାବିଲା ଲାଗି ମେ୧୪ ବା ଆସନ୍ତାକାଲିଠାରୁ ଟିକ୍‌ଟ ବିକ୍ରି ହେବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ପ୍ଲେ ଅଫ୍‌ରେ ପ୍ରଥମ କ୍ୱାଲିଫାୟର ଓ ଏଲିମିନେଟର ଅହମ୍ମଦାବାଦ୍‌ରେ ଯଥାକ୍ରମେ ମେ ୨୧ ଓ ୨୨ରେ ଖେଳାଯିବ। ସେହିପରି ବାକିଦୁଇଟି ମ୍ୟାଚ୍ ଚେନ୍ନଇରେ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ଦ୍ୱିତୀୟ କ୍ୱାଲିଫାୟର ମେ ୨୪ରେ ଓ ଫାଇନାଲ ମୁକାବିଲା ମେ ୨୬ରେ ଖେଳାଯିବାକର କାର୍ଯ୍ୟକ୍ରମ ରହିଛି। ଆଇପିଏଲ୍ ୱେବ୍‌ସାଇଟ୍, ପେଟିଏମ୍ ଆପ୍ସ ଓ ପେଟିମ୍ ଇନ୍‌ସାଇଡର ଆପ୍ସ ଓ ଇନ୍‌ସାଇଡର ୱେବ୍‌ସାଇଟ୍‌ରେ ଟିକଟ ଉପଲବ୍ଧ ହେବ।

# ବିଶ୍ୱ ଜୁନିଅର ଚାମ୍ପିଅନସିପ୍ ଲାଗି ଉନ୍ନତିଙ୍କ ଯୋଗ୍ୟତା

ଜାତୀୟ ଫେଡେରେସନ୍ କପ୍ ଦୌଡ଼କୁଦ

**ଭୁବନେଶ୍ୱର,୧୪।୫(ସମିସ):** କର୍ଣ୍ଣାଟକ ଯୁବ ମହିଳା ଧାବିକା ଉନ୍ନତି ଆୟପ୍ପା ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେସନ କପ୍ ଦୌଡ଼କୁଦ୍ ପ୍ରତିଯୋଗିତାରେ ୧୮ ବର୍ଷୀୟା ଉନ୍ନତି ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଆଗାମୀ ବିଶ୍ୱ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପେରୁର ନ୍ୟାସନାସଲ ଷ୍ଟାଡିୟମରେ ଅଗଷ୍ଟ ୨୭ରୁ ୩୧ ତାରିଖ ମଧ୍ୟରେ ବିଶ୍ୱ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍ ଆୟୋଜନ ହେବ। ଉନ୍ନତି ୨୩. ୮୯ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ୨୩.୮୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

ଟି-୨୦ ବିଶ୍ୱକପ୍ ଲାଗି ବାଂଲା ଦଳ ଘୋଷିତ

# ନାଜମୋଲଙ୍କୁ ନେତୃତ୍ୱ, ଟାସ୍କିନ୍ ଉପଅଧିନାୟକ

**ଢ଼ାକା, ୧୪।୫(ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ୧୫ ଜଣିଆ ବାଂଲାଦେଶ ଦଳ ଘୋଷଣା କରାଯାଇଛି। ବ୍ୟାଟର ନାଜମୋଲ ହୋସେନ ସାଣ୍ଟୋଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲାବେଳେ ଟାସ୍କିନ ଅହମ୍ମଦ୍‌ଙ୍କୁ ତାଙ୍କ ଡେପୁଟି ବା ଉପଅଧିନାୟକ ମନୋନୀତ କରାଯାଇଛି। ଟାସ୍କିନ୍ ଏବେସୁଦ୍ଧା ଆହତ ଅଛନ୍ତି। ଜୁନ୍ ୮ ରେ ଶ୍ରୀଲଙ୍କା ସହ ପ୍ରଥମ ମ୍ୟାଚ୍ ଖେଳିବା ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ଆଶା ପ୍ରକାଶ କରିଛି। ଗ୍ରୁପ୍-ଡି'ରେ ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡସ ଓ ନେପାଳକୁ ସ୍ଥାନ ମିଳିଛି। ବ୍ୟାଟିଂରେ ସହାୟତା ଲାଗି ଅଲରାଉଣ୍ଡର ସାକିବ ଅଲ ହସନ, ଲିଟନ ଦାସ, ସୌମ୍ୟ ସରକାର, ତୌହିଦ୍ ହୃଦୟ ଓ ମହମ୍ମୁଦୁଲା ରହିଛନ୍ତି। ମୁସ୍ତାଫିଜୁର ରହମନ, ଶୋରିଫୁଲ ଇସ୍‌ଲାମ୍‌ଙ୍କ ସହ ତାଞ୍ଜିମ ସାକିବ ପେସ୍ ବୋଲିଂରେ ସ୍ଥାନ ପାଇଛନ୍ତି।

**ଘୋଷିତ ଦଳ :** ନାଜମୋଲ ହୋସେନ ସାଣ୍ଟୋ (ଅଧିନାୟକ), ଟାସ୍କିନ୍ ଅହମ୍ମଦ୍ (ଉପଅଧିନାୟକ), ଲିଟନ ଦାସ, ସୌମ୍ୟ ସରକାର, ତାଞ୍ଜିଦ୍ ହସନ ତାମିମ୍, ସାକିବ ଅଲ ହସନ, ତୋହିଦ୍ ହୃଦୟ, ମହମ୍ମୁଦୁଲା ରିୟାଦ, ଜେକର ଅଲି ଅନିକ୍, ତନଭୀର ଇସ୍‌ଲାମ, ମେହେଦୀ ହାସନ, ରିଶାଦ ହୋସେନ, ମୁସ୍ତାଫିଜୁର ରହମନ, ଶୋରିଫୁଲ ଇସ୍‌ଲାମ ଓ ତାଞ୍ଜିମ୍ ହାସନ ସାକିବ୍।

## ଦ୍ୱିତୀୟ ସେମିରେ ରିଜର୍ଭ ଦିବସ ନାହିଁ

**ଦୁବାଇ,୧୩।୫(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ରିଜର୍ଭ ଦିବସ ରଖାଯାଇନାହିଁ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଆଇସିସି ଓ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଏହି ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ଖେଳ ସମୟ ୨୫୦ ମିନିଟ୍ ବଢ଼ାଇଦେଇଛନ୍ତି। ଯଦି ନିର୍ଦ୍ଧାରିତ ସମୟରେ ଖେଳର ଫଳାଫଳ ଜଣା ନ ପଡ଼େ ତେବେ ଏହି ମ୍ୟାଚ୍‌ରେ ଅଧିକ ୨୫୦ମିନିଟ୍ ଅଧିକ ଖେଳ ହେବ। ଏହି ମ୍ୟାଚଟି ଜୁନ୍ ୨୭ରେ ଖେଳାଯିବ। କିନ୍ତୁ ଫାଇନାଲ ମ୍ୟାଚ୍ ଜୁନ ୨୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିବାରୁ ମ୍ୟାଚ୍‌ରେ ରିଜର୍ଭ ଦିବସ ନ ରଖିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ ଏହି ସମୟ ବୃଦ୍ଧି କରାଯାଇଛି ଓ ଏଥିରେ ବିଜୟୀ ହୋଇଥିବା ଦଳ ପର୍ଯ୍ୟାପ୍ତ ବିଶ୍ରାମ ପାଇବା ପରେ ଫାଇନାଲ ଖେଳିବାକୁ ପ୍ରସ୍ତୁତ ହୋଇପାରିବ। ଟି-୨୦ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ତ୍ରିନିଦାଦ, ଦ୍ୱିତୀୟ ସେମିଫାଇନାଲ ଗୁଏନା ଓ ଫାଇନାଲ ମୁକାବିଲା ବାର୍ବାଡୋସ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ଭାରତର ମୁଖ୍ୟ ପ୍ରଶିକ୍ଷକ ପଦ ଲାଗି ଦରଖାସ୍ତ ଆହ୍ୱାନ

ମୁମ୍ବାଇ,୧୪।୫(ଏଜେନ୍ସି)




ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଲାଗି ବିସିସିଆଇ ପକ୍ଷରୁ ଆଜି ଦରଖାସ୍ତ ଆହ୍ୱାନ କରାଯାଇଛି। ଦିନିକିଆ ବିଶ୍ୱକପ୍ ପରେ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। କିନ୍ତୁ ହଠାତ ନୂଆ ପ୍ରଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇ ନ ପାରିବାରୁ ଦ୍ରାବିଡଙ୍କ କାର୍ଯ୍ୟକାଳକୁ ଜୁନ୍ ଯାଏ ବୃଦ୍ଧି କରାଯାଇଛି। ଟି-୨୦ ବିଶ୍ୱକପ୍ ଶେଷ ସହ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହୋଇଯିବ। ଏହା ପରେ ନୂଆ ପ୍ରଶିକ୍ଷକ ଦାୟିତ୍ୱ ନେବେ। ନୂଆ ପ୍ରଶିକ୍ଷକଙ୍କ ଦାୟିତ୍ୱ ୩.୫ ବର୍ଷ ହେବ ଓ ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏହି କାର୍ଯ୍ୟକାଳ ୨୦୨୪ ଜୁଲାଇ ୧ରୁ ଆରମ୍ଭ ହୋଇ ୨୦୨୭ ଡିସେମ୍ବର ୩୧ରେ ଶେଷ ହେବ। ଆସନ୍ତାକାଲିଠାରୁ ମୁଖ୍ୟ ପ୍ରଶିକ୍ଷକ ଚୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଆଗ୍ରହୀ ପ୍ରାର୍ଥୀମାନେ ମେ ୨୭ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଆବେଦନ କରିପାରିବେ। ଆବେଦନକାରୀଙ୍କ ଦରଖାସ୍ତକୁ ସ୍କ୍ରୁଟନୀ କରିବା ପରେ ବ୍ୟକ୍ତିଗତ ସାକ୍ଷାତକାର ନିଆଯିବ। ଦ୍ରାବିଡ ଚାହିଁଲେ ଏହି ପଦ ଲାଗି ପୁନଃଆବେଦନ କରିପାରିବେ ବୋଲି ଏ ସମ୍ପର୍କରେ ସୂଚନା ଦେଇ ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି।

ମୁଖ୍ୟ ପ୍ରଶିକ୍ଷକ ଲାଗି ରଖାଯାଇଥିବା ଯୋଗ୍ୟତା ଗୁଡିକ ମଧ୍ୟରେ ଏକାଧିକ ସର୍ତ୍ତ ରଖାଯାଇଛି। ଏହା ମଧ୍ୟରୁ ଆବେଦନକାରୀ ଅତିକମ୍‌ରେ ୩୦ ଟେଷ୍ଟ କିମ୍ବା ୫୦ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଆବଶ୍ୟକ। ଗୋଟିଏ ଟେଷ୍ଟ ଖେଳୁଥିବା ଦେଶର ମୁଖ୍ୟ ପ୍ରଶିକ୍ଷକ ପଦରେ ଅତିକମ୍‌ରେ ୨ ବର୍ଷ କାମ କରିଥିବା ଦରକାର। ନ ହେଲେ ଏକ ସହଯୋଗୀ ରାଷ୍ଟ୍ର/ ଆଇପିଏଲ୍ କିମ୍ବା ସମତୂଲ୍ୟ କ୍ରିକେଟ ଟିମ୍/ ଅନ୍ତର୍ଜାତୀୟ ଟିମ୍, ପ୍ରଥମ ଶ୍ରେଣୀ ଦଳ କିମ୍ବା ନ୍ୟାସନାଲ-ଏ' ଟିମ୍‌ରେ ୩ ବର୍ଷ ଲାଗି କାମ କରିଥିବା ନିହାତି ଜରୁରୀ। ତାଙ୍କ ନିକଟରେ ବିସିସିଆଇ ଲେଭଲ-୩ କୋଚିଂ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ କୋଚିଂ ପ୍ରମାଣପତ୍ର ରହିବା ବାଞ୍ଛନୀୟ। ତାଙ୍କ ବୟସ ନିଶ୍ଚିତଭାବେ ୬୦ରୁ କମ୍ ହୋଇଥିବା ଆବଶ୍ୟକ ବୋଲି ବିଜ୍ଞାପନରେ ଦର୍ଶାଯାଇଛି।

ନଭେମ୍ବର ୨୦୨୧ରୁ ରାହୁଲ ଦ୍ରାବିଡ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱରେ ରହିଆସିଛନ୍ତି। ଚଳିତବର୍ଷ ଦିନିକିଆ ବିଶ୍ୱକପ୍ ପରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା। ଏହା ପରେ ଟି-୨୦ ବିଶ୍ୱକପ ଲାଗି ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି। ଏବେ ଯିଏ ଦାୟିତ୍ୱରେ ରହିବେ ତାଙ୍କ କାର୍ଯ୍ୟକାଳ ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ଶେଷ ହେବ।

# ମନିକାଙ୍କୁ ସର୍ବୋଚ୍ଚ ର୍‌ୟାଙ୍କିଙ୍ଗ୍



**ନୂଆଦିଲ୍ଲୀ,୧୪।୫(ଏଜେନ୍ସି):** ଜେଦ୍ଦାରେ ଅନୁଷ୍ଠିତ ବିଶ୍ୱ ଟେବଲ ଟେନିସ ଚାମ୍ପିଅନ୍‌ସିପ୍‌ରେ ଭାରତୀୟ ମହିଳା ଖେଳାଳି ମନିକା ବତ୍ରାଙ୍କ ଲାଗି ବେଶ ଲାଭବାନ ସାବ୍ୟସ୍ତ ହୋଇଛି। ଏଠାରେ ସେ ତାଙ୍କ ଜୀବନରେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହି ସଫଳତା ବଳରେ ଏବେ ମନିକାଙ୍କ ଏକକ ବିଶ୍ୱ ର୍‌ୟାଙ୍କିଙ୍ଗ୍ ୨୪ରେ ପହଞ୍ଚିଛି। ଏହା ମଧ୍ୟ ତାଙ୍କ ଜୀବନର ଶ୍ରେଷ୍ଠ ମାନ୍ୟତା। ସେ ମଧ୍ୟ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଟିଟି ର୍‌ୟାଙ୍କିଙ୍ଗ୍‌ରେ ୨୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ୨୮ ବର୍ଷୀୟ ଟିଟି ତାରକା ବିଶ୍ୱଚାମ୍ପିଅନସିପ ପୂର୍ବରୁ ୩୯ ନମ୍ବର ସ୍ଥାନରେ ଥିଲେ। କିନ୍ତୁ ଏହି ଚାମ୍ପିଅନସିପ୍‌ରେ ସେ ୧୫ଟି ସ୍ଥାନକୁ ଉଠି ୨୪ ନମ୍ବରରେ ପହଞ୍ଚିଛନ୍ତି। ଏହି ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ଯଥା ବିଶ୍ୱ ଓ ଅଲିମ୍ପିକ୍ ଚାମ୍ପିଅନ ତଥା ଦ୍ୱିତୀୟ ସିଡ୍ ଚୀନ୍‌ର ୱାଙ୍ଗ୍ ମାନ୍ୟୁଙ୍କୁ ପରାସ୍ତ କରିଥିଲେ। ଚାମ୍ପିଅନସିପ୍‌ରୁ ତାଙ୍କୁ ୩୫୦ ପଏଣ୍ଟ ମିଳିଛି। ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଲାଗି ସେ ସଂଘର୍ଷ କରୁଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସରେ ନୂଆ ଜ୍ଞାନକୌଶଳ

ପ୍ୟାରିସ,୧୪।୫(ଏଜେନ୍ସି)

ଆଉ ଅଢେଇମାସ ପରେ ପ୍ୟାରିସରେ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏଥର ଖେଳାଳିଙ୍କ ସୁରକ୍ଷା ଓ ମନୋରଞ୍ଜନକୁ ଦୃଷ୍ଟିରେ ରଖି ନୂଆ ଜ୍ଞାନକୌଶଳ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଉପଯୋଗ କରିବ। ଏହିକ୍ରମରେ ଖେଳାଳିମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ମଧ୍ୟ ମିନିଟର କରାଯିବ। କ୍ରିଡ଼ାବିତଙ୍କ ପରିବାର ସଦସ୍ୟଙ୍କ ହୃଦ୍‌ସ୍ପନ୍ଦନ (ହାର୍ଟବିଟ୍)କୁ ମପାଯିବ। ସେହିପରି ୨୦୨୪ ପ୍ୟାରିସ ଅଲିମ୍ପିକ୍ସର ଫଟୋଗୁଡିକୁ ରଙ୍ଗୀନ କରାଯିବାକୁ ଯୋଜନା କରାଯାଇଛି। ଅଲିମ୍ପିକ୍ସ ଏଥର ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବ।

## ଖେଳାଳିଙ୍କ ମାତାପିତାଙ୍କ ପ୍ରତିକ୍ରିୟାର ସିଧା ପ୍ରସାରଣ ହେବ

ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥଲେଟମାନଙ୍କ ମାତାପିତାଙ୍କ ରିଆକ୍ସନ ବା ପ୍ରତିକ୍ରିୟାର ସିଧା ପ୍ରସାରଣ କରାଯିବ ବୋଲି ଯୋଜନା ହେଉଛି। ସେମାନଙ୍କର ହାର୍ଟରେଟ୍‌କୁ ମପାଯାଇ ଏପରି କରାଯିବ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହା ଦ୍ୱାରା ଦର୍ଶକ ଆହୁରି ରୋମାଞ୍ଚିତ ହେବେ।



## ଏଆଇ ସିସିଟିଭି କ୍ୟାମେରାରେ ହେବ ସୁରକ୍ଷା

ଅଲିମ୍ପିକ୍ସ ଆୟୋଜନ ଅବସରରେ ସନ୍ଦିଗ୍ଧ ଘଟଣାଗୁଡିକୁ ନଜରରେ ରଖାଯିବାକୁ ପ୍ରୟାସ କରାଯିବ। ଏଥିପାଇଁ ଏଆଇ କ୍ୟାମେରା ବ୍ୟବହୃତ ହେବ। ଯଦି କୌଣସି ବ୍ୟକ୍ତି ଅସ୍ତ୍ର ନେଇ ପଡିଆ ଭିତରକୁ ପ୍ରବେଶ କରନ୍ତି ବା ବିନା ଅନୁମତିରେ ଗ୍ରାଉଣ୍ଡରେ ପ୍ରବେଶ କରିବାକୁ ଉଦ୍ୟମ କରନ୍ତି, ତେବେ ଏହି ଘଟଣା କ୍ୟାମେରାରେ ରେକର୍ଡ କରାଯିବ ଓ ତୁରନ୍ତ ସୁରକ୍ଷା ଟିମ୍‌କୁ ଅବଗତ କରାଯିବ।

## ରିୟଲ ଟାଇମ୍ ଆନାଲିସିସ୍‌ରେ ନିଷ୍ପତ୍ତି ନିଆଯିବ

ଏଆଇର ସହାୟତାରେ ମାତ୍ର ୧୦ ସେକେଣ୍ଡ ମଧ୍ୟରେ ଭିଡିଓର ଆନାଲିସିସ୍ କରାଯାଇ ନିର୍ଣ୍ଣୟ ଦିଆଯିବ। ମାତ୍ର ୧୦ ସେକେଣ୍ଡ ମଧ୍ୟରେ ଡାଇଭିଂ ଇଭେଣ୍ଟରେ ସବୁ ପକ୍ଷକୁ ନେଇ ଏଆଇ ଆନାଲିସିସ୍ କରି ସଠିକ୍ ନିର୍ଣ୍ଣୟ ଦେଇପାରିବ।

## ୮କେ ଉଚ୍ଚକୋଟୀର ଲାଇଭ୍ ଷ୍ଟ୍ରିମିଂ

ଏଥର ଅଲିମ୍ପିକ୍ସରେ ୮କେ ଉଚ୍ଚକୋଟୀର ପିକ୍‌ଚର କ୍ୱାଲିଟି ମାଧ୍ୟମରେ ଲାଇଭ ଷ୍ଟ୍ରିମିଂ କରାଯିବ। ଆମେରିକାର ଜଣାଶୁଣା କମ୍ପାନୀ 'ଇଣ୍ଟେଲ' ମାଧ୍ୟମରେ ଦର୍ଶକ ଏଥର ଉଚ୍ଚକୋଟୀର ଭିଡିଓ ଓ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିପାରିବେ। ଏହା ଦ୍ୱାରା ନୂଆ ଯୁବ ପ୍ରତିଭାଗୁଡିକର ଅନ୍ୱେଷଣ ମଧ୍ୟ କରାଯାଇପାରିବ ବୋଲି କୁହାଯାଇଛି। ଏଥରର ଅଲମ୍ପିକ୍ସ ଭିନ୍ନ ଧରଣର ହେବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

■ ବୁର୍ଲା ବିଜୟ ହତ୍ୟାକାଣ୍ଡ ଘଟଣା

# ଚୋର କହିବାରୁ ଛୁରି ଭୁସି ମାରିଦେଲେ





**ସମ୍ବଲପୁର, ୧୪।୫(ସମିସ):** ଗୋଟିଏ ପଡ଼ାରେ ରହୁଥିଲେ। ପ୍ରତିଦିନ ଦେଖା ହେଉଥିଲେ। ଚୋରି ହୋଇଥିବା ଟଙ୍କାକୁ ନେଇ ସନ୍ଦେହ କରି ପଚାରିଲେ। ଏହି କଥାରେ ରାଗି ଯାଇ ସଂଘବଧ ଭାବେ ଛୁରିରେ ଆକ୍ରମଣ କରି ହତ୍ୟା କରିଥିଲେ। ବୁର୍ଲା ସହରର ବିଷ୍ଣୁମନ୍ଦିର ପଡ଼ାର ବିଜୟ ଜାଲ(୪୨)ଙ୍କୁ ଛୁରାରେ ଆକ୍ରମଣ କରି ହତ୍ୟା ଘଟଣାରେ ପୁଲିସ ପର୍ଦାଫାସ କରିଛି। ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଆଉ ୩ ଜଣ ଫେରାର ଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ, ବିଜୟ ଜାଲ ଓ ୫ ଜଣ ଅଭିଯୁକ୍ତ ବିଷ୍ଣୁପଡ଼ାରେ କଥାବାର୍ତ୍ତା ଲାଗୁଥିଲେ। ବିଜୟଙ୍କର କେତେ ଟଙ୍କା ପୂର୍ବରୁ ଚୋରି ହୋଇଥିଲା। ଗତ କାଲି ସମସ୍ତେ ଏକାଠି ଥିବା ବେଳେ ବିଜୟ ମୋର ଟଙ୍କା ଚୋରି ହୋଇଛି। ତମମାନଙ୍କ ମଧ୍ୟରୁ କେହି ନେଇଛ ଯଦି ଦିଅ ବୋଲି ପ୍ରଶ୍ନ କରିଥିଲେ। ମୋ ପାଖରେ ତମେସବୁ ଅଛ, ତେଣୁ ଟଙ୍କା ତମେମାନେ ହିଁ ଚୋରି କରିଥିବା ନେଇ ବିଜୟ ଦୃଢୋକ୍ତି ସହ ପ୍ରକାଶ କରିଥିବା ଅଭିଯୋଗ ହୋଇଛି। ଆମକୁ ଚୋରୁ କାହିଁକି କହିଲୁ ବୋଲି କହି ସେମାନଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ଝଗଡ଼ା ଅଧିକ ବଢ଼ିଯିବା ପରେ ଘଟଣା ସ୍ଥଳରେ ଦୁର୍ବୃତ୍ତମାନେ ବିଜୟଙ୍କୁ ଛୁରୀରେ ବାରମ୍ବାର ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ବିଜୟଙ୍କୁ ଭିମସାର ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲା। ବୁର୍ଲା ପୁଲିସ ଆଜି ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଛି। ଏହା ସହ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା କହିଛି। ତଦନ୍ତ କରି ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ବୁର୍ଲା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**୨ ଗିରଫ, ୩ ଫେରାର**

# ପକ୍କା ହେଉଛି ରାସ୍ତା, ସୁଗମ ହେବ ଯାତାୟାତ

**ସମ୍ବଲପୁର, ୧୪।୫(ସମିସ)**

ସମ୍ବଲପୁର ମହାନଗର ନିଗମରେ ଥିବା ଗ୍ରାମ ଓ ପଡ଼ାର ରାସ୍ତା ଗୁଡିକ ଏବେ ପକ୍କା ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ଏସଏମସି ପକ୍ଷରୁ ୨୫୫ ରାସ୍ତାକୁ ଚିହ୍ନଟ କରି ୨୪୨ ରାସ୍ତା କାମ ଚାଲିଛି। ଅଧିକାଂଶ ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। କାଦୁଆ ରାସ୍ତାରେ ଏବେ ଫେବର ବ୍ଲକ ପଡ଼ି ଚକଚକିଆ ହୋଇଯାଉଛି। ଯାତାୟତରେ ଯେତିକି ସୁବିଧା ହୋଇଛି ଦେଖିବା ପାଇଁ ମଧ୍ୟ ମନଲୋଭା ହୋଉଛି। ପର୍ଯ୍ୟାୟକ୍ରମେ ସମସ୍ତ ରାସ୍ତା ଗୁଡିକ ସୁନ୍ଦର ହୋଇଯିବ ବୋଲି ଏସଏମସି କମିସନର ବେଦ ଭୂଷଣ କହିଛନ୍ତି। ସେ ଆହୁରି କହିଥିଲେ, ପଡ଼ାବାସୀ ରାସ୍ତା ସମସ୍ୟା ନେଇ ଅଭିଯୋଗ କରୁଥିଲେ। ଆମେ ମଧ୍ୟ ପଡ଼ା ଓ ଗ୍ରାମ ଗୁଡିକ ବୁଲି ଲୋକଙ୍କ ସହ ଆଲୋଚନା କରିବା ପରେ ବାସ୍ତବତା ଜାଣିପାରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଗଲା। ଫେବଲ ବ୍ଲକ ବ୍ୟବହାର କରି ନୂତନ ଡିଜାଇନରେ ରାସ୍ତା ଗୁଡିକ ନିର୍ମାଣ କରାଯାଇଛି। ରାସ୍ତା ନିର୍ମାର ମାନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖା ଯାଇଛି। ଯେଉଁଠାରେ ରାସ୍ତା ନିର୍ମାଣ ଶେଷ ହୋଇଛି ଲୋକମାନେ ବ୍ୟବହାର କରି ବେଶ ଖୁସୀ ଅଛନ୍ତି। ଅନ୍ୟ ରାସ୍ତା ଗୁଡିକ ପ୍ରସ୍ତାବରେ ରହିଛି କାମ ହେବ ବୋଲି କହିଥିଲେ।

ସୂଚନା ଯୋଗ୍ୟଯେ, ସମ୍ବଲପୁର ମହାନଗର ନିଗମ ଘେଷଣା ହେବା ପରେ ଲୋକମାନଙ୍କ ପାଖରେ ଅନେକ ସମସ୍ୟା ଲାଗି ରହିଛି। ଏସଏମସି ପକ୍ଷରୁ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବ ଅପେକ୍ଷା ଉନ୍ନୟନ କାମରେ ଅଗ୍ରଗତି ହେଉଛି। ରାସ୍ତାଘାଟ, ଡ୍ରେନ, ଲାଇଟ ଭଳି ଅନେକ ଯୋଜନାରେ କାର୍ଯ୍ୟକାରୀ ହେଉଛି। କାମରେ ସ୍ୱଚ୍ଛତା କରିବାକୁ ପ୍ରକଳ୍ପ କାମ ଗୁଡିକରେ ମହିଳା ମାନଙ୍କୁ ନିୟୋଜିତ କରାଯାଉଛି। ଅଧିକାଂଶ ପ୍ରକଳ୍ପରେ ମିଶନ ଶକ୍ତି ମହିଳାଙ୍କ ସହଭାଗିତା ରହୁଛି। ରାଜ୍ୟ ସରକାର କୋଟି କୋଟି ଟଙ୍କା ପ୍ରକଳ୍ପ ପାଇଁ ଦେଉଛନ୍ତି। ଫଳରେ ବିକାଶ କାମ ଆଗେଇ ଚାଲିଛି ବୋଲି ଲୋକମାନେ କହୁଛନ୍ତି। ହେଲେ ଏବେ ମଧ୍ୟ ବିଭିନ୍ନ ଅଞ୍ଚଳରେ କୁଡ କୁଡ ଆବର୍ଜନା ପଡ଼ି ରହିବା ସହ, ରାସ୍ତା .ଡ୍ରେନ ଗୁଡିକରେ ସମସ୍ୟା ଲାଗି ରହିଛି। ଡ୍ରେନରେ ମାଟି ଓ ମଇଳା ପୋତି ହୋଇ ରହୁଛି। ମ୍ୟୁନିସିପାଲିଟି ଥିବା ସମୟରେ ନିର୍ମାଣ ହୋଇଥିବା ଡ୍ରେନଗୁଡିକର ଭାଙ୍ଗି ନଷ୍ଟ ହେଲାଣି। ଅନେକ ପଡ଼ାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଗଲାଣି। ପୂର୍ବରୁ ତିଆରି ହୋଇଥିବା ରାସ୍ତା ଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି। କିଛି ବର୍ଷ ହେବ ସହର ପରିସୀମା ବୃଦ୍ଧି ପାଇ ନୂତନ କଲୋନୀ ପଡ଼ା ଗୁଡିକ ବସବାସ କରୁଛନ୍ତି। ଉକ୍ତ ପଡ଼ାରେ ମଧ୍ୟ ରାସ୍ତା ଏକ ପ୍ରମୁଖ ସମସ୍ୟା ହୋଇଛି। ତେଣୁ ରାସ୍ତା ନିର୍ମାଣ କରିବା ପାଇଁ ଏସଏମସି ନେଇଥିବା ପଦକ୍ଷେପ ନେବାକୁ ଦାବି ହେଉଛି।

**ପ୍ରଥମ ପର୍ଯ୍ୟାୟରେ ୨୫୫ ରାସ୍ତା ସାମିଲ**





# ଜଗନ୍ନାଥ କଲୋନୀରେ ବିଜେଡି ଅଫିସ ଉଦ୍‌ଘାଟିତ



**ସମ୍ବଲପୁର, ୧୪।୫ (ସମିସ):** ସମ୍ବଲପୁର ମହାନଗର ଜଗନ୍ନାଥ କଲୋନୀରେ ଆଜି ବିଜେଡି ଅଫିସ ଉଦଘାଟିତ ହୋଇଛି। ଏହି ଅବସରରେ ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ଦଳୀୟ ପର୍ଯ୍ୟବେକ୍ଷକ ଶୋଭାଗ୍ୟ ନାୟକ, ପୂର୍ବତନ ଉପନରଗରପାଳ ସିଦ୍ଧାର୍ଥ ସାହା, ସମରଜିତ ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମୀମାନେ ଉପସ୍ଥିତ ରହିଥିଲେ। ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ରେଢାଖୋଲ ବିଧାୟକ ପ୍ରାର୍ଥୀ ରୋହିତ ପୁଜରିଙ୍କ ପାଇଁ ପ୍ରଚାର କରୁଥିବା କର୍ମୀମାନଙ୍କ ପାଇଁ ଅଫିସ ଖୋଲା ଯାଇଛି।

# ଜୁନ୍ ୨୯ରେ 'ସମ୍ବଲପୁରୀ ବହି ହାଟ୍'

**ସମ୍ବଲପୁର, ୧୪।୫(ସମିସ):** ସାହିତିକ ଅନୁଷ୍ଠାନ କଲମ ପରିବାର ସମ୍ବଲପୁର ପକ୍ଷରୁ ଆସନ୍ତା ଜୁନ ୨୯ ଓ ୩୦ ତାରିଖ ଦୁଇଦିନ ଧରି ଦ୍ୱିତୀୟ ସମ୍ବଲପୁରୀ ବହି ହାଟ୍ ଅନୁଷ୍ଠିତ ହେବ। ଏହି ଅବସରରେ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅଞ୍ଚଳର ଜଣେ ସାହିତ୍ୟ ସାଧକଙ୍କୁ ପ୍ରଥମ ଥର ପାଇଁ କଲମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ଗତକାଲି ସାମ୍ବାଦିକ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ ହୋଇଛି। ଏହି ଅବସରରେ ମାସିକ ବହୁଭାଷୀ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ଆବାହକ ତଫିଜୁଲ ହୋସେନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପଶ୍ଚିମ ଓଡ଼ିଶାର ଲେଖକଙ୍କ ପୁସ୍ତକ ଗୁଡ଼ିକର ସ୍ୱତନ୍ତ୍ର ବିକ୍ରୟ ବ୍ୟବସ୍ଥା ସହ ବହି ଅଧ୍ୟୟନ ପ୍ରତି ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗତ ବର୍ଷ ଠାରୁ କଲମ ପରିବାର ସମ୍ବଲପୁରୀ ବିହି ହାଟ୍ ଆୟୋଜନ କରୁଛି। ଏଥର ମଧ୍ୟ କିଭଳି ଅଧିକ ଆକର୍ଷଣୀୟ ଭାବେ ସମ୍ବଲପୁରୀ ବହି ହାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ସମ୍ବଲପୁରୀ ବହି ହାଟ୍ କାର୍ଯ୍ୟକ୍ରମର ସ୍ଥାନ, କଲମଶ୍ରୀ ସମ୍ମାନ ଏବଂ କାର୍ଯ୍ୟକ୍ରମ ବାବଦ ସୂଚନା ପରିବର୍ତ୍ତି ସମୟରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।ଏହି ଅବସରରେ ମାସିକ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ସତ୍ୟନାରାୟଣ ଠାକୁର ସମୀକ୍ଷକ ଭାବେ ଯୋଗ ନେଇ କବିତା ଗୁଡ଼ିକର ସମୀକ୍ଷା କରିଥିଲେ। କବିତା ଆସରକୁ ସମ୍ପାଦକ କ୍ଷେତ୍ରମଣି ବିଭାର ଓ ଲଳିତ ମୋହନ ବେବର୍ତ୍ତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୨୫ ଜଣ କବି ଓ କବୟିତ୍ରୀ ଯୋଗଦେଇ କିବିତା ପାଠ କରିଥିଲେ।




**ପ୍ରଦାନ ହେବ ପ୍ରଥମ 'କଲମଶ୍ରୀ' ସମ୍ମାନ**

**ମାସିକ କବିତା ଆସର**

# ଦୁର୍ଘଟଣାରେ ଜଣେ ମୃତ

**ସମ୍ବଲପୁର, ୧୪।୫(ସମିସ):** ପୁଣି ଆଉ ଏକ ଜୀବନ ନେଲା ଅଇଁଠାପାଲି ତଳିଛକ। ଆଜି ସକାଳେ ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତୁ୍ୟ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଅଞ୍ଚଳର ହଜରତ ଅଲ୍ଲି। ସେ ସମ୍ବଲପୁରରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଆଜି ସକାଳେ ସେ ଆସୁଥିବା ସମୟରେ ତଳି ଛକରେ ଏକ ଟ୍ରକ ସହ ଧକ୍କା ହୋଇଥିଲା। ଟ୍ରକର ଚକାତଳେ ଚାପି ଘଟଣାସ୍ଥଳରେ ହିଁ ମୃତୁ୍ୟ ହୋଇଥିଲା। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ନିୟମିତ ଭାବେରେ ଏହି ତଳି ଛକରେ ଦୁର୍ଘଟଣା ଘଟୁଛି।



ଘୁବୁକୁଡୁ କଳାକାରଙ୍କ ଦ୍ୱାରା ବିଜେଡିର ଭୋଟ ପ୍ରଚାର

# ଅସହାୟଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା



**ସମ୍ବଲପୁର, ୧୪।୫(ସମିସ):** ସମାଜ ସେବୀ ତଥା ବିଜେଡି ନେତା ହରଦୀପ ସିଂହ ଭୁର୍ଜିଙ୍କ ସୌଜନ୍ୟରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୨୫ ସ୍ଥିତ ଆମ୍ବେଦକର ନଗର ପଡ଼ାର ଅଭାବ ଓ ରୋଗ ଗ୍ରସ୍ତରେ ପଡ଼ିଥିବା ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ କିଛି ଦିନ ତଳେ ଏହି ପରିବାର ଦୁଃଖ ଦୁର୍ଦ୍ଦିନରେ ଚଳୁଥିବା ଖବର ମିଳିଥିଲା। ପରିବାରର ଏକମାତ୍ର ମୁଖିଆ ବିଶାଖା ଦୀପଙ୍କ ଝିଅ ସୋନିଆ ଦୀପଙ୍କ ପେଟ ଭିତରେ ଟ୍ୟୁମର ହୋଇଛି। କିନ୍ତୁ ପଇସା ଅଭାବ କାରଣରୁ ଚିକିତ୍ସା କରିବା ପାଇଁ ଅସମର୍ଥ ଥିଲେ ଏ ପରିବାର। ସେଥିପାଇଁ ଆଜି କିଛି ସହଯୋଗ କରିବାର ପ୍ରୟାସ କରିଥିବା ଶ୍ରୀ ହରଦୀପ ସିଂ କହିଛନ୍ତି। ଭବିଷ୍ୟତରେ ମଧ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭବାନୀ ପଣ୍ଡା, ସ୍ୱାଗତ ଦୀପ, ନିରେନ୍ ନାୟକ, କିରଣ ରାଉତ, ଖୁସି ନାୟକ, ସୁବ୍ରତ ଦୀପ, ଚିଣ୍ଟୁ, ପ୍ରଭାତଙ୍କ ସହିତ ଅନେକ ପଡ଼ାବାସୀ ଉପସ୍ଥିତ ଥିଲେ।

# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ସମ୍ବର୍ଦ୍ଧନା ସଭା



**ସମ୍ବଲପୁର, ୧୪।୫(ସମିସ):** ପ୍ରକାଶିତ ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ରେଜଲ୍ଟରେ ଅତି ଚମତ୍କାରୀ ପ୍ରଦର୍ଶନ କରିଥିବା ବୈଦିକ ଇଣ୍ଟରନେସନାଲ ସ୍କୁଲ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଗତକାଲି ସମସ୍ତ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ନିଜ ନିଜ ଅଭିଭାବକମାନଙ୍କ ସହ ସ୍କୁଲ ପରିସରକୁ ଆସିଥିଲେ। ସ୍କୁଲ ପରିସରରେ ସେମାନଙ୍କୁ ଫୁଲମାଳ ଦେଇ ବାଜାରୋଷଣ ଦ୍ୱାରା ସ୍ୱାଗତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ଓ ସ୍କୁଲର ଶିକ୍ଷକଶିକ୍ଷୟତ୍ରୀ ଗଣ ଏହି ସଫଳତାର କାହାଣୀ ବଖାଣିଥିଲେ। ପ୍ରକାଶ ଥାଉ କି ଦ୍ୱାଦଶ ଶ୍ରେଣୀର ବାଣିଜ୍ୟ ବିଭାଗରେ ଶ୍ୱେତା ଅଗ୍ରୱାଲ ୯୯ ପ୍ରତିଶତ, ବିଜ୍ଞାନ ବିଭାଗରେ ରୋଶନ ନାୟକ ୯୭ ପ୍ରତିଶତ ଓ ହ୍ୟୁମାନିଟିଜ ବିଭାଗରେ ଅର୍ପିତା ବେହେରା ୯୫ ପ୍ରତିଶତ ସର୍ବୋଚ୍ଚ ନମ୍ବର ଆଣି ବୈଦିକ ଅନୁଷ୍ଠାନର ଗର୍ବ ଓ ଗୌରବ ବଢ଼ାଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ସଂଶ୍ରେୟ ସରାଫ ୯୮ ପ୍ରତିଶତ, ଶ୍ରୀଜୟ ପଟେଲ ୯୬ ପ୍ରତିଶତ ଓ ଅପ୍ରମେୟ ପଟ୍ଟନାୟକ ୯୫ପ୍ରତିଶତ ଆଣି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ଏ ପ୍ରକାର କୃତିତ୍ୱକୁ ନେଇ ବୈଦିକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଖୁସିବ୍ୟକ୍ତ କରିବା ସହ ସମସ୍ତ ଛାତ୍ରୀଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀ ସମାଜ ପକ୍ଷରୁ ଏକତା କାର୍ଯ୍ୟକ୍ରମ

# ବିଦେଶରେ ନିଜ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି ବଂଶଧର

**ସମ୍ବଲପୁର, ୧୪।୫(ସମିସ):** ସାମାଜିକ ଓ ସାଂସ୍କୃତିକ ସଂଗଠନ ଭାରତୀ ସମାଜ ପକ୍ଷରୁ ରବିବାର ସନ୍ଧ୍ୟାରେ ଆଭାସୀ ଜରିଆରେ ଭାରତୀ ଏକତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଆମେରିକାର କାଲିଫର୍ଣ୍ଣିଆରେ ରହି ଭାରତୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାମ କରୁଥିବା ଅଧାପକ ଦେବେନ୍ଦ୍ର ଦତ୍ତ ଶର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧାପକ ଶର୍ମା ତିନୋଟି ପିଢ଼ି ପୂର୍ବରୁ ତାଙ୍କର ଅଜାଙ୍କ ବାପା ମାଆ ଇଂରେଜ ମାନଙ୍କ ଦ୍ୱାରା ଫିଜିକୁ ନିଆଯାଇ ସେଠାରେ କ୍ରୀତଦାସ ଭାବରେ କାର୍ଯ୍ୟ କରାଉଥିଲେ। ଅକଥନୀୟ ଯାତନା ନିର୍ଯ୍ୟାତନା ମଧ୍ୟରେ ସେତେବେଳେ ରାମଚରିତ ମାନସର ଦୋହା ଆଦିହିଁ ଭାରତୀ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ସମସ୍ତ ଭାରତୀ କ୍ରୀତଦାସଙ୍କୁ ଏକଜୁଟ କରି ରଖିଥିଲା ବୋଲି ଅଧାପକ ଶର୍ମା କହିଥିଲେ। ପରେ ଫିଜି ସ୍ୱାଧୀନ ହେବା ପରେ ସେଠାରେ ରହିଥିବା ଭାରତୀ ଲୋକ ମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଭାରତୀ ଭାଷା ସଂସ୍କୃତିର ଉନ୍ନତି କରି ନିଜସ୍ୱ ପରିଚୟ ତିଆରି କରିପାରିଥିବା ସେ କହିଥିଲେ। ଫିଜିରେ ଏପ୍ରିଲ୍ ୧୨ ତାରିଖରେ କ୍ରୀତଦାସ ପ୍ରଥାକୁ ମନେପକାଇ ଗିରମିଟିଆ ଦିବସ ଭାବେ ପାଳନ କରାଯାଉଥିବା ଶର୍ମା ସୁଚନା ଦେଇଥିଲେ। ଫିଜିର ସାଉଥପେସିଫିକ୍ସ ବିଶ୍ୱ ବିଦ୍ୟାଳୟରେ ହିନ୍ଦୀ ଅଧାପକ ଭାବରେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ତେବେ ଫିଜିରେ ରାଜନୈତିକ ଅସ୍ଥିରତା ଲାଗି ରହିବା ପରେ ପରିବାର ସହ ସେ ଆମେରିକାର କାଲିଫର୍ଣ୍ଣିଆରେ ବସବାସ କରୁଛନ୍ତି। ପ୍ରତିଦିନ ହନୁମାନ ଚାଳିଶା ଏବଂ ରାମାୟଣ ପାଠ ସହ ଭାରତୀ ଭାଷା ସଂସ୍କୃତିର ଶିକ୍ଷା ପ୍ରଦାନ ସହ ପ୍ରଚାର ପ୍ରସାର କରି ଆସୁଛନ୍ତି। ବିଦେଶରେ ରହି ମଧ୍ୟ ଭାରତୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟରେ ଲାଗି ରହିଥିବାରୁ ଭାରତୀ ସମାଜ ପକ୍ଷରୁ ତାଙ୍କର ଉଚ୍ଚ ପ୍ରଶଂସା କରା ଯାଇଥିଲା। ଶହ ଶହ ବର୍ଷ ପୂର୍ବରୁ ଭାରତରୁ ଦୂରେଇ ରହିଥିବା ପରିବାର ଗୁଡ଼ିକ ଆଜି ମଧ୍ୟ ଭାରତକୁ ନିଜର ମୂଳ ବାସସ୍ଥାନ ଭାବରେ ବିଚାର କରୁଛନ୍ତି ଏବଂ ଜୀବନରେ ଥରେ ଭାରତକୁ ଆସି ଦେଖି ଯିବାକୁ ଇଚ୍ଛା ରଖିଥିବା ଶର୍ମା ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଭାରତୀ ସମାଜର ସଦସ୍ୟ ମାନେ ସାମିଲ ହୋଇ ଶର୍ମାଙ୍କ ସହ ତାଙ୍କର ଅଭିଜ୍ଞତା ଏବଂ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାରତୀ ସମାଜର ସଞ୍ଚାଳକ ଭବାନୀଶ ଭୋଇ ସଂଯୋଜନା କରିଥିବା ବେଳେ ସମ୍ବଲପୁର ସଂଯୋଜକ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର୍, ସୁଧୀର ମିଶ୍ର, ସଞ୍ଜିବ ମିଶ୍ର, ଦେବୀ ପ୍ରସାଦ ଭୋଇ, ବୁର୍ଲାରୁ ଅଧାପକ ସ୍ୱୟଂପ୍ରକାଶ ପଣ୍ଡା, ସୁନ୍ଦରଗଡ଼ରୁ ଜୟପାଲ୍ ବାଗ, ବୌଦ୍ଧରୁ ଅଭିନ୍ନ ପଟ୍ଟନାୟକ, ବିହାର ନାଳନ୍ଦାରୁ ଆଦିତ୍ୟ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ୨୨ରେ ବାର୍ଷିକ ମହିମା ବାଲ୍ୟଲୀଳା ମହୋତ୍ସବ

**ସମ୍ବଲପୁର, ୧୪।୫(ସମିସ):** ବୁଢାରଜା ସ୍ଥିତ ମହିମା ଆଶ୍ରମରେ ଆସନ୍ତା ୨୧ ତାରିଖ ୪୦ ତମ ବାର୍ଷିକ ମହିମା ବାଲ୍ୟଲୀଳା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହୋତ୍ସବ ଉପଲକ୍ଷେ ଆଶ୍ରମରେ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ଘୃତବତୀ ବ୍ରହ୍ମାର୍ପଣ, ମହିମା ବାଲ୍ୟଲୀଳା, ପ୍ରଭୁନାମ ଭଜନ, ଆଧାତ୍ମିକ ଧର୍ମ ସଭା ଅନୁଷ୍ଠିତ ହେବ। ସମସ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ପରଂବ୍ରହ୍ମଙ୍କ ଠାରେ ଶରଣାପନ୍ନ ହୋଇ ବିଶ୍ୱ ଜଗତର ମଙ୍ଗଳାର୍ଥେ ପ୍ରାର୍ଥନା କରିବା ନେଇ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି।

ସମ୍ବଲପୁରରେ ଥମୁନି ସାଇବର ଠକେଇ

# ନିବେଶ ନାମରେ ଠକିନେଲେ ୫୫ ଲକ୍ଷ

**ସମ୍ବଲପୁର, ୧୪।୫(ସମିସ)**

ସାଇବର ସୁରକ୍ଷା ନେଇ ପ୍ରଶାସନ ବାରମ୍ବାର ଲୋକଙ୍କୁ ସଚେତନା କରୁଛି। ହେଲେ ସମ୍ବଲପୁର ସହରରେ ସାଇବର ଅପରାଧ କମିବାର ନା ଧରୁନି। ନିବେଶ ନାମରେ ୫୫ ଲକ୍ଷ ଟଙ୍କା ସାଇବର ଅପରାଧୀ ଲୁଟିନେଇଛନ୍ତି। ସମ୍ବଲପୁର ହୀରାକୁଦ ଅଞ୍ଚଳର ଜଣେ ବ୍ୟକ୍ତି ଏହି ସାଇବର ଲୁଟର ଶିକାର ହୋଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ପାଖକୁ ହ୍ୱାଟସ୍‌ଅପ ମାଧ୍ୟମରେ ଏକ ମେସେଜ ଆସିଥିଲା। ନିବେଶ କରି ଜୀବନରେ ଧନୀ ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସହ ଯୋଡ଼ି ହୁଅନ୍ତୁ ବୋଲି ମେସେଜ ଆସିଥିଲା। ସେ ସେହି ଲିଙ୍କରେ କ୍ଲିକ୍ କରିବା ପରେ ଏକ ହ୍ୱାଟସ୍‌ଅପ ଗ୍ରୁପରେ ଯୋଡ଼ି ହୋଇଥିଲେ। ପରେ ସାଇବର ଲୁଟେରାମାନେ ବିଭିନ୍ନ କାହାଣୀ କହି ନିବେଶ କରିବା ପାଇଁ କହିଥିଲେ। ସେଥିପାଇଁ ପ୍ରଥମେ ଅନ୍‌ଲାଇନ ଟ୍ରେନିଂ ନେବାକୁ ହେବ ବୋଲି କହିଥିଲେ। ଟ୍ରେନିଂ ନେବା ପରେ ଅନ୍‌ଲାଇନ ନିବେଶ କଲେ ଭଲ ଲାଭ ହେବ ବୋଲି କହିଥିଲେ। ଏହା ସହ ଆମେ ଯେଉଁ ସ୍ଥାନରେ ନିବେଶ କରିବା ପାଇଁ କହିବୁ ସେଠି କରିବେ ବୋଲି ଲୁଟେରାମାନେ ଅଭିଯୋଗକାରୀଙ୍କୁ ପ୍ରବର୍ତ୍ତାଇ ଥିଲେ। ଲୁଟେରାଙ୍କ ଜାଲରେ ପଡ଼ି ବିଭିନ୍ନ ଅନ୍‌ଲାଇନ ସାଇଟରେ ନିବେଶ କରିଲେ। ପ୍ରଥମେ ପ୍ରଥମେ ମୋଟା ରକମର ଲାଭ ମଧ୍ୟ ପାଇଥିଲେ। ପରେ ଅଧିକ ଲୋଭ ଦେଖାଇ ବିଭିନ୍ନ ମିଛ ନାଟକ କରି ଅଭିଯୋଗକାରୀଙ୍କ ପାଖରୁ ଟଙ୍କା ଲୁଟିବା ଆରମ୍ଭ କରିଥିଲେ। ସେମାନଙ୍କ ତତ୍ତ୍ୱବଧାନରେ ମିଛ ତିଆରି ୱେବ ସାଇଟରେ ନିବେଶ ପାଇଁ କହିଥିଲେ। ଅଭିଯୋଗକାରୀ ମଧ୍ୟ ସେମାନଙ୍କ କଥାରେ ପଡ଼ି ପର୍ଯ୍ୟାୟକ୍ରମେ ଟଙ୍କା ନିବେଶ କରି ଚାଲିଥିଲେ। ପରେ ନିବେଶ କରିଥିବା ଟଙ୍କା ଆଉ ଫେରି ପାଇନଥିଲେ। ମୂଳ ଟଙ୍କା ଫେରି ପାଇବା ଲୋଭରେ ଲୁଟେରାଙ୍କ କଥାରେ ପଡ଼ି ବାରମ୍ବାର ନିବେଶ କରିଥିଲେ। ମୋଟ ୫୫ ଲକ୍ଷ ୩୯ ହଜାର ୧୦୭ ଟଙ୍କା ସେ ନିବେଶ କରିଥିବା ଅଭିଯୋଗ ହୋଇଛି। ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରି ଶେଷରେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାଇବର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



# ସାଇବର ଠକେଇରୁ ବର୍ତ୍ତିବା ପାଇଁ ପୁଲିସର ହେଲ୍ପ ଲାଇନ ଜାରି

**ସମ୍ବଲପୁର, ୧୪।୫ (ସମିସ):** ଭୋଟର ତାଲିକାରେ ନାଁ ଯୋଡ଼ିବା ଆଳରେ ଟଙ୍କା ଲୁଟ୍ ହେଉଥିବା ସାମ୍ନାକୁ ଆସିଛି। ସାଇବର ଅପରାଧି ନିରୀହ ଲୋକଙ୍କୁ ଟାର୍ଗେଟ କରି ବିଭିନ୍ନ ଲିଙ୍କ ପଠାଉଛନ୍ତି। ଲିଙ୍କରେ କ୍ଲିକ କଲେ ଖାଲି ହେଇଯାଉଛି ଆକାଉଣ୍ଟ। ନିର୍ବାଚନ ସମୟରେ ସାଇବର ଠକେଇରୁ ବର୍ତ୍ତିବା ପାଇଁ ସମ୍ବଲପୁର ପୁଲିସ ହେଲ୍ପଲାଇନ ନମ୍ବର ଜାରି କରିଛି। ଭୋଟର ତାଲିକାରେ ନାଁ ଯୋଡ଼ିବା ପାଇଁ ସାଇବର ଅପରାଧି ଟଙ୍କା ମାଗୁଥିବା ପୁଲିସ ନଜରକୁ ଆସିଛି। ତେବେ ଏହା ଏକ ମାଗଣା ସେବା ହୋଇଥିବା ବେଳେ ନିର୍ବାଚନ କମିଶନ ଏନେଇ ଦେୟ ନିଅନ୍ତି ନାହିଁ ବୋଲି ପୁଲିସ ସ୍ପଷ୍ଟ କରିଛି। ଫଳରେ ଏପରି କୌଣସି କଲ୍ ଆସିଲେ ୯୯୩୮୯୭୧୫୬୮ ନମ୍ବରକୁ ଯୋଗାଯୋଗ କରିବା ପାଇଁ ସମ୍ବଲପୁର ପଲିସ ଅନୁରୋଧ କରିଛି।

